# ଧରିତ୍ରୀ
DHARITRI

ଢେଙ୍କାନାଳ, ଗୁରୁବାର, ଡିସେମ୍ବର ୨୪/୨୦୨୦ (୧୬ ପୃଷ୍ଠା) | Dhenkanal, Thursday, December 24/2020 | ★★★★★

୧୬ଶ ଭାଗ ୨୪୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-




**ସଂସଦୀୟ ଦଳ ନେତା ପଦରୁ ଓଲି ବିଦା**

ନେପାଳ ପାର୍ଲାମେଣ୍ଟ ଭଙ୍ଗ ପରେ ଶାସକ ନେପାଳୀ କମ୍ୟୁନିଷ୍ଟ ପାର୍ଟିରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ର ହୋଇଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ସଂସଦୀୟ ଦଳ ନେତା ପଦରୁ ହଟାଇଦିଆଯାଇଛି।

୦୨

୧୬

**ପ୍ରଜ୍ଞାନଙ୍କୁ ନୂଆ ଦାୟିତ୍ୱ**

ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନର ପ୍ରତିନିଧିଭାବେ ଆଇପିଏଲ ଗଭର୍ନିଂ କାଉନ୍ସିଲ୍‌କୁ ମନୋନୀତ ହୋଇଛନ୍ତି ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା।






# ଭୁବନେଶ୍ୱରର ବ୍ରିଟେନ୍ ଫେରନ୍ତା ପଜିଟିଭ

■ ଭୁବନେଶ୍ୱର ବିମାନବନ୍ଦରରେ ଏସ୍‌ଓପି ଜାରି

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଭୁବନେଶ୍ୱରରେ ବୁଧବାର ଜଣେ ବ୍ରିଟେନ୍ ଫେରନ୍ତାଙ୍କୁ ଚିହ୍ନଟ କରାଯାଇଛି। ୩୪ବର୍ଷୀୟ ବ୍ୟକ୍ତି ଜଣକ ଗତ ୧୮ ତାରିଖରେ ବ୍ରିଟେନ୍‌ରୁ ଆସିଥିଲେ। ଏକ ଘରୋଇ ଲାବ୍‌ରେ ତାଙ୍କର କୋଭିଡ୍ ନମୁନା ପରୀକ୍ଷା ହୋଇଥିଲା। ରିପୋର୍ଟ ପଜିଟିଭ୍ ଆସିବା ପରେ ତାଙ୍କୁ ତୁରନ୍ତ ରାଜ୍ୟ ସରକାରଙ୍କ କୋଭିଡ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ତାଙ୍କର ସାମାନ୍ୟ ଲକ୍ଷଣ ଦେଖାଯାଇଥିଲା। ତାଙ୍କ ଶରୀରରେ କୋଭିଡ୍‌ର ନୂଆ ଷ୍ଟ୍ରେନ୍ ଅଛି କି ନାହିଁ ତାହା ଜାଣିବା ପାଇଁ ଆର୍‌ଏମ୍‌ଆର୍‌ସି ଜରିଆରେ ସ୍କାଇକ୍ ଜେନମ୍ ☞ପୃଷ୍ଠା-୪

# ରଣ ଆପ୍‌ରୁ ସର୍ବନାଶ

## ରିକଭରି ଏଜେଣ୍ଟ କହୁଛନ୍ତି, ଯଦି ଶୁଝିପାରୁନ ତେବେ ମରିଯାଅ

ସମୟ ସହ ତାଳ ଦେଇ ମଣିଷର ଆବଶ୍ୟକତା ବଢ଼ିଥାଏ, ଯାହାକୁ ପୂରଣ କରିବାକୁ ହେଲେ ଅଧ୍ୟବସାୟ ବା ଆୟର ନିୟମିତ ଉତ୍ସ ଦରକାର। ଏଭଳି ଆବଶ୍ୟକତା ପୂରଣ ଓ ନିଜର ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ପାଇଁ ଅନେକ ସମୟରେ ଲୋକେ ଋଣ କରିଥାଆନ୍ତି। ସହଜ ଓ ସୁବିଧାରେ ଋଣ ହାତେଇବାକୁ ଯାଇ ଅନେକେ 'ଟେପ୍-ଆଣ୍ଡ-ଗେଟ୍-ଏ-ଲୋନ୍ ସଲ୍ୟୁଶନ'କୁ ବାଛନ୍ତି। ଲୋକଙ୍କ ଅସୁବିଧା ବା ଅନଟନର ଫାଇଦା ଉଠାନ୍ତି ମନି ଲେଣ୍ଡିଂ ଆପ୍। ଋଣଜାଲରେ ଛନ୍ଦି ହେବା ପରେ ଗ୍ରହୀତା ସମ୍ପୃକ୍ତ କମ୍ପାନୀର ଭଡ଼ାଟିଆ ରିକଭରି ଏଜେଣ୍ଟଙ୍କ ଦ୍ୱାରା ହଇରାଣ ହୋଇ ଅଣନିଃଶ୍ୱାସୀ ହୋଇଯାଆନ୍ତି। ଆଉ ଶେଷରେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେବାକୁ ବାଧ୍ୟ ହୁଅନ୍ତି। ଦେଶରେ ଏଭଳି ଆପ୍‌ଗୁଡ଼ିକର ଦୌରାତ୍ମ୍ୟ ବଢ଼ିବାରେ ଲାଗିଥିବାବେଳେ ସେଗୁଡ଼ିକୁ ନିୟନ୍ତ୍ରଣ କରିବା ପାଇଁ କଡ଼ା ଆଇନ ଥିବା ମନେହେଉନାହିଁ। ଏପରି ଅପରାଧୀଙ୍କଠାରୁ ଡିଜିଟାଲ ସଚେତନତା ହିଁ ରକ୍ଷା କରିପାରିବ ବୋଲି ମତ ଦିଅନ୍ତି ବିଶେଷଜ୍ଞ।

**ଭୁବନେଶ୍ୱର/ନୂଆଦିଲ୍ଲୀ,୨୩।୧୨(ବ୍ୟୁରୋ)**

ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଧୀନ ପୋଡ଼ଡିହ ଗ୍ରାମର କାଶୀନାଥ ରାଉତ ଟ୍ରେନ୍‌ରେ ମୁଢ଼ି ପାମ୍ପଡ଼ ବିକି ପରିବାର ଚଳାଉଥିଲେ। କରୋନା ଲକ୍‌ଡାଉନ୍ ଯୋଗୁ ଟ୍ରେନ୍ ଚଳାଚଳ ବନ୍ଦ ହୋଇଯିବାରୁ ଘର ଚଳାଇବା ତାଙ୍କ ପକ୍ଷେ କଷ୍ଟକର ହୋଇପଡ଼ିଥିଲା। ଜୀବିକା ହରାଇବା ପରେ କାଶୀନାଥ ବାଧ୍ୟହୋଇ ମାଇକ୍ରୋ ଫାଇନାନ୍ସ କମ୍ପାନୀରୁ ୫୦ ହଜାର ଟଙ୍କା ଋଣ ନେଇଥିଲେ। ସେହି ଟଙ୍କା ବିନିଯୋଗ କରି ଅର୍ଥ ଉପାର୍ଜନର ନୂଆ ପନ୍ଥା ବାହାର କରିବା ପାଇଁ ସେ ଉଦ୍ୟମ କରିଥିଲେ। ହେଲେ ଲକ୍‌ଡାଉନ୍ ତାଙ୍କ ଯୋଜନାକୁ ସଫଳ ହେବାକୁ ଦେଇ ନ ଥିଲା। ଏହାସତ୍ତ୍ୱେ କାଶୀନାଥ କଷ୍ଟେମଷ୍ଟେ ଋଣ ଶୁଝୁଥିଲେ। ପରିଶୋଧରେ ବିଳମ୍ବ ହେଲେ ଅର୍ଥ ଲଗାଣକାରୀ ସଂସ୍ଥାର ଏଜେଣ୍ଟ କହୁଥିଲେ, 'ଯଦି ଶୁଝିପାରୁନ ତେବେ ମରିଯାଅ'। କାଶୀନାଥ ସତକୁ ସତ ସ୍ତ୍ରୀ କନକଲତାଙ୍କ ସହ କୀଟନାଶକ ପିଇ ଆତ୍ମହତ୍ୟା କରିଥିଲେ ୨୦୨୦ ଅକ୍ଟୋବର ୩ରେ। ଓଡ଼ିଶା ସମେତ ସାରା ଦେଶରେ ପ୍ରତ୍ୟହ ଏପରି ଅନେକ ଘଟଣାର ଦୃଷ୍ଟାନ୍ତ ଦେଖିବାକୁ ମିଳୁଛି।




ଭୁବନେଶ୍ୱର ମଞ୍ଚେଶ୍ୱର ଥାନା ଅଞ୍ଚଳରେ ରହୁଥିବା ଦିବ୍ୟଲୋଚନ ବେହେରାଙ୍କ ମେଡିକାଲ କାମ ପାଇଁ ଟଙ୍କା ଜରୁରୀ ଥିଲା। ୨୪ ଘଣ୍ଟା ମଧ୍ୟରେ ଲୋନ୍ ମିଳିବା ନେଇ ସୋସିଆଲ ମିଡିଆରେ ବିଜ୍ଞାପନ ଦେଖି ସେ ଦିଲ୍ଲୀର ଏକ ଅନଲାଇନ୍ ଋଣ ପ୍ରଦାନକାରୀ ସଂସ୍ଥା ସହ ଯୋଗାଯୋଗ କରିଥିଲେ। ଉକ୍ତ ସଂସ୍ଥା ପକ୍ଷରୁ ଏହାର କାର୍ଯ୍ୟାଳୟ ରାୟଗଡ଼ାରେ ଥିବା ନେଇ ତାଙ୍କୁ ଜଣାଯାଇଥିଲା। ଏଥିସହ ତାଙ୍କର ୧୦ ଲକ୍ଷ ଟଙ୍କା ଋଣ ୨୪ ଘଣ୍ଟାରେ ☞ପୃଷ୍ଠା-୪

### ଗୋଲକ ଧନ୍ଦା

ଋଣ ପ୍ରଦାନକାରୀ ଆପ୍‌ଗୁଡ଼ିକର କାର୍ଯ୍ୟ ପ୍ରଣାଳୀକୁ ଅନୁଧ୍ୟାନ କଲେ ଜଣାଯାଏ ଯେ, ସେହି ସଂସ୍ଥାଗୁଡ଼ିକ ଅନେକ ଅଣବ୍ୟାଙ୍କିଙ୍ଗ୍ ଆର୍ଥିକ କମ୍ପାନୀ (ଏନ୍‌ବିଏଫ୍‌ସି) ସହ ଜଡ଼ିତ। ସେମାନେ ଏନ୍‌ବିଏଫ୍‌ସି ସହ ଏହି ସମ୍ପର୍କକୁ ଆଇନଗତ ସୁରକ୍ଷା କବଚ ଭାବେ ବ୍ୟବହାର କରିଥାନ୍ତି। ଏନ୍‌ବିଏଫ୍‌ସି ସହିତ ସହଅନୁବନ୍ଧିତ ହୋଇ ଲେଣ୍ଡିଂ ଆପ୍‌ଗୁଡ଼ିକ ସମ୍ପୃକ୍ତ କମ୍ପାନୀରୁ ଅର୍ଥ ନେଇ ଅଭାବୀ ବ୍ୟକ୍ତିଙ୍କୁ ଖୋଜନ୍ତି। ଔପଚାରିକତା ଶେଷ ହେବା ପରେ ଋଣ ଦିଆଯାଏ। ତେବେ ଏନ୍‌ବିଏଫ୍‌ସିଗୁଡ଼ିକ ସେମାନଙ୍କ ରିକଭରି ଏଜେଣ୍ଟମାନଙ୍କୁ ଲେଣ୍ଡିଂ ଆପ୍‌ଗୁଡ଼ିକ ପାଇଁ କାର୍ଯ୍ୟ କରିବା ସକାଶେ ଅନୁମତି ଦେବାକୁ ଅଧିକୃତ ହୋଇ ନ ଥିଲେ ବି ଏପରି କରିଥାନ୍ତି। ଏହା ଉପରେ ନିୟନ୍ତ୍ରକଙ୍କ କଡ଼ା ନଜର ରହିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।

### କ'ଣ କହୁଛି ପୋଲିସ

ଋଣ ପ୍ରଦାନକାରୀ ଆପ୍ ଜାଲରେ ଦେଶର ହଜାର ହଜାର ଲୋକ ଛନ୍ଦି ହୋଇଯାଇଛନ୍ତି। ଇନ୍‌ଷ୍ଟାଣ୍ଟ ଲୋନ୍ ପାଇଁ ଲୋକେ ପ୍ରଥମେ ଆପ୍ ଡାଉନ୍‌ଲୋଡ୍ କରିଥାନ୍ତି। ଲୋନ୍ ପ୍ରୋସେସ୍‌କୁ ଆଗକୁ ବଢ଼ାଇବା ପାଇଁ ଆପ୍ ଆଧାର ଓ ପାନ୍ କାର୍ଡ ବିବରଣୀ ସହ ସେଲ୍ଫି ମାଗିଥାଏ। ଏହା ସହ ସେମାନଙ୍କ ଫଟୋ ଗ୍ୟାଲେରି ଓ ଫୋନ୍ କଣ୍ଟାକ୍ଟ ନମ୍ବର ଆକ୍ସେସ୍ ଅନୁମତି ମଗାଯାଇଥାଏ। ଋଣ ମଞ୍ଜୁର ହେବା ପରେ ଆବେଦନକାରୀଙ୍କୁ ଶୁଝିବା ନିର୍ଦ୍ଦିଷ୍ଟ ସମୟ ସୀମା ଦିଆଯାଇଥାଏ। ଶୁଝିବାରେ ବିଳମ୍ବ ହେଲେ ଆରମ୍ଭ ହୁଏ ଏଜେଣ୍ଟଙ୍କ ନିର୍ଯାତନା। ଋଣ ଗ୍ରହୀତା ନିଜ କଣ୍ଟାକ୍ଟ ଡିଟେଲ ଓ ଗ୍ୟାଲେରି ଆକ୍ସେସ୍ ପାଇଁ ଅନୁମତି ଦେଉଥିବାରୁ ଆପ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇ ପାରୁନାହିଁ ବୋଲି ପୋଲିସ କହିଛି।

# ଭାରତ ହାରିଲା କେୟର୍ନ ଟିକସ ମାମଲା

■ ୮ ହଜାର କୋଟି ଦେବାକୁ ନିର୍ଦ୍ଦେଶ

**ନୂଆଦିଲ୍ଲୀ,୨୩।୧୨**

ବ୍ରିଟେନର ଶକ୍ତି କମ୍ପାନୀ କେୟର୍ନ ବିରୋଧରେ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ ଟ୍ରିବ୍ୟୁନାଲରେ ଚାଲିଥିବା ଟିକସ ମାମଲାରେ ଭାରତକୁ ମଙ୍ଗଳବାର ବଡ଼ ଝଟ୍‌କା ଲାଗିଛି। ଉକ୍ତ କମ୍ପାନୀକୁ ୧.୪ ବିଲିୟାନ ଡଲାର (ପ୍ରାୟ ୮ ହଜାର କୋଟି ଟଙ୍କା) କ୍ଷତିପୂରଣ ଦେବାକୁ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହ ସରକାରଙ୍କ ନିକଟରେ ଥିବା କମ୍ପାନୀର ଅର୍ଥ ସୁଧ ସହ ଫେରାଇବାକୁ ମଧ୍ୟ କୁହାଯାଇଛି।

ଭୋଡାଫୋନ୍‌ଠାରୁ ପରାଜୟର ଠିକ୍ ୩ ମାସ ପରେ ଆଉ ଏକ ମାମଲାରେ କେନ୍ଦ୍ର ସରକାର ହାରିଯାଇଛନ୍ତି। ହେଗ୍‌ସ୍ଥିତ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ) କହିଛନ୍ତି, କେୟର୍ନ ଟିକସ ମାମଲା ଏକ ଟିକସଜନିତ ବିବାଦ ନୁହେଁ। ଏହା ଟିକସଜନିତ ନିବେଶ ହୋଇଥିବାରୁ କୋର୍ଟଙ୍କ ପରିସରରେ ଆସୁଛି। ଭାରତ କିଛି ବର୍ଷ ଧରି ଟିକସ ଲାଗି ଯେଉଁ ଦାବି ଉଠାଇ ଆସୁଛି, ତାହା ଦ୍ୱିପାକ୍ଷିକ ନିବେଶ ସୁରକ୍ଷା ଚୁକ୍ତିର ସଫଳ ରୂପାୟନର ବିରୁଦ୍ଧାଚରଣ କରୁଛି। ୨୦୦୬-୦୭ରେ କେୟର୍ନ ଏହାର ☞ପୃଷ୍ଠା-୪

# ବୋଥ୍ରାଙ୍କ ପଲିଗ୍ରାଫ୍ ଟେଷ୍ଟ ପାଇଁ ହାଇକୋର୍ଟରେ ମାମଲା

**ପରୀ ହତ୍ୟା ଘଟଣା**

**କଟକ ଅଫିସ,୨୩।୧୨**

ପରୀ ହତ୍ୟା ତଦନ୍ତର ଦିଗ ବାରମ୍ବାର ବଦଳୁଛି। ଗତ ନଭେମ୍ବର ୨୫ରେ ବିଧାସଭାରେ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର ବିବୃତି ରଖି ମେଡିକାଲ ତଥ୍ୟ ଯାଞ୍ଚ ଆଧାରରେ ବଳାତ୍କାର ହୋଇଥିବା ରିପୋର୍ଟ ହସ୍ତଗତ ହୋଇନାହିଁ ବୋଲି କହିଥିଲେ। କିନ୍ତୁ ଡିସେମ୍ବର ୨୨ରେ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରା ଖବରଦାତା ସମ୍ମିଳନୀରେ ପରୀକୁ ପ୍ରଥମେ ହତ୍ୟା ଓ ପରେ ବଳାତ୍କାର କରାଯାଇଥିବା କହିଛନ୍ତି। ତେଣୁ ସେତେବେଳେ ଓ ଏବେକାର ମେଡିକାଲ ଟେଷ୍ଟ କରିଥିବା ଡାକ୍ତର ଏବଂ ଏସ୍‌ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କ ମଧ୍ୟ ପଲିଗ୍ରାଫ ଟେଷ୍ଟ କରାଯିବାକୁ ନିର୍ଦ୍ଦେଶ ଦିଆଯାଉ ବୋଲି ଭାରତୀୟ ବିକାଶ ପରିଷଦ ତରଫରୁ ବୁଧବାର ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା(ଡବ୍ଲ୍ୟୁପିସି ୩୨୯୫୫) ରୁଜୁ ହୋଇଛି। ସେହିପରି ଯଦି ବର୍ତ୍ତମାନ ଏସ୍‌ଆଇଟି ଦ୍ୱାରା ଚିହ୍ନଟ ହୋଇଥିବା ଅଭିଯୁକ୍ତ ଘଟଣାଦିନ ପରୀ ମରଶରୀରକୁ ପୋଖରୀ ନିକଟରେ ଅଖାରେ ବାନ୍ଧି ଫିଙ୍ଗି ଦେଇଥିଲେ, ତେବେ ପୋଲିସ ଓ ସନ୍ଧାନୀ କୁକୁର ସେହି ସ୍ଥାନକୁ ☞ପୃଷ୍ଠା-୪

### ରକ୍ତ ଲାଗିଥିବା ଗାମୁଛା ଜବତ

ନୟାଗଡ଼ ଅଫିସ,୨୩।୧୨: ବୁଧବାର ଏସ୍‌ଆଇଟି ଗିରଫ ଛାତ୍ରଙ୍କ ଘରୁ ଗୋଟିଏ ଗାମୁଛା ଓ ଅନ୍ୟ କିଛି ସାମଗ୍ରୀ ଜବତ କରିଛି। ଏହି ଗାମୁଛାରେ ପରୀର ରକ୍ତ ଲାଗିଥିବା ଜଣାପଡିବା ପରେ ଏସ୍‌ଆଇଟି ପକ୍ଷରୁ ଏପରି ପଦକ୍ଷେପ ନିଆଯାଇଛି। ସେହି ଗାମୁଛାକୁ ପରୀକ୍ଷା ପାଇଁ ପଠାଯିବ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି। ଏସ୍‌ଆଇଟି ତାଙ୍କ ଘରୁ ଗାମୁଛା ଜବତ କରିବା କଥାକୁ ଗିରଫ ଛାତ୍ରଙ୍କ ମା' ସ୍ୱୀକାର କରିଛନ୍ତି। ସେ କହିଛନ୍ତି ଏହା ପୂର୍ବରୁ ଆମ ଘରର ବିଭିନ୍ନ ସାମଗ୍ରୀକୁ ଏସ୍‌ଆଇଟି ନେଇଥିଲା। ☞ପୃଷ୍ଠା-୪

# ନୟାଗଡ଼ ସମେତ ୧୩ ଏସ୍‌ପି ବଦଳିଲେ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

ନୟାଗଡ଼ ପରୀ ହତ୍ୟା ଘଟଣାରେ ଜିଲା ପୋଲିସର କାର୍ଯ୍ୟାନୁଷ୍ଠାନକୁ ନେଇ ବିବାଦ ଜୋର ଧରିଥିବାବେଳେ ରାଜ୍ୟସରକାର ବୁଧବାର ଆଇପିଏସ୍ ଅଫିସରସ୍ତରରେ ବଡ଼ ଧରଣର ଅଦଳବଦଳ କରିଛନ୍ତି। ନୟାଗଡ଼ ଏସ୍‌ପିଙ୍କ ସମେତ ୨୧ଜଣ ଆଇପିଏସ୍ ଓ ଜଣେ ଓପିଏସ୍ ଅଧିକାରୀଙ୍କୁ ବଦଳି କରାଯାଇଛି। ଏନେଇ ଗୃହବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ନୟାଗଡ଼ ଏସ୍‌ପି ପ୍ରତ୍ୟୁଷ ଦିବାକରଙ୍କୁ ଅତିରିକ୍ତ ମହାନିରୀକ୍ଷକ(ଏଆଇଜି) ପୋଲିସ ମୁଖ୍ୟାଳୟକୁ ବଦଳି କରାଯାଇଛି। ସେହିପରି ତାଳଚେର ଏସ୍‌ଡିପିଓ ସିଦ୍ଧାର୍ଥ କଟାରିଆଙ୍କୁ ନୟାଗଡ଼ ଏସ୍‌ପି ଭାବେ ନିଯୁକ୍ତି ☞ପୃଷ୍ଠା-୪

# ୯ ମାସ ପରେ ଖୋଲିଲା ଶ୍ରୀମନ୍ଦିର



■ ଦାରୁଦିଅଁଙ୍କ ଦର୍ଶନ କଲେ ସେବାୟତ ପରିବାର

■ ନୂଆ ଏସ୍‌ଓପି ଜାରି: ମନ୍ଦିରରେ ଦୀପଦାନ ମନା

■ ପୂଜା ସାମଗ୍ରୀ ନେବା, ଅବଢ଼ା ଖାଇବାକୁ ବାରଣ

■ ବାହାର ଲୋକଙ୍କ ପାଇଁ କୋଭିଡ୍ ରିପୋର୍ଟ ବାଧ୍ୟତାମୂଳକ

**ପୁରୀ ଅଫିସ, ୨୩।୧୨**

କରୋନା ଯୋଗୁ ଗତ ୯ ମାସ ଧରି ବନ୍ଦ ରହିଥିବା ଶ୍ରୀମନ୍ଦିର ବୁଧବାର ଖୋଲିଛି। ଭକ୍ତଙ୍କୁ ମହାପ୍ରଭୁ ଦର୍ଶନ ଦେଇଛନ୍ତି। ଫଳରେ ଦୀର୍ଘ ପ୍ରତୀକ୍ଷାର ଅବସାନ ଘଟିଛି। ପୁରୀ ଜିଲା ପ୍ରଶାସନର ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ସେବାୟତ ପରିବାରର ସଦସ୍ୟମାନେ ଦାରୁଦିଅଁଙ୍କ ଦର୍ଶନ କରିଛନ୍ତି।

ଶ୍ରୀମନ୍ଦିର ଦ୍ୱାର ଭୋର ୪ଟା ୫୦ରେ ଖୋଲିଥିବାବେଳେ ୫ଟା ୪୦ରେ ମଇଲମ ସରିଥିଲା। ସକାଳ ୭ଟା ୩୦ରୁ ଚତୁର୍ଦ୍ଧାବିଗ୍ରହଙ୍କ ଦର୍ଶନ ଆରମ୍ଭ ହୋଇଥିଲା। ସେବାୟତ ପରିବାରର ସଦସ୍ୟମାନେ ଶ୍ରୀମନ୍ଦିରର ୪ ଦ୍ୱାର ଦେଇ ପ୍ରବେଶ କରିଥିଲେ। ପ୍ରବେଶ ଦ୍ୱାରରେ ଥର୍ମାଲ ସ୍କ୍ରିନିଂ ସହ ପରିଚୟପତ୍ର ଯାଞ୍ଚ କରାଯାଇ ଭିତରକୁ ଛଡ଼ାଯାଇଥିଲା। କାଳିଆ ଠାକୁରଙ୍କ ଦର୍ଶନ କରି ସେବାୟତ ପରିବାର ଲୋକେ ଭାବ ବିହ୍ୱଳ ହୋଇପଡ଼ିଥିଲେ। ଅନ୍ୟପକ୍ଷରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୂଆ ଏସ୍‌ଓପି (ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର) ଜାରି କରାଯାଇଛି। ନୂତନ ଏସ୍‌ଓପି ଅନୁଯାୟୀ, ବଡ଼ଦେଉଳ ଭିତରେ ଶ୍ରଦ୍ଧାଳୁମାନେ ଦୀପ ଲଗାଇପାରିବେ ନାହିଁ। ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

ହାତୀ-ମଣିଷ ଲଢ଼େଇର ସମାଧାନ



## ୩ ପୋଲିସଙ୍କୁ ହତ୍ୟା

**ପ୍ୟାରିସ:** ଦକ୍ଷିଣ ଫ୍ରାନ୍ସରେ ଜଣେ ବନ୍ଧୁକଧାରୀ ୩ ଜଣ ପୋଲିସଙ୍କୁ ହତ୍ୟା କରି ଫେରାର ହୋଇଯାଇଥିଲେ। ପରେ ତାଙ୍କ ମୃତଦେହ ମିଳିଛି। ପୂର୍ବରୁ ବନ୍ଧୁକଧାରୀ ତାଙ୍କ ସାଥୀଙ୍କୁ ମାଡ଼ ମାରିବା ସହ ବନ୍ଧକ ରଖିଥିଲେ। ଲିଓନର ସେଣ୍ଟ-ଜଷ୍ଟ ଟାଉନ୍ ନିକଟରେ ବନ୍ଧକ ଥିବା ମହିଳା ଜଣଙ୍କ ପୋଲିସ ସହାୟତା ଲୋଡ଼ିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚିବାରୁ ବନ୍ଧୁକଧାରୀ ଗୁଳି ଚଳାଇଥିଲେ। ତେବେ ବନ୍ଧୁକଧାରୀଙ୍କର କିପରି ମୃତ୍ୟୁ ହେଲା ତାହା ଜଣାପଡ଼ିନାହିଁ।

## ସଂକ୍ଷେପରେ

### ମହାକାଶ ବ୍ୟବସାୟ ପାଇଁ ଆମାଜନ, ୱାନ୍‌ୱେବ୍‌ର ଆବେଦନ

**ବେଙ୍ଗାଲୁରୁ, ୨୩।୧୨:** ମହାକାଶ ସେକ୍ଟରରେ ଘରୋଇ କମ୍ପାନୀଙ୍କୁ ସୁଯୋଗ ଦେବା ଲାଗି ସରକାର ନିଷ୍ପତ୍ତି ନେବା ପରେ ୪ଟି ବିଦେଶୀ କମ୍ପାନୀ ସମେତ ମୋଟ ୨୨ଟି ପ୍ରସ୍ତାବ ଆସିଛି। ମହାକାଶ ବ୍ୟବସାୟକୁ ନିୟନ୍ତ୍ରଣ ପାଇଁ ଗଠିତ ଇଣ୍ଡିଆନ ନ୍ୟାଶନାଲ ସ୍ପେସ୍ ପ୍ରମୋଶନ ଆଣ୍ଡ ଅଥରାଇଜେଶନ ସେଣ୍ଟର (ଆଇଏନ୍-ଏସ୍‌ପିଏସିଇ) ଏହାର ସମୀକ୍ଷା କରୁଛି। ଜେଫ୍ ବେଜୋସ୍‌ଙ୍କ ଆମାଜନ ୱେବ୍ ସର୍ଭିସେସ୍ (ଏଡବ୍ଲ୍ୟୁଏସ୍) ଏବଂ ଭାରତୀ ଗ୍ରୁପ୍ ସମର୍ଥିତ ବ୍ରିଟେନ କମ୍ପାନୀ ୱାନ୍‌ୱେବ୍ ଭାରତରେ ମହାକାଶ ବ୍ୟବସାୟରେ ସାମିଲ ହେବା ଲାଗି ଆଗ୍ରହ ପ୍ରକାଶ କରିଛନ୍ତି। ବିଭିନ୍ନ ସଂସ୍ଥା ଗ୍ରାଉଣ୍ଡ ଷ୍ଟେଶନ, ସାଟେଲାଇଟ୍ କନ୍‌ଷ୍ଟେଲେଶନ ଆଦି ସ୍ଥାପନ ଲାଗି ଆବେଦନ କରିଛନ୍ତି।

### ଗ୍ୟାସ୍ ଲିକ୍: ୨ ମୃତ

**ଲକ୍ଷ୍ନୌ, ୨୩।୧୨:** ଉତ୍ତରପ୍ରଦେଶର ଫୁଲପୁରସ୍ଥିତ ଇଣ୍ଡିଆନ ଫାର୍ମର୍ସ ଫର୍ଟିଲାଇଜର କୋଅପରେଟିଭ୍ ଲିମିଟେଡ(ଇଫ୍‌କୋ)ର ଏକ ପ୍ଲାଣ୍ଟରେ ଆମୋନିଆ ଗ୍ୟାସ୍ ଲିକ୍ ଯୋଗୁ ୨ ଅଧିକାରୀଙ୍କ ମୃତ୍ୟୁ ଘଟିଛି। ଆହୁରି ୧୬ କର୍ମଚାରୀ ଗୁରୁତର ହୋଇଛନ୍ତି। ମଙ୍ଗଳବାର ରାତିରେ ଦୁର୍ଘଟଣା ଘଟିଥିଲା।

### କେନ୍ଦ୍ରମନ୍ତ୍ରୀ ଶେଖାୱତ୍‌ଙ୍କୁ ହାଇକୋର୍ଟ ନୋଟିସ

ଯୋଧପୁର, ୨୩।୧୨(ପି.ଟି.): ୯୦୦ କୋଟି ଟଙ୍କା ସଞ୍ଜୀବନୀ କୋ-ଅପରେଶନ କ୍ରେଡିଟ୍ ସୋସାଇଟି ଦୁର୍ନୀତି ମାମଲାରେ ରାଜସ୍ଥାନ ହାଇକୋର୍ଟ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍, ତାଙ୍କ ସ୍ତ୍ରୀ ଓ ଅନ୍ୟ ୧୫ ଜଣଙ୍କୁ ନୋଟିସ ଜାରି କରିଛନ୍ତି। ସୋସାଇଟିର ଜମାକାରୀମାନଙ୍କ ୟୁନିୟନ ପକ୍ଷରୁ ହାଇକୋର୍ଟରେ ପିଟିଶନ ଦାଏର କରାଯାଇଥିଲା। ମିଛ ରେକର୍ଡ ଓ ପୋଷ୍ଟର ଦେଖାଇ ହଜାର ହଜାର ଜମାକାରୀଙ୍କୁ ଠକାଯାଇଥିଲା। ଶେଖାୱତ ଲୋକ ସଭାକୁ ନିର୍ବାଚିତ ହେବା ପୂର୍ବରୁ ସୋସାଇଟିର ଅଂଶୀଦାର ଥିଲେ।

# ପିଏଜିଡି ୧୧୦, ଭାଜପା ୭୪

**ସମ୍ବିଧାନର ଅନୁଚ୍ଛେଦ ୩୭୦ ଉଚ୍ଛେଦ ପରେ ଜମ୍ମୁ-କଶ୍ମୀରରେ ପ୍ରଥମ ଥର ପାଇଁ ଡିଡିସି ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଫଳରେ ଭୋଟ ଦେବା ପାଇଁ ମତଦାତାଙ୍କ ମଧ୍ୟରେ ବେଶ୍ ଆଗ୍ରହ ଦେଖାଯାଇଥିଲା। ସାମ୍ବିଧାନିକ ପରିବର୍ତ୍ତନକୁ ବିରୋଧ କରି ଆଞ୍ଚଳିକ ଦଳଗୁଡ଼ିକ ଗୁପ୍‌କାର ମେଣ୍ଟ ଗଢ଼ିଥିଲେ। ଡିଡିସି ନିର୍ବାଚନରେ ମେଣ୍ଟ ପକ୍ଷରୁ ସବୁ ଆସନରେ ମିଳିତ ପ୍ରାର୍ଥୀ ଦିଆଯାଇଥିବାବେଳେ ଭାଜପା ଏକକ ସଂଖ୍ୟାଗରିଷ୍ଠ ଦଳ ହୋଇପାରିଛି। ଅନ୍ୟପକ୍ଷେ ପିଡିପି ଅଧ୍ୟକ୍ଷା ମେହବୁବା ମୁଫ୍‌ତି ଏହି ନିର୍ବାଚନ ମେଣ୍ଟ ସପକ୍ଷରେ ଯାଇଥିବା ଦର୍ଶାଇଛନ୍ତି। କଶ୍ମୀରବାସୀ କେନ୍ଦ୍ରର ୩୭୦ ଉଚ୍ଛେଦକୁ କଡ଼ା ଜବାବ ଦେଇଥିବା ସେ ସମାଲୋଚନା କରିଛନ୍ତି।**


ଭାଜପାର ଡିଡିସି ନିର୍ବାଚନ ଦାୟିତ୍ୱରେ ଥିବା କେନ୍ଦ୍ରମନ୍ତ୍ରୀଅନୁରାଗ ଠାକୁରଙ୍କ ସହ ସ୍ଥାନୀୟ ନେତା।

**ଶ୍ରୀନଗର/ଜମ୍ମୁ, ୨୩।୧୨ (ପି.ଟି.)**

ଜମ୍ମୁ-କଶ୍ମୀରରେ ସଦ୍ୟସମାପ୍ତ ଜିଲା ଉନ୍ନୟନ ପରିଷଦ (ଡିଡିସି) ନିର୍ବାଚନରେ ପିପୁଲ୍ସ ଆଲିଆନ୍ସ ଫର ଗୁପ୍‌କାର ଡିକ୍ଲାରେଶନ (ପିଏଜିଡି) ସର୍ବାଧିକ ୧୧୦ ଆସନରେ ବିଜୟୀ ହୋଇଛି। ୨୮୦ ଆସନ ମଧ୍ୟରୁ ବୁଧବାର ସନ୍ଧ୍ୟା ସୁଦ୍ଧା ୨୭୬ ଆସନର ଫଳାଫଳ ପ୍ରକାଶ ପାଇଛି। ଭାଜପା ୭୪ ଆସନରେ ଜିତିଥିବାବେଳେ ସ୍ୱାଧୀନ ପ୍ରାର୍ଥୀମାନେ ୪୯ ଆସନ ହାତେଇ ନେଇଛନ୍ତି।

**ଜମ୍ମୁ-କଶ୍ମୀର ଡିଡିସି ନିର୍ବାଚନ**
- ମୋଟ ଆସନ ୨୮୦
- ସ୍ୱାଧୀନ ହାତେଇଲେ ୪୯

ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସକୁ ୨୬ ଆସନ ମିଳିଥିବାବେଳେ ଅପ୍‌ନି ପାର୍ଟିକୁ ୧୨, ପିଡିଏଫ୍ ଏବଂ ନ୍ୟାଶନାଲ ପାନ୍ଥର୍ସ ପାର୍ଟିକୁ ୨ଟି ଲେଖାଏ ଓ ବିଏସ୍‌ପିକୁ ଗୋଟିଏ ଆସନ ମିଳିଛି। ୬ଟି ଜିଲାରେ ପିଏଜିଡିକୁ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ମିଳିଥିବାବେଳେ ଭାଜପା ୫ଟି ଜିଲାରେ କ୍ଷମତା ଦଖଲ କରିବାକୁ ଯାଉଛି। ଆଞ୍ଚଳିକ ଦଳଗୁଡ଼ିକର ମେଣ୍ଟ ଅନ୍ୟ ୬ ଜିଲାରେ ଭାଜପାକୁ ପରାଜିତ କରିଥିଲେ ବି ସଂଖ୍ୟାଗରିଷ୍ଠତାଠାରୁ ଗୋଟିଏ କିମ୍ବା ଦୁଇଟି ଆସନ କମ୍ ପାଇଛି।

## ସଂସଦୀୟ ଦଳ ନେତା ପଦରୁ ଓଲି ବିଦା

**କାଠମାଣ୍ଡୁ, ୨୩।୧୨ (ଆଇଏଏନ୍‌ଏସ୍)**

ନେପାଳ ପାର୍ଲାମେଣ୍ଟ ଭଙ୍ଗ ପରେ ଶାସକ ନେପାଳୀ କମ୍ୟୁନିଷ୍ଟ ପାର୍ଟି (ଏନ୍‌ସିପି)ରେ ଅନ୍ତର୍ଦ୍ୱନ୍ଦ୍ୱ ତୀବ୍ର ହୋଇଛି। ପ୍ରଧାନମନ୍ତ୍ରୀ କେ.ପି. ଶର୍ମା ଓଲିଙ୍କୁ ବୁଧବାର ସଂସଦୀୟ ଦଳ ନେତା ପଦରୁ ହଟାଇଦିଆଯାଇଛି। ଫଳରେ ସେଠାରେ ରାଜନୈତିକ ସଙ୍କଟ ଗମ୍ଭୀର ହୋଇଛି। ଦଳର ଅନ୍ୟତମ ଅଧ୍ୟକ୍ଷ ପୁଷ୍ପକୁମାର ଦହଲ 'ପ୍ରଚଣ୍ଡ' ଏବଂ ମାଧବ କୁମାର ନେପାଳଙ୍କ ସହ ଓଲିଙ୍କ ବୈଠକ ପରେ ତାଙ୍କୁ ସଂସଦୀୟ ନେତା ପଦରୁ ହଟାଇଦିଆଯାଇଛି। ପ୍ରଚଣ୍ଡ-ନେପାଳ ଗୋଷ୍ଠୀ ପ୍ରଚଣ୍ଡଙ୍କୁ ନୂଆ ସଂସଦୀୟ ଦଳ ନେତା ନିଯୁକ୍ତ କରିଛନ୍ତି।

ଯଦି ଓଲି ଭୁଲ୍ ସ୍ୱୀକାର କରି କ୍ଷମା ମାଗନ୍ତି, ତେବେ ତାଙ୍କୁ ଦଳରେ ନେବା

**ପ୍ରଚଣ୍ଡଙ୍କୁ ନେତା ବାଛିଲେ ବିରୋଧୀ ଗୋଷ୍ଠୀ**


କେ.ପି. ଶର୍ମା ଓଲି

ନେଇ ବିଚାର କରାଯିବ ବୋଲି ପୂର୍ବତନ ପ୍ରଧାନମନ୍ତ୍ରୀ ମାଧବ କୁମାର ନେପାଳ କହିଛନ୍ତି। ମଙ୍ଗଳବାର ପ୍ରଚଣ୍ଡ-ନେପାଳ ଗୋଷ୍ଠୀର କେନ୍ଦ୍ରୀୟ କମିଟି ବୈଠକ ବସି ଓଲିଙ୍କୁ ଦଳ ଅଧ୍ୟକ୍ଷ ପଦରୁ ବିଦା କରାଯିବା ସହ ନେପାଳଙ୍କୁ ଅନ୍ୟତମ ଅଧ୍ୟକ୍ଷ ନିଯୁକ୍ତ କରାଯାଇଥିଲା।

## ଅଧା ବ୍ରିଟେନ ଫେରନ୍ତାଙ୍କଠାରେ ନୂଆ ଷ୍ଟ୍ରେନ୍ ଆଶଙ୍କା

**ନୂଆଦିଲ୍ଲୀ, ୨୩।୧୨**

ବ୍ରିଟେନରୁ ଭାରତ ଫେରିଥିବା ଯାତ୍ରୀଙ୍କ ମଧ୍ୟରୁ ୨୨ ଜଣଙ୍କଠାରେ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛି। ସେମାନଙ୍କ ମଧ୍ୟରୁ ଅଧା ଯାତ୍ରୀଙ୍କଠାରେ କୋଭିଡ୍-୧୯ର ନୂଆ ଷ୍ଟ୍ରେନ୍ ଥାଇପାରେ ବୋଲି ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। କାରଣ ବ୍ରିଟେନରେ ପଜିଟିଭ୍ ଚିହ୍ନଟଙ୍କ ମଧ୍ୟରୁ ୬୦ ପ୍ରତିଶତଙ୍କଠାରେ ଭୂତାଣୁର ନୂଆ ରୂପ ଦେଖିବାକୁ ମିଳୁଛି। ତେଣୁ ୨୨ ସଂକ୍ରମିତଙ୍କ ମଧ୍ୟରେ ଭୂତାଣୁର ନୂଆ ଭାରିଆଣ୍ଟ ଥିବାର ଯଥେଷ୍ଟ ସମ୍ଭାବନା ରହିଛି ବୋଲି ହାଇଦ୍ରାବାଦସ୍ଥିତ ସେଣ୍ଟର ଫର୍ ସେଲୁଲାର ଆଣ୍ଡ ମଲିକୁଲାର ବାୟୋଲୋଜି (ସିସିଏମ୍‌ବି)ର ନିର୍ଦ୍ଦେଶକ ଡ. ରାକେଶ ମିଶ୍ରା କହିଛନ୍ତି। ଯେଉଁମାନେ ମାସେ ପୂର୍ବରୁ ବ୍ରିଟେନରୁ ଫେରିଛନ୍ତି ସେମାନଙ୍କର ପରୀକ୍ଷା କରାଇବା ଦରକାର ନାହିଁ। କାରଣ ସେମାନଙ୍କଠାରେ ଆଉ ଲକ୍ଷଣ ନ ଥିବ ଏବଂ ସେମାନେ ଅନ୍ୟମାନଙ୍କୁ ସଂକ୍ରମିତ କରିସାରିବେଣି ବୋଲି ବିଶେଷଜ୍ଞ ମତ ଦେଇଛନ୍ତି। ଭୂତାଣୁର ନୂଆ ରୂପ ବି.୧.୧.୭ ଏବେ ସାରା ବିଶ୍ୱରେ ହଇଚଇ ସୃଷ୍ଟି କରିଛି। ଅଧିକାଂଶ ଦେଶ ବ୍ରିଟେନକୁ ବିମାନ ଚଳାଚଳ ବନ୍ଦ କରିଛନ୍ତି।

## ପ୍ରିଷ୍ଟ, ନନ୍‌ଙ୍କୁ ଆଜୀବନ ଜେଲ

**ଥିରୁଭାନନ୍ତପୁରମ, ୨୩।୧୨**

କୋଟାୟାମରେ ସିଷ୍ଟର ଅଭୟା ହତ୍ୟାକାଣ୍ଡ ଘଟଣାରେ କେନ୍ଦ୍ରୀୟ ତଦନ୍ତ ସଂସ୍ଥା(ସିବିଆଇ)ର ସ୍ୱତନ୍ତ୍ର କୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇଥିବା କ୍ୟାଥୋଲିକ ପ୍ରିଷ୍ଟ ଫାଦର ଥୋମାସ୍ କଟ୍ଟର ଏବଂ ନନ୍ ସେଫିଙ୍କୁ ଆଜୀବନ କାରାଦଣ୍ଡାଦେଶ ଦିଆଯାଇଛି।

## ୧୫ ଜଣଙ୍କୁ କ୍ଷମା ଦେଲେ ଟ୍ରମ୍ପ୍

**ୱାଶିଂଟନ, ୨୩।୧୨**

ଆମେରିକା ନିର୍ବାଚନରେ ପରାଜିତ ହୋଇଥିବା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କ୍ଷମତାରୁ ଯିବା ପୂର୍ବରୁ ୧୫ ଜଣଙ୍କୁ କ୍ଷମା ଦେବା ସହ ୫ ଜଣଙ୍କ ଦଣ୍ଡ କୋହଳ କରିଛନ୍ତି। ସେମାନଙ୍କ ମଧ୍ୟରେ ୨ ଜଣ ରିପବ୍ଲିକାନ କଂଗ୍ରେସ ସଦସ୍ୟ ଅଛନ୍ତି। ଜଣେ ୨୦୧୬ରେ ଟ୍ରମ୍ପ୍‌ଙ୍କ ପାଇଁ ପ୍ରଚାର କରିଥିବାବେଳେ ରୁଷିଆ ତଦନ୍ତରେ ଫସିଥିଲେ ଓ ଅନ୍ୟ ଜଣେ ପୂର୍ବତନ ସରକାରୀ ଠିକାଦାର ୨୦୦୭ ବାଗ୍‌ଦାଦ ଗଣହତ୍ୟାରେ ଦୋଷୀସାବ୍ୟସ୍ତ ହୋଇଥିଲେ। ଟ୍ରମ୍ପ୍ ଅଫିସ୍ ଛାଡ଼ିବା ପୂର୍ବରୁ ତାଙ୍କ କ୍ଷମତାର ଉପଯୋଗ କରି ଅନୁଗତମାନଙ୍କୁ ପୁରସ୍କୃତ କରିବା ସହ ଯେଉଁମାନେ ଆଇନ ବ୍ୟବସ୍ଥାରେ ଭୁଲ୍ ଯୋଗୁ ଦଣ୍ଡିତ ହୋଇଥିଲେ ସେମାନଙ୍କୁ କ୍ଷମା ଦେଉଛନ୍ତି। ହ୍ୱାଇଟ୍ ହାଉସ୍ ଛାଡ଼ିବା ପୂର୍ବରୁ ଟ୍ରମ୍ପ୍ ଅନ୍ୟ କେତେଜଣଙ୍କୁ କ୍ଷମା ଦେଇପାରନ୍ତି ବୋଲି କୁହାଯାଉଛି।

## ଏସ୍‌ସି ଛାତ୍ରୀଛାତ୍ରଙ୍କ ମେଧାବୃତ୍ତି ଲାଗି ୫୯,୦୦୦ କୋଟି

**ନୂଆଦିଲ୍ଲୀ, ୨୩।୧୨**

ଆଗାମୀ ୫ ବର୍ଷ ନିମନ୍ତେ ଦେଶର ୪ କୋଟିରୁ ଊର୍ଦ୍ଧ୍ୱ ଅନୁସୂଚିତ ଜାତି (ଏସ୍‌ସି) ଛାତ୍ରୀଛାତ୍ରଙ୍କୁ ମାଟ୍ରିକ୍ ପରବର୍ତ୍ତୀ ମେଧାବୃତ୍ତି ପ୍ରଦାନ ଲାଗି ବୁଧବାର କେନ୍ଦ୍ର କ୍ୟାବିନେଟ ୫୯,୦୪୮ କୋଟି ଟଙ୍କା ମଞ୍ଜୁର କରିଛି।

**୫ ଫିଲ୍ମ ମିଡିଆ ୟୁନିଟ୍ ମିଶ୍ରଣକୁ କ୍ୟାବିନେଟ୍ ମଞ୍ଜୁରୀ**

ଏହି କାର୍ଯ୍ୟକ୍ରମର ୬୦ ପ୍ରତିଶତ କେନ୍ଦ୍ର ଖର୍ଚ୍ଚ କରିବାକୁ ଥିବାବେଳେ ରାଜ୍ୟ ସରକାରଗୁଡ଼ିକ ଅବଶିଷ୍ଟ ଖର୍ଚ୍ଚ ବହନ କରିବେ।

ସେହିପରି ଜାତୀୟ ଚଳଚ୍ଚିତ୍ର ଉନ୍ନୟନ ନିଗମ (ଏନ୍‌ଏଫ୍‌ଡିସି)ରେ ୪ଟି ଫିଲ୍ମ ମିଡିଆ ୟୁନିଟର ମିଶ୍ରଣ ଲାଗି କେନ୍ଦ୍ର କ୍ୟାବିନେଟ ନିଷ୍ପତ୍ତି ନେଇଛି। ଚଳଚ୍ଚିତ୍ର ବିଭାଗ, ଚଳଚ୍ଚିତ୍ର ନିର୍ଦ୍ଦେଶାଳୟ, ଉତ୍ସବ ଓ ଭାରତର ଜାତୀୟ ଚଳଚ୍ଚିତ୍ର ଅଭିଲେଖ ଏବଂ ଶିଶୁ ଚଳଚ୍ଚିତ୍ର ସୋସାଇଟିକୁ ଏନ୍‌ଏଫ୍‌ଡିସିରେ ମିଶ୍ରଣ କରାଯିବ।

## ଚାଷୀଙ୍କୁ ମନାଇବାକୁ ଉଦ୍ୟମ

**ନୂଆଦିଲ୍ଲୀ, ୨୩।୧୨**

ଡିସେମ୍ବର ୨୫ ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଜନ୍ମବାର୍ଷିକୀ। ଏହି ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶର ୯ କୋଟି ଚାଷୀଙ୍କ ସହ ଭର୍ଚୁଆଲ ବୈଠକ କରିବେ। କୃଷି ଆଇନର ଲକ୍ଷ୍ୟ ସମ୍ପର୍କରେ ସେ ଚାଷୀମାନଙ୍କୁ ଅବଗତ

**୨୫ରେ ପିଏମ୍-କିଷାନ ଯୋଜନାରେ ସହାୟତା**

କରାଇବା ସହ ସେହିଦିନ ପିଏମ୍-କିଷାନ ଯୋଜନାରେ ପରବର୍ତ୍ତୀ ପର୍ଯ୍ୟାୟ ଆର୍ଥିକ ସହାୟତା ସ୍ୱରୂପ ୧୮,୦୦୦ କୋଟି ଟଙ୍କା ପ୍ରଦାନ କରିବେ। ଭର୍ଚୁଆଲ ବୈଠକରେ ୬ଟି ରାଜ୍ୟରୁ ବଛାଯାଇଥିବା କୃଷକ ମୋଦିଙ୍କ ସହ ଆଲୋଚନା କରିବେ।

କେନ୍ଦ୍ରର ୩ କୃଷି ଆଇନ ବିରୋଧରେ ଦିଲ୍ଲୀ ସୀମାରେ ଚାଷୀ ଆନ୍ଦୋଳନ ବୁଧବାର ୨୮ ଦିନରେ ପହଞ୍ଚିଛି। ଚାଷୀମାନଙ୍କୁ ଆଇନର ସୁଫଳ ସମ୍ପର୍କରେ ବୁଝାଇବା ପାଇଁ ସରକାରଙ୍କ ପକ୍ଷରୁ ଉଦ୍ୟମ ଆରମ୍ଭ ହୋଇଛି।






# ଅଭିଯୁକ୍ତଙ୍କ ମା'ଙ୍କ ବୟାନ ବଦଳିଲା

ନୟାଗଡ଼ ଅଫିସ,୨୩।୧୨

### ପରୀ ହତ୍ୟା ଘଟଣା
- ଲେଗିନ୍ସ ମିଳିବା ପରେ ଛାନିଆ
- ଅଜ୍ଞାନ ପୁଅକୁ କ୍ଷମା କରିବାକୁ ନିବେଦନ
- ତଥାପି ଥମୁନି ପରୀ ତାତି

ପରୀ ଅପହରଣ ଓ ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ନୟାଗଡ଼ ଜିଲା ସଦର ଥାନା ଅଧୀନ ଯଦୁପୁର ଗାଁର ଜଣେ କଲେଜ ଛାତ୍ରଙ୍କୁ ଏସ୍ଆଇଟି ଗିରଫ କରିବା ପରେ କୋର୍ଟ ଚାଲାଣ କରିଥିଲା। ଏବେ ଏସ୍ଆଇଟି ତାଙ୍କୁ ୩ ଦିନିଆ ରିମାଣ୍ଡରେ ନେଇଛି। ଏହାପରେ ବି ପରୀ ହତ୍ୟାକାଣ୍ଡକୁ ନେଇ ଚାଲିଥିବା ତାତି ଥମୁନି। ହେଲେ ଅଭିଯୁକ୍ତ କଲେଜ ଛାତ୍ରଙ୍କ ପରିବାର ନରମି ଯାଇଛନ୍ତି। ଯଦୁପୁର ରାଉତରାପୁର ପୋଖରୀରୁ ଲେଗିନ୍ସ ମିଳିବା ପରେ ବଦଳିଛି ସେମାନଙ୍କ ବୟାନ। ଏସ୍ଆଇଟିର ନିର୍ଯାତନା ନେଇ ବାରମ୍ବାର ଗଣମାଧ୍ୟମରେ ଅଭିଯୋଗ କରି ଆସୁଥିବା ସମ୍ପୃକ୍ତ ଛାତ୍ରଙ୍କ ମା' ବୁଧବାର ମୁହଁ ଖୋଲି ନାହାନ୍ତି। ବରଂ ପୁଅକୁ ବଞ୍ଚାଇବାକୁ ସେ ଏସ୍ଆଇଟିକୁ ଅନୁରୋଧ କରିଛନ୍ତି। ଅଜ୍ଞାନ ପୁଅକୁ କ୍ଷମା କରିବାକୁ ସେ ଏସ୍ଆଇଟି ମୁଖ୍ୟ ଅରୁଣ ବୋଥ୍ରାଙ୍କୁ ବାରମ୍ବାର କହୁଥିବା ଶୁଣିବାକୁ ମିଳିଛି। ଏପରିକି ଏସ୍ଆଇଟି ବିରୋଧରେ ନୟାଗଡ଼ ସଦର ଥାନାରେ ସେ କରିଥିବା ଅଭିଯୋଗକୁ ଗୁରୁତ୍ୱ ନ ଦେବାକୁ ଅନୁରୋଧ କରିଛନ୍ତି।

ଗଣମାଧ୍ୟମ ପ୍ରଶ୍ନରେ ଗିରଫ ଛାତ୍ରଙ୍କ ମା' କହିଛନ୍ତି, ମୁଁ କ'ଣ ଦେଖିଛି ଯେ ଆପଣମାନଙ୍କୁ କହିବି। ପୁଅ ଯଦି ପରୀକୁ ହତ୍ୟା କରିଥିବା ସ୍ୱୀକାର କରୁଛି ସେ ଜାଣିଥିବ, ଉପରବାଲା ଦେଖିଥିବ। ଆମକୁ ସେ କିଛି କହି ନାହିଁ। ମୋ ପୁଅକୁ ଭଲ ସଂସ୍କାର ଦେଇଥିଲି, ହେଲେ ସେ ଏପରି ଭୁଲ କରିଥିବ ମୁଁ ବିଶ୍ୱାସ କରିପାରୁ ନାହିଁ। ଭୁଲ ଠିକ୍‌ର ଉତ୍ତର ପୁଅ ହିଁ ଦେଇ ପାରିବ। ପରୀ ପରିବାର ସହ ଆମର ଭଲ ସମ୍ପର୍କ ଥିଲା। ଘରେ ପରୀର ଲକେଟ୍ ନାହିଁ। ପୁଅ ମୋତେ ଦେଇନି। ପରୀ ନିଖୋଜ ଦିନ ଘରେ ମୋ ସାନ ଝିଅ, ବଡ଼ ଝିଅ, ଜ୍ୱାଇଁ, ଓ ମୁଁ ଥିଲୁ। ଘରୁ କିଛି ସମୟ ପାଇଁ ପରିବାର ସଦସ୍ୟମାନେ ଚାଲି ଯାଇଥିଲେ ହେଁ ପୁଣି ଫେରି ଆସିଥିଲେ। ତେବେ ସେହି ସ୍ୱଳ୍ପ ସମୟ ମଧ୍ୟରେ ପୁଅ ପରୀକୁ ହତ୍ୟା କରିବା ବିଶ୍ୱାସ କରିହେଉ ନାହିଁ। ନିୟମ କରି କହୁଛି ମୁଁ କିଛି ଜାଣିନାହିଁ। ଜୁଲାଇ ୧୩ ରାତିରେ ପୁଅ ମୋବାଇଲ ଦେଖିବା ସଂକ୍ରାନ୍ତରେ ମୁଁ ଜାଣିନି। ସେଦିନ ପୁଅ ଝିଅ ଜ୍ୱାଇଁଙ୍କ ପାଖରେ ଶୋଇଥିଲା ବୋଲି ଗିରଫ ଛାତ୍ରଙ୍କ ମା' କହିଛନ୍ତି।

### ଲେଗିନ୍ସ ଚିହ୍ନଟ କରିନାହାନ୍ତି ପରୀ ମା'ବାପା

ମଙ୍ଗଳବାରଠାରୁ ପୋଖରୀରୁ ଜଳ ନିଷ୍କାସନ ଚାଲିଛି। ହେଲେ ଝର ଯୋଗୁ ପୋଖରୀ ଶୁଖୁ ନାହିଁ। ଏଭଳି ସ୍ଥଳେ ବୁଧବାର କୁବା ଡାଇଭର, ଓଡ୍ରାଫ୍ ଟିମ୍ ପୋଖରୀରେ ଖୋଜା ଖୋଜି ଜାରି ରଖିଥିଲେ ମଧ୍ୟ ଅନ୍ୟ କିଛି ସୁରାକ ମିଳି ନାହିଁ। ପୋଖରୀରୁ ଲେଗିନ୍ସ ମିଳିବାର ୨୪ ଘଣ୍ଟାରୁ ଊର୍ଦ୍ଧ୍ୱ ସମୟ ବିତିଛି। ହେଲେ ପରୀର ମା'ବାପାଙ୍କୁ ଏଯାବତ ଲେଗିନ୍ସ ଚିହ୍ନଟ କରିବାକୁ ଏସ୍ଆଇଟି ଡାକି ନାହିଁ। ଏ ନେଇ ପରୀର ବାପା ଅଶୋକ ସାହୁ କୁହନ୍ତି, ଏପରି ଚିହ୍ନଟ ପ୍ରକ୍ରିୟା ତଦନ୍ତକୁ ବାଟବଣା କରୁଛି। ଆମକୁ ସିନା ଚିହ୍ନଟ କରିବାକୁ ଡାକିଥିଲେ ଆମେ ମତ ରଖିଥାନ୍ତୁ। ମା'ସୌଦାମିନୀ କହିଛନ୍ତି, ପୋଖରୀରୁ ଯେଉଁ ଲେଗିନ୍ସ ମିଳିଛି ତାହା କାହାର ମୁଁ ଜାଣିନି।

### ପୀଡ଼ିତାଙ୍କୁ ନ୍ୟାୟ ମିଳୁ: ମନ୍ତ୍ରୀ

ପରୀ ହତ୍ୟା ଘଟଣାରେ ମନ୍ତ୍ରୀ ଅରୁଣ ସାହୁ ବୁଧବାର ମୁହଁ ଖୋଲିଛନ୍ତି। ସେ କହିଛନ୍ତି, ସତ୍ୟ ଉନ୍ମୋଚନ ହେଉ। ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛି ପୀଡ଼ିତା ନ୍ୟାୟ ପାଉ। ହେଲେ ଅରୁଣଙ୍କ ପ୍ରତିକ୍ରିୟା ପରେ ଅନେକେ ତାଙ୍କୁ ସମାଲୋଚନା କରିଛନ୍ତି। ଏଭଳି ପ୍ରତିକ୍ରିୟା ବହୁ ଆଗରୁ ଦେବାର ଥିଲା ବୋଲି ସେମାନେ କହିଛନ୍ତି।

# ଏସ୍ଆଇଟିର ତଦନ୍ତ ବାଟବଣା: କଂଗ୍ରେସ

ନୟାଗଡ଼ ଅଫିସ,୨୩।୧୨

- ନ୍ୟାୟ ପାଇବନି ପରୀ
- ହତ୍ୟାକାରୀକୁ ଖସାଇବା ପାଇଁ ରହିଛି ଗଳାବାଟ
- ନାବାଳକଙ୍କୁ ସାବାଳକ ଦେଖାଇ କରାଯାଇଛି ଗିରଫ
- ଜବତ ଫ୍ରକ୍ ୯୫ ଦିନ ଥାନାରେ ପଡ଼ିରହିଥିଲା

ଏସ୍ଆଇଟି ଓ ପୋଲିସ ତଦନ୍ତରେ ସ୍ୱଚ୍ଛତା ନାହିଁ। ତଦନ୍ତ ବାଟବଣା ହୋଇଥିବାରୁ ପରୀ ନ୍ୟାୟ ପାଇବନି ବୋଲି ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କହିଛନ୍ତି। ନୟାଗଡ଼ ଜିଲା କଂଗ୍ରେସ ପକ୍ଷରୁ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ କହିଛନ୍ତି, ପରୀ ହତ୍ୟାକାରୀଙ୍କୁ ଫାଶୀଦଣ୍ଡରେ ଦଣ୍ଡିତ କରିବାକୁ ଆମର ଦାବି ରହିଛି। ତେବେ ତଦନ୍ତ ପ୍ରକ୍ରିୟା ଠିକ୍ ହେଉ ନ ଥିବା ବାରି ହୋଇପଡୁଛି। ଏହି ଘଟଣାରେ ଜଣେ ନାବାଳକ ଛାତ୍ରଙ୍କୁ ସାବାଳକ ଦେଖାଇ ଗିରଫ କରାଯାଇଛି। ଅନ୍ୟପକ୍ଷେ ପରୀର ଫ୍ରକ୍ ଜବତ ହେବାର ୯୫ ଦିନ ଥାନାରେ ରଖାଯିବାର କାରଣ କ'ଣ ବୋଲି ସେ ପ୍ରଶ୍ନ କରିଛନ୍ତି। ପରୀର ଲେଗିନ୍ସ ଜବତ ପରେ ୨୭ ସାକ୍ଷ୍ୟ ବିଧି ଆଇନ ଅନୁସାରେ ତାକୁ ଚିହ୍ନଟ କରିବା ଆଇନ ଅନୁମୋଦିତ। ହେଲେ ପରୀର ମା'ବାପା ଓ ହତ୍ୟାକାରୀଙ୍କୁ ଚିହ୍ନଟ ପ୍ରକ୍ରିୟାରେ ସାମିଲ କରାଯାଇ ନାହିଁ। ଏଣୁ ହତ୍ୟାକାରୀଙ୍କୁ ଖସାଇବା ପାଇଁ ଗଳାବାଟ ପ୍ରସ୍ତୁତ କରାଯାଇଛି ବୋଲି ସେ ଅଭିଯୋଗ କରିଛନ୍ତି। ଏସ୍ଆଇଟି ପକ୍ଷରୁ ଜଉ ମୁଦା ଲଫାପାରେ ତଦନ୍ତ ରିପୋର୍ଟ ହାଇକୋର୍ଟରେ ଦାଖଲ କରାଯାଇଥିଲା। ଶୁଣାଣି ପୂର୍ବରୁ ତଦନ୍ତକାରୀ ସଂସ୍ଥା ସେହି ତଥ୍ୟକୁ ସାର୍ବଜନୀନ କରିବା ଠିକ୍ ହୋଇ ନାହିଁ। ଗିରଫ କଲେଜ ଛାତ୍ରଙ୍କ ଜନ୍ମ ତାରିଖ ୬।୨।୨୦୦୩। ମାତ୍ର ୨୧ ତାରିଖରେ ନୟାଗଡ ଜିଲା ମୁଖ୍ୟ ଚିକିତ୍ସାଳୟରେ ଓଶିଫିକେଶନ ଟେଷ୍ଟ ଆଧାରରେ କଲେଜ ଛାତ୍ରଙ୍କ ବୟସ ୧୮ ବର୍ଷରୁ ଊର୍ଦ୍ଧ୍ୱ ବୋଲି ଏସ୍ଆଇଟି ଦର୍ଶାଇଛି। ସେହିପରି ଜୁଲାଇ ୧୪ରେ ପରୀକୁ ହତ୍ୟା କରାଯାଇଛି ବୋଲି ଏସ୍ଆଇଟି କହିଛି। ସେଦିନ ଗଳିତ ମୃତଦେହକୁ ବସ୍ତାରେ ପୂରାଇ ତାର ବାନ୍ଧି ପୋଖରୀରେ ଫୋପାଡି ଦିଆଯାଇଥିଲା। ହେଲେ ସନ୍ଧାନୀ କୁକୁର ଚିହ୍ନଟ କରି ପାରିଲା ନାହିଁ କିପରି। ପୁଣି ବସ୍ତା ଭିତରେ ମୃତଦେହ ଥିବାବେଳେ କେବଳ କେତେଖଣ୍ଡ ହାଡ଼ ବାହାରିଥିଲା। ପରୀର ଅନ୍ୟ ହାଡ଼ ବସ୍ତାରୁ ଉଭାନ୍ ହେଲା କିପରି ବୋଲି ସେ ପ୍ରଶ୍ନ କରିଛନ୍ତି। ପରୀର ଫ୍ରକ୍‌ରେ ମାନବ ସିମେନ ସ୍ପର୍ମ ଲାଗିଥିଲା ବୋଲି ଏସ୍ଆଇଟି କହିଛି। ତେବେ ସେହି ଫ୍ରକ୍‌କୁ ପୋଲିସ କାହିଁକି ନୟାଗଡ ସଦର ଥାନାରେ ୯୫ ଦିନ ପକାଇ ରଖିଥିଲା ତାହା ବିବାଦ ସୃଷ୍ଟି କରିଛି ବୋଲି ଦାଶ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତା ହୁସେନ ଖାଁ, ମନୋଜ ସାହୁ ଓ ଫକୀର ଚରଣ ମଲ୍ଲ ଉପସ୍ଥିତ ଥିଲେ।

# ଜେଲ ଗଲେ ଆର୍ଆଣ୍ଡବିର କୋଟିପତି କିରାଣି

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ):** ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ପୂର୍ତ୍ତ ବିଭାଗର ଆର୍ଆଣ୍ଡବି ଭୁବନେଶ୍ୱର ଡିଭିଜନ-୧ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ କାର୍ଯ୍ୟାଳୟର ବରିଷ୍ଠ କିରାଣି ଅସିତ କୁମାର ନାୟକଙ୍କୁ ଭିଜିଲାନ୍ସ ଗିରଫ କରିଛି। ମଙ୍ଗଳବାର ତାଙ୍କ କାର୍ଯ୍ୟାଳୟ ସମେତ ୬ ସ୍ଥାନରେ ଭିଜିଲାନ୍ସ ଟିମ୍ ଏକକାଳୀନ ଚଢ଼ାଉ କରି ୫କୋଟିରୁ ଊର୍ଦ୍ଧ୍ୱ ସମ୍ପତ୍ତି ଠାବ କରିଥିଲା। ତାଙ୍କୁ କଟକସ୍ଥିତ ଭିଜିଲାନ୍ସ କାର୍ଯ୍ୟାଳୟରେ ପଚରାଉଚରା ପରେ ବୁଧବାର ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯାଇଥିଲା। ଜାମିନ ନାମଞ୍ଜୁରହେବାରୁ ଅସିତଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅସିତଙ୍କ ଘର ଗଞ୍ଜାମ ଗୋଳନ୍ତରା ଥାନା ଅଞ୍ଚଳରେ। ତେବେ ତାଙ୍କ ବିରୋଧରେ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ନେଇ ଭିଜିଲାନ୍ସ କୋର୍ଟରେ ମାମଲା ହୋଇଥିଲା। କୋର୍ଟଙ୍କ ସର୍ଚ୍ଚ ୱାରେଟ ବଳରେ ଭିଜିଲାନ୍ସ ଟମ୍ ଏହି ଚଢ଼ାଉ କରିବା ସହ ସମ୍ପତ୍ତି ଯାଞ୍ଚ କରିଥିଲା।

# ବଂଶୀକୁ ଲକ୍ଷ୍ୟଭେଦ କଲା ଏମ୍ଆର୍ଏସ୍ଏମ୍



ଏମ୍ଆର୍ଏସଏଏମ୍‌ର ପରୀକ୍ଷଣ କରାଯାଉଛି।

ବାଲେଶ୍ୱର ଅଫିସ,୨୩।୧୨

ବାଲେଶ୍ୱର ଚାନ୍ଦିପୁର ସମନ୍ୱିତ ପରୀକ୍ଷଣ କେନ୍ଦ୍ର (ଆଇଟିଆର୍)ରୁ ବୁଧବାର ଅପରାହ୍ନ ୩ଟା ୫୫ମିନିଟ୍‌ରେ ଉଚ୍ଚ କ୍ଷମତା ସମ୍ପନ୍ନ କ୍ଷେପଣାସ୍ତ୍ର ପରୀକ୍ଷଣ କରାଯାଇଛି। ଭାରତ-ଇସ୍ରାଏଲ ମିଳିତ ସହଯୋଗରେ ଏମ୍ଆର୍ଏସଏଏମ୍(ମିଡ଼ିୟମ୍ ରେଞ୍ଜ ସର୍ଫେସ ଟୁ ଏୟାର ମିଶାଇଲ)କୁ ୩ ନମ୍ବର ଲଞ୍ଚ ପ୍ୟାଡ୍‌ରୁ ପରୀକ୍ଷଣ କରାଯାଇଥିଲା। ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇ ପାରୁଥିବା ଏହି କ୍ଷେପଣାସ୍ତ୍ର ନିର୍ଦ୍ଧାରିତ ସମୟରେ ବଂଶୀକୁ ଲକ୍ଷ୍ୟଭେଦ କରିଥିଲା। ଏହା ସଫଳ ହୋଇଛି ବୋଲି ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ କୁହାଯାଇଛି। ଏହି କ୍ଷେପଣାସ୍ତ୍ରର ରେଞ୍ଜ ୧୦୦ କିଲୋମିଟର ଥିବାବେଳେ ୪.୫ମିଟର ଲମ୍ବ, ଓଜନ ୨.୭ ଟନ୍ ଏବଂ ୬୦ କିଲୋ ଓଜନର ଯୁଦ୍ଧାସ୍ତ୍ର ବହନ କରିବାର କ୍ଷମତା ରହିଛି। ପରୀକ୍ଷଣ ବେଳେ ସେନାବାହିନୀ ଓ ଡିଆର୍‌ଡିଓର ଅଧିକାରୀମାନେ ଉପସ୍ଥିତ ଥିଲେ।

ଏହି କ୍ଷେପଣାସ୍ତ୍ର ପରୀକ୍ଷଣ ପାଇଁ ପରୀକ୍ଷଣ କେନ୍ଦ୍ରର

### କ୍ଷେପଣାସ୍ତ୍ର ପରୀକ୍ଷଣ ଲାଗି ୮୭ ପରିବାର ସ୍ଥାନାନ୍ତରିତ

ଅଢ଼େଇକିଲୋମିଟର ବ୍ୟାସାର୍ଦ୍ଧ ପରିମିତ ସ୍ଥଳଭାଗରେ ଥିବା ତୁଣ୍ଡୁରା, ଜୟଦେବ କସବା ଓ ଖଡୁପାହି ଅଞ୍ଚଳର ପ୍ରାୟ ୭୮୭ ପରିବାରରୁ ୨୧୧୧ ଜଣ ବୟସ୍କ, ୮୧୨ ଜଣ ପିଲା ଏବଂ ୩ହଜାର ଶ୍ରମିକଙ୍କୁ ଅସ୍ଥାୟୀ ଶିବିରରେ ରହିବାର ବ୍ୟବସ୍ଥା କରାଯାଇଥିଲା। ସାମୟିକ ଭାବେ ଉଚ୍ଛେଦ ଲାଗି କ୍ଷତିପୂରଣ ବ୍ୟବସ୍ଥା କରାଯାଇଥିବା ପ୍ରତିରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ବୁଧବାର ସକାଳଠାରୁ ଏମାନଙ୍କୁ ଅସ୍ଥାୟୀ ଶିବିରରେ ରହିବାର ବ୍ୟବସ୍ଥା କରାଯାଇଥିଲା। ସେଥିପାଇଁ ଡାକବାଜି ଯନ୍ତ୍ର ସାହାଯ୍ୟରେ ସଚେତନତା କରାଯାଇଥିଲା। ଭୂପୃଷ୍ଠରୁ ଆକାଶକୁ ନିକ୍ଷେପ କରାଯାଇଥିବା ଏହି ଅତ୍ୟାଧୁନିକ ମଧ୍ୟମ ଦୂରଗାମୀ କ୍ଷେପଣାସ୍ତ୍ରର ପରୀକ୍ଷା ପାଇଁ ଡିଆର୍‌ଡିଓ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

DSPL-135

ଓଡ଼ିଶା ଶାସନ

## ପ୍ରେସ୍ ବିଜ୍ଞପ୍ତି
(କରୋନା ସଂକ୍ରମଣ ସମ୍ବନ୍ଧୀୟ ଜରୁରୀ ସୂଚନା)

ଇଂଲଣ୍ଡ ଦେଶରେ ନୋଭେଲ୍ କରୋନା ଭୂତାଣୁର ଏକ ନୂତନ ପରିବର୍ଦ୍ଧିତ ଅବସ୍ଥା ''ସାର୍ସ-କୋଭିଡ୍ ୨'' (SARS-CoV 2)ର ସଂକ୍ରମଣ ଦେଖାଦେଇଛି, ଯାହାକି କୋଭିଡ୍-୧୯ (COVID-19) ଅପେକ୍ଷା ଅଧିକ ସଂକ୍ରମଣକ୍ଷମ ଅଟେ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟ, ଭାରତ ସରକାରଙ୍କ ପରାମର୍ଶ ଅନୁସାରେ ନଭେମ୍ବର ୨୫ ରୁ ଡିସେମ୍ବର ୨୩ ତାରିଖ, ୨୦୨୦ ମଧ୍ୟରେ **ଇଂଲଣ୍ଡ (ଯୁକ୍ତ ରାଜ୍ୟ)**ରୁ ଆସିଥିବା ବିଦେଶୀ ଓ ଭାରତୀୟ ନାଗରିକଙ୍କୁ କୋଭିଡ୍ ପ୍ରୋଟୋକଲ୍ ପାଳନ କରିବା ଜରୁରୀ।

ଏଣୁ ଏହି ସମୟ ମଧ୍ୟରେ ଇଂଲଣ୍ଡରୁ ଆସିଥିବା ବ୍ୟକ୍ତିବିଶେଷ ସେମାନଙ୍କ ସମ୍ବନ୍ଧରେ ସୂଚନା ତୁରନ୍ତ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡିଶା ନିୟନ୍ତ୍ରଣ କକ୍ଷ ଫୋନ୍ ନଂ. **୧୦୪ କିମ୍ବା ୦୬୭୪-୨୩୯୦୪୬୬** ରେ ନିଶ୍ଚିତ ଭାବରେ ଦିଅନ୍ତୁ।

ସୂଚନା ମିଳିବା ପରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ତ୍ୱରିତ ଅନୁସନ୍ଧାନକାରୀ ଦଳ, ସେମାନଙ୍କ ସୂଚନା ସଂଗ୍ରହ କରି ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରିବେ।

**ଏତଦ୍ ବ୍ୟତୀତ, ଜନସାଧାରଣଙ୍କୁ ଅନୁରୋଧ, ସଚେତନ ହୁଅନ୍ତୁ, କୋଭିଡ୍ ନିୟମ ନିଷ୍ଠାର ସହ ପାଳନ କରନ୍ତୁ ଏବଂ ଆମ ରାଜ୍ୟକୁ କରୋନା ମୁକ୍ତ କରିବାରେ ସାହାଯ୍ୟ କରନ୍ତୁ।**

**ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର**

facebook.com/HFWOdisha http://www.health.odisha.gov.in/ @HFWOdisha

OIPR-10003/13/0044/2021

DADLS-65

ଓଡ଼ିଶା ସରକାର



## ପ୍ରତିଟି ଜୀବନ ଆମ ପାଇଁ ମୂଲ୍ୟବାନ

କରୋନା ମହାମାରୀ ସମୟରେ ଧନୀ ହେଉ କି ଗରିବ ସମସ୍ତଙ୍କ ପାଇଁ ବିନା ଖର୍ଚ୍ଚରେ ଚିକିତ୍ସା ସୁବିଧା ଯୋଗାଇ ଦେବାରେ ଓଡ଼ିଶା ଅନ୍ୟତମ ଅଗ୍ରଣୀ ରାଜ୍ୟ। କରୋନା ପୀଡିତଙ୍କ ପାଇଁ ଖାଇବା, ରହିବା, ଔଷଧ ଖର୍ଚ୍ଚ, ପରିବହନ ପ୍ରଭୃତି ସୁବିଧା ରାଜ୍ୟ ସରକାର ନିଜ ତରଫରୁ ଯୋଗାଇ ଦେଉଛନ୍ତି। ସଂଖ୍ୟାଧିକ ଲୋକ ସୁସ୍ଥ ହେବା ସହିତ କିଭଳି ଅଧିକରୁ ଅଧିକ ଲୋକଙ୍କ ଜୀବନ ରକ୍ଷା କରାଯାଇ ପାରିବ ସେ ଦିଗରେ ନିଷ୍ଠାପର ଉଦ୍ୟମ ଜାରି ରହିଛି।

କରୋନା ମହାମାରୀକୁ ପ୍ରତିହତ କରିବା ପାଇଁ ଟେଷ୍ଟିଂ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆପଣମାନେ କରୋନାର ପ୍ରାଥମିକ ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ଭୟଭୀତ ନ ହୋଇ ତୁରନ୍ତ ସ୍ୱେଚ୍ଛାକୃତ ଭାବେ ଟେଷ୍ଟିଂ ପାଇଁ ଆସନ୍ତୁ, ଏହାଦ୍ୱାରା ଆମେ ସଂକ୍ରମଣକୁ ନିୟନ୍ତ୍ରଣ କରିପାରିବା ଏବଂ ଅଧିକ ଲୋକଙ୍କୁ ଗୁରୁତର ଅବସ୍ଥାରୁ ରକ୍ଷା କରିପାରିବା। ଏହି ଟେଷ୍ଟିଂ ସୁବିଧା ମାଗଣାରେ ରାଜ୍ୟର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପର୍ଯ୍ୟନ୍ତ ସମସ୍ତ ଚିକିତ୍ସାଳୟରେ ଉପଲବ୍ଧ। ବିନା ଦ୍ୱିଧାରେ ଟେଷ୍ଟିଂ ଏବଂ ଚିକିତ୍ସା ପାଇଁ ଆଗେଇ ଆସନ୍ତୁ। ଆପଣମାନଙ୍କ ସେବାରେ ଆମର ହଜାର ହଜାର କୋଭିଡ ଯୋଦ୍ଧା ନିଷ୍ଠାପର ଭାବେ କାର୍ଯ୍ୟରତ। ଲକ୍ଷଣ ବିହୀନ ରୋଗୀ ଘରେ ରହି ମଧ୍ୟ ନିଜର ଚିକିତ୍ସା କରିପାରିବେ। ଆପଣମାନେ କରୋନା ପାଇଁ ଜାରି କରାଯାଇଥିବା ନିୟମାବଳୀକୁ କଡାକଡି ଭାବରେ ପାଳନ କରନ୍ତୁ। ନିୟମ ପାଳନ କରିବା ସହିତ ଆମକୁ ଆଉ କିଛି ଦିନ ସତର୍କତା ଅବଲମ୍ବନ କରିବା ପାଇଁ ପଡ଼ିବ, ତେବେ ଯାଇ ଆମେ ରାଜ୍ୟକୁ କରୋନାମୁକ୍ତ କରିବା ପାଇଁ ସମର୍ଥ ହୋଇପାରିବା।

ବନ୍ଦେ ଉତ୍କଳ ଜନନୀ।

ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0108/2021

**ଆଜିର ମନ୍ତବ୍ୟ**

"ଆନ୍ଦୋଳନରତ ଚାଷୀମାନେ ଖୁବ୍‌ଶୀଘ୍ର ଆଲୋଚନା ଟେବୁଲକୁ ଆସିବେ ବୋଲି ସରକାର ଆଶାବାଦୀ।
**- ନରେନ୍ଦ୍ର ସିଂ ତୋମାର, କେନ୍ଦ୍ର କୃଷିମନ୍ତ୍ରୀ**


## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


**ପ୍ରଥମ ପୃଷ୍ଠାରୁ...**

## ଭୁବନେଶ୍ୱରର ବ୍ରିଟେନ୍ ...

ସିକ୍ୱେନ୍ସିଂ ଟେଷ୍ଟ କରାଯାଉଛି। ଏଥିସହ ତାଙ୍କ ପରିବାର ସଦସ୍ୟ ଓ ସଂସ୍ପର୍ଶରେ ଆସିଥିବା ବ୍ୟକ୍ତିଙ୍କର କରୋନା ପରୀକ୍ଷା କରାଯିବ। ତେବେ ଏହାକୁ ନେଇ ଭୟ କରିବାର କୌଣସି ଆବଶ୍ୟକତା ନାହିଁ। ସତର୍କତା ଅବଲମ୍ବନ କରିବା ସହ କଟକଣା ମଧ୍ୟରେ ରହିବାକୁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କମିଶନର ପ୍ରେମଚନ୍ଦ୍ର ଚୌଧାରୀ ପରାମର୍ଶ ଦେଇଛନ୍ତି।

ବର୍ତ୍ତମାନ ବ୍ରିଟେନରେ କରୋନାର ନୂଆ ଷ୍ଟ୍ରେନ୍ ବେଶ୍ ସକ୍ରିୟ ରହିଥିବାରୁ ଭାରତକୁ ଯେପରି ପ୍ରବେଶ ନ କରିପାରିବ ତାହା ଉପରେ କେନ୍ଦ୍ର ସରକାର କଟକଣା ଲଗାଇଛନ୍ତି। ମଙ୍ଗଳବାର ରାଜ୍ୟ ସରକାର ମଧ୍ୟ ବ୍ରିଟେନ୍ ଫେରନ୍ତାଙ୍କ ପାଇଁ ଏକ ଗାଇଡଲାଇନ ଜାରି କରିଛନ୍ତି। ଗତ ୧୪ଦିନ ଭିତରେ ବ୍ରିଟେନ୍‌ରୁ ଫେରିଥିବା ବ୍ୟକ୍ତିଙ୍କ ପାଇଁ ସଙ୍ଗରୋଧ ବାଧ୍ୟତାମୂଳକ କରାଯାଇଥିବାବେଳେ ସେମାନେ ନିଜ ସମ୍ପର୍କରେ ଏକ ଆତ୍ମଘୋଷଣା ପତ୍ର ସରକାରଙ୍କୁ ଦେବାକୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ବିଏମ୍‌ସି ପକ୍ଷରୁ ଗତ ୧୪ଦିନ ଭିତରେ ବ୍ରିଟେନ୍‌ରୁ ଆସିଥିବା ସମସ୍ତ ଯାତ୍ରୀଙ୍କ ତାଲିକା ଖୋଜା ଆରମ୍ଭ ହୋଇଛି। ଜଣେ ବ୍ରିଟେନ୍ ଫେରନ୍ତାଙ୍କ ରିପୋର୍ଟ ପଜିଟିଭ ଆସିଥିବାରୁ ବିଦେଶରୁ ଆସିଥିବା ଅନ୍ୟମାନେ ନିଜ ପକ୍ଷରୁ ସୂଚନା ଦେବାକୁ ବିଏମ୍‌ସି ପକ୍ଷରୁ ନିବେଦନ କରାଯାଇଛି। ପଜିଟିଭ ଚିହ୍ନଟ ଯାତ୍ରୀଙ୍କୁ ହୋମ୍ ଆଇସୋଲେଶନ ଅନୁମତି ଦିଆଯିବ ନାହିଁ ବୋଲି ବିଏମ୍‌ସି କମିଶନର ସ୍ପଷ୍ଟ କରିଛନ୍ତି।

ସେପଟେ କରୋନା ନୂଆ ଷ୍ଟ୍ରେନ୍‌କୁ ନେଇ ବିଦେଶ ଫେରନ୍ତାଙ୍କ ପାଇଁ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ପକ୍ଷରୁ ଏସ୍‌ଓପି ଜାରି କରାଯାଇଛି। ଏସ୍‌ଓପିରେ ଲକ୍ଷଣ ଥିବା ୫୫ ବର୍ଷରୁ ଊର୍ଦ୍ଧ୍ୱ ସମସ୍ତ ଯାତ୍ରୀଙ୍କର ଆଣ୍ଟିଜେନ୍ ଟେଷ୍ଟ ବାଧ୍ୟତାମୂଳକ କରାଯାଇଛି। ବିଦେଶ ଫେରନ୍ତା ଯାତ୍ରୀଙ୍କ ସମ୍ପର୍କରେ ସୂଚନା ପାଇଁ ବିମାନବନ୍ଦର ନିର୍ଦ୍ଦେଶକ ସମସ୍ତ ବିମାନ ସେବା ପ୍ରଦାନକାରୀ ସଂସ୍ଥାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରତିଦିନ ପ୍ରାୟ ୨୭ଟି ବିମାନ ଆସୁଛି ଓ ୨୭ଟି ବିମାନ ଭୁବନେଶ୍ୱରରୁ ଉଡ଼ାଣ କରୁଥିବାରୁ କଟକଣା ଜାରି କରାଯାଇଥିବା ବିମାନବନ୍ଦର କାର୍ଯ୍ୟକାରୀ ନିର୍ଦ୍ଦେଶକ ଗୌତମ ରାୟ ସୂଚନା ଦେଇଛନ୍ତି।

## ନୟାଗଡ଼ ସମେତ ...

ଦିଆଯାଇଛି। ୨୦୦୦ବ୍ୟାଚ୍ ଆଇପିଏସ୍ ଅଫିସର ତଥା ତାଳଚେର ଆଇଜି ଥିବା ନରସିଂହ ଭୋଳଙ୍କୁ ସମ୍ବଲପୁର ଆଇଜି ଭାବେ ବଦଳି କରାଯାଇଥିବାବେଳେ ଭଦ୍ରକ ଏସ୍‌ପି ପଣ୍ଡିତ ରାଜେଶ ଉତ୍ତମରାଓଙ୍କୁ କୋରାପୁଟ ଡିଆଇଜି, ସଫିନ ଅହମ୍ମଦ କେଙ୍କୁ ଡିଆଇଜି ଟେକ୍ନିକାଲ, ସାର୍ଥକ ଷଡ଼ଙ୍ଗୀଙ୍କୁ ଡିଆଇଜି ଅନୁଗୋଳ, ଅବିନାଶ କୁମାର ସାପ୍ ଡିଆଇଜି, କେନ୍ଦ୍ରାପଡ଼ା ଏସ୍‌ପି ନୀତି ଶେଖରଙ୍କୁ ଆଡିଶନାଲ ଟିସି(ଇଏନ୍‌ଏଫ୍) ସି ଆଣ୍ଡ ଟି ବିଭାଗ, କଳାହାଣ୍ଡି ଏସ୍‌ପି ବି. ଗଙ୍ଗାଧରଙ୍କୁ ସମ୍ବଲପୁର ଏସ୍‌ପି, ଯାଜପୁର ଏସ୍‌ପି ଚରଣସିଂ ମୀନାଙ୍କୁ ଭଦ୍ରକ, ରାଉରକେଲା ଏସ୍‌ପି କେ. ଶିବା ସୁବ୍ରମନିଙ୍କୁ ଢେଙ୍କାନାଳ ଏସ୍‌ପି ଏବଂ ଝାରସୁଗୁଡା ଏସ୍‌ପି ରାହୁଲ ପିଆର୍‌ଙ୍କୁ ଯାଜପୁର ଏସ୍‌ପି ଭାବେ ବଦଳି କରାଯାଇଛି। ସେହିପରି ବଲାଙ୍ଗୀର ଏସ୍‌ପି ମଡକର ସନ୍ଦୀପ ସମ୍ପଦଙ୍କୁ କେନ୍ଦ୍ରାପଡ଼ା ଏସ୍‌ପି, କୋରାପୁଟ ଏସ୍‌ପି ମୁକେଶ କୁମାର ଭାମୋଙ୍କୁ ରାଉରକେଲା, ରାୟଗଡା ଏସ୍‌ପି ଶ୍ରବଣ ବିବେକ ଏମ୍‌ଙ୍କୁ କଳାହାଣ୍ଡି, ନବରଙ୍ଗପୁର ଏସ୍‌ପି କୁସଲକାର ନୀତିନ ଡଗୁଡୁଙ୍କୁ ବଲାଙ୍ଗୀର, ହେଡକ୍ୱାର୍ଟର୍ସ ଏଆଇଜି ବିବେକାନନ୍ଦ ଶର୍ମାଙ୍କୁ ରାୟଗଡା ଏସ୍‌ପି, ଜୟପୁର ଏସ୍‌ଡିପିଓ ବରୁଣ ଗୁଣ୍ଟୁପାଲିଙ୍କୁ କୋରାପୁଟ ଏସ୍‌ପି, ମାଲକାନଗିରି ଏସ୍‌ଡିପିଓ ପ୍ରହଲାଦ ସହାଏ ମୀନାଙ୍କୁ ନବରଙ୍ଗପୁର ଏସ୍‌ପି, ପୋଲିସ ହେଡକ୍ୱାର୍ଟର୍ସରେ ଥିବା ଅଖିଳେଶ୍ୱର ସିଂଙ୍କୁ ଏସ୍‌ଓଜି କମାଣ୍ଡାଣ୍ଟ, ସତ୍ୟଜିତ୍ ନାୟକଙ୍କୁ ଏସ୍‌ପି କମ୍ପ୍ୟୁଟର ଏବଂ ଓପିଏସ୍ ବିକାଶ ଦାସଙ୍କୁ ଝାରସୁଗୁଡ଼ା ଏସ୍‌ପି ଭାବେ ବଦଳି କରାଯାଇଛି।

## ୯ ମାସ ପରେ ...

ସେହିପରି କେହି ସାଙ୍ଗରେ ଫୁଲ, ଭୋଗ କିମ୍ବା କୌଣସି ପୂଜା ସାମଗ୍ରୀ ନେଇ ମନ୍ଦିରକୁ ଯିବେ ନାହିଁ। ମନ୍ଦିର ଭିତରେ ମଧ୍ୟ ଅବଢ଼ା ସେବନ କରିପାରିବେ ନାହିଁ। ଜଗନ୍ନାଥ ବଲ୍ଲଭ କିମ୍ବା ପ୍ରଶାସନ ଦ୍ୱାରା ସୂଚିତ ସ୍ଥାନରେ ବାଇକ ଓ କାର୍ ପାର୍କିଂ କରିବେ। ଅନ୍ୟଥା ଜରିମାନା ଦେବାକୁ ପଡ଼ିବ। ମନ୍ଦିର ଭିତରେ ମାସ୍କ ପରିଧାନ, ସାନିଟାଇଜ ଓ ସାମାଜିକ ଦୂରତାକୁ ବାଧ୍ୟତାମୂଳକ କରାଯାଇଛି। ଜାନୁୟାରୀ ୩ରୁ ସାଧାରଣ ଦର୍ଶନ ଆରମ୍ଭ ହେବ। ଏଥିଲାଗି ସକାଳ ୮ଟାରୁ ମାର୍କେଟ ଛକ ବ୍ୟାରିକେଡ୍ ଖୋଲାଯିବ। ଦର୍ଶନ ଆଶାୟୀମାନେ ସାଙ୍ଗରେ କୋଭିଡ୍ ନେଗେଟିଭ୍ ରିପୋର୍ଟ ଆଣିବେ। ତାହା ଗତ ୯୬ ଘଣ୍ଟା ଅର୍ଥାତ୍ ୪ଦିନ ମଧ୍ୟରେ ହୋଇଥିବା ଦରକାର। ନଚେତ୍ କୋଭିଡ୍ ରିପୋର୍ଟ ଗ୍ରହଣ ଯୋଗ୍ୟ ହେବନାହିଁ। ପରିଚୟ ପତ୍ର ଯାଞ୍ଚ କରି ଦର୍ଶନ ଅନୁମତି ଦିଆଯିବ। ସେହିଭଳି ସ୍ଥାନୀୟ ଲୋକଙ୍କ ପାଇଁ ମାର୍କେଟ ଛକ ବ୍ୟାରିକେଡ୍ ସକାଳ ୭ଟାରୁ ଖୋଲିବ। ସେମାନଙ୍କୁ ପୂର୍ବରୁ ମିଳିଥିବା ଟୋକନ୍ ଓ ପରିଚୟପତ୍ର ଦେଖାଇ ଦର୍ଶନ କରିବେ। ସେହିଭଳି ସ୍ଥାନୀୟ ପଞ୍ଜୀକରଣ ପାଇଁ ସ୍ୱତନ୍ତ୍ର ଫଟୋଉଠା ବ୍ୟବସ୍ଥା ହୋଇଛି। ଉଲ୍ଲେଖଯୋଗ୍ୟ, ଆସନ୍ତା ୨୬ରୁ ପୁରୀ ସହରବାସୀ ଓ ଜାନୁୟାରୀ ୩ରୁ ସାର୍ବଜନୀନ ଦର୍ଶନ ହେବ।

**ପ୍ରଥମ ପୃଷ୍ଠାରୁ...**

## ଋଣ ଆପ୍‌ରୁ ...

କରାଇବା ନେଇ ପ୍ରତିଶ୍ରୁତି ଦିଆଯାଇଥିଲା। ଋଣ ମଞ୍ଜୁର କରିବା ପାଇଁ ତାଙ୍କଠାରୁ ପ୍ରଥମେ ୧୫ ହଜାର ଓ ପରେ କ୍ଲିୟରାନ୍ସ ଲାଗି ୨୦ ହଜାର ଟଙ୍କା ନିଆଯାଇଥିଲା। ମାତ୍ର ପରବର୍ତ୍ତୀ ସମୟରେ ତାଙ୍କୁ ଋଣ ଦିଆଯାଇ ନ ଥିଲା। ଠକେଇର ଶିକାର ହେବା ପରେ ସେ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ସେହିପରି କଟକ ବାଙ୍କୀର ମୃତ୍ୟୁଞ୍ଜୟ ମହାପାତ୍ର ବ୍ୟବସାୟ ପାଇଁ ୫ ଲକ୍ଷ ଟଙ୍କାର ଲୋନ ନେବାକୁ ଚାହିଁଥିଲେ। ରାଜଧାନୀର ଏକ ନାମୀଦାମୀ ଅନଲାଇନ୍ କମ୍ପାନୀ ୨୪ ଘଣ୍ଟାରେ ଋଣ ଦେବାକୁ କହି ୧୫ ହଜାର ଟଙ୍କା ତାଙ୍କଠାରୁ ଠକିନେଇଛି। ୪ ଲକ୍ଷ ଟଙ୍କାର ଆଇଟି ରିଟର୍ନ ସାର୍ଟିଫିକେଟ ଦେଖାଇବା ପରେ ୫ ଲକ୍ଷ ଋଣ ପାଇବା ପାଇଁ କାଗଜପତ୍ର ଦାଖଲ କରିଥିଲେ। ମାତ୍ର ଲୋନ ଲଗ୍‌ଇନ୍ ଓ ଆପ୍ରୁଭ କରିବା ନେଇ ୧୫ ହଜାର ଟଙ୍କା ଜମା କରିବାକୁ କୁହାଯାଇଥିଲା। ସେ ଟଙ୍କା ଜମା କରିବା ପରେ ସଂସ୍ଥାର କର୍ମଚାରୀ ଫୋନ୍ ସୁଇଚ୍ ଅଫ୍ କରିଦେଇଥିଲେ। ପରେ ଯୋଗାଯୋଗ କରିବାରୁ ସେଠାରେ ସେପରି କେହି କର୍ମଚାରୀ ନ ଥିବା ଉକ୍ତ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଅନୁରୂପ ଭାବେ ଖୋର୍ଦ୍ଧା ଜିଲା ମୁକ୍ତାପୁରର ଜଣେ ୪୩ ବର୍ଷୀୟ ବ୍ୟକ୍ତି ୮ ମାସ ତଳେ ଏକ ସୁନାମଧନ୍ୟ ଆପ୍ ଡାଉନ୍‌ଲୋଡ୍ କରି ନିଜ ନାମ ପଞ୍ଜୀକରଣ କରିଥିଲେ। ସେ ଉକ୍ତ ଆପ୍ ଜରିଆରେ ୩୦ ହଜାର ଟଙ୍କା ଋଣ ନେଇଥିଲେ। ଲୋଭନୀୟ ପ୍ରତିଶ୍ରୁତି ଦିଆଯାଇଥିବାରୁ ଋଣ ନେଇଗଲେ ସିନା, ହେଲେ ସୁଧ ଅଧିକ ହୋଇଥିବାରୁ ତାକୁ ଶୁଝି ପାରି ନ ଥିଲେ। ଉକ୍ତ କମ୍ପାନୀ ତାଙ୍କୁ ଆଇନଗତ କାର୍ଯ୍ୟାନୁଷ୍ଠାନର ଧମକ ଦେବା ପରେ ସେ ଏବେ ମୋଟା ଅଙ୍କର ସୁଧ ସହ ଋଣ ଅର୍ଥ ଶୁଝିବାକୁ ବାଧ୍ୟ ହୋଇଛନ୍ତି। ଏଥିପାଇଁ ତାଙ୍କୁ ନିଜ ବ୍ୟକ୍ତିଗତ ଓ ପାରିବାରିକ ଖର୍ଚ୍ଚକୁ କାଟ୍ କରିବାକୁ ପଡୁଛି।

କରୋନା ମୁକାବିଲା ପାଇଁ ଜାରି କରାଯାଇଥିବା ଲକ୍‌ଡାଉନ୍ ପି. ସୁନୀଲଙ୍କୁ ବରବାଦ କରିଦେଲା। ତେଲଙ୍ଗାନାର ଏହି ୨୮ ବର୍ଷୀୟ ଯୁବକ ତାଲାବନ୍ଦ ଯୋଗୁ ଚାକିରି ହରାଇ ଋଣ ନେବା ପରେ ଜାଲରେ ଛନ୍ଦି ହୋଇଯାଇଥିଲେ। ସେହି ଋଣ ଶୁଝିବାକୁ ଯାଇ ସୁନୀଲ ତତ୍କାଳ ଋଣ ପ୍ରଦାନର ପ୍ରତିଶ୍ରୁତି ଦେଉଥିବା ବିଭିନ୍ନ ଲୋନ୍ ଆପ୍‌ର ସାହାରା ନେଇଥିଲେ। ଆପ୍ ଜରିଆରେ ଏକାଧିକ ଋଣ ନେଇ ସେ ଋଣନିଃଶ୍ୱାସୀ ହୋଇଯାଇଥିଲେ। ରିକଭରି ଏଜେଣ୍ଟମାନେ ତାଙ୍କୁ ଗୋଡ଼ାଇବାରେ ଲାଗିଲେ। ସୁନୀଲଙ୍କ ପାଖକୁ ପ୍ରତିଦିନ ଋଣ ଶୁଝିବା ପାଇଁ ବହୁ ମେସେଜ୍ ଆସିବାରେ ଲାଗିଥିଲା। ଏଜେଣ୍ଟମାନେ ତାଙ୍କ କଲ୍ ଲିଷ୍ଟରେ ଥିବା ସମସ୍ତଙ୍କୁ ଫୋନ୍ କରି ସେ ବିଷୟରେ ଜଣାଇବାରେ ଲାଗିଲେ। ସୁନୀଲ ଏଥିରେ ଅପମାନିତ ହୋଇ ଗତ ସପ୍ତାହରେ ଆତ୍ମହତ୍ୟା କଲେ। ସେହିପରି ଇନ୍ଦୋରର ଜଣେ ମହିଳା ଏକ ଆପ୍ ଜରିଆରେ ୨୦,୦୦୦ ଟଙ୍କାର ଋଣ ନେଇଥିଲେ। ଇଜି ମନ୍ଥଲି ଇନ୍‌ଷ୍ଟଲମେଣ୍ଟ (ଇଏମ୍‌ଆଇ) ପଇଠ କରିବାରେ ଦିନେ ବିଳମ୍ବ ହେବାରୁ ଏଜେଣ୍ଟମାନେ ତାଙ୍କ ଫଟୋ ଶେୟାର କରିବା ସହ ତାଙ୍କୁ ଠକ ଆଖ୍ୟା ଦେଇଥିଲେ। ଏପରି କି ପୋଲିସରେ ମାମଲା ରୁଜୁ କରି ତାଙ୍କ ଘରକୁ କଲେକ୍ସନ ଏଜେଣ୍ଟମାନଙ୍କୁ ପଠାଇବାକୁ ମଧ୍ୟ ଧମକ ଦେଇଥିଲେ। ଶେଷରେ ସେମାନେ ତାଙ୍କ କଣ୍ଟାକ୍ଟ ଲିଷ୍ଟରେ ଥିବା ଲୋକଙ୍କ ପାଖକୁ ଫୋନ୍ କରିବାରେ ଲାଗିଲେ।

ଅନଟନରେ ଥିବା ସମୟରେ ଋଣ ପ୍ରଦାନକାରୀ ଆପ୍ ଅନେକଙ୍କ ପାଇଁ ଲୋଭନୀୟ ଆକର୍ଷଣ ପାଲଟିଥାଏ। କିନ୍ତୁ ଟେପ୍-ଆଣ୍ଡ-ଗେଟ୍-ଏ-ଲୋନ୍ ସଲ୍ୟୁଶନ ଯୋଗୁ ବହୁ ଲୋକ ଋଣଜାଲରେ ଛନ୍ଦି ହୋଇଯାଉଛନ୍ତି। ଫଳରେ ସେମାନଙ୍କ ପୂର୍ବ ଆର୍ଥିକ ସ୍ଥିତି ଅପେକ୍ଷା ପରବର୍ତ୍ତୀ ଅବସ୍ଥା ଆହୁରି ସଙ୍ଗିନ ହୋଇଯାଉଛି। ଋଣ ପ୍ରଦାନକାରୀ ଆପ୍‌ଗୁଡ଼ିକର ଭଡ଼ାଟିଆ ରିକଭରି ଏଜେଣ୍ଟମାନେ ଗୋଡ଼ାଇଗୋଡ଼ାଇ ହଇରାଣ କରୁଥିବାରୁ ଋଣୀମାନଙ୍କ ମଧ୍ୟରୁ ଅନେକେ ଆତ୍ମହତ୍ୟା କରିବାକୁ ପଛାଉନାହାନ୍ତି। ଅନ୍ୟ କେତେଜଣ ପୋଲିସ ପାଖକୁ ଧାଉଁଥିଲେ ମଧ୍ୟ ଆଇନର ଫାଙ୍କ ଦେଇ ଏଜେନ୍ସିଗୁଡ଼ିକ ସେମାନଙ୍କୁ ହଇରାଣ ଓ ଅପମାନିତ କରିବାରେ ଲାଗିଛନ୍ତି। ଇନ୍‌ଷ୍ଟାଣ୍ଟ ମନି-ଲେଣ୍ଡିଂ ଆପ୍ ସ୍କାମ୍ ବିରୋଧରେ ଦେଶବ୍ୟାପୀ ଅଭିଯୋଗ ବଢ଼ିବାରେ ଲାଗିଥିବାବେଳେ ମଙ୍ଗଳବାର ସାଇବରାବାଦ ଏବଂ ହାଇଦ୍ରାବାଦ ପୋଲିସ ହାଇଦ୍ରାବାଦ ଓ ଗୁରୁଗାଓଁରୁ ୧୯ ଜଣଙ୍କୁ ଗିରଫ କରିଛି। ଏହି ର‍୍ୟାକେଟରେ ଚାଇନାର ଠକଙ୍କ ସମ୍ପୃକ୍ତି ଥିବା ହାଇଦ୍ରାବାଦ ପୋଲିସ ସନ୍ଦେହ କରିଛି। ପୋଲିସ କହିଛି ଯେ, ଏହି ବହୁ କୋଟି ଟଙ୍କାର ମନି ଲେଣ୍ଡିଂ ର‍୍ୟାକେଟରେ ଅନ୍ୟୂନ ୩୦ଟି ଆପ୍ ଅଛନ୍ତି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଏବଂ ଆୟକର (ଆଇଟି) ବିଭାଗକୁ ମଧ୍ୟ ଖୁବ୍‌ଶୀଘ୍ର ଏହାର ତଦନ୍ତରେ ସାମିଲ କରାଯିବ। ବ୍ୟାଙ୍କଗୁଡ଼ିକୁ ପତ୍ର ଲେଖି ୧୮ଟି ଆକାଉଣ୍ଟକୁ ବାଜ୍ୟାପ୍ତ କରାଯାଇଥିବା ସାଇବରାବାଦ ପୋଲିସ କମିଶନର ଭି.ସି. ସଜ୍ଜନାର ସୂଚନା ଦେଇଛନ୍ତି। ସୂଚନାନୁସାରେ ଏଭଳି ଆପ୍ ଯୋଗୁ କେବଳ ତେଲଙ୍ଗାନାରେ ଚଳିତ ମାସ ୩ ଜଣ ଆତ୍ମହତ୍ୟା କରିଛନ୍ତି। ୨୪ ବର୍ଷୀୟା କେ.ମୌନିକା ସିଦ୍ଦିପେଟ୍‌ରେ ଜଣେ କୃଷି ସମ୍ପ୍ରସାରଣ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ସେ ୩ ଲକ୍ଷ ଟଙ୍କା ଋଣ ନେଇଥିଲେ। ଠିକ୍ ସମୟରେ ସେ ଋଣ ଶୁଝି ନ ପାରିବାରୁ ଆପ୍ କମ୍ପାନୀ ଉକ୍ତ ମହିଳାଙ୍କୁ ଜଣେ ଖିଲାପକାରୀ ଦର୍ଶାଇ ତାଙ୍କ ଫଟୋ ଓ ଫୋନ୍ ନମ୍ବରକୁ ସୋସିଆଲ ମିଡିଆରେ ଶେୟାର କରିଥିଲା। ଡିସେମ୍ବର ୧୬ରେ ସେ ଆତ୍ମହତ୍ୟା କରିଥିଲେ। ସେହିଦିନ ପି. ସୁନୀଲ ମଧ୍ୟ ନିଜ ଫ୍ଲାଟରେ ଜୀବନ ହାରିଥିଲେ।

### ବ୍ୟାଙ୍କ ଅଧିକାରୀଙ୍କ ମତ

ବ୍ୟାଙ୍କ ଅଧିକାରୀମାନଙ୍କ ମତରେ ଅର୍ଥ ଲଗାଣକାରୀ ସଂସ୍ଥାଗୁଡ଼ିକ ଏଭଳି ଲୋକଙ୍କୁ ଋଣ ଦେବା ପାଇଁ ଆଗ୍ରହ ପ୍ରକାଶ କରିଥାନ୍ତି, ଯାହାଙ୍କ ପାଖରେ ଅଧିକ ଅର୍ଥ ନ ଥାଏ। ସଫ୍ଟୱେର ବ୍ୟବହାର କରି ବ୍ୟାଙ୍କ ଷ୍ଟେଟମେଣ୍ଟକୁ ବିଶ୍ଳେଷଣ କରିବା ପରେ ସେମାନେ ସମ୍ପୃକ୍ତ ବ୍ୟକ୍ତିଙ୍କ ପରିଶୋଧ ସାମର୍ଥ୍ୟ ସୂଚନା ପାଇପାରନ୍ତି। ଲୋନ୍ ଆପ୍ କମ୍ପାନୀଗୁଡ଼ିକ ମଧ୍ୟ ସର୍ବାଧିକ ସୁଧ ହାର କ୍ଷେତ୍ରରେ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ନିୟମକୁ ଉଲ୍ଲଂଘନ କରୁଛନ୍ତି।

## ବୋଥ୍ରାଙ୍କ ପଲିଗ୍ରାଫ୍ ...

ବାରମ୍ବାର ତଦନ୍ତ ପାଇଁ ଆସିଥିବା ସତ୍ତ୍ୱେ ନଷ୍ଟ ହୋଇ ଯାଇଥିବା ମରଶରୀରର ଗନ୍ଧ ଜାଣି ପାରିଲେନି କିପରି। ଏହାବ୍ୟତୀତ ପରୀଙ୍କ ମା' ଓ ଅଭିଯୁକ୍ତଙ୍କ ମା' କହିଛନ୍ତି ଯେ, ୧୦ଦିନ ପରେ ମରଶରୀରକୁ ଆଣି ସେଠାରେ ଫିଙ୍ଗା ଯାଇଛି। ପ୍ୟାକିଂ କରାଯାଇଥିବା ଅଖା ବ୍ୟାଗ ମଧ୍ୟ ପରିବର୍ତ୍ତନ କରାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଯେ, ତଦନ୍ତବେଳେ ଅଭିଯୁକ୍ତଙ୍କ ପରିବାରକୁ ଦୋଷ ସ୍ୱୀକାର କରାଇବା ପାଇଁ ଏସ୍‌ଆଇଟି ପକ୍ଷରୁ ନାନାଦି ପ୍ରଲୋଭନ ଯଚାଯାଇଛି। ଏସ୍‌ଆଇଟିର ତଦନ୍ତ ଏକ ପ୍ରକାର ବାଟବଣା ହେବାର ଆଶଙ୍କା ଥିବାରୁ ସ୍ଥାନୀୟ ଏଜେନ୍ସି ଦ୍ୱାରା ତଦନ୍ତ ନ କରାଇ ସିବିଆଇ ତଦନ୍ତ ପାଇଁ ଭାରତୀୟ ବିକାଶ ପରିଷଦ ତରଫରୁ କୋର୍ଟରେ ନିବେଦନ କରାଯାଇଛି।

## ରକ୍ତ ଲାଗିଥିବା ...

ହେଲେ ଆଜି ଯାଏ ଫେରାଇ ନାହିଁ । ଏସ୍‌ଆଇଟି ମୁଖ୍ୟ ବୋଥ୍ରା ବୁଧବାର ଯଦୁପୁରରେ ଗଣମାଧ୍ୟମକୁ କହିଛନ୍ତି, ପରୀକୁ ହତ୍ୟା କରିଥିବା ଅଭିଯୁକ୍ତ ସ୍ୱୀକାର କରିଛନ୍ତି। ଆମେ ୨ୟ ପର୍ଯ୍ୟାୟ ତଦନ୍ତରେ ପହଞ୍ଚିଛୁ। ଆଗକୁ ଆହୁରି ବାକି ଅଛି। ଟିମ୍‌ର ସବୁ ସଦସ୍ୟଙ୍କ ସହଯୋଗ ଓ ଜଗନ୍ନାଥଙ୍କ କରୁଣାରୁ ଆମକୁ ସଫଳତା ମିଳିଛି । କେତେଜଣ ଲୋକ ଆମ ବିରୋଧରେ କହିବେ। ସବୁ ଲୋକଙ୍କୁ ସନ୍ତୁଷ୍ଟ କରିପାରିବୁ ନାହିଁ। ସବିଶେଷ ରିପୋର୍ଟ ହାଇକୋର୍ଟରେ ଉପସ୍ଥାପନ କରିବୁ। ପରେ କୋର୍ଟ ଯାହା ନିଷ୍ପତ୍ତି ନେବେ। ଖୁବ୍ ଶୀଘ୍ର ତଦନ୍ତର ଅନ୍ୟ ଦିଗ ଜଣାପଡ଼ିବ ବୋଲି ସେ କହିଛନ୍ତି।

## ଭାରତ ହାରିଲା କେୟର୍ନ...

ଭାରତ ବାଣିଜ୍ୟର ପୁନର୍ଗଠନ ପରେ କ୍ୟାପିଟାଲ ଗେନ୍ସ ଭାବେ ହାସଲ କରିଥିବା ଅର୍ଥ ଉପରେ ୨୪,୫୦୦ କୋଟି ଟଙ୍କାର ଟିକସ ଡିମାଣ୍ଡ ରଖିଥିଲା। ଏହି ମାମଲାର ରାୟରେ କେୟର୍ନକୁ ୮ ହଜାର କୋଟି ଟଙ୍କା ଦେବାକୁ କୁହାଯାଇଛି। ଏହା ମଧ୍ୟରେ ଭାରତ ସରକାର ଜବତ କରିଥିବା ଶେୟାର ମଧ୍ୟ ସାମିଲ ରହିଛି। ସୂଚନାଯୋଗ୍ୟ, ଭାରତ ସରକାର କେୟର୍ନର ଟିକସ ରିଫଣ୍ଡ ରୋକିଦେଇଛନ୍ତି। ଡିଭିଡେଣ୍ଡକୁ ଜବତ କରାଯାଇଛି। ସେହିଭଳି ବକେୟା ଟିକସ ପାଇବା ଲାଗି କିଛି ଶେୟାରକୁ ବିକ୍ରି ମଧ୍ୟ କରାଯାଇଛି। ଏହି ମାମଲାରେ ଅପିଲ କରିବା ଲାଗି ଭାରତ ସରକାରଙ୍କ ନିକଟରେ ବିକଳ୍ପ ଏବେ ଯାଏ ମଧ୍ୟ ବନ୍ଦ ହୋଇନାହିଁ।

### କ'ଣ ରହିଥିଲା ମାମଲା

ଭାରତ ସରକାର ଭୋଡାଫୋନଠାରୁ ୩ ବିଲିୟନ ଡଲାରର ଟିକସ ଡିମାଣ୍ଡ ରଖିଥିଲେ। ଏହାକୁ ଅନ୍ତର୍ଜାତୀୟ ଆର୍ବିଟ୍ରେଶନ ଖାରଜ କରିଦେଇଛନ୍ତି। ୨୦୧୨ ବଜେଟରେ ସରକାର ରେଟ୍ରୋସ୍ପେକ୍ଟିଭ ଟିକସ ଲାଗୁ କରିଥିଲେ। ଏହାଦ୍ୱାରା ୧୯୬୨ ପରେ କମ୍ପାନୀର ସମ୍ପତ୍ତି ଭାରତରେ ରହିଥିଲେ କୌଣସି ମିଶ୍ରଣ ଏବଂ ଅଧିଗ୍ରହଣ କ୍ଷେତ୍ରରେ ଟିକସ ପ୍ରଦାନ କରିବା ଅନିବାର୍ଯ୍ୟ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି ଜନ୍ମ ଚନ୍ଦ୍ର ହେତୁ ଯାତ୍ରା, ବିବାଦ, ଗୃହାରମ୍ଭ କେତେକାଂଶରେ ବାଧାପ୍ରାପ୍ତ ହେବ। ବନ୍ଧୁମାନଙ୍କ ସହ କୌଣସି ବିବାଦର ସମାଧାନ ପାଇଁ ଆଲୋଚନାରେ ନିମଗ୍ନ ରହିପାରନ୍ତି। ଶେଷ ସମୟରେ କୌଣସି ସୁଯୋଗ ପାଇ ମଧ୍ୟ ହରାଇବାକୁ ପଡ଼ିପାରେ। ପରଶ୍ରୀକାତର ସହକର୍ମୀଙ୍କ ଦ୍ୱାରା ସଭାସମିତିରେ ସମାଲୋଚିତ ହୋଇପାରନ୍ତି।

**ବୃଷ** ପ୍ରତିବେଶୀଙ୍କ ସହ ସମ୍ପର୍କ ମଧୁର ରହିବା ସାଙ୍ଗକୁ ପରିବାରରେ ଶାନ୍ତି ମଧ୍ୟ ଫେରିଆସିବ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରେ ଆସିବେ। ଆଜି ଦିନ ମଧ୍ୟରେ ନୀଚ ସଂସର୍ଗରୁ ଦୂରେଇ ରହିବା ଭଲ। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିପାରିବ ନାହିଁ।

**ମିଥୁନ** କର୍ମକ୍ଷେତ୍ରରେ ବିନୟପୂର୍ଣ୍ଣ ବ୍ୟବହାର ଦ୍ୱାରା କାମ ହାସଲ କରିପାରନ୍ତି। ପରିବାରର ଆକସ୍ମିକ ଆବଶ୍ୟକତା ପୂରଣ କରିବା ସକାଶେ ଧାର କରଜ କରିବାକୁ ବାଧ୍ୟହେବେ। ସାମାଜିକ ସ୍ତରରେ ମଉଳି ଯାଇଥିବା ଆଶା ପୁଣି ଚେଇଁ ଉଠିବ। ବିବାଦୀୟ ଘଟଣାରେ ମଧ୍ୟସ୍ଥତା କଲେ ଅପମାନିତ ହେବାକୁ ପଡ଼ିପାରେ।

**କର୍କଟ** ଆଜି ମନ ଭଲ ନଥିବା କାରଣରୁ ସାଧାରଣ କଥା ଜଟିଳ ହୋଇପାରେ। ପୁରୁଣା ସମସ୍ୟାଗୁଡ଼ିକ ତୁଟି ଯାଇଥିଲେ ମଧ୍ୟ ଆକସ୍ମିକ ଭାବେ ନୂତନ ସମସ୍ୟା ଦେଖାଦେବ। ପୁଷ୍ୟାନକ୍ଷତ୍ରର ବନ୍ଧୁମାନଙ୍କ ପ୍ରଶଂସା ଓ ପ୍ରୋତ୍ସାହନ ପାଇ ମନୋବଳ ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ କ୍ଷେତ୍ରରେ ସମସ୍ୟା ଦୂର ହୋଇପାରେ।

**ସିଂହ** ଆଲୋଚନାର ଶେଷଭାଗରେ ହଠାତ୍ କୌଣସି ସାଧାରଣ କଥାରେ ବନ୍ଧୁ ମୁହଁ ଫେରାଇନେବେ। ଅଫିସରେ ମଧ୍ୟ ଭୁଲ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଭ୍ରମଣ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ। ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବାରେ ସମର୍ଥ ହେବେ।

**କନ୍ୟା** ଆଜି କୌଣସି କ୍ଷେତ୍ରରେ ତରବରିଆ କାମ କରନ୍ତୁ ନାହିଁ। କର୍ମକ୍ଷେତ୍ରରେ ବନ୍ଧୁମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। ସାମୟିକ ସମସ୍ୟା ଦେଖାଦେବାରୁ ହାତକୁ ନେଇଥିବା ଉନ୍ନୟନମୂଳକ କାମ ବାଧାପ୍ରାପ୍ତ ହୋଇପାରେ। କଥାରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ତୁଳା** ଦୀର୍ଘ ଦିନ ହେଲା ଭାବୁଥିବା କଥାଟି ଆଜିର ଅପରାହ୍ନରେ ବାସ୍ତବରେ ପରିଣତ ହୋଇଯିବ। ନିକଟ ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହୋଇପାରନ୍ତି। କର୍ମକ୍ଷେତ୍ରରେ ଈର୍ଷାଳୁ ବନ୍ଧୁଙ୍କ ଦ୍ୱାରା ମିଥ୍ୟା ଗୁଜବ ମନକୁ ଆତଙ୍କିତ କରିପାରେ। ଆଜିର ଯାତ୍ରା, ପ୍ରଶାସନ, କଳା, ସାହିତ୍ୟ କ୍ଷେତ୍ରରୁ ପ୍ରଶଂସିତ ହେବେ।

**ବିଛା** ଅଧିକାଂଶ ସମୟରେ ଟେନ୍‌ସନ ମଧ୍ୟରେ ଚଳିଲେ ମଧ୍ୟ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିବା ପାଇଁ ସମର୍ଥ ହେବେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଗୃହସୀମା କିମ୍ବା ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିପାରେ। ପଡ଼ୋଶୀମାନେ ସାଧାରଣ କଥାକୁ କେନ୍ଦ୍ରକରି କଳହ କରିପାରନ୍ତି।

**ଧନୁ** ଆଜିର ପ୍ରତ୍ୟୁଷ ଯାତ୍ରାରେ ଅଭିଳଷିତ ଫଳ ପାଇବେ। କର୍ମକ୍ଷେତ୍ରରେ ଆଳସ୍ୟ ଓ ଅବହେଳାରୁ କୈଫିୟତ ଦେବାକୁ ପଡ଼ିପାରେ। ସ୍ୱାର୍ଥହାନି ଆଶଙ୍କାରେ ଆତ୍ମୀୟମାନେ କ୍ରମଶଃ ଦୂରେଇଯିବେ। ସାହିତ୍ୟ, ସଙ୍ଗୀତ, ସାମ୍ବାଦିକତା, ପ୍ରକାଶନ, ପ୍ରଶାସନ, ବ୍ୟବସାୟ ଓ ପରିବହନରେ ସମସ୍ୟାର ସମାଧାନ ହୋଇଯିବ।

**ମକର** ପାଖ ଲୋକଟିର କାର୍ଯ୍ୟକଳାପ ସନ୍ଦେହଜନକ ହୋଇପାରେ। କର୍ମକ୍ଷେତ୍ରରେ ସହମତିରେ କାମକଲେ ସମସ୍ୟାର ସରଳ ସମାଧାନ ହୋଇଯିବ। ମୂଲ୍ୟବାନ ବସ୍ତୁଟି ପରକୁ ଦେଇ ଆବଶ୍ୟକ ସମୟରେ ନ ପାଇ ଅପଦସ୍ଥ ହୋଇପାରନ୍ତି। ପାରିବାରିକ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହୋଇ ନ ପାରେ।

**କୁମ୍ଭ** ମାନସିକ ସ୍ଥିତି ଭଲ ରହିଲେ ମଧ୍ୟ ଦୁର୍ବଳତା ଲାଗିରହିବ। ବନ୍ଧୁଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ କୌଣସି ନୂତନ ପଦକ୍ଷେପ ଗ୍ରହଣ କରିବେ। ଭୁଲ୍ ବୁଝାମଣା କାରଣରୁ ସ୍ତ୍ରୀଙ୍କ ତରଫରୁ ସମସ୍ୟା ଆସିପାରେ।

**ମୀନ** ସାମାନ୍ୟ ବଚସାକୁ କେନ୍ଦ୍ରକରି ଆଜି ସକାଳୁ ପାରିବାରିକ ଶାନ୍ତି ବ୍ୟାହତ ହୋଇପାରେ। ଅପରାହ୍ନରେ ବନ୍ଧୁଙ୍କ ନିକଟରୁ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି। ଅଫିସ୍‌ରେ କୌଣସି ବ୍ୟତିକ୍ରମ ଦେଖି ଅନ୍ୟକୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ବାଣିଜ୍ୟ, କଳା ଓ ସାହିତ୍ୟରେ ସମସ୍ୟା ସମାଧାନ ହୋଇଯିବ।

ଆଜି ମାର୍ଗଶିର ଶୁକ୍ଳ ଦଶମୀ ଗୁରୁବାର, ସୁଦଶାବ୍ରତ, ମାଣବସା ଗୁରୁବାର ଶେଷପାଳି, ଡିସେମ୍ବର ୨୪ ତାରିଖ, ରାଷ୍ଟ୍ରୀୟ ଉପଭୋକ୍ତା ଦିବସ, ବାଇକୋଳି ଜ୍ୟୋତିଷ ବିଶାରଦଙ୍କ ଶ୍ରାଦ୍ଧସଭା, ରାଶି ନକ୍ଷତ୍ର-ଅଶ୍ୱିନୀ/ମେଷ, ମେଷ ରାଶିର ଘାତଚନ୍ଦ୍ର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୨୨ ଗତେ ଘ.୦୭।୪୮ ମଧ୍ୟେ, ଘ.୦୧।୩୪ ଗତେ ଘ.୦୩।୦୦ ମଧ୍ୟେ, ସନ୍ଧ୍ୟା ଘ.୦୬।୦୩ ଗତେ ଘ.୦୯।୩୪ ମଧ୍ୟେ ଅମୃତବେଳା। ଅପରାହ୍ନ ଘ. ୦୧।୦୭ ଗତେ ଘ.୦୨।୨୮ ମଧ୍ୟେ ରାହୁକାଳ।


# classifieds Everyday
0674-2580101, 2549302

**real estate**

**SALE**

ଖୋର୍ଦ୍ଧା ପିତାପଲ୍ଲୀ bypass ପାଖରେ yellowzone ସ୍ଥିତିବାନ possession ଥାଇ ବାସୋପଯୋଗୀ ପ୍ଲଟ୍ ବିକ୍ରିହେଉଛି। Contact: 9938066403, 9438315973. D-19315

Bhubaneswar Khordha NH sideରେ plot ମିଳୁଅଛି। Direct Owner-9090963952. D-70132

ଭୁବନେଶ୍ୱର ଜଟଣୀଗେଟ୍ କିଛି ଦୂରତାରେ 1200sqft. 2,40,000/-, ଅରଗୁଳ IIT ପାଖରେ 1200sqft. 1,44,000/-, 9776974912, 9348232008. D-70133

Immediate registration & possession with demarcated boundary wall 30'wide road, plot for sale @650/- per sqft. at Gudiapokhari near Krupajal Engineering College and at Uttara Chhak, Bhubaneswar. 8917528470, 7008328766. D-19150

ସୁନ୍ଦରପଦାରେ ୨୦୦୦ବର୍ଗ ଫୁଟକୁ ୧୯,୫୦,୦୦୦/- ପ୍ଲଟ୍ କିଣି ଆଜି ଘର କରନ୍ତୁ। Xavier, OEC ନିକଟରେ ୫,୫୦,୦୦୦/- ଦିଆଯାଉଛି। 9938016295. D-70127

Immediate construction with ଘରବାରି ବାଉଣ୍ଡ୍ରିୱାଲ୍, ଇଲେକ୍ଟ୍ରିସିଟି ଥାଇ ହଂସପାଳ କେନାଲ ରୋଡ୍ ପାଖରେ ଜାଗା ବିକ୍ରିହେବ। 7978998868. D-70126

ଫୁଲନଖରାଠାରେ Delhi Public School compoundwallକୁ ଲାଗି ଘରବାରି plot କିଣନ୍ତୁ ଏବଂ ଗୃହ ନିର୍ମାଣ କରନ୍ତୁ। 9348314606. D-70131

**PURCHASE**

Land requires for plotting project in around Bhubaneswar, 9937816565, 9937568585. D-70123

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

**construction**

Don't hurry for construction or renovation compare quality and price from others before start your work talk with engineering experts for latest techniques call OHM Construction & research centre. 9938640133, 9938709146. D-70068

**to-let**

Ground floor One roomed independent house, Laxmi Sagar, Bhubaneswar. 9625392682, 9437557580. D-69465

Fully furnished 3BHK flat at Saheed Nagar, Bhubaneswar for company guesthouse. Contact: 9437255444 (9AM to 9PM). D-69949

**healthcare**

Christmas Offer@ 899/- all types massage gives by Swarna SPA. 9556978408. D- 70069

Rejuvenate and Ayurvedic full body massage by smart therapist. 9348123330. D-70071

Get refreshment body massage by expert therapist contact for 7205084157. D-70070

Newly open full body massage ladies and gents. 9337349409. D-69596

Revitalize your self with our ayurvedic massage and refreshment, Call: 7381239385. D-70063

Experience full body massage with expert therapists. Call: 7377048581. D-70064

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

**business**

AB roadlinesର new project ପାଇଁ ହାଇୱା ଆବଶ୍ୟକ। Mo-: 9337731351, 7077061630. D-19336

**astrology**

Are you suffering from Vastu related problems? For solution 7978736177. D-68265

**AFFIDAVIT**

Affidavit before Executive Magistrate, Dhenkanal myself Kasturi Das and Kasturi Patel is one and same person. Henceforth I shall be known as Kasturi Das, D/o. Prasanna Kumar Das, W/o. Rajat Kumar Patel, Vill/PO-Kuarbaga, PS/Dist.-Sundargarh for all purposes. D-70301

By virtue of an affidavit sworn before the Notary Public, Bhubaneswar on 21.12.2020, I, Minati Dhall@ Dhal have changed my surname from Dhall@ Dhal to Pradhan after my marriage with Amar Kumar Pradhan. Henchforth, I shall be known as Minati Pradhan for all purposes. D-69668

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୭,୮୬,୧୦,୪୯୦ | ୧୭,୨୮,୬୮୭ | ୫,୫୨,୯୧,୫୮୩ |
| ଭାରତ | ୧,୦୧,୧୧,୨୫୬ | ୧,୪୬,୫୬୨ | ୯୬,୭୪,୦୯୦ |
| ଓଡ଼ିଶା | ୩,୨୭,୨୭୯ | ୧୮୪୬(+୫୩) | ୩,୨୨,୬୪୮ |

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ମୃତ୍ୟୁ ଦଣ୍ଡାଦେଶ ଖାରଜ କଲେ ହାଇକୋର୍ଟ

**ନାବାଳିକା ବଳାତ୍କାର, ହତ୍ୟା ମାମଲା**

କଟକ ଅଫିସ୍, ୨୩।୧୨

ଅନୁଗୋଳ ଜିଲାରେ ଜଣେ ନାବାଳିକାଙ୍କୁ ବଳାତ୍କାର ଓ ହତ୍ୟା ମାମଲାରେ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ଦେଇଥିବା ମୃତ୍ୟୁ ଦଣ୍ଡାଦେଶକୁ ହାଇକୋର୍ଟ ବୁଧବାର ଖାରଜ କରିଛନ୍ତି। ଏଥିସହ ପୋକ୍ସୋ ଅଦାଲତ ନିଜ ରାୟର ସମୀକ୍ଷା କରିବାକୁ ଉଚ୍ଚ ଅଦାଲତ କହିଛନ୍ତି। ୨୦୧୯ ଜାନୁୟାରୀ ୨୦ରେ ଜଣେ ୧୨ ବର୍ଷର ନାବାଳିକାଙ୍କୁ ଅନୁଗୋଳ କାଙ୍ଗୁଲା ଗ୍ରାମର ୨୨ବର୍ଷର ଅନାମ ଦେହୁରୀ ବଳାତ୍କାର ପରେ ହତ୍ୟା କରିଥିବା ଅଭିଯୋଗ ହୋଇଥିଲା। ଉକ୍ତ ମାମଲାର ବିଚାର କରି ଅନୁଗୋଳ ସ୍ୱତନ୍ତ୍ର ପୋକ୍ସୋ ଅଦାଲତ ୨୦୧୯ ଜୁଲାଇ ୨୬ରେ ଅଭିଯୁକ୍ତଙ୍କୁ ମୃତ୍ୟୁ ଦଣ୍ଡାଦେଶ ଦେଇଥିଲେ।

ପ୍ରକାଶ ଯେ, ଘଟଣା ଦିନ ନାବାଳିକା ଜଣକ ବାପାଙ୍କ ପାଇଁ ଖାଇବା ନେଇ ଦୋକାନକୁ ଯାଉଥିବାବେଳେ ଅଭିଯୁକ୍ତ ଅନାମ ଏକ ଜୋର ନିକଟରେ ତାଙ୍କୁ ଅଟକାଇ ଥିଲା। ପରେ ବଳପୂର୍ବକ ନିକଟସ୍ଥ ଜଙ୍ଗଲକୁ ଉଠାଇ ନେଇ ବଳାତ୍କାର କରିଥିଲେ। ନାବାଳିକା କାଳେ ଏନେଇ ପରିବାର ଏବଂ ଗ୍ରାମବାସୀଙ୍କୁ ଜଣାଇଦେବେ, ସେହି ଭୟରେ ତାଙ୍କୁ ପଥରରେ ଛେଚି ହତ୍ୟା କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଅଭିଯୁକ୍ତଙ୍କ ମୋବାଇଲକୁ ଟ୍ରାକ୍ କରି ତାଙ୍କୁ କୋଲ୍‌କତାରୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଏଥିସହିତ ଘଟଣାର ତ୍ୱରିତ ତଦନ୍ତ କରି ମାସକ ମଧ୍ୟରେ ଚାର୍ଜଶିଟ ଦାଖଲ କରିଥିଲା। ମାମଲାର ଶୁଣାଣି ସମୟରେ ୩୬ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତି କରି ସ୍ୱତନ୍ତ୍ର ପୋକ୍ସୋ ବିଚାରପତି ସୁରେଶ ଚନ୍ଦ୍ର ପ୍ରଧାନ ଏହି ଘଟଣାକୁ ଘୃଣ୍ୟ ଅପରାଧ ଦର୍ଶାଇବା ସହ ଅଭିଯୁକ୍ତଙ୍କୁ ଫାଶୀ ଦଣ୍ଡାଦେଶ ଦେଇଥିଲେ। ପୋକ୍ସୋ ଅଦାଲତଙ୍କ ଉକ୍ତ ରାୟ ବିରୋଧରେ ଅଭିଯୁକ୍ତ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ପୋଲିସ ହେପାଜତରୁ ଅଭିଯୁକ୍ତ ଫେରାର

କେନ୍ଦୁଝର,୨୩।୧୨(ସ୍ୱ.ପ୍ର.): କେନ୍ଦୁଝର ଟାଉନ ଥାନା ପୋଲିସ ହେପାଜତରୁ ବୁଧବାର ରାତିରେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଛି। ଫେରାର ଅଭିଯୁକ୍ତ ଜଣକ ଏକ ଗଣ୍ଡଗୋଳ ଘଟଣାରେ ଗିରଫ ହୋଇଥିଲେ। ରାତିରେ କୋର୍ଟ ଚାଲାଣ ବେଳେ କୋର୍ଟ ପରିସରରୁ ସେ ଚମ୍ପଟ ମାରିଥିଲେ। ଏନେଇ ଏସ୍‌ଡିପିଓ ପି.ଜେ. ଟପ୍ପୋଙ୍କୁ ପଚାରିବାରୁ ସେ ଏହାକୁ ସ୍ୱୀକାର କରିଛନ୍ତି।

# ସ୍କୁଟି ଉପରେ ଚଢ଼ିଗଲା କ୍ରେନ୍: ୨ ମୃତ



ଦୁର୍ଘଟଣା ସ୍ଥଳରେ ପୋଲିସ୍ ତଦନ୍ତ କରୁଛି।

ବାଲେଶ୍ୱର ଅଫିସ, ୨୩।୧୨

ବାଲେଶ୍ୱର ସହଦେବଖୁଣ୍ଟା ମଡ଼େଲ ଥାନା ଅଧୀନ ରାମେଶ୍ୱର ମନ୍ଦିର ଛକରେ ବୁଧବାର ଅପରାହ୍ନ ୪ଟା ବେଳେ ଏକ ଅଚଳ ଟ୍ରକ୍‌କୁ କ୍ରେନ୍ ଦ୍ୱାରା ଗ୍ୟାରେଜକୁ ନିଆଯାଉଥିବା ବେଳେ କେନ୍ ଡ୍ରାଇଭର ଭାରସାମ୍ୟ ହରାଇ ଗୋଟିଏ ସ୍କୁଟି ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ୨ଜଣଙ୍କ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ଖବର ଲେଖାଯିବା ପର୍ଯ୍ୟନ୍ତ ମୃତକଙ୍କ ପରିଚୟ ମିଳିପାରନାହିଁ।

ସିମେଣ୍ଟ ଗୋଦାମରେ ଖରାପ ହୋଇପଡ଼ିଥିବା ଟ୍ରକ (ଓଆର୍‌୦୧ଏ-୫୧୬୭)କୁ ନେଇ କ୍ରେନ୍ (ନଂ. ଓଆର୍‌୦୧ଇ-୭୫୮୩) ରେମୁଣାସ୍ଥିତ ଗ୍ୟାରେଜ୍‌କୁ ଯାଉଥିଲା। ରାମେଶ୍ୱର ମନ୍ଦିର ନିକଟରେ କ୍ରେନ୍ ଡ୍ରାଇଭର ଭାରସାମ୍ୟ ହରାଇ ପ୍ରଥମେ ଏକ ଅଟୋ (ନଂ. ଓଡ଼ି୦୧ଟି-୮୪୭୨)କୁ ବାଡ଼େଇଥିଲେ। ଅଟୋ ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିଲେ। କ୍ରେନ୍‌ଟି ଭାରସାମ୍ୟ ହରାଇ ଡାହାଣ ପାର୍ଶ୍ୱକୁ ହଠାତ୍ ମାଡ଼ିଯିବାରୁ ରେମୁଣା ଗୋଲେଇ ପଟୁ ବାଲେଶ୍ୱର ସହର ଅଭିମୁଖେ ଆସୁଥିବା ସ୍କୁଟି (ନଂ. ଓଆର୍‌୦୧ଏଲ୍-୦୫୦୯) ଉପରେ ଚଢ଼ିଯାଇଥିଲା। ଫଳରେ ସ୍କୁଟିରେ ଥିବା ଜଣେ ପୁରୁଷ ଓ ଜଣେ ମହିଳା ମୃତ୍ୟୁ ହୋଇଛି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

# ଆଜିଠୁ ୭ ଜିଲାରେ ବୁଲିବ କରୋନା ସଚେତନତା ରଥ

**ସଚେତନ କରିବେ ଲୋକକଳା କଳାକାର**

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ରାଜ୍ୟର ୭ଟି ପ୍ରମୁଖ ଜିଲାରେ ବୁଲିବ କରୋନା ସଚେତନତା ରଥ। ଏଥିରେ ଲୋକକଳା କଳାକାରଙ୍କୁ ସାମିଲ କରାଯିବ। ସେମାନେ ଗାଁ ଗାଁ ବୁଲି ଲୋକଙ୍କୁ ସଚେତନ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ୟୁନିସେଫ୍ ଓଡ଼ିଶା ଶାଖାର ମିଳିତ ସହଯୋଗରେ ଏହି ସଚେତନତା ଅଭିଯାନ ଆରମ୍ଭ କରାଯିବ। ଗୁରୁବାର ପୂର୍ବାହ୍ନ ୧୦ଟା ୩୦ରେ ସଂସ୍କୃତି ଭବନ ପରିସରରେ ଏହି ରଥର ଶୁଭାରମ୍ଭ କରାଯିବ। ଏହି ରଥ ବାଲେଶ୍ୱର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ଗଞ୍ଜାମ, ଖୋର୍ଦ୍ଧା ଓ ଭୁବନେଶ୍ୱର ମହାନଗର ନିଗମ ମଧ୍ୟରେ ୩୦ ତାରିଖ ପର୍ଯ୍ୟନ୍ତ ୭ଦିନ ବ୍ୟାପୀ ସଚେତନ କରିବ। ଏଥିରେ ପ୍ରତି ଜିଲାରୁ ୧୦ ଲୋକକଳା ଦଳ ସାମିଲ ହେବେ। ଏହି ଅଭିଯାନ କରୋନା ସଂକ୍ରମଣ ରୋକିବା ସହ ସ୍ଥାନୀୟ କଳାକାରଙ୍କୁ କର୍ମସଂସ୍ଥାନ ଯୋଗାଇବାରେ ସହାୟକ ହେବ। ପ୍ରତିଦିନ ସକାଳ ୯ଟାରୁ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ସଚେତନତା ରଥ ବୁଲିବ। ଯୋଜନା ଅନୁସାରେ ଦିନକୁ ୨ଟି ଭିନ୍ନ ଭିନ୍ନ ଲୋକକଳା ଦଳକୁ କାର୍ଯ୍ୟକ୍ରମରେ ସାମିଲ କରାଯିବ।

# ସିପିଆଇ ମାଓବାଦୀ ରାଜ୍ୟ ପ୍ରବକ୍ତାଙ୍କ ଅଡିଓ ଟେପ୍ ଜାରି

**୨୮ରେ ଓଡ଼ିଶା, ପୂର୍ବ ଛତିଶଗଡ଼ ବନ୍ଦ ଡାକରା**

ରାୟଗଡ଼ା ଅଫିସ,୨୩।୧୨

ସିପିଆଇ ମାଓବାଦୀ ଓଡ଼ିଶା ରାଜ୍ୟ କମିଟିର ପ୍ରବକ୍ତା ଚକରା ବିଷୋୟୀ ଏକ ଅଡିଓ ଟେପ୍ ଜାରି କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଶାସନକୁ ନିନ୍ଦା କରିଛନ୍ତି। ସେହିପରି ଚଳିତ ବର୍ଷ ମାଓବାଦୀଙ୍କ ଉପରେ ୧୫ଥର ଆକ୍ରମଣ କରାଯାଇଛି। ଏଥିରେ ୧୩ ମାଓବାଦୀଙ୍କ ମୃତ୍ୟୁ ଘଟିଛି। ଜଙ୍ଗଲ, ଜମି, ଜଳ ଓ ସମ୍ମାନ ରକ୍ଷା ପାଇଁ ଆନ୍ଦୋଳନ କରୁଥିବା ସଂଗ୍ରାମୀମାନଙ୍କୁ ହତ୍ୟା କରାଯାଇଛି। ତେଣୁ ଏହାର ଦୃଢ଼ ଜବାବ ଦିଆଯିବ ବୋଲି ସେ କହିଛନ୍ତି। ପ୍ରତିବାଦରେ ୨୮ତାରିଖରେ ଓଡ଼ିଶା ଓ ପୂର୍ବ ଛତିଶଗଡ଼ ବନ୍ଦ ଡାକରା ଦିଆଯାଇଛି। ସେହିପରି ରାଜ୍ୟ ଡିଜିପି ମାଓବାଦୀଙ୍କୁ ଆତ୍ମସମର୍ପଣ ପାଇଁ ଆହ୍ୱାନ କରୁଥିବାବେଳେ ଏହାକୁ ସିପିଆଇ ମାଓବାଦୀ ସଙ୍ଗଠନ ପକ୍ଷରୁ ଅଡିଓ ବାର୍ତ୍ତା ମାଧ୍ୟମରେ ବିରୋଧ କରାଯାଇଛି।

# ବଦଳିଲା ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମ

**ଶ୍ରୀରାମ ଚନ୍ଦ୍ର ଭଞ୍ଜ ଦେଓଙ୍କ ନାମରେ ନାମିତ**

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ବାରିପଦାରେ ଅବସ୍ଥିତ ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମ ମୟୂରଭଞ୍ଜର ପୂର୍ବତନ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ନାମିତ କରାଯାଇଛି। ବୁଧବାର ମୁଖ୍ୟମନ୍ତ୍ରୀ ଏହି ଘୋଷଣା କରିଛନ୍ତି। ଏ ନେଇ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ମଧ୍ୟ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଏଥିସହିତ ବିଶ୍ୱବିଦ୍ୟାଳୟ ଲାଇବ୍ରେରିର ଉନ୍ନତି ପାଇଁ ମଧ୍ୟ ସରକାର ପଦକ୍ଷେପ ନେବେ।

ସୂଚନାଯୋଗ୍ୟ ଯେ, ଓଡ଼ିଶାର ବିକାଶରେ ମୟୂରଭଞ୍ଜ ମହାରାଜାଙ୍କ ବିଶେଷ ଅବଦାନ ରହିଛି। ଚଳିତ ବର୍ଷ ରାଜ୍ୟ ସରକାର ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓଙ୍କ ୧୫୦ତମ ଜୟନ୍ତୀ ପାଳନ କରୁଛନ୍ତି। ଉତ୍ତର ଓଡ଼ିଶା ବିଶ୍ୱବିଦ୍ୟାଳୟ ନାମକୁ ମୟୂରଭଞ୍ଜ ମହାରାଜାଙ୍କ ନାମରେ ନାମିତ କରିବାକୁ ଜିଲା କମିଟି ପକ୍ଷରୁ ବିଜେଡି ରାଜ୍ୟ ପରିଷଦ ବୈଠକରେ ପ୍ରସ୍ତାବ ଦିଆଯାଇଥିଲା। ଏହି ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଗ୍ରହଣ କରିବା ସହ ତୁରନ୍ତ କାର୍ଯ୍ୟକାରୀ କରିଛନ୍ତି।

# ୪ ସ୍ଥାନରେ ହାଉସ୍‌ବୋଟ୍, ରିଭର କ୍ରୁଜ୍

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ):** ରାଜ୍ୟରେ ପର୍ଯ୍ୟଟନର ବିକାଶ ପାଇଁ ବିଭିନ୍ନ ଉନ୍ନତିମୂଳକ ପଦକ୍ଷେପ ହାତକୁ ନିଆଯାଇଛି। ଚିଲିକା, ଭିତରକନିକା, ସାତକୋଶିଆ ଏବଂ ହୀରାକୁଦରେ ହାଉସ୍‌ବୋଟ୍ ଓ ରିଭର କ୍ରୁଜ୍ ବ୍ୟବସ୍ଥା ଶୀଘ୍ର ଆରମ୍ଭ ପାଇଁ ଜୋର୍‌ଦାର ଉଦ୍ୟମ ଚାଲିଛି। ହୋମ୍ ଷ୍ଟେ’ ଓ ସାଧାରଣ କାଠ ଡଙ୍ଗା ପରିବର୍ତ୍ତେ ଏଫ୍‌ଆର୍‌ପି ବୋଟ୍ ବ୍ୟବହାର କଲେ ପ୍ରୋତ୍ସାହନ ଯୋଗାଇ ଦିଆଯିବ। ଆଇଆଇଟିଟିଏମ୍ ଏବଂ ଓଡ଼ିଶା ପର୍ଯ୍ୟଟନର ମିଳିତ ଉଦ୍ୟମରେ ଆୟୋଜିତ କୋଭିଡ୍-୧୯ ସମ୍ପର୍କିତ କର୍ମଶାଳା ‘ଦି ନ୍ୟୁ ନର୍ମାଲ’ରେ ଅତିଥିଭାବେ ଯୋଗଦେଇ ପର୍ଯ୍ୟଟନ ସଚିବ ବିଶାଲ ଦେବ ଏହା କହିଛନ୍ତି। ବର୍ତ୍ତମାନ ହୋଟେଲ ଓ ହସ୍ପିଟାଲିଟି ଇଣ୍ଡଷ୍ଟ୍ରିରେ କୋଭିଡ୍ ପ୍ରୋଟୋକଲର ଅନୁପାଳନ ଉପରେ ଗୁରୁତ୍ୱ ଦେଇଛନ୍ତି ପର୍ଯ୍ୟଟନ ସଚିବ। ପର୍ଯ୍ୟଟକଙ୍କ ସୁରକ୍ଷା ହୋଟେଲ ମାଲିକ ଓ କର୍ମଚାରୀଙ୍କ ପ୍ରାଥମିକତା ହେବା ଆବଶ୍ୟକ। ପର୍ଯ୍ୟଟନ ବିଭାଗ ମଧ୍ୟ ଏନେଇ ବିଶେଷ ସଚେତନ ଅଛି। କୋଭିଡ୍ ଗାଇଡ୍‌ଲାଇନ୍ ମଧ୍ୟରେ ଦେଶରେ ପ୍ରଥମ ସାଂସ୍କୃତିକ ମହୋତ୍ସବଭାବେ କୋଣାର୍କ ମହୋତ୍ସବକୁ ସଫଳତାର ସହ ଆୟୋଜନ କରି ରାଜ୍ୟ ସରକାର ଉଦାହରଣ ସୃଷ୍ଟି କରିଛନ୍ତି। ପର୍ଯ୍ୟଟକମାନେ ଧୀରେ ଧୀରେ ଓଡ଼ିଶାକୁ ଆସୁଛନ୍ତି। ହେଲେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ଦେଶର ପର୍ଯ୍ୟଟନ କ୍ଷେତ୍ର ଉନ୍ମୁକ୍ତ ହେବା ପୂର୍ବରୁ କୋଭିଡ୍ ଭୂତାଣୁର ନୂଆ ଷ୍ଟ୍ରେନ୍ ଏହି ବାଟକୁ ବନ୍ଦ କରିଦେଇଛି। କେବେ ବିଦେଶୀ ପର୍ଯ୍ୟଟକ ରାଜ୍ୟକୁ ଆସିବେ କାହାର କିଛି ଠିକ୍ ଠିକଣା ନାହିଁ। ଏଭଳିସ୍ଥଳେ ଘରୋଇ ପର୍ଯ୍ୟଟକଙ୍କ ଉପରେ ଫୋକସ୍ କରିବାକୁ ସେ ପରାମର୍ଶ ଦେଇଥିଲେ। ଭର୍ଚୁଆଲ୍ ରୋଡ୍ ଶୋ’ ପାଇଁ ପଡ଼ୋଶୀ ରାଜ୍ୟରୁ ପର୍ଯ୍ୟଟକ ଓଡ଼ିଶା ଆସିବାକୁ ଆଗ୍ରହ ଦେଖାଉଛନ୍ତି। ଓଡ଼ିଶାର ଆଉ ୫ ବିଚ୍ ଲାଗି ବ୍ଲୁ ଫ୍ଲାଗ୍ ମାନ୍ୟତା ଆଣିବା ପାଇଁ ଜୋରଦାର ପ୍ରସ୍ତୁତି ଚାଲିଥିବା ସଚିବ କହିଥିଲେ। କର୍ମଶାଳାରେ ପର୍ଯ୍ୟଟନ ନିର୍ଦ୍ଦେଶକ ସଚିନ ରାମଚନ୍ଦ୍ର ଯାଦବ, ଟ୍ରାଭେଲ ଲିଙ୍କର ଏମ୍‌ଡି ବେଞ୍ଜାମିନ୍ ସାଇମନ୍, ଆଇଆଇଟିଟିଏମ୍ ନୋଡାଲ ଅଫିସର ମହମ୍ମଦ ସବିର ହୁସେନ୍ ପ୍ରମୁଖ ଯୋଗଦେଇଥିଲେ।

DSPL-133



**ବାର୍ତ୍ତା**

ଡିସେମ୍ବର ୨୪ ତାରିଖ ଜାତୀୟ ଖାଉଟି ଦିବସ । ଉପଭୋକ୍ତାମାନଙ୍କର ସ୍ୱାର୍ଥକୁ ସମ୍ମାନ ଓ ସୁରକ୍ଷା ଯୋଗାଇ ଦେବା ଓ ସେମାନଙ୍କୁ ଶୋଷଣ କରୁଥିବା ଗୋଷ୍ଠୀ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ନିମନ୍ତେ ସଚେତନତା ସୃଷ୍ଟି କରିବା ସହିତ ଉପଭୋକ୍ତାମାନଙ୍କ କର୍ତ୍ତବ୍ୟ ଓ ଅଧିକାର ସମ୍ପର୍କରେ ଅବଗତ କରାଇବା ଏହି ଦିବସର ପ୍ରକୃତ ଉଦ୍ଦେଶ୍ୟ ।

୧୯୮୬ ମସିହାରେ ଉପଭୋକ୍ତା ସୁରକ୍ଷା ଆଇନ ପ୍ରଣୟନ କରାଯାଇ ଖାଉଟିମାନଙ୍କୁ ସୁରକ୍ଷା ପ୍ରଦାନ କରାଯାଉଅଛି । ଏହି ଆଇନ୍ ଅନୁଯାୟୀ ପ୍ରତ୍ୟେକ ଜିଲ୍ଲାରେ ପ୍ରତିଷ୍ଠିତ ହୋଇଥିବା ଜିଲ୍ଲାସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ମଞ୍ଚ ଓ ରାଜ୍ୟରେ ରାଜ୍ୟସ୍ତରୀୟ ଉପଭୋକ୍ତା ବିବାଦ ପ୍ରତିକାର ଆୟୋଗ ସ୍ଥାପନ କରାଯାଇ ତ୍ୱରିତ ଓ ସ୍ୱଳ୍ପ ଖର୍ଚ୍ଚରେ ନ୍ୟାୟ ପ୍ରଦାନ କରାଯାଉଅଛି ।

ସମ୍ପ୍ରତି ପୂର୍ବ ଆଇନକୁ ଅଧିକ କ୍ରିୟାଶୀଳ ଓ ଉପଭୋକ୍ତା ଅଧିକାରକୁ ଅଧିକ ସୁଦୃଢ଼ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ ପ୍ରବର୍ତ୍ତନ କରାଯାଇଅଛି । ଏହି ନୂତନ ଆଇନକୁ ଭିତ୍ତିକରି ରାଜ୍ୟର ଉପଭୋକ୍ତାମାନଙ୍କୁ ସମୟୋଚିତ ନ୍ୟାୟ ପ୍ରଦାନ ନିମନ୍ତେ ରାଜ୍ୟ ସରକାର ଖୁବ୍ ଶୀଘ୍ର ନିୟମାବଳୀ ପ୍ରଣୟନ କରିବାକୁ ଯାଉଛନ୍ତି । ଚଳିତ ବର୍ଷର ବାର୍ତ୍ତା ହେଉଛି ‘ଉପଭୋକ୍ତା ସୁରକ୍ଷା ଆଇନ ୨୦୧୯ର ବୈଶିଷ୍ଟ୍ୟ’ ।

ଉପଭୋକ୍ତାମାନଙ୍କର ଦୈନନ୍ଦିନ ଜୀବନରେ ଘଟୁଥିବା ଖାଉଟି ସମ୍ବନ୍ଧୀୟ ଅସୁବିଧାକୁ ଦୂର କରିବା ପାଇଁ ନିଃଶୁଳ୍କ ରାଜ୍ୟ ଉପଭୋକ୍ତା ପରାମର୍ଶ କେନ୍ଦ୍ର ନମ୍ବର - ୧୮୦୦-୩୪୫୬-୭୬୦ ଏବଂ ସାଧାରଣ ବଣ୍ଟନ ବ୍ୟବସ୍ଥା ସହାୟତା ନମ୍ବର-୧୯୬୭ ଛୁଟିଦିନ ବ୍ୟତୀତ ସମସ୍ତ ସରକାରୀ ଦିବସରେ କାର୍ଯ୍ୟ କରୁଛି । ଜିଲ୍ଲାସ୍ତରରେ ଉପଭୋକ୍ତାମାନଙ୍କୁ ସହାୟତା ଯୋଗାଇ ଦେବା ପାଇଁ ଗୋଟିଏ ଲେଖାଏଁ ଖାଉଟି ପରାମର୍ଶ କେନ୍ଦ୍ର କାର୍ଯ୍ୟ କରୁଅଛି ।

ବିଭିନ୍ନ ଉପଭୋକ୍ତା ସଂଗଠନ, ଉପଭୋକ୍ତା ଆନ୍ଦୋଳନ ସହ ସଂଶ୍ଲିଷ୍ଟ ବ୍ୟକ୍ତିବିଶେଷ ଓ ଅନୁଷ୍ଠାନଗୁଡ଼ିକ ଖାଉଟିମାନଙ୍କ ସ୍ୱାର୍ଥସୁରକ୍ଷା ଅଭିଯାନରେ ସାମିଲ ହେବା ଏକାନ୍ତ ଆବଶ୍ୟକ । ସରକାରଙ୍କ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ରକ୍ଷା କରି ଏହି ଅଭିଯାନକୁ ଅଧିକ ଗତିଶୀଳ, ସକ୍ରିୟ ଓ ଲୋକାଭିମୁଖୀ କରି ଏହାର ସୁଫଳ ସମସ୍ତଙ୍କ ନିକଟରେ ପହଞ୍ଚାଇବା ପାଇଁ ଆସନ୍ତୁ, ଆମେ ସମସ୍ତେ ମିଳିମିଶି ସଂକଳ୍ପବଦ୍ଧ ହେବା ।

(ରଣେନ୍ଦ୍ର ପ୍ରତାପ ସ୍ୱାଇଁ)
ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, ସମବାୟ ମନ୍ତ୍ରୀ, ଓଡ଼ିଶା

OIPR-07001/13/0006/2021

**ଶୀତ ପ୍ରବାହ ପାଇଁ ସତର୍କତା**





DSPL-131

- ଭୀଷଣ ଶୀତ ହେଉଥିବା ସମୟରେ ଯଥାସମ୍ଭବ ଘର ଭିତରେ ରୁହନ୍ତୁ ଏବଂ ଏକୁଟିଆ ରହୁଥିବା ବୟସ୍କ ବ୍ୟକ୍ତି ଓ ଶିଶୁମାନଙ୍କ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ।
- ଯାତାୟତ କରୁଥିବା ସମୟରେ ଯଥେଷ୍ଟ ଶୀତବସ୍ତ୍ର ଯଥା- ସ୍ୱେଟର, ଟୋପି/ ମଫଲର ପିନ୍ଧନ୍ତୁ ଏବଂ ପାଦରେ ଜୋତାମୋଜା ବ୍ୟବହାର କରନ୍ତୁ।
- ଜେନେରେଟର, କିରୋସିନି ଲଣ୍ଠନ କିମ୍ବା ଷ୍ଟୋଭ ବ୍ୟବହାର କରୁଥିଲେ ନିର୍ଗତ ବିଷାକ୍ତ ଧୂଆଁକୁ ଘର ବାହାରକୁ ଯିବାର ବ୍ୟବସ୍ଥା କରନ୍ତୁ ଏବଂ ଶୋଇବା ପୂର୍ବରୁ ବନ୍ଦ କରି ଶୁଅନ୍ତୁ।
- ଶୀତଦାଉରୁ ରକ୍ଷା ପାଇବା ପାଇଁ ରୁମ୍ ହିଟର, ପାଣି ଗରମ ପାଇଁ ଇମରସନ୍ ହିଟର ବା ଅନ୍ୟ ବୈଦ୍ୟୁତିକ ଉପକରଣ ବ୍ୟବହାର କରୁଥିଲେ ଆବଶ୍ୟକୀୟ ସତର୍କତା ଅବଲମ୍ବନ କରନ୍ତୁ।
- ରୋଷେଇ ସମୟରେ ଏବଂ ନିଆଁ ପୋଇଁବା ସମୟରେ ଚାଦର କିମ୍ବା ଅନ୍ୟ ଶୀତବସ୍ତ୍ର ଘୋଡେଇ ହୋଇଥିଲେ ଯଥାସମ୍ଭବ ସତର୍କତା ଅବଲମ୍ବନ କରନ୍ତୁ।
- ଗରମ ଖାଦ୍ୟ ଖାଆନ୍ତୁ ଓ ଉଷୁମ ପାଣି ପିଅନ୍ତୁ। ଅତ୍ୟଧିକ ଥଣ୍ଡା ପାଣି ବ୍ୟବହାର କରନ୍ତୁ ନାହିଁ।
- ଖଳା ଏବଂ ଚାଳ ଘରେ ନିଆଁ ପୋଇଁବା ସମୟରେ ନିଆଁ ଲାଗିବାର ଯଥେଷ୍ଟ ସମ୍ଭାବନା ଥିବାରୁ ଉକ୍ତ ଜାଗାରେ ନିଆଁ ପୋଇଁବା ବର୍ଜନ କରନ୍ତୁ।
- ନିଆଁ ପୋଇଁବା ବେଳେ ଛୋଟ ପିଲାଙ୍କ ପ୍ରତି ସତର୍କତା ଅବଲମ୍ବନ କରନ୍ତୁ ଏବଂ ପରେ ନିଆଁକୁ ଠିକ୍ ଭାବରେ ଲିଭାନ୍ତୁ।
- ଗୃହପାଳିତ ପଶୁ ଓ ପକ୍ଷୀମାନଙ୍କୁ ରାତିରେ ବାହାରେ ରହିବାକୁ ଦିଅନ୍ତୁ ନାହିଁ। ଥଣ୍ଡାରୁ ରକ୍ଷା ପାଇବା ପାଇଁ ସେମାନଙ୍କୁ ସୁରକ୍ଷିତ ସ୍ଥାନରେ ଘୋଡାଇ ରଖନ୍ତୁ।
- ଶୀତ ଯୋଗୁଁ ଯଦି ଅସୁସ୍ଥ ଅନୁଭବ କରୁଥାନ୍ତି, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ।
- ଆପଣଙ୍କ ଅଞ୍ଚଳରେ ଶୀତ ପ୍ରବାହ ସମ୍ବନ୍ଧରେ ଜାଣିବା ପାଇଁ ଟି.ଭି., ରେଡ଼ିଓ ଓ ସମ୍ବାଦପତ୍ରରେ ଦିଆଯାଉଥିବା ସୂଚନା ପ୍ରତି ଧ୍ୟାନ ଦିଅନ୍ତୁ।

OIPR-24003/13/0004/2021

ସଚେତନତା ଓ ସତର୍କତା ହିଁ ସୁରକ୍ଷା

OSDMA
ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ
ରାଜୀବ ଭବନ, ଭୁବନେଶ୍ୱର

"ଅତୀତ ଜୀବନକୁ ଦୃଷ୍ଟିପାତ କରିବାର କୌଣସି ଆବଶ୍ୟକତା ନାହିଁ। ବରଂ ଉଜ୍ଜ୍ୱଳ ଆନନ୍ଦମୟ ଦିବ୍ୟ ଭବିଷ୍ୟତକୁ ଦୃଷ୍ଟି ସମ୍ମୁଖରେ ରଖି ଦ୍ରୁତ ଗତିରେ ସେ ଦିଗରେ ଅଗ୍ରସର ହେବା ହିଁ ବୁଦ୍ଧିମାନର କାର୍ଯ୍ୟ। ଏବଂ ପ୍ରଗତିଶୀଳ ଆତ୍ମାର ଲକ୍ଷଣ। -ଶ୍ରୀମା

# ହାତୀ-ମଣିଷ ଲଢ଼େଇର ସମାଧାନ



ମାନେକା ଗାନ୍ଧୀ

ଗତ ସପ୍ତାହରେ ଗୋଟିଏ ମାଈ ବାରାଶିଙ୍ଗା (ଏକ ଜାତୀୟ ବଡ଼ ହରିଣ, ଯାହାର ଶିଙ୍ଗରେ ଶାଖା ଥାଏ) ପଞ୍ଚକୁଲାର ଏକ କ୍ଷେତ ଭିତରକୁ ପଶିଯାଇଥିଲା। ସେଠାରେ ସେ ଏକ ଅଟାଗୁଳା ଖାଇଦେଇଥିଲା। ଏହା ଅଟାଗୁଳା ନ ଥିଲା, ବରଂ ଥିଲା ଗୋଟିଏ ହାତ ତିଆରି ବୋମା। ଏହାକୁ ଖାଇବା ପରେ ବିସ୍ଫୋରଣରେ ହରିଣର ଥୋଡି ଓ ଗଳା ଫାଟି ଯାଇଥିଲା। ତା'ପାଟିରୁ ରକ୍ତ ବାହାରୁଥିଲା ଓ ଚୁପ୍‌ଚାପ୍ ରାସ୍ତାକଡ଼ରେ ବସିଥିଲା। ସେହି ରାସ୍ତା ଦେଇ ଯାଉଥିବା ଲୋକେ ତାକୁ ଦେଖି ବନ ବିଭାଗକୁ ଖବର ଦେଲେ । କିନ୍ତୁ ୪ ଘଣ୍ଟା ବିଳମ୍ବରେ ବିଭାଗୀୟ ଅଧିକାରୀମାନେ ସେଠାରେ ପହଞ୍ଚିଥିଲେ। ପରେ ଆହତ ହରିଣଟିକୁ ସ୍ଥାନୀୟ ଡାକ୍ତରଖାନାକୁ ନେଇ ସେଠାରେ ତାକୁ ପାରାସିଟାମଲ ଇଞ୍ଜେକ୍ସନ ଦେବାପରେ ମୋର୍ନି ୱାଇଲ୍ଡ ଲାଇଫ୍ ସେଣ୍ଟରକୁ ପଠାଇଦେଲେ। ଏହି ସେଣ୍ଟରରେ ପହଞ୍ଚିବା ପୂର୍ବରୁ ତା'ର ମୃତ୍ୟୁ ଘଟିଥିଲା। ଏଭଳି ଘଟଣାରେ ମୁଁ ଖୁବ୍ ଦୁଃଖିତ ଓ ଏଥିପାଇଁ ଭାରି କ୍ଷୁବ୍ଧ ମଧ୍ୟ। ନିକମା ବନ ବିଭାଗରେ ତ୍ୱରିତ ପଦକ୍ଷେପ ନେବାରେ ଅସମର୍ଥ ତଥା ଅପ୍ରଶିକ୍ଷିତ ପୋଲିସ ଅଧିକାରୀମାନେ ରହିଛନ୍ତି ଓ ନିକମା ପ୍ରାଣୀ ଚିକିତ୍ସା ବିଭାଗର କୌଣସି ପ୍ରଶିକ୍ଷିତ ତଥା ଦୟାଳୁ ଡାକ୍ତର ବି ନାହାନ୍ତି। ବିଲୁପ୍ତ ପଥରେ ଥିବା ଏହି ନିରୀହ ଓ ସୁନ୍ଦର ହରିଣକୁ ଯେଉଁ ହିଂସ୍ର କୃଷକ ମାରିଲା, ତାକୁ ଏଯାବତ୍ ଗିରଫ କରାଯାଇନାହିଁ। ପୀଡ଼ା ନିବାରକ ଔଷଧ ଦେଇଥିବା ଡାକ୍ତର ଓ ତାଙ୍କ ସହଯୋଗୀ ଏବଂ ଘଟଣା ସ୍ଥଳରୁ ବନ୍ୟଜନ୍ତୁ ଅଫିସ ୧ ମାଇଲ ଦୂର ହୋଇଥିଲେ ବି ହରିଣ ପାଖରେ ପହଞ୍ଚିବାକୁ ୪ ଘଣ୍ଟା ସମୟ ନେଇଥିବା ବିଭାଗୀୟ ନିରୀକ୍ଷକଙ୍କୁ ଏଯାବତ୍ ନିଲମ୍ବନ କରାଯାଇନାହିଁ।

କୃଷକମାନେ ସମାନ ଉପାୟରେ ପ୍ରତିବର୍ଷ ବହୁ ହାତୀଙ୍କୁ ମାରି ଦେଉଛନ୍ତି। ନିକଟରେ କେରଳରେ ଘଟିଥିବା ଏକ ଘଟଣା ସମସ୍ତଙ୍କୁ ଜଣା। ପ୍ରଥମ ହାତୀର ମୃତ୍ୟୁ ପରଠାରୁ ଏବେସୁଦ୍ଧା ଆଉ ୪ଟି ହାତୀଙ୍କୁ ମାରି ଦିଆଗଲାଣି। ଛତିଶଗଡ଼ରେ ୫ଟି ହାତୀକୁ ବିଷ ଦେଇ ମାରିଦିଆଯାଇଛି । ଓଡ଼ିଶାରେ କୃଷକମାନେ କେବଳ ହାତୀକୁ ବାଡାଇ ଘଉଡାନ୍ତି ବା ଗୁଳି କରି ମାରିଦିଅନ୍ତି କିମ୍ବା ଏହି କାର୍ଯ୍ୟ ବନ ବିଭାଗର କର୍ମଚାରୀମାନଙ୍କ ଦ୍ୱାରା କରାଇଥାନ୍ତି। ପ୍ରାଣୀମାନେ ସେମାନଙ୍କ ଫସଲ ନଷ୍ଟ କରୁଛନ୍ତି ବୋଲି ସବୁବେଳେ ବାହାନା କରାଯାଉଛି। କିନ୍ତୁ କୃଷକମାନେ ଜଙ୍ଗଲ ଜମି ଓ ହାତୀ କରିଡରରେ ରହୁଥିବା ପ୍ରସଙ୍ଗକୁ ସମସ୍ତେ ଏଡ଼ାଇ ଯାଉଛନ୍ତି। ଶେଷ କଥା ହେଉଛି, ହାତୀ ସପକ୍ଷରେ କହିବାକୁ କେହି ନାହାନ୍ତି। ହାତୀଙ୍କୁ ତଡ଼ିବା ଏତେ ମୁସ୍କିଲ ନୁହେଁ। ଆଫ୍ରିକାରେ ଆପଣାଯାଉଥିବା ସମାଧାନର ସୂତ୍ର ସମ୍ପର୍କରେ ଜାଣିବା ଦରକାର। ସେଠାରେ କେବଳ ହାତୀ ନୁହନ୍ତି,ବରଂ ଜିରାଫ୍ ମଧ୍ୟ ହତ୍ୟାର ଶିକାର ହେଉଛନ୍ତି। ସେମାନେ ପାଣି ପିଇବାକୁ ଯାଉଥିବା ସମୟରେ କ୍ଷେତରେ ପ୍ରବେଶ କରିବା ଯୋଗୁ କୃଷକମାନେ ସେମାନଙ୍କୁ ମାରିଦେଉଛନ୍ତି। ଜଙ୍ଗଲ କିମ୍ବା ଜାତୀୟ ଉଦ୍ୟାନରେ ହାତୀମାନେ କମ୍ ପରିମାଣର ଖାଦ୍ୟ ପାଆନ୍ତି ଓ ସେଥିରେ ସେମାନେ ବେଶୀଦିନ ବଞ୍ଚିପାରିବେ ନାହିଁ। ଏଣୁ ସେମାନେ ଚାଷ ଜମିରେ ପଶି ଫସଲ ଖାଇଯାଆନ୍ତି। ଏଥିପାଇଁ ଚାଷୀମାନେ ସେମାନଙ୍କୁ ମାରିଦିଅନ୍ତି।

ହାତୀ ମୃତ୍ୟୁ ରୋକିବା ପାଇଁ ରହିଥିବା ଗୋଟିଏ ବାଟ ହେଉଛି ପ୍ରସ୍ତାବିତ ବିଦ୍ୟୁତ ତାରବାଡ। କିନ୍ତୁ ତାହା ଭାରି ବ୍ୟୟବହୁଳ। ବିଦ୍ୟୁତ ଭୋଲ୍‌ଟରେ ପରିବର୍ତ୍ତନ ବି ହାତୀ ଓ ଅନ୍ୟ ପ୍ରାଣୀମାନଙ୍କ ଜୀବନ ନେଇପାରେ। ଏବେ ଆଫ୍ରିକୀୟ ରାଷ୍ଟ୍ରଗୁଡ଼ିକର ସରକାର ଏବଂ ଏନ୍‌ଜିଓଗୁଡ଼ିକ ସବୁଠୁ ଭଲ ଉପାୟ ନେଇ ଆସିଛନ୍ତି, ଯାହାକୁ ସାରା ଆଫ୍ରିକାରେ ଚାଲୁକରାଯାଇଛି। ଭାରତ ଏହାକୁ ଗ୍ରହଣ କଲେ ସୁଫଳ ମିଳିବ।

ହାତୀମାନଙ୍କ ଭୟ ମହୁମାଛିକୁ । ମହୁମାଛି ହାତୀକୁ ଆକ୍ରମଣ କଲାବେଳେ ତା'ଶୁଣ୍ଢ ଭିତରେ ପଶି ସମ୍ବେଦନଶୀଳ ଟିସ୍ୟୁରେ ବିନ୍ଧି ଦିଅନ୍ତି। ଏହା ଏତେ ଯନ୍ତ୍ରଣାଦାୟକ ଯେ ତାହାକୁ ହାତୀ କେବେ ବି ଭୁଲିପାରେନି। ଏଣୁ ମହୁମାଛି ପ୍ରତି ସେମାନେ ପୂରା ସତର୍କ ରହନ୍ତି। ଏମିତି କି ମହୁମାଛିର ଗୁଣୁଗୁଣୁ ଶବ୍ଦ ଶୁଣିବା ପରେ ସତର୍କ ରହିବାକୁ ଏକ ସ୍ୱତନ୍ତ୍ର ଶବ୍ଦ ବା ଗର୍ଜନ କରନ୍ତି,ଯାହାକୁ ଶୁଣି ସବୁ ହାତୀ ପଳାଇ ଯାଆନ୍ତି। କେହି ବ୍ୟକ୍ତି ଏଭଳି ଶବ୍ଦ କରି ସେମାନଙ୍କୁ ଭୟଭୀତ କରିବାକୁ ଚେଷ୍ଟା କରିପାରନ୍ତି, କିନ୍ତୁ ହାତୀ ଏତେ ଚାଲାକ ଯେ, ଏହା ଏକ ବେକାର ଭୟ ବୋଲି ଶୀଘ୍ର ବୁଝିଯାଆନ୍ତି। କିନ୍ତୁ ବୈଜ୍ଞାନିକମାନେ ଦର୍ଶାଇଛନ୍ତି ଯେ, ଯଦି କୃଷକମାନେ ବାସ୍ତବରେ ଏକ ଲମ୍ବା ଧାତବ ତାରରେ ମହୁବାକ୍ସକୁ ବାନ୍ଧି କାଠ ଖୁଣ୍ଟରେ ଝୁଲାଇ ୧୦ ମିଟର ବ୍ୟବଧାନରେ ରଖନ୍ତି ତେବେ ଏହା ସୁରକ୍ଷାର ବାଡ଼ ଭଳି କାମ କରିବ। ଏହି ଲମ୍ବା ତାର ଖୁଣ୍ଟରୁ ଖୁଣ୍ଟକୁ ଯୋଡି ହୋଇ ରହିବ। ହାତୀ ଯେତେବେଳେ ଏହି ତାରରେ ଧକ୍କା ଖାଇବ,ସେତେବେଳେ ସବୁ ବାକ୍ସ ଏକାବେଳକେ ହଲିଯିବ ଓ ମହୁମାଛି ସେମାନଙ୍କ ବସାକୁ ରକ୍ଷା କରିବା ଲାଗି ବାହାରି ଆସିବେ। ମହୁମାଛି ରହିଥିବା ଗଛଠାରୁ ହାତୀ ଦୂରେଇ ରହନ୍ତି ବୋଲି ସେଭ୍ ଦି ଏଲିଫ୍ୟାଣ୍ଟ ଏନ୍‌ଜିଓର ଗବେଷକମାନେ ଜାଣିବାପରେ ମହୁବାକ୍ସର ବାଡ଼ ୨୦୦୨ରେ ଆବିଷ୍କାର କରାଯାଇଥିଲା। ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଜୀବବିଜ୍ଞାନୀ ଲୁସି କିଙ୍ଗ୍ ଏହି ବାଡ଼ର ଡିଜାଇନ କରିଥିଲେ ଓ ଏହାକୁ ୨୦୦୮ରେ କେନିଆରେ ପରୀକ୍ଷା କରାଯାଇଥିଲା। ଏହାର ସବୁଦିଗ ଉପରେ ଲୁସି ଅନୁଧ୍ୟାନ କରିବା ପରେ ମତ ଦେଇଥିଲେ ଯେ, ହାତୀ ଫସଲ ନଷ୍ଟ କରୁଥିବା କ୍ଷେତ ଚାରିପାଖରେ ମହୁବାକ୍ସ ବାଡ଼ କଲେ ଚାଷୀମାନେ ଉପକୃତ ହେବେ। ଏହି ସିଦ୍ଧାନ୍ତକୁ ସେଭ୍ ଦି ଏଲିଫ୍ୟାଣ୍ଟସ, ଅକ୍ସଫୋର୍ଡ ୟୁନିଭର୍ସିଟି ଏବଂ ଡିସ୍‌ନେସ ଆନିମଲ କିଙ୍ଗଡମ୍ ସମର୍ଥନ କରିଥିଲେ। ୧୦ଟିରୁ ଅଧିକ ଆଫ୍ରିକୀୟ ଦେଶ ଏହି ବ୍ୟବସ୍ଥାକୁ ଗ୍ରହଣ କରିଛନ୍ତି। ତାଞ୍ଜାନିଆରେ ସାଇଲେଣ୍ଟ ହିରୋଜ୍ ଫାଉଣ୍ଡେଶନ ଏଭଳି ମହୁବାକ୍ସର ବାଡ଼ ତିଆରି କରିଛନ୍ତି। ସେମାନେ ଏହାଦ୍ୱାରା ୮୦% ସଫଳତା ପାଇଛନ୍ତି। ଏହି ବାଡ଼ ତିଆରି କରିବା ଲାଗି କମ୍ ଖର୍ଚ୍ଚ ହେଉଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି,ଏଥିରୁ ମଧ୍ୟ ରୋଜଗାର ହେଉଛି। କୃଷକମାନେ 'ଏଲିଫ୍ୟାଣ୍ଟ ଫ୍ରି ବ୍ରାଣ୍ଡ୍'ରେ ମହୁ ସାରା ବିଶ୍ୱରେ ବିକ୍ରି କରୁଛନ୍ତି। ଏହି ବାଡ଼ ହେଉଛି ପ୍ରଥମ ହାତୀ ପ୍ରତିରୋଧୀ ବାଡ଼ । ଏହାର ରକ୍ଷଣାବେକ୍ଷଣ ପାଇଁ ଯାହା ଖର୍ଚ୍ଚ ହୁଏ, ଚାଷୀ ତା'ଠାରୁ ଅଧିକ ଟଙ୍କା ମହୁରୁ ପାଇଥାନ୍ତି ବୋଲି କିଙ୍ଗ୍ ଉଲ୍ଲେଖ କରିଛନ୍ତି। ପାରିପାର୍ଶ୍ୱିକ ଅଞ୍ଚଳରେ ପରିବେଶଗତ ତଥା ଆର୍ଥିକ ବିକାଶରେ ଏହା ସହାୟକ ହୁଏ। ଏହା ପାଇଁ ବିଦ୍ୟୁତ ଆବଶ୍ୟକ ହୁଏନାହିଁ କି ଅଧିକ ଜାଗା ଦରକାର ପଡେନି। ଏହି ବାଡ଼ ହାତୀଙ୍କୁ ତଡ଼ିବାରେ ପ୍ରାୟ ୮୦% ସଫଳ ହୋଇଥାଏ ଏବଂ ୨୦% ହାତୀଙ୍କ ଦ୍ୱାରା ଯାହା କ୍ଷତି ହୁଏ,ତାହାକୁ ଚାଷୀମାନେ ବିକଳ୍ପ ଆୟ( ମହୁରୁ)ରେ ଭରଣା କରିବା ସହ ଅଧିକ ଲାଭ ପାଇଥାନ୍ତି ବୋଲି କିଙ୍ଗ ପ୍ରକାଶ କରିଛନ୍ତି। ଏହି ବାଡ଼ ଚାଷୀମାନଙ୍କୁ ଅଧିକ ରୋଜଗାର ଦେବାସହ ହାତୀର ସୁରକ୍ଷା ପାଇଁ ସେମାନଙ୍କୁ ପ୍ରୋତ୍ସାହିତ କରିବ। ଅନ୍ତତଃ ପକ୍ଷେ ଏହା ସ୍ଥାନୀୟ ଅଞ୍ଚଳରେ ହାତୀ-ମଣିଷ ଲଢ଼େଇର ପରିସମାପ୍ତି କରି ସେମାନଙ୍କୁ ବଞ୍ଚିବାକୁ ଦେବ। ଆମେ ଯଦି ଏହି ସିଦ୍ଧାନ୍ତକୁ ଗ୍ରହଣ କରିବା,ତେବେ ହାତୀମାନେ ଇକୋଟୁରିଜମକୁ ଆଗକୁ ବଢ଼ାଇ ଅଧିକ ଆୟର ବାଟ କଢାଇ ନେବେ। ଆଫ୍ରିକାର ଏକ ଆକଳନରୁ ଜଣାପଡ଼ିଛି ଯେ,ପ୍ରତ୍ୟେକ ହାତୀ ଦ୍ୱାରା ବର୍ଷକୁ ପର୍ଯ୍ୟଟକଙ୍କଠାରୁ ୨୩,୦୦୦ ଡଲାର ଆୟ ହୁଏ। ଯଦି ଭାରତ ସରକାର ଏହାକୁ ହୃଦବୋଧ କରି କୃଷକମାନଙ୍କ ପାଇଁ ମହୁବାକ୍ସ ବାଡ଼ ତିଆରି ଆରମ୍ଭ କରିବାରେ ନିବେଶ କରନ୍ତେ,ତେବେ ଏହା ହାତୀମାନଙ୍କ ଜୀବନ ବଞ୍ଚାଇବାର ଏକ ବିକଳ୍ପ ହୋଇପାରନ୍ତା।

କିଙ୍ଗ୍‌ଙ୍କ ସଂସ୍ଥା ଲୋକମାନଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କୁ ବିଭିନ୍ନ ଦେଶରେ ଏଭଳି ଘଟଣା ଘଟୁଥିବା ସ୍ଥାନଗୁଡ଼ିକୁ ପଠାଉଛି। ସେମାନେ ସେଠାକାର ଲୋକମାନଙ୍କୁ ଏହା ଗ୍ରହଣ କରିବା ସହ କେମିତି ମହୁ ବିକ୍ରି କରିବେ ସେ ସମ୍ପର୍କରେ ପ୍ରଶିକ୍ଷଣ ଦେଉଛନ୍ତି। ବିଭିନ୍ନ ପ୍ରକାର ମହୁବାକ୍ସ କେମିତି ତିଆରି କରିବେ ତାହା ଲାଗି ଲୋକମାନଙ୍କୁ ମାଗଣାରେ ଏକ ମାନୁଆଲ ପ୍ରଦାନ କରୁଛନ୍ତି। ଏହାବାଦ ସମାଧାନର ଆହୁରି ଅନେକ ବାଟ ରହିଛି। ଲଙ୍କାବାଡ କରି ବି ହାତୀମାନଙ୍କୁ ଅଟକାଇ ହେବ। ଲଙ୍କାରେ ଥିବା କ୍ୟାପ୍‌ସାଇସିନ୍ ତତ୍ତ୍ୱ ହାତୀମାନଙ୍କ ସମ୍ବେଦନଶୀଳ ନାକକୁ ଟାର୍ଗେଟ କରେ।

ବାଘ ଓ ହାତୀ ନାହାନ୍ତି ମାନେ ଭାରତର ଆତ୍ମା ନାହିଁ। ଏହି ଦୁଇ ପ୍ରଜାତିର ପ୍ରାଣୀ ଏବେ ବିଲୁପ୍ତିର ଦ୍ୱାର ଦେଶରେ। ଆମେ ସେମାନଙ୍କ ପାଖରେ ଥାଉ ଥାଉ ଯଦି ସେମାନଙ୍କୁ ମରିବାକୁ ଛାଡିଦେବା,ତେବେ ଏହା ବିପର୍ଯ୍ୟୟ ଆଣିବ। ହେଲେ ଗୋଟିଏ ପ୍ରଜାତିର ବନ୍ୟଜନ୍ତୁକୁ ବଞ୍ଚାଇ ରଖିବା ପାଇଁ ବୁଦ୍ଧି ଖଟାଇଥିବାର ଜଣେ ହେଲେ ବି ସରକାରୀ ବୈଜ୍ଞାନିକ ମୋତେ ଏଯାବତ୍ ମିଳିନାହାନ୍ତି।

Email: gandhim@nic.in

# କର୍କଟ ରୋଗ ଓ ଭାରତୀୟ ମହିଳା



ଡା. ମଧୁସ୍ମିତା ପ୍ରଧାନ

ଭାରତରେ କରୋନା ମହାମାରୀ ଚିକିତ୍ସା ସ୍ୱାସ୍ଥ୍ୟ କ୍ଷେତ୍ର ପାଇଁ ଯେତିକି ଆହ୍ୱାନ ସୃଷ୍ଟି କରିଛି ସେତିକି ଉତ୍ତରଦାୟିତ୍ୱ ମଧ୍ୟ ବଢ଼ାଇ ଦେଇଛି। ତେବେ ବିଶେଷକରି କର୍କଟ ରୋଗ କ୍ଷେତ୍ରକୁ ଦେଖିଲେ ଜଣାଯାଏ କରୋନାରେ ସଂକ୍ରମିତ ରୋଗୀ ପୂର୍ବରୁ ଯଦି ଜଣେ ଏହି ରୋଗର ଶିକାର ହୋଇଥାନ୍ତି ତେବେ ତାଙ୍କ ପାଇଁ ଚିକିତ୍ସା ଯେତିକି ଗୁରୁତ୍ୱପୂର୍ଣ୍ଣ ସେତିକି ତତ୍କାଳ ମଧ୍ୟ। ତେବେ ସବୁଠାରୁ ବଡ଼କଥା ହେଉଛି ସଂଖ୍ୟାତ୍ମକ ଓ ତୁଳନାତ୍ମକ ଭାବେ ବ୍ୟବଧାନକୁ ଦେଖିଲେ ଜଣାପଡ଼େ ଯେ ମହିଳାମାନେ ଅଧିକ ଭାବରେ କର୍କଟ ରୋଗର ଶିକାର ହେଉଛନ୍ତି। ଭାରତରେ ଏବେ କର୍କଟ ରୋଗର ବ୍ୟାପକତା ଚିକିତ୍ସା କ୍ଷେତ୍ରରେ ମୁଣ୍ଡବିନ୍ଧା ବଢାଇଦେଇଛି। ଇଣ୍ଡିଆନ କାଉନ୍‌ସିଲ ଫର୍ ମେଡିକାଲ ରିସର୍ଚ୍ଚ ପକ୍ଷରୁ କୁହାଯାଇଛି ଯେ, ୨୦୨୧ ବେଳକୁ ୧୮ଲକ୍ଷ ନୂଆ କର୍କଟ ରୋଗୀ ପୁରୁଣା ରୋଗୀଙ୍କ ସଂଖ୍ୟା ସହିତ ଯୋଡ଼ି ହୋଇଯାଇଥିବେ ଏବଂ ଏଥିରେ ମୃତକଙ୍କ ସଂଖ୍ୟା ବର୍ଷକୁ ୮ଲକ୍ଷରେ ପହଞ୍ଚିଥିବ। ପୁଣି ଯାହା ଆହୁରି ଅଧିକ ପ୍ରଣିଧାନଯୋଗ୍ୟ ତାହା ହେଲା ଆମ ଦେଶରେ ମହିଳା କର୍କଟ ରୋଗୀଙ୍କ ସଂଖ୍ୟା ପୁରୁଷମାନଙ୍କ ତୁଳନାରେ ଅଧିକ। ପୃଥିବୀରେ ଯେଉଁ ଧାରା ସର୍ବତ୍ର ପରିଦୃଷ୍ଟ ହୁଏ, ତାହା ହେଲା କର୍କଟ ରୋଗଗ୍ରସ୍ତଙ୍କ ଭିତରେ ପୁରୁଷ ବହୁଳତା। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଏକ ଆକଳନରୁ ଜଣାପଡ଼ିଛି ଯେ ବିଶ୍ୱ ସ୍ତରରେ କର୍କଟ ରୋଗାକ୍ରାନ୍ତ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ପ୍ରାୟ ୨୫ପ୍ରତିଶତ ଅଧିକ। କିନ୍ତୁ ଭାରତରେ ସ୍ଥିତି ତା'ର ଓଲଟା। ଆମ ଦେଶରେ ମହିଳାମାନେ ମୁଖ୍ୟତଃ ଜରାୟୁ ଗ୍ରୀବା କର୍କଟ, ସ୍ତନ କର୍କଟ ଏବଂ ଫୁସ୍‌ଫୁସ୍ କର୍କଟରେ ଅଧିକ ଆକ୍ରାନ୍ତ ହୋଇଥାଆନ୍ତି। ଆଇସିଏମ୍‌ଆର ପକ୍ଷରୁ ପ୍ରକାଶିତ ତଥ୍ୟ ଅନୁସାରେ ଆମ ଦେଶରେ ପ୍ରତି ୮ମିନିଟରେ ଜଣେ ମହିଳା ଜରାୟୁ କର୍କଟ ରୋଗରେ ପ୍ରାଣ ହରାଉଥିବା ବେଳେ ସ୍ତନ କର୍କଟ ବୋଲି ଚିହ୍ନିତ ହେଉଥିବା ପ୍ରତି ଦୁଇ ଜଣ ମହିଳାଙ୍କ ଭିତରୁ ଜଣେ ପ୍ରାଣ ହରାନ୍ତି।

ଏ ସମ୍ପର୍କରେ ଅନୁଧ୍ୟାନ ପରେ ଯେଉଁ ଧାରାଟି ସ୍ପଷ୍ଟ ହୋଇଛି ତାହା ହେଲା ଆମ ଦେଶରେ ଯେମିତି ଅଧିକ ସଂଖ୍ୟକ ମହିଳା କର୍କଟରେ ଆକ୍ରାନ୍ତ ହୁଅନ୍ତି, ସେମିତି ସେମାନଙ୍କ ଆରୋଗ୍ୟ ଲାଭ କରିବାର ସଂଖ୍ୟା ମଧ୍ୟ ତୁଳନାତ୍ମକ ଭାବେ ପୁରୁଷମାନଙ୍କଠାରୁ କମ୍। ଏହାର ଯେଉଁ ଦୁଇଟି କାରଣ ଦର୍ଶାଯାଉଛି ତାହା ପରସ୍ପରର ବିରୋଧୀ ଜଣାପଡୁଥିଲେ ବି ବାସ୍ତବ ଓ ପ୍ରାସଙ୍ଗିକ। ପ୍ରଥମ କାରଣଟି ହେଲା ଭାରତୀୟ ପରିବାରରେ କୌଣସି ରୋଗର ନିଦାନ ଓ ଚିକିତ୍ସା ଲାଗି ମହିଳାମାନଙ୍କୁ ଡାକ୍ତରମାନଙ୍କ ପାଖକୁ ନିଆଯିବାରେ ବିଳମ୍ବ କରାଯାଉଥିବାରୁ ଅନେକ କ୍ଷେତ୍ରରେ କର୍କଟ ଭଳି ରୋଗ ନିରୂପିତ ହେବାରେ ଡେରି ହୋଇଯାଏ, ଯାହା ଆରୋଗ୍ୟ ଲାଭ କରିବାର ସମ୍ଭାବନାକୁ ଖୁବ୍ ସଂକୁଚିତ କରିଦିଏ। ଦ୍ୱିତୀୟ କାରଣଟି ହେଲା ସନ୍ତାନ ଜନ୍ମ ଲାଗି ଏପରି କି ଭ୍ରୂଣର ଲିଙ୍ଗ ନିରୂପଣ ଲାଗି ମହିଳାମାନେ ଅଧିକରୁ ଅଧିକ ସଂଖ୍ୟାରେ ଅଲଟ୍ରା ସାଉଣ୍ଡ କରାଇଥାଆନ୍ତି। ଅନେକ ସମୟରେ କର୍କଟ ରୋଗ ଏଥିରୁ ଦୈବାତ ଧରାପଡ଼ିଯାଏ। ଏଭଳି ମାମଲାରେ ରୋଗୀଙ୍କ ଭଲ ହେବାର ସମ୍ଭାବନା ଅଧିକ ଥାଏ। ଏହି କାରଣରୁ ଆମ ଦେଶରେ ୪୫ ବର୍ଷ ବୟସରୁ ୫୦ ବର୍ଷ ବୟସ ଭିତରେ ଅଧିକରୁ ଅଧିକ ସଂଖ୍ୟକ ମହିଳାଙ୍କଠାରେ କର୍କଟ ରୋଗ ନିରୂପିତ ହେଉଥିବା ଦେଖାଯାଉଛି। ଏସବୁ ମଧ୍ୟରେ ଏକ ଆଶ୍ୱସ୍ତର ପ୍ରସଙ୍ଗ ହେଉଛି ଏହା ଯେ ଆଜିକୁ ଦୁଇବର୍ଷ ତଳୁ କେନ୍ଦ୍ର ସରକାର କର୍କଟ ରୋଗୀଙ୍କ ପାଇଁ ଉଦ୍ଦିଷ୍ଟ ଔଷଧର ମୂଲ୍ୟ କମ୍ କରିଦେଇଛନ୍ତି କାରଣ ଏହା ପୂର୍ବରୁ କର୍କଟ ରୋଗର ଔଷଧ ଦାମ୍ ଅଧିକ ହୋଇଥିବାରୁ ବିଶେଷକରି ଗାଁ ଗଣ୍ଡାରେ ରହୁଥିବା ମହିଳା, ଅସ୍ୱଚ୍ଛଳ, ଅଶିକ୍ଷିତବର୍ଗ ଓ ସର୍ବୋପରି ସଚେତନହୀନ ମହିଳାମାନେ ଏକ ପ୍ରକାର ସେମାନଙ୍କ ଜୀବନକୁ ସତେଯେପରି ନର୍କ ଭିତରେ ଆବିଷ୍କାର କରିଥାନ୍ତି। ତେବେ କର୍କଟ ନିରୂପଣ କରାଯିବା ତ ଅଲଗା କଥା। ପ୍ରଥମ କଥା ହେଲା ଅଧିକରୁ ଅଧିକ ସଂଖ୍ୟକ ମହିଳା କର୍କଟ ଦ୍ୱାରା ଆକ୍ରାନ୍ତ ହେଉଛନ୍ତି କାହିଁକି ? ଏହାର କୌଣସି ନିର୍ଦ୍ଦିଷ୍ଟ କାରଣ ବାହାର କରାଯାଇପାରିବ ନାହିଁ। ଜୀବନ ଶୈଳୀରେ ଅବ୍ୟବସ୍ଥା, ଉଚ୍ଚ ସ୍ନେହସାରଜାତୀୟ ଖାଦ୍ୟ ତଥା ପ୍ରଦୂଷଣ ଭାରତରେ କର୍କଟ ରୋଗ ବଢ଼ିବା ପଛରେ ଥିବା ପ୍ରମୁଖ କାରଣ। ଉଭୟ ମହିଳା ଓ ପୁରୁଷମାନଙ୍କ ଲାଗି ଏହା ସମାନ ଭାବେ ଲାଗୁ। କିନ୍ତୁ ରୋଗ ନିରୂପଣରେ ମହିଳାମାନଙ୍କ ସଂଖ୍ୟା ପୁରୁଷମାନଙ୍କଠାରୁ ଅଧିକ ବୋଲି ଗବେଷକମାନଙ୍କ ମତ। କରୋନା ଆକ୍ରାନ୍ତ ମହିଳାମାନେ ବର୍ତ୍ତମାନର ସମୟରେ କର୍କଟ ରୋଗକୁ ସାମ୍ନା କଲେ ସେମାନଙ୍କ ପାଇଁ ଉନ୍ନତ ଓ ସ୍ୱତନ୍ତ୍ର ଚିକିତ୍ସା ଲୋଡ଼ା।

ସହକାରୀ ପ୍ରଫେସର, ସ୍ତ୍ରୀ ଓ ପ୍ରସୂତି ରୋଗ ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ
dr.madhupradhan009@gmail.com

# ଏଇ ଭାରତରେ

ଭାରତରେ ୩୭୭ ମିଲିୟନ ଲୋକ ସହରାଞ୍ଚଳରେ ରହୁଛନ୍ତି ଓ ବର୍ଷକୁ ୬୦ ମିଲିୟନ ଟନ୍ କଠିନ ବର୍ଜ୍ୟ ବାହାରୁଛି। ସେଥିରୁ ପ୍ରାୟ ୩୧ ମିଲିୟନ ଟନ୍ ବର୍ଜ୍ୟ ଏଣେତେଣେ ଗଦା ହେଉଛି। ମୁମ୍ବାଇରେ ଏଭଳି ବର୍ଜ୍ୟ ସମସ୍ୟା ବି ଭୟଙ୍କର ଓ ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ହେଉଛି। ଏଣୁ ଏହି ବର୍ଜ୍ୟର ପୁନଃ ବିନିଯୋଗ କରି ଏକ ସୁସ୍ଥ ପରିବେଶ ଯୋଗାଇ ଦେବା ସହ ଲୋକମାନଙ୍କୁ ସଶକ୍ତ କରିବାରେ ରିତ୍‌ଭିକ ରାଓଙ୍କ ଉଦ୍ୟମ ପ୍ରଶଂସନୀୟ। ସେ ମୁମ୍ବାଇର ବର୍ଜ୍ୟ ପରିଚାଳନା ପାଇଁ ସୋସିଆଲ ଏଣ୍ଟରପ୍ରାଇଜ 'ସମ୍ପୂର୍ଣ୍ଣାଥ' ଗଢ଼ିଛନ୍ତି ଓ ତା'ମାଧ୍ୟମରେ ଏବେ ସୁଦ୍ଧା ୬୦,୦୦୦ ଟନ୍ ଖାଦ୍ୟ ବର୍ଜ୍ୟକୁ ପ୍ରୋସେସିଂ କରିସାରିଛନ୍ତି। ୨୦୧୨ରେ ମୁମ୍ବାଇରେ 'ସମ୍ପୂର୍ଣ୍ଣାଥ' ଗଠନ କରିବାରେ ରିତ୍‌ଭିକଙ୍କୁ ତାଙ୍କର ଦୁଇଜଣ ସାଙ୍ଗ ସହଯୋଗ କରିଥିଲେ। ବର୍ଜ୍ୟ ଡିସ୍‌ପୋଜାଲ ଏବଂ ରିସାଇକ୍ଲିଂ କରିବା ସହ ବର୍ଜ୍ୟ ନିର୍ଗମନକୁ ସମ୍ପୂର୍ଣ୍ଣ କମ୍ କରିବା ତାଙ୍କ ଲକ୍ଷ୍ୟ ବୋଲି କହନ୍ତି ୩୧ ବର୍ଷୀୟ ରିତ୍‌ଭିକ। ଏହି ଅଭିଯାନରେ ଗତ ୮ ବର୍ଷ ମଧ୍ୟରେ ସେ ୫୦୦ ବର୍ଜ୍ୟ ସଂଗ୍ରହକାରୀଙ୍କୁ ସାମିଲ କରିଛନ୍ତି। ଏମାନଙ୍କ ମଧ୍ୟରୁ ଅନେକଙ୍କୁ ବି ସେ ବିଘଟନଯୋଗ୍ୟ ଏବଂ ବିଘଟନ ଅଯୋଗ୍ୟ ବର୍ଜ୍ୟ ପରିଚାଳନା ଉପରେ ପ୍ରଶିକ୍ଷଣ ଦେଇଛନ୍ତି। ଏହି ସଂସ୍ଥା କେତେକ ଘରୋଇ ସଂସ୍ଥା, କର୍ପୋରେଟ, ଶିକ୍ଷାନୁଷ୍ଠାନ ଏବଂ ମ୍ୟୁନିସିପାଲିଟି କର୍ପୋରେଶନ ସହଯୋଗରେ କାର୍ଯ୍ୟ କରୁଛି।

## ୨୫ ବର୍ଷ ତଳର ଧରିତ୍ରୀ

୨୪ ଡିସେମ୍ବର ୧୯୯୫

- ହରିୟାଣାସ୍ଥିତ ଦବୱାଲି ମଣ୍ଡିଠାରେ ଭୟାବହ ଅଗ୍ନିକାଣ୍ଡ ଘଟି ବହୁ ସ୍କୁଲ ପିଲାଙ୍କ ସହ ୩୦୦ ଜୀବନ୍ତ ଦଗ୍ଧ।
- ପଞ୍ଜାବ ମୁଖ୍ୟମନ୍ତ୍ରୀ ବିୟନ୍ତ ସିଂ ହତ୍ୟା ଘଟଣାର ମୁଖ୍ୟ ଦୁଇ ଆସାମୀ ସମେତ ୩ କୁଖ୍ୟାତ ଆତଙ୍କବାଦୀ ଗିରଫ।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| C | | | 5 | 6 | | | | | | | | | | |
| | | 1 | D | | | | | | | | | | 7 | |
| E | 6 | 2 | | | | | D | | B | | 0 | 9 | 4 | |
| | | A | | 4 | | | 3 | | | 2 | | | | |
| 5 | | | | 2 | | 7 | 6 | 4 | | D | | B | C | |
| | | 8 | C | 5 | A | B | | | | | 3 | 0 | 1 | |
| | E | C | | | | | | | | | 6 | D | | |
| | | | | | | | | | E | | | A | | |
| 0 | | | | D | | 9 | | 7 | | | 8 | 2 | 6 | C |
| 7 | 2 | D | 0 | | | 5 | | C | | A | B | | | |
| | | | | 3 | 1 | | | | | | | 6 | | 9 |
| | A | 5 | | | | | | | | 6 | | | | 8 |
| | D | E | | | | | 0 | | | 3 | 7 | 5 | | 2 |
| | 0 | | | | 7 | D | 5 | | 2 | | | 1 | | |
| 8 | | | | | | | | | 9 | | C | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | 5 | 7 | C | 8 | 2 | 4 | 0 | 1 | D | 9 | E | 6 | 3 | A |
| 6 | D | 3 | 1 | 4 | A | 2 | C | 9 | B | 8 | 0 | 5 | 7 | E |
| C | A | 2 | 3 | D | B | 5 | E | 8 | 4 | 7 | 6 | 0 | 1 | 9 |
| 4 | 0 | 9 | 6 | E | 7 | D | 3 | A | 1 | 5 | 2 | 8 | C | B |
| 8 | 1 | E | 9 | 5 | 0 | B | 6 | 7 | C | 3 | A | 2 | D | 4 |
| 9 | 7 | 0 | 4 | A | 5 | 6 | 1 | 2 | 8 | B | C | 3 | E | D |
| A | B | 6 | 7 | 2 | C | E | 9 | 3 | 5 | 0 | D | 1 | 4 | 8 |
| D | E | C | 0 | 9 | 8 | A | 5 | 4 | 3 | 1 | 7 | B | 2 | 6 |
| 5 | 2 | 1 | E | 3 | D | 8 | 7 | B | A | 6 | 4 | C | 9 | 0 |
| 3 | 8 | 4 | B | 1 | 6 | C | D | 0 | E | 2 | 9 | A | 5 | 7 |
| 0 | 6 | 5 | D | B | 4 | 3 | 2 | E | 7 | C | 8 | 9 | A | 1 |
| 7 | 4 | A | 8 | 0 | 3 | 1 | B | C | 9 | D | 5 | E | 6 | 2 |
| 2 | 9 | B | A | 6 | 1 | 7 | 4 | 5 | 0 | E | 3 | D | 8 | C |
| E | C | D | 5 | 7 | 9 | 0 | 8 | 6 | 2 | A | 1 | 4 | B | 3 |
| 1 | 3 | 8 | 2 | C | E | 9 | A | D | 6 | 4 | B | 7 | 0 | 5 |

ଗତକାଲିର ଉତ୍ତର

# ଛାତିରେ ହାତ ରଖି କହିପାରିବା କି



ଉପେନ୍ଦ୍ର ବିଶ୍ୱାଳ

"ମୋ ରାଜ୍ୟରେ ଏମିତି କେତେ ଜଣ ଓଏଏସ ଅଫିସର ଅଛନ୍ତି, ଯେଉଁମାନେ କି ଛାତିରେ ହାତ ରଖି କହିପାରିବେ ସଚ୍ଚୋଟ ବୋଲି" -ବାଲେଶ୍ୱରଠାରେ ୧୯୯୦ରେ ଅନୁଷ୍ଠିତ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କ ବାର୍ଷିକ ଅଧିବେଶନରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁବାବୁଙ୍କର ଏହା ଥିଲା ବଜ୍ର ଆହ୍ୱାନ। ଗଣମାଧ୍ୟମର ପ୍ରମୁଖ ଖବର ପାଲଟି ଥିଲାବେଳେ, ସମଗ୍ର ଦେଶରେ ବି ଏହା ପ୍ରତିଧ୍ୱନିତ ହୋଇଥିଲା ସେତେବେଳେ। ନୀଳଗିରିର ତତ୍କାଳୀନ ତହସିଲଦାର ଖବରକାଗଜର ଏହି ଶିରୋନାମାକୁ ଅଫିସ ଟେବୁଲର କାଚ ତଳେ ସାଇତିରଖିଥିଲେ। ଅବଶ୍ୟ, ଛାତିରେ ହାତ ରଖି ସଚ୍ଚୋଟ ବୋଲି କହିବାକୁ ପଡୁ ନ ଥିଲା, ଏହି ଅଧିକାରୀଙ୍କୁ। ବ୍ୟକ୍ତିଗତ କାମରେ ବାଲେଶ୍ୱର ଗଲେ ବି ବସରେ ବରଂ ଯାଉଥିଲେ, କିନ୍ତୁ ସରକାରୀ ଗାଡ଼ି ବ୍ୟବହାର କରୁ ନ ଥିବା, ଏ ଲେଖକ ଦେଖିଛି। ଦୁଇଟି ପାଳିରେ ମାତ୍ର ୭ବର୍ଷ ପାଇଁ ବିଜୁବାବୁ ଥିଲେ ମୁଖ୍ୟମନ୍ତ୍ରୀ। ଏ ଜାତି ପାଇଁ ଲଢ଼ିଛନ୍ତି। ଦୁର୍ନୀତିକୁ ପ୍ରଶ୍ରୟ ଦେଇନାହାନ୍ତି। ସେତେବେଳେ ସରକାରୀ କର୍ମଚାରୀମାନେ ଆଜି ପରି ଏମିତି ଖୁଲମ୍‌ଖୁଲା ଦୁର୍ନୀତି କରୁ ନ ଥିଲେ। ତାଙ୍କ ପ୍ରତି ଯେମିତି ଥିଲା ଭକ୍ତି, ସେମିତି ବି ଥିଲା ଭୟ। ମାତ୍ର, ଆଜି ଏମିତି କୌଣସି ଦିନ ନ ଥିବ, ଯେଉଁଦିନ ଭିଜିଲାନ୍ସ ଦ୍ୱାରା ବନ୍ଧା ହୋଇଥିବାର ଖବର ବାହାରି ନ ଥିବ। ସମାଜର ସମଗ୍ର ସତ୍ତାକୁ କେମିତି ଏହା ଗ୍ରାସ କଲାଣି, ତାହା ତ ବେଶ୍ ଜଣାପଡ଼େ, ଗୋଟେ ଗୋଟେ ଦିନର ଖବରରୁ। ଭିଜିଲାନ୍ସ ଦ୍ୱାରା କୋଟିପତି ଇଞ୍ଜିନିୟର ଧରାପଡିବା, ଅଧ୍ୟାପକଙ୍କ ଘରୁ କୋଟି କୋଟି ଟଙ୍କାର ସମ୍ପତ୍ତି ଠାବ ହେବା , ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ସହକାରୀ ଶିକ୍ଷକଙ୍କ ବିରୋଧରେ ଭିଜିଲାନ୍ସ ଦ୍ୱାରା ୪କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠାବ ଆଦି ଖବର ପ୍ରକାଶ ପାଉଛି।

ଅଟ୍ଟାଳିକାଟିଏ ଗଢ଼ିବାକୁ ହେଲେ, ଖାଲଟିଏ ଆଗ ଖୋଳିବାକୁ ହୁଏ। କୋଟି କୋଟି ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ହେଉଛି ମାନେ, କେଉଁଠି ନା କେଉଁଠି ନଗଡ଼ା ପରି ଗାଁ ସୃଷ୍ଟି ହୋଇ ଚାଲିଛି। ଗୋଟେ ଭୂଖଣ୍ଡର ବିକାଶ ବାଧାପ୍ରାପ୍ତ ହୁଏ ସେତେବେଳେ, ଯେବେ ଭ୍ରଷ୍ଟାଚାରର ବିଷାକ୍ତ ବଳୟ ବ୍ୟାପି ଚାଲେ ବ୍ୟକ୍ତି ସତ୍ତାରୁ ସମଗ୍ର ସତ୍ତାକୁ। ଦୁର୍ନୀତିର ଦାବାନଳରେ ଦୁର୍ଗତିକୁ ସାମ୍ନା କରେ ଦେଶ। ଏଣୁ, ଦୁର୍ନୀତି ବିରୋଧରେ ସଚେତନତା ସୃଷ୍ଟି ପାଇଁ ଡିସେମ୍ବର ୯ ତାରିଖରେ ଜାତିସଂଘ ଦ୍ୱାରା ପାଳିତ ହୋଇ ଆସୁଛି ଦୁର୍ନୀତି ନିରୋଧ ଦିବସ। ପୁଣି, ଚଳିତ ବର୍ଷ (ଅକ୍ଟୋବର ୨୭ରୁ ନଭେମ୍ବର ୨) ପରି ପ୍ରତିବର୍ଷ ସପ୍ତାହ ବ୍ୟାପୀ ପାଳିତ ହୁଏ ଦୁର୍ନୀତି ସଚେତନତା ସପ୍ତାହ। ସରକାରୀ ଦପ୍ତରଗୁଡ଼ିକରେ ସମସ୍ତେ ଶପଥ ନେଇଥାନ୍ତି, ସ୍ୱଚ୍ଛତା ଅବଲମ୍ବନ କରିବାକୁ, ନିଜେ ଦୁର୍ନୀତି ମୁକ୍ତ ରହିବାକୁ। ଭ୍ରଷ୍ଟାଚାର ବିରୋଧରେ କେନ୍ଦ୍ର ସରକାରଙ୍କ କଠୋର ଆଭିମୁଖ୍ୟ, ଶୂନ୍ୟ ସହନଶୀଳତା ପରି ଓଡ଼ିଶା ସରକାର ମଧ୍ୟ ସେଇ ପନ୍ଥା ଧରି, ୨୦୧୯ରେ ଶତାଧିକ ସରକାରୀ କର୍ମଚାରୀଙ୍କୁ ବହିଷ୍କାର କରିବା ସହିତ କେତେଜଣଙ୍କ ପେନ୍‌ସନ ବି ବନ୍ଦ କରି ଦେଇଛନ୍ତି। ତଥାପି ଆମେ ନିର୍ଲଜ୍ଜମାନେ ଚେତୁ ନାହୁଁ କି ଲୋଭକୁ ଛାଡି ପାରୁନାହୁଁ, ଠିକ 'ପାହମ୍' ପରି। ସୁପ୍ରସିଦ୍ଧ ରୁଷୀୟ ଲେଖକ ଲିଓ ଟଲଷ୍ଟୟଙ୍କ "How much land does a man require" ଗଳ୍ପର ମୁଖ୍ୟ ଚରିତ୍ର 'ପାହମ୍'କୁ ଲୋଭ କବ୍‌ଜା କରିବସେ। ସମ୍ପତ୍ତି ସମ୍ପତ୍ତି ବୋଲି ଦିନ ରାତି ଭାଳି ହୁଏ। ସେମିତି ଦିନେ ଅତିକ୍ରମ ଜମିକୁ ଅକ୍ତିଆର କରିବା ଲକ୍ଷ୍ୟରେ ସୂର୍ଯ୍ୟୋଦୟରୁ ଅଣନିଃଶ୍ୱାସୀ ହୋଇ ଦୌଡ଼ିଛି ସେ। ପାହମ୍ ପାସୋରି ଦେଇଥିଲା କଠୋର ଚେତାବନୀକୁ - ସୂର୍ଯ୍ୟାସ୍ତ ପୂର୍ବରୁ ହିଁ ତାକୁ ଫେରିବାକୁ ପଡ଼ିବ ମୂଳ ସ୍ଥଳକୁ। ଏଣୁ, କ୍ଷିପ୍ର ଗତିରେ ଫେରୁଥିବା ପାହମ, ପହଞ୍ଚି ନ ପାରି ଟଳି ପଡିଛି ଅଳ୍ପ କିଛି ଦୂରରେ। ଶେଷରେ ମର ଶରୀରକୁ କବର ଦିଆଗଲା, ମାତ୍ର ୬ଫୁଟ ଜାଗାରେ। ଆଜି ଆମେ 'ପାଠକ'ମାନେ ବି ଠିକ ସେମିତି। "ଜୀବନ ସୂର୍ଯ୍ୟ ଅସ୍ତମିତ ହେବ ଓ ଆମକୁ ଫେରିବାକୁ ହେବ ସୁନିଶ୍ଚିତ। ଆମ ପାଇଁ ଲୋଡ଼ା ମାତ୍ର ଛଅ ଫୁଟର ଜମି" - ଅତି ନିର୍ମମ ଏହି ସର୍ତ୍ତ ଓ ସତ୍ୟକୁ ଖାତିର ନ କରି, ଲକ୍ଷାଧିକ ଟଙ୍କାର ବେତନ ପାଇ ବି ଯହୁଁ ଦିନ ଗଡି ଗଡି ଯାଉଛି, ତହୁଁ ଆମେ ଜୋରରେ ଦୌଡୁଛୁ, ଅଧିକରୁ ଅଧିକ ଆବୋରିବାକୁ। କ'ଣ ହେବ କୋଡ଼ିଏ/ପଚିଶ କୋଟି ଟଙ୍କାର ଅନ୍ୟାୟ ଅର୍ଜିତ ସେ ସମ୍ପତ୍ତି ?

ଏବେ ଆସିବା, ଭିଜିଲାନ୍ସ ପାଖକୁ। ଓଡ଼ିଶା ଭିଜିଲାନ୍ସ ବିଭାଗର ବାର୍ଷିକ ବିବରଣୀ ଆଧାରରେ United News of Indiaର ତଥ୍ୟ କୁହେ, ୨୦୧୮ରେ ଦରଜ ହୋଇଥିବା ୭୦୭ ଅଭିଯୋଗ ମଧ୍ୟରୁ ୫୨ଜଣ ଥିଲେ ୧ମ ଶ୍ରେଣୀ ସରକାରୀ କର୍ମଚାରୀ ଓ ୪୩୩ ଜଣ ଥିଲେ ୩ୟ ଶ୍ରେଣୀର। ୨୦୧୭ରେ ୧୬୧ ଜଣଙ୍କୁ ଭିଜିଲାନ୍ସ ଟ୍ରାପ କରିଥିଲା ବେଳେ, ୨୦୧୮ରେ ୧୮୨ ଜଣଙ୍କୁ। ତନ୍ମଧ୍ୟରୁ ୧ମ ଶ୍ରେଣୀ ପାହ୍ୟାର ମାତ୍ର ୧୨ଜଣ ଥିଲାବେଳେ, ୩ୟ ଶ୍ରେଣୀ କର୍ମଚାରୀ ୧୬୧ ଜଣ। ଅତଏବ ଉପରୋକ୍ତ ତଥ୍ୟ କୁହେ, ବଡ଼ ବଡ଼ ହାକିମମାନେ କାଁ ଭାଁ କେଇଟି ଚୋରି କଲାବେଳେ, ପ୍ରାୟତଃ ସବୁ ଚୋରି, ତଳିଆ କର୍ମଚାରୀମାନେ ହିଁ କରିଥାନ୍ତି। ଏହା କେତେଦୂର ଯୁକ୍ତିଯୁକ୍ତ ? ସେମିତି, ଟ୍ରାଏଲ କୋର୍ଟରେ ଚାଲୁଥିବା ମୋକଦ୍ଦମା ମଧ୍ୟରୁ ୨୦୧୭ରେ ୪୭ ଭାଗ ବ୍ୟକ୍ତି ଦୋଷୀ ସାବ୍ୟସ୍ତ ହୋଇଥିଲା ବେଳେ ୨୦୧୮ରେ, ପାଖାପାଖି ୫୧ ଭାଗ। ଅର୍ଥାତ୍ ପ୍ରାୟ ୫୦ଭାଗ ବ୍ୟକ୍ତି ନିର୍ଦ୍ଦୋଷରେ ଖଲାସ ହୁଅନ୍ତି। ତା'ହେଲେ, ଏଥିରୁ ଆମେ କ'ଣ ବୁଝିବା ? ଭିଜିଲାନ୍ସ ବିଭାଗ ମିଛଟାରେ ବାହାବା ନେବାକୁ ଏମିତି ବାନ୍ଧି ପକାଏ ନା ପୋଲିସ ଦ୍ୱାରା ଜବତ ହେଉଥିବା ବ୍ରାଉନସୁଗାର, ବେଳେ ବେଳେ ଚକ୍ ଗୁଣ୍ଡରେ ପରିଣତ ହେବା ପରି, ଏଠି ବି ସେମିତି ଘଟୁଛି ? ୧୮୦ଟି ଦେଶକୁ ନେଇ Transparency International ଦ୍ୱାରା ହୋଇଥିବା ୨୦୧୯ ସର୍ଭେ ରିପୋର୍ଟ ଅନୁଯାୟୀ ସ୍ୱଚ୍ଛତାରେ ସର୍ବାଗ୍ରେ ଥିବା ଦେଶ ଗୁଡିକ ହେଲେ ଡେନମାର୍କ, ନ୍ୟୁଜିଲାଣ୍ଡ, ଫିନ୍‌ଲାଣ୍ଡ, ସିଙ୍ଗାପୁର, ସ୍ୱିଡେନ, ସୁଇଜରଲାଣ୍ଡ ଆଦି। ସର୍ବାଧିକ ଦୁର୍ନୀତିଗ୍ରସ୍ତ ତାଲିକାରେ ଅଛନ୍ତି ସୋମାଲିଆ, ଦକ୍ଷିଣ ସୁଦାନ, ସିରିଆ, ୟେମେନ ଆଦି ଅନୁନ୍ନତ ଦେଶ। ଆମ ଦେଶ ୨୦୧୮ରେ ୭୮ତମ ସ୍ଥାନରେ ଥିଲାବେଳେ ୨୦୧୯ରେ ରହିଛି ୮୦ତମ ସ୍ଥାନରେ। ତା'ମାନେ, ଏତେ ସବୁ ପଦକ୍ଷେପ ସତ୍ତ୍ୱେ ଦୁର୍ନୀତି ଏଇଠି ବଢି ବଢି ଚାଲିଛି।

'ମାଟିର ମଣିଷ'ର ସ୍ରଷ୍ଟା କାଳିନ୍ଦୀ ଚରଣ ପାଣିଗ୍ରାହୀଙ୍କ ଭାଷାରେ "ଆବଶ୍ୟକତାଠାରୁ ଅଧିକ ପାଇବାକୁ ପ୍ରୟାସ କରିବା, ଏକ ସାମାଜିକ ଅପରାଧ। ଏହା ଏକ ପାପ ପ୍ରକ୍ରିୟା।" କେତେଜଣ ଆମେ ଏହାକୁ ବୁଝୁଛୁ ଆଜି? ଏପରି କି, ଭିକାରିଙ୍କଠାରୁ ଲୁଟିବାକୁ ପଛାଉ ନ ଥିବା ଲୋକେ ବି ମିଳିବେ ଏଠି। ଏଇ ଯେମିତି, ପରିସ୍ଥିତି ଚାପ ଓ ବାଧ୍ୟବାଧକତାରେ ଅତି ବିପଦ ସଙ୍କୁଳ ପରିବେଶରେ କମ୍ପାନୀରେ ସିକ୍ୟୁରିଟି ଗାର୍ଡ ଥିବା ଜଣେ ବ୍ୟକ୍ତି, କାନ୍ଦି କାନ୍ଦି ସେଦିନ କହୁଥିଲେ ତାଙ୍କ ଶୋଷଣର କାହାଣୀ। ଏକ ଆନ୍ତର୍ଜାତିକ ସ୍ୱେଚ୍ଛାସେବୀ ସଙ୍ଗଠନର ଜିଲା ମୁଖିଆ ବୋଲି ପରିଚୟ ଦେଉଥିବା ବ୍ୟକ୍ତି ଜଣକ, ଓଡ଼ିଶାର ଏକ ବୃହତ୍ ଶିଳ୍ପାନୁଷ୍ଠାନର ସିକ୍ୟୁରିଟି ଇନଚାର୍ଜ ଥିବାବେଳେ, ମାସିକ ୪/୫ ହଜାର ଟଙ୍କା ବି ପାଉ ନ ଥିବା ଗାର୍ଡମାନଙ୍କର ଇପିଏଫ୍ ଓ ଇଏସ୍‌ଆଇ ପଇସା ଦାଖଲ ନ କରି ନିଜେ ପକେଟସ୍ଥ କରି ଚାଲିଥିଲେ ବର୍ଷ ବର୍ଷ ଧରି। ସମାଜ ବା ସରକାର, ସେମାନଙ୍କୁ ପ୍ରୋତ୍ସାହିତ କରେ କି? ତେବେ, ଦେଶରୁ ଦୁର୍ନୀତି ଓ ଦୁର୍ଗତି ଦୂର ହେବ କେମିତି? ଏଥିପାଇଁ ଆସନ୍ତୁ ଆମେ ପ୍ରତିଟି ପ୍ରାଣ ପଣ କରିବା,"ସତ୍ୟ ଓ ସଚ୍ଚୋଟତାକୁ ସାଥୀ କରିବା। ତା'ପରେ, ଛାତିରେ ହାତ ରଖି କହିପାରିବା- ମୁଁ ଚୋର ନୁହଁ, ମୁଁ ସଚ୍ଚୋଟ।

ଗୋଡ଼ିଶୂଳ, ସଜନାଗଡ଼, ବାଲେଶ୍ୱର
ମୋ:୯୪୩୭୪୩୬୦୭୩

# ପାଠକ ଶ୍ରେଷ୍ଠ ବିଚାରକ

## ନୌପର୍ଯ୍ୟଟନ ଯୋଜନା କାର୍ଯ୍ୟକାରୀ ହେଉ

ମହାଶୟ,

ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳରେ ନୌପର୍ଯ୍ୟଟନ ପରି ନିଆରା ବ୍ୟବସ୍ଥା କାର୍ଯ୍ୟକାରୀ କରାଯିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଫ୍ଲୋଟିଂ, ରେଷ୍ଟୁରାଣ୍ଟ, ଜେଟ୍‌ସ୍ପିଡ୍ ବୋଟ୍ ଏବଂ ୱାଟର ଜେଟି ପରି ଆକର୍ଷଣୀୟ ଜଳକ୍ରୀଡ଼ା ବ୍ୟବସ୍ଥାକୁ ଏହି ଯୋଜନା ମାଧ୍ୟମରେ କାର୍ଯ୍ୟକାରୀ କରିବା ପାଇଁ ପଦକ୍ଷେପ ନେବା ଓଡ଼ିଶା ପାଇଁ ଗୌରବର ପରିପ୍ରକାଶ। ଓଡ଼ିଶାକୁ ଦେଶବିଦେଶରେ ଏହା ଏକ ସ୍ୱତନ୍ତ୍ର ସ୍ଥାନ ଦେବ ଏଥିରେ ସନ୍ଦେହ ନାହିଁ। ଏହି ଯୋଜନାକୁ ଦୃଷ୍ଟିରେ ରଖି ଆମ ରାଜ୍ୟରେ ସୃଷ୍ଟି ହୋଇଥିବା ବର୍ଦ୍ଧିତ ବେକାରି ସମସ୍ୟାକୁ ମଧ୍ୟ ରୋଜଗାରକ୍ଷମ କରାଯାଇପାରିବ । ଏହି ଯୋଜନାକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଇ ଏହାର ସୁପରିଚାଳନା ଦିଗରେ ଦକ୍ଷ ପ୍ରଶାସକମାନଙ୍କୁ ନିଯୁକ୍ତି କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ସରକାର ଏବଂ ବିଭାଗୀୟ କର୍ତ୍ତୃପକ୍ଷ ଏହି ନୂତନ ତଥା ଅଭିନବ ଯୋଜନାଟିକୁ ଯଥାସମ୍ଭବ କାର୍ଯ୍ୟକାରୀ କରିପାରିଲେ ଆମ ଦେଶ ତଥା ସର୍ବୋପରି ଓଡ଼ିଶା ଏବଂ ବିଦେଶରୁ ଆସୁଥିବା ପର୍ଯ୍ୟଟକମାନଙ୍କ ମାଧ୍ୟମରେ ଓଡ଼ିଶାକୁ ସାରା ବିଶ୍ୱ ଦରବାରରେ ପର୍ଯ୍ୟଟନ ମାନଚିତ୍ରରେ ଏକ ସ୍ୱତନ୍ତ୍ର ମାନ୍ୟତା ପ୍ରଦାନ କରାଯାଇପାରିବ ।

-ଧର୍ମରାଜ ପଟ୍ଟନାୟକ, ଜୟଦୁର୍ଗାନଗର, ଭୁବନେଶ୍ୱର

## ଚିରନ୍ତନୀ

ବରଷା ଜଳେ ବସନ ତବ ତିନ୍ତଇ
ବସନହୀନ କି ଦେବି ମୁଁ ଗୋ ଚିନ୍ତଇ।
ଅଙ୍ଗେ ତବ କର୍ପୂର ବାସ,
ଅଧରେ ତବ ମଧୁର ହାସ,
କର୍ଣ୍ଣେ ତବ କେୟୂର ଝୁଲେ ଚଞ୍ଚଳେ
ବିଜୁଳି ହସେ ସ୍ୱର୍ଣ୍ଣ-ଜରି ଅଞ୍ଚଳେ।
-(ବର୍ଷା ନାୟିକା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଦୁର୍ଘଟଣାରେ ୨ ମୃତ

**ରାସୋଳ, ୨୩।୧୨ (ଡି.ଏନ.ଏ.):** ହିନ୍ଦୋଳ ଉପଖଣ୍ଡ ରାସୋଳ ଥାନା ପୁରୁଣା କଟକ-ସମ୍ବଲପୁର ରାସ୍ତାର ରାସୋଳ ବଜାରଠାରେ ବୁଧବାର ଏକ ବାଇକ୍ ଓ ସ୍କୁଟି ମଧ୍ୟରେ ଧକ୍କା ହେବାରୁ ୨ଜଣଙ୍କ ମୃତ୍ୟୁ ହୋଇଛି। ଅନୁଗୋଳ ବଲାସିଂହାର ସୁଶାନ୍ତ କୁମାର ସାହୁ ରାସୋଳ ଆଡ଼କୁ ଯାଉଥିବା ବେଳେ ରାସୋଳ ଗ୍ରାମର ଦିବ୍ୟଜ୍ୟୋତି ଧରଙ୍କ ସ୍କୁଟି ସହ ଧକ୍କା ହୋଇଥିଲା। ଗୁରୁତର ସୁଶାନ୍ତଙ୍କୁ ଅଗ୍ନିଶମ କର୍ମଚାରୀମାନେ ହିନ୍ଦୋଳ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଦିବ୍ୟଜ୍ୟୋତିଙ୍କୁ କଟକ ପଠାଇ ଦିଆଯାଇଥିବା ବେଳେ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଥିବା ଖବର ମିଳିଛି। ରାସୋଳ ପୋଲିସ ମୃତଦେହ ବ୍ୟବଚ୍ଛେଦ କରାଇବା ସହ ଗାଡ଼ି ଦୁଇଟିକୁ ଜବତ କରିଛି। ମୃତ ସୁଶାନ୍ତ କୋରାପୁଟ ତୃତୀୟ ବାଟାଲିୟନରେ ହାବିଲଦାର ଥିଲେ।

### ଧାନ, ପରିବା ଫସଲ ନଷ୍ଟକଲେ ହାତୀ



**ପରଜଙ୍ଗ, ୨୩।୧୨ (ଡି.ଏନ.ଏ.):** ଢେଙ୍କାନାଳ ବନଖଣ୍ଡ ମୁକ୍ତାପଶି ଫରେଷ୍ଟ ସେକ୍ସନ କଙ୍କିଳି ଗାଁରେ ହାତୀ ଉପଦ୍ରବ ଚିନ୍ତାର କାରଣ ହୋଇଛି। ଗ୍ରାମର ଅଜୟ ସାହୁ ଓ ରଞ୍ଜନ ପାତ୍ରଙ୍କ ଧାନ ଖଳା ସହ ବାଡ଼ିରେ ହାତୀପଲ ପଶି ବ୍ୟାପକ ଧାନ ଓ ପରିବା ଫସଲ ଖାଇ ଏବଂ ମାଡ଼ି ଚକଟି ନଷ୍ଟ କରିଛନ୍ତି। ବନ ବିଭାଗକୁ ଏ ନେଇ ଖବର ଜଣାଇ ଦିଆଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କ୍ଷୟକ୍ଷତିର ଆକଳନ କରିବା ପାଇଁ କେହି ଆସି ନ ଥିବା କ୍ଷତିଗ୍ରସ୍ତ ଚାଷୀ ଅଭିଯୋଗ କରିଛନ୍ତି। ଏହାସହ ହାତୀ ଉପଦ୍ରବ ରୋକିବା ଦିଗରେ ନିୟୋଜିତ ବନ କର୍ମଚାରୀ କାର୍ଯ୍ୟରେ ଅବହେଳା କରୁଥିବାବେଳେ କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଦେବାରେ ବିଳମ୍ବ କରାଯାଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିପ୍ରତି ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି।

### କୃଷକ ସମାବେଶ ପ୍ରସ୍ତୁତି

**କାମାକ୍ଷାନଗର, ୨୩।୧୨ (ଡି.ଏନ.ଏ.):** ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଖଟୁଆହତା ପୂର୍ତ୍ତ ଡାକବଙ୍ଗଳା ପରିସରରେ ମଙ୍ଗଳବାର ଭାଜପା ତୁମୁସିଙ୍ଗାମଣ୍ଡଳ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଶନିବାର ଢେଙ୍କାନାଳଠାରେ ହେବାକୁ ଥିବା ଚାଷୀ ସମାବେଶରେ ଅଞ୍ଚଳରୁ ବହୁ ସଂଖ୍ୟାରେ ଚାଷୀ ଯୋଗଦେବା ପାଇଁ ଆଲୋଚନା ହୋଇଥିଲା। ମଣ୍ଡଳ ସଭାପତି ମୀନକେତନ ନାୟକଙ୍କ ଅଧକ୍ଷତାରେ ଜାତୀୟ କାର୍ଯ୍ୟକାରିଣୀ ସଭ୍ୟ ବିଭୂତି ପ୍ରଧାନ, ସରପଞ୍ଚ ଶତ୍ରୁଘ୍ନ ମହାଖୁଡ଼, ପ୍ରାଣବନ୍ଧୁ ଦାସ, କୃଷକ ନେତା ଦୀପକ ପାତ୍ର ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥଲେ।

### ମହିଳାଙ୍କୁ ମାଡ଼ ଅଭିଯୋଗ

**ବଇଣ୍ଡା, ୨୩।୧୨ (ଡି.ଏନ.ଏ.):** ଠାକୁରଗଡ଼ ଥାନା ଝିଲିମୁଣ୍ଡା ଗ୍ରାମର ଶୋଭାଗିନୀ ବେହେରାଙ୍କୁ ତାଙ୍କ କକାଶୁର ନୀଚଳ ବେହେରା ଓ ପୁଅ ଟଙ୍କଧର ବେହେରା ମାଡ଼ ମାରିଥିବା ବୁଧବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନଂ. ୨୪୮/୨୦ରେ ମାମଲା ରୁଜୁ କରିଛି। ପୋଲିସ କହିଛି ଉଭୟ ପରିବାର ମଧ୍ୟରେ ପୂର୍ବରୁ ଜମିବାଡ଼ି ସମସ୍ୟାକୁ ନେଇ ଗଣ୍ଡଗୋଳ ହୋଇଥିଲା। ଏହାକୁ କେନ୍ଦ୍ରକରି ଶୋଭାଙ୍ଗିନୀଙ୍କୁ ମାଡ଼ ମରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି।

### ୧୦ ମାମଲା ଫଇସଲା



**ବଇଣ୍ଡା, ୨୩।୧୨ (ଡି.ଏନ.ଏ.):** କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ହୋଇଥିବା ୧୦ଟି (୧୦୭ ଦଫାର) ମାମଲାକୁ ବୁଧବାର ତହସିଲ କାର୍ଯ୍ୟାଳୟଠାରେ ବିଚାର କରାଯାଇ ଫଇସଲା କରାଯାଇଛି। ଏଥିରେ ଏକ୍ଜିକ୍ୟୁଟିଭ ମାଜିଷ୍ଟ୍ରେଟ ତଥା କିଶୋରନଗର ତହସିଲଦାର ଡ. ଲକ୍ଷ୍ମୀପ୍ରସାଦ ସାହୁ ଯୋଗଦେଇ ୧୦ଟି ମାମଲାର ବିଚାର କରିଥିଲେ। ଏଥିରେ ତହସିଲ କାର୍ଯ୍ୟାଳୟର କିରାଣି ଜଗମୋହନ ପଣ୍ଡା, ସରକାରୀ ଓକିଲ ପ୍ରତାପ ଚନ୍ଦ୍ର ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ପ୍ରାଣୀ ଚିକିତ୍ସାକୁ ଉପେକ୍ଷା

**ବଅଁରପାଳ, ୨୩।୧୨ (ଡି.ଏନ.ଏ.)**



ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ।

- ଅନୁଗୋଳ ଜିଲାର ୩ ଉପଖଣ୍ଡରେ ନାହାନ୍ତି ଚିକିତ୍ସା ଅଧିକାରୀ
- ୫ ବ୍ଲକରେ ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ଖାଲି
- ନୂତନ ୨୦ ସହାୟତା କେନ୍ଦ୍ର କାର୍ଯ୍ୟକ୍ଷମ ହୋଇପାରୁନାହିଁ

ଗ୍ରାମାଞ୍ଚଳ ଅର୍ଥନୀତିକୁ ମଜଭୁତ କରେ ପ୍ରାଣୀ ସମ୍ପଦ। ଗୋପାଳନ ସହ ଛେଳି, ମେଣ୍ଢା, କୁକୁଡ଼ା ଆଦିରୁ ଅତିରିକ୍ତ ଆୟ କରନ୍ତି ଲୋକେ। ସେଥିପାଇଁ ସରକାର ଏସବୁ ପାଳନକୁ ଅଗ୍ରାଧିକାର ଦେଉଛନ୍ତି। ଲୋକଙ୍କୁ ବ୍ୟାଙ୍କଗୁଡ଼ିକରୁ ଋଣ ଯୋଗାଇ ଦେଉଛନ୍ତି। ପ୍ରାଣୀ ସମ୍ପଦଙ୍କ ଆବଶ୍ୟକ ଚିକିତ୍ସାର ସୁବିଧା ମଧ୍ୟ କରିଛନ୍ତି। ହେଲେ ଅନୁଗୋଳ ଜିଲାରେ ପ୍ରାଣୀ ଚିକିତ୍ସାକୁ ଏକପ୍ରକାର ଉପେକ୍ଷା କରାଯାଇଛି। ଉପଖଣ୍ଡ ଚିକିତ୍ସା ଅଧିକାରୀଙ୍କଠାରୁ ଆରମ୍ଭ କରି ବ୍ଲକର ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ଯାଏ ବହୁ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ବର୍ଷ ବର୍ଷ ଧରି ତାହାକୁ ପୂରଣ କରାଯାଉ ନାହିଁ। ଫଳରେ ପ୍ରାଣୀ ସମ୍ପଦ ରଖିଥିବା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି।

ଅନୁଗୋଳ ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଳୟରେ ୨ଟି ଅତିରିକ୍ତ ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ମଧ୍ୟରୁ ଦୀର୍ଘଦିନ ହେଲା ଗୋଟିଏ ଖାଲିପଡ଼ିଛି। ଅନୁଗୋଳ, ତାଳଚେର, ଆଠମଲ୍ଲିକ ଓ ପାଲଲହଡା ଉପଖଣ୍ଡରେ ୪ଜଣ ପ୍ରାଣୀ ଚିକିତ୍ସା ଅଧିକାରୀଙ୍କ ମଧ୍ୟରୁ କେବଳ ପାଲଲହଡ଼ାରେ ଜଣେ ଅଧିକାରୀ ରହିଛନ୍ତି। ସେହିପରି ୮ଟି ବ୍ଲକ ମଧ୍ୟରୁ ବଅଁରପାଳ ଓ ତାଳଚେରକୁ ବାଦ୍ ଦେଲେ ଅନ୍ୟ ୫ଟି ବ୍ଲକ କଣିହାଁ, ପାଲଲହଡ଼ା, ଅନୁଗୋଳ, ଛେଣ୍ଡିପଦା ଓ ଆଠମଲ୍ଲିକରେ ସହକାରୀ ପ୍ରାଣୀଚିକିତ୍ସା ଅଧିକାରୀ ପଦବୀ ଖାଲିପଡ଼ିଛି। ଅନୁଗୋଳ, ବଅଁରପାଳ, କଣିହାଁ, ତାଳଚେର, ପାଲଲହଡ଼ା ବ୍ଲକ ଅଞ୍ଚଳରେ ଭ୍ରାମ୍ୟମାଣ ଚିକିତ୍ସା ଅଧିକାରୀ ନାହାନ୍ତି। ଫଳରେ ଗ୍ରାମାଞ୍ଚଳରେ ପ୍ରାଣୀ ଚିକିତ୍ସା କ୍ଷେତ୍ରରେ ଅସୁବିଧା ସୃଷ୍ଟି ହେଉଛି। ଜିଲାରେ ୭୮ଟି ପ୍ରାଣୀଧନ ସହାୟକ କେନ୍ଦ୍ର ରହିଛି। କିନ୍ତୁ ସେଥିରୁ ୧୮ କେନ୍ଦ୍ରରେ ଚିକିତ୍ସକ ନାହାନ୍ତି। ନୂତନ ଭାବେ ୨୦ଟି ପ୍ରାଣୀ ଚିକିତ୍ସାଳୟ ଖୋଲାଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ତାହା କାର୍ଯ୍ୟକ୍ଷମ ହୋଇପାରି ନାହିଁ। ସେହି କେନ୍ଦ୍ରଗୁଡ଼ିକ ଅବ୍ୟବସ୍ଥା ମଧ୍ୟରେ ଥିବାବେଳେ ଦୀର୍ଘଦିନ ହେଲା ତାଲା ଝୁଲୁଛି। ବହୁ ପ୍ରାଣୀ ଚିକିତ୍ସାଳୟରେ ଆବଶ୍ୟକ ଗୃହ, ଔଷଧ, ଯନ୍ତ୍ରପାତି ନ ଥିବା ଯୋଗୁ ଅସୁବିଧା ସୃଷ୍ଟି ହେଉଛି। ବଅଁରପାଳ ବ୍ଲକର ବଅଁରପାଳ ଓ ସାନକେରେଜାଙ୍ଗରେ ପ୍ରାଣୀ ଚିକିତ୍ସାକେନ୍ଦ୍ର ରହିଛି। ଅନୁଗୋଳ ଉପଖଣ୍ଡରେ ଅନୁଗୋଳ, ବନ୍ତଳା, ତାଳଚେର ଅଞ୍ଚଳରେ ତାଳଚେର ଓ କଣିହାଁ, ରେଙ୍ଗାଳି, ପାଲଲହଡ଼ାରେ ପାଲଲହଡ଼ା ଓ ଖମାର, ଆଠମଲ୍ଲିକରେ ଠାକୁରଗଡ଼ ଓ ମାଧପୁର, କିଶୋରନଗରରେ କିଶୋରନଗର ଓ ବଇଣ୍ଡା ଆଦି ୧୬ଟି ପ୍ରାଣୀ ଚିକିତ୍ସାକେନ୍ଦ୍ର ରହିଛି। ମାତ୍ର ବହୁ କେନ୍ଦ୍ରରେ ଚିକିତ୍ସା ଅଧିକାରୀ ଓ ଅନ୍ୟ କର୍ମଚାରୀଙ୍କ ଘୋର ଅଭାବ ରହିଛି। ଫଳରେ ବିଭିନ୍ନ ସମୟରେ ଚିକିତ୍ସା, ଟିକାଦାନ ଓ କୃତ୍ରିମ ପ୍ରଜନନ ପାଇଁ ଚାଷୀମାନେ ଗୃହପାଳିତ ପ୍ରାଣୀମାନଙ୍କୁ ଆଣୁଥିଲେ ମଧ୍ୟ ତାହା ସମ୍ଭବ ହୋଇପାରୁ ନାହିଁ। ଏଥିଯୋଗୁ ଜିଲାରେ ଗୃହପାଳିତ ପ୍ରାଣୀମାନଙ୍କ ସଂଖ୍ୟା ଧୀରେ ଧୀରେ ହ୍ରାସ ପାଇବାରେ ଲାଗିଛି। ବର୍ତ୍ତମାନ ଜିଲାରେ ଶଙ୍କର ଓ ଜର୍ସି ଜାତୀୟ ଗାଈ ୩୫ ହଜାର ୬୫୦ ରହିଛନ୍ତି। ଦେଶୀ ଗାଈ ୩ ଲକ୍ଷ ୨୮ ହଜାର, ମଇଁଷି ୬୩୨୧, ଛେଳି ୨ ଲକ୍ଷ ୩୫ ହଜାର, ମେଣ୍ଢା ୩୫ ହଜାର ୧୧୦, ଘୁଷୁରି ୧୪୬୧ ଓ କୁକୁଡ଼ା ୧ଲକ୍ଷ ୭୧ ହଜାର ଥିବା ସୂଚନା ମିଳିଛି।

#### ୫ ବର୍ଷ ହେଲା ତାଲା ଝୁଲୁଛି



କାଣ୍ଡସର ଅଞ୍ଚଳରେ ଏକ ପ୍ରାଣୀ ସହାୟତା କେନ୍ଦ୍ର ଖୋଲାଯାଇଛି। କିନ୍ତୁ ଦୀର୍ଘ ୫ ବର୍ଷ ହେଲା ସେଠାରେ ତାଲା ଝୁଲୁଥିବାରୁ ଏହା କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ତେଣୁ ଗୃହପାଳିତ ପ୍ରାଣୀଙ୍କୁ ଚିକିତ୍ସା ସେବା ଦେବାକୁ ପ୍ରଶାସନ କେତେ ଆଗ୍ରହ ରଖିଛି ତାହା ଜଳ ଜଳ ଦିଶୁଛି।

-ଶଙ୍ଖାଳି ବେହେରା, କାଣ୍ଡସର

#### ଉପଯୁକ୍ତ ସେବା ମିଳୁନି



ଅନେକ ସମୟରେ ଗୋରୁମାନଙ୍କ ଗୋଡ଼ ଫୁଲିଯିବା ସହ ବିଭିନ୍ନ ରୋଗ ହେଉଛି। ହେଲେ ପ୍ରାଣୀ ଚିକିତ୍ସାକେନ୍ଦ୍ରକୁ ଗଲେ ଉପଯୁକ୍ତ ସେବା ମିଳୁନାହିଁ। କେତେବେଳେ କର୍ମଚାରୀ ନାହାନ୍ତି ତ ଆଉ କେତେବେଳେ ଅନ୍ୟ କିଛି ସମସ୍ୟା ଲୋକଙ୍କୁ ଅସୁବିଧାରେ ପକାଉଛି।

-ମରୁତ ବେହେରା, ଗିରାଙ୍ଗ

#### ଚାଷୀମାନେ ଅସୁବିଧା ଭୋଗୁଛନ୍ତି



ବନ୍ତଳା ପ୍ରାଣୀ ଚିକିତ୍ସା କେନ୍ଦ୍ରରେ ଡାକ୍ତର ଓ ଏଲ୍ଆଇ କର୍ମଚାରୀ ନ ଥିବାରୁ ଗୋରୁ ରଖିଥିବା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଜଣେ ଏଲ୍ଆଇ ତିନୋଟି ଉପ ପ୍ରାଣୀଧନ ଚିକିତ୍ସାକେନ୍ଦ୍ର ଦାୟିତ୍ୱ ନେଲେ ଯାହା ସେବା ମିଳିପାରିବ ତାହା ସମସ୍ତେ ଜାଣିଛନ୍ତି।

-ନିରଞ୍ଜନ ସାହୁ, ପୋକତୁଙ୍ଗା

#### ଖାଲି ପଦବୀ ପୂରଣ କରାଯାଉ



ବନ୍ତଳା, ବଡ଼କଣ୍ଟକୁଳ ଆଦି ସେଣ୍ଟରରେ ଡାକ୍ତର ଓ ଏଲ୍ଆଇ ନାହାନ୍ତି। ଫଳରେ ଗୋରୁ, ଛେଳି, ମେଣ୍ଢା ଆଦି ଚିକିତ୍ସା ନ ପାଇ ପ୍ରାଣ ହରାଉଛନ୍ତି। ଜରପଡ଼ାର ଡାକ୍ତର ଏଠାରେ ଦାୟିତ୍ୱରେ ଅଛନ୍ତି। ତୁରନ୍ତ ଡାକ୍ତର ଓ ଖାଲି ଥିବା ପଦବୀ ପୂରଣ କରାଯାଉ।

-ରବୀନ୍ଦ୍ର ନାଥ ବିଶ୍ୱାଳ, ଜମୁଗାଡ଼ିଆ

#### ଅବହେଳିତ ହୋଇପଡିଛି ପ୍ରାଣୀ ବିଭାଗ



ଜିଲାରେ ଥିବା ୩ ଉପଖଣ୍ଡରେ ଉପଖଣ୍ଡସ୍ତରୀୟ ପ୍ରାଣୀ ଚିକିତ୍ସା ଅଧିକାରୀ ପଦବୀ ଖାଲି ପଡିଛି। ବ୍ଲକ ଅଞ୍ଚଳରେ ମଧ୍ୟ ବହୁ କର୍ମଚାରୀ ନାହାନ୍ତି। ତେଣୁ ପ୍ରାଣୀମାନଙ୍କ ଚିକିତ୍ସା କ୍ଷେତ୍ରରେ ଅନେକ ସମୟରେ ବାଧକ ସୃଷ୍ଟି ହେଉଛି। ସରକାର ସମସ୍ତ କେନ୍ଦ୍ରରେ ଆବଶ୍ୟକ କର୍ମଚାରୀ ପୂରଣ ପ୍ରତି ଦୃଷ୍ଟିଦେଲେ ସମସ୍ୟାର ସମାଧାନ ହୋଇପାରିବ।

-ଭରତ ଚନ୍ଦ୍ର ଗଡ଼ନାୟକ, ଅତିରିକ୍ତ ଜିଲା ପ୍ରାଣୀ ଚିକିତ୍ସା ଅଧିକାରୀ, ଅନୁଗୋଳ

## ବାରିହାପୁରରେ ଖୋଲିଲା ମଣ୍ଡି



**ପରଜଙ୍ଗ, ୨୩।୧୨ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ବାରିହାପୁର ପ୍ରାଥମିକ କୃଷି ସମବାୟ ସମିତି ଅଧୀନରେ ବୁଧବାର ଚଳିତ ବର୍ଷର ପ୍ରଥମ ଧାନ ମଣ୍ଡି ଖୋଲାଯାଇଛି। ଏହି ମଣ୍ଡିରେ ପ୍ରଥମ ଦିନରେ ୧୩ ଜଣ ଚାଷୀ ୫୦୭ କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ବସୋଇର ସନ୍ତୋସୀ ଆଗ୍ରୋ ଇଣ୍ଡଷ୍ଟ୍ରି ଏହି ଧାନ କିଣିଥିଲା। ମଣ୍ଡିକୁ ବାରିହାପୁର ସୋସାଇଟି ସମ୍ପାଦକ ଦୁଲ୍ଲବାନନ୍ଦ ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥିଭାବେ ନିୟନ୍ତ୍ରିତ ବଜାର କମିଟି ଅଧିକାରୀ ଅବିନାଶ ନାୟକ ଯୋଗଦେଇଥିଲେ। ଚାଷୀମାନେ ଯେପରି ସୁବିଧାରେ ଧାନ ବିକ୍ରୟ କରିପାରିବେ ସେଥିପ୍ରତି ବିଭାଗ ଯତ୍ନବାନ ଥିବା ସମ୍ପାଦକ ସୂଚନା ଦେଇଛନ୍ତି।

## ମୋବାଇଲ ଦୋକାନରୁ ଚୋରି

**ବଇଣ୍ଡା, ୨୩।୧୨ (ଡି.ଏନ.ଏ.)**

କିଶୋରନଗର ବ୍ଲକ ହଣ୍ଡପା ଥାନା ବଇଣ୍ଡା ଛକରେ ଥିବା ବିନିତ ସାହାଙ୍କ ମୋବାଇଲ ଦୋକାନରୁ ମଙ୍ଗଳବାର ରାତିରେ ୨ଟି ମୋବାଇଲ, କମ୍ପ୍ୟୁଟର ଆଦି ଚୋରି ହୋଇଛି। ଏ ନେଇ ବିନିତଙ୍କ ବାପା ମହେଶ ସାହା ବଇଣ୍ଡା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ବିନିତଙ୍କ ମ୍ୟାନେଜର ଦୋକାନ ବନ୍ଦ କରି ରାତିରେ ଘରକୁ ଯାଇଥିବା ବେଳେ କେତେଜଣ ଦୁର୍ବୃତ୍ତ ଆଜବେଷ୍ଟସ ଭାଙ୍ଗି ଦୋକାନରୁ ଚୋରି କରିଛନ୍ତି। ରାତି ପାଟ୍ରୋଲିଂ କଡ଼ାକଡ଼ି ହେଉ ନ ଥିବାରୁ ଏପରି ଚୋରି ଘଟଣା ବଢୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ବିଦ୍ୟାଳୟ ମିଶ୍ରଣକୁ ବିରୋଧ



ଉପଜିଲାପାଳଙ୍କୁ ଗ୍ରାମବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

**ହିନ୍ଦୋଳ, ୨୩।୧୨ (ଡି.ଏନ.ଏ.)**

ହିନ୍ଦୋଳ ବ୍ଲକ ପାଟଲା ପଞ୍ଚାୟତ ଷୋଳନାଳି ପ୍ରାଥମିକ ବିଦ୍ୟାଳୟରେ କମ୍ ଛାତ୍ରୀଛାତ୍ର ଥିବା ଦର୍ଶାଇ ନିକଟସ୍ଥ ପାଟଲା ବିଦ୍ୟାଳୟରେ ମିଶ୍ରଣ ପାଇଁ ସରକାର ନେଇଥିବା ନିଷ୍ପତ୍ତିକୁ ଗ୍ରାମବାସୀ ତୀବ୍ର ବିରୋଧ କରିଛନ୍ତି। ଏ ସମ୍ପର୍କରେ ବୁଧବାର ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସେଥିରେ ଦର୍ଶାଯାଇଛି ଯେ, ଷୋଳନାଳି ବିଦ୍ୟାଳୟ ୧୯୫୬ରେ ସ୍ଥାପିତ ହୋଇଥିଲା। ବର୍ତ୍ତମାନ ପ୍ରଥମ ଶ୍ରେଣୀଠାରୁ ୫ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ୍ ୩୭ ଜଣ ଛାତ୍ରୀଛାତ୍ର ଅଛନ୍ତି। ମାତ୍ର କିଛିମାସ ତଳେ ବିଦ୍ୟାଳୟରେ କମ୍ ପିଲା ଥିବା ଦର୍ଶାଇ ଏହାକୁ ପାଟଲା ବିଦ୍ୟାଳୟରେ ମିଶ୍ରଣ କରିଦିଆଯାଇଛି। ପାଟଲା ବିଦ୍ୟାଳୟ ଗ୍ରାମଠାରୁ ପ୍ରାୟ ଦୁଇ କିଲୋମିଟର ଦୂର। ତେଣୁ ପିଲାମାନଙ୍କୁ ଏତେଦୂର ଛାଡ଼ିବାକୁ ଅଭିଭାବକମାନେ ନିରାପଦ ମଣୁନାହାନ୍ତି। ତେଣୁ ଏହି ବିଦ୍ୟାଳୟ ମିଶ୍ରଣ ନ କରିବାକୁ ଗୌରାଙ୍ଗ ପରିଡା, ଟିକନ ବେହେରା, ନେପାଳ ବେହେରା, କୈଳାଶ ବେହେରା, ଦର୍ଶନ ବେହେରା, ମନୋଜ ସ୍ୱାଇଁ, ଭିକାରୀ ବେହେରା ପ୍ରମୁଖ ଶତାଧିକ ଗ୍ରାମବାସୀ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ସାତଦିନ ମଧ୍ୟରେ ଏହା ପୂରଣ ନ ହେଲେ ସେମାନେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଉପଜିଲାପାଳ ଉଦୟନାଥ ମହାପାତ୍ର ଗ୍ରାମବାସୀଙ୍କ ଅଭିଯୋଗକୁ ଗ୍ରହଣ କରି ଆଶୁ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

## ରାମାନୁଜନଙ୍କ ଜୀବନୀ ଉପରେ ଆଲୋଚନା

**ବନ୍ତଳା, ୨୩।୧୨ (ଡି.ଏନ.ଏ.)**

ଅନୁଗୋଳ ବ୍ଲକ ଚମ୍ପତିମୁଣ୍ଡାସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ଗତ ୨୨ ତାରିଖରେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଉପାଧ୍ୟକ୍ଷା ଗୀତା ପଟ୍ଟନାୟକ ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶ୍ରୀନିବାସ ରାମାନୁଜନ୍‌ଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରିଥିଲେ। ପରେ ଗଣିତ ଶିକ୍ଷକ ଯାଦବେନ୍ଦ୍ର ଦାସ ରାମାନୁଜନଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ରସାୟନ ବିଜ୍ଞାନ ଶିକ୍ଷକ ହିମାଂଶୁ ଶେଖର ବେହେରା ଦୈନନ୍ଦିନ ଜୀବନରେ ଗଣିତର ଉପଯୋଗିତା ସମ୍ପର୍କରେ ଆଲୋକପାତ କରିଥିଲେ। ପଦାର୍ଥ ବିଜ୍ଞାନ ଶିକ୍ଷକ ପ୍ରଶାନ୍ତ କୁମାର ପାଢ଼ୀ, ଗଣିତ ଶିକ୍ଷକ ପ୍ରକାଶ କୁମାର ଦାସ ଉପସ୍ଥିତ ଥିଲେ। ଏକାଦଶ ଶ୍ରେଣୀର ଛାତ୍ରୀଛାତ୍ରମାନେ ଗଣିତଭିତ୍ତିକ ତଥ୍ୟ ଉପସ୍ଥାପନ କରିଥିଲେ। ଛାତ୍ରୀ ଶକ୍ତିରୂପା ରଥ ଓ ଛାତ୍ର ରୁଦ୍ରନାରାୟଣ ସାମଲ କାର୍ଯ୍ୟକ୍ରମକୁ ଅନ୍‌ଲାଇନ୍‌ରେ ସଞ୍ଚାଳନ କରିଥିଲେ। ଶିକ୍ଷକ ବିଭୂତି ରଞ୍ଜନ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଡାକ୍ତର ନିଯୁକ୍ତି ପାଇଁ ଦାବିପତ୍ର



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ତାଳଚେର, ୨୩।୧୨ (ନି.ପ୍ର.)**

ତାଳଚେର ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବ ଓ ଏହାର ସମାଧାନ ନିମନ୍ତେ ଭାଜପା ତାଳଚେର ପୌରମଣ୍ଡଳ ତରଫରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି ଯେ, ଉପଖଣ୍ଡ ଡାକ୍ତରଖାନାରେ ଡାକ୍ତର ଅଭାବରୁ ତାଳଚେରବାସୀ ସ୍ୱାସ୍ଥ୍ୟସେବା ପାଇବାରୁ ବଞ୍ଚିତ ହେଉଛନ୍ତି। ଉପଖଣ୍ଡ ଚିକିତ୍ସାଳୟରେ ମୋଟ୍ ୧୭ ଜଣ ଡାକ୍ତରଙ୍କ ସ୍ଥାନରେ ମାତ୍ର ଚାରି ଜଣ ଅଛନ୍ତି। ବହୁ ଗୁରୁତ୍ୱପୂର୍ଣ୍ଣ ବିଭାଗରେ ଡାକ୍ତର ନ ଥିବା ଯୋଗୁ ତାଳଚେର ସମେତ ଏହି ଡାକ୍ତରଖାନା ଉପରେ ନିର୍ଭର କରୁଥିବା କଣିହାଁ, ରେଙ୍ଗାଳି, ଏନ୍‌ଟିପିସି, ପାଲଲହଡା, ପରଜଙ୍ଗ, ବଅଁରପାଳ ଅଞ୍ଚଳର ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ତୁରନ୍ତ ସମାଧାନ କରି ରାଜ୍ୟ ସରକାର ସମସ୍ତ ବିଭାଗରେ ଡାକ୍ତର ନିଯୁକ୍ତି ପାଇଁ ଭାଜପା ପକ୍ଷରୁ ଦାବି କରାଯାଇଛି। ତୁରନ୍ତ ଏ ନେଇ ଦୃଷ୍ଟି ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି। ଭାଜପା ଜିଲା ଉପସଭାପତି ଯଯାତି ପଟ୍ଟନାୟକ, ଜିଲା ସାଧାରଣ ସମ୍ପାଦକ ପ୍ରକାଶ ମହାରଣା, ବରିଷ୍ଠ ନେତା ଜୟନ୍ତ ଭୂତିଆ, ପ୍ରଶାନ୍ତ ଦାସ, ପୂର୍ବତନ ଉପନଗରପାଳ ସୁଫଳା ପୃଷ୍ଟି, ପୂର୍ବତନ କାଉନସିଲର ଜିତେନ୍ଦ୍ର କୁମାର ଦାସ, ଶଙ୍କର ବେହେରା, ଆଇନଜୀବୀ ଅଖିଳ ସାମଲ, ଶିବ ନାୟକ, ତ୍ରିନାଥ ବେହେରା, ଭାରତ ବେହେରା ପ୍ରମୁଖ ଉପଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ହାତ ତିଆରି ସାମଗ୍ରୀର ପ୍ରଶଂସା



ଅନୁଗୋଳ ଜିଲା ନାଲ୍‌କୋ ମଧୁସୂଦନ ପାର୍କଠାରେ ମଙ୍ଗଳବାରଠାରୁ ଖୋଲାଯାଇଥିବା ଏକ କ୍ଷୁଦ୍ର ପ୍ରଦର୍ଶନୀ ଷ୍ଟଲ ସହ ଅତିଥିମାନେ।

**ଅନୁଗୋଳ ଅଫିସ/ ବଅଁରପାଳ, ୨୩।୧୨**

### ନାଲ୍‌କୋରେ କ୍ଷୁଦ୍ର ପ୍ରଦର୍ଶନୀ ଉଦ୍‌ଘାଟିତ

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରିବଟା ଓ ପ୍ରଦର୍ଶନୀ ଉଦ୍ଦେଶ୍ୟରେ ମଙ୍ଗଳବାର ନାଲ୍‌କୋ ମଧୁସୂଦନ ପାର୍କଠାରେ ଏକ କ୍ଷୁଦ୍ର ପ୍ରଦର୍ଶନୀ ଖୋଲାଯାଇଛି। ଜିଲା ପ୍ରଶାସନ, ଓରମାସ, ମିଶନ ଶକ୍ତି ଓ ନାଲ୍‌କୋ ସହଯୋଗରେ ଆୟୋଜିତ ଏହି ପ୍ରଦର୍ଶନୀକୁ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ ଉଦ୍‌ଘାଟନ କରି ଉତ୍ପାଦିକା ଦଳମାନଙ୍କ ଦ୍ୱାରା ପ୍ରଦର୍ଶନ କରାଯାଇଥିବା ବିଭିନ୍ନ ହାତ ତିଆରି ସାମଗ୍ରୀର ପ୍ରଶଂସା କରିଥିଲେ। ୧୦ଟି ଷ୍ଟଲ ମଧ୍ୟରୁ ୯ଟିରେ ବିଭିନ୍ନ ସାମଗ୍ରୀ ପ୍ରଦର୍ଶୀତ ହେଉଥିବା ବେଳେ ଅନ୍ୟ ଗୋଟିଏରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆସନ୍ତା ଜାନୁୟାରୀ ୫ ତାରିଖ ପର୍ଯ୍ୟନ୍ତ ଏହା ଖୋଲା ରହିବ। ଏହି ପ୍ରଦର୍ଶନୀରେ ଭାଗ ନେଇଥିବା ଉତ୍ପାଦିକା ଦଳ ଦ୍ୱାରା କୋଭିଡ୍ କିଓସ୍କ ସାମଗ୍ରୀ, ଖାଦ୍ୟ ସାମଗ୍ରୀ, ଝୋଟରେ ତିଆରି ସୌଖୀନ ସାମଗ୍ରୀ, ବଡ଼ି, ପାମ୍ପଡ଼, ମସଲା, ହର୍ବାଲ ସାମଗ୍ରୀ, ଢିଙ୍କିକୁଟା ଚାଉଳ, ସମ୍ବଲପୁରୀ ହ୍ୟାଣ୍ଡଲୁମ୍, ବ୍ରାସବେଲ୍ ମେଟାଲ ସାମଗ୍ରୀ, ଟେରାକୋଟା, ଅଗରବତୀ, ମିଠା ଆଳୁ ଆଦି ବିକ୍ରି କରାଯାଉଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ଅମ୍ବିକା ପ୍ରସାଦ ପଣ୍ଡା, ଜିଏମ୍ ସତ୍ୟନାରାୟଣ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଓରମାସ ଉପ କାର୍ଯ୍ୟନିର୍ବାହୀ ଅଧିକାରୀ ସୌରଭମୟ ଦାସ ପରିଚାଳନା କରିଥିଲେ।

# ମଶାରି ବଣ୍ଟନ ଆରମ୍ଭ

**କାମାକ୍ଷାନଗର, ୨୩।୧୨ (ଡି.ଏନ.ଏ.)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନଏସି ପକ୍ଷରୁ ବୁଧବାର ଉପଖଣ୍ଡ ଚିକିତ୍ସାଳୟ ପରିସରରେ ଦୀର୍ଘସ୍ଥାୟୀ କୀଟନାଶକ ଉପଚାରିତ ମଶାରି ବଣ୍ଟନ ଆରମ୍ଭ ହୋଇଛି। ଉପଖଣ୍ଡ ଚିକିତ୍ସାଧିକାରୀ ଡା. ରତ୍ନାକର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇସ୍ପାତ ଓ ଖଣି, ପୂର୍ତ୍ତ ବିଭାଗ ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସରକାରଙ୍କ ବିଭିନ୍ନ ଜନହିତକାରୀ ଯୋଜନା ମଧ୍ୟରୁ ଏହା ଅନ୍ୟତମ ବୋଲି ପ୍ରକାଶ କରିଥିଲେ। ପ୍ରଫୁଲ୍ଲ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଡାକ୍ତରଖାନା ପରିଚାଳିକା ରଶ୍ମୀପ୍ରଭା ସାମଲ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏନ୍‌ଏସି ନିର୍ବାହୀ ଅଧିକାରୀ ଇଂ. ବିରଜା ପ୍ରସାଦ ରଥ, ସିଡିପିଓ ସୌରେନ୍ଦ୍ରୀ ପଟେଲ, ରୋଗ ପରାମର୍ଶକ ତପନ କୁମାର ସାହୁ, ଚନ୍ଦନ କୁମାର ସାହୁ, ଈଶ୍ୱର ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ପ୍ରଫୁଲ୍ଲ ମଲ୍ଲିକ ମଶାରି ବଣ୍ଟନ କରୁଛନ୍ତି।

## ଅଗ୍ନିକାଣ୍ଡ: ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ଖଣ୍ଡପଡ଼ା,(ସ୍ୱ.ପ୍ର.)-ଖଣ୍ଡପଡା ବ୍ଲକ୍ ଅଧୀନ ମର୍ଦ୍ଦରାଜପୁର ପଞ୍ଚାୟତ ଚାଉପଲ୍ଲୀ ଉପରସାହିରେ ବୁଧବାର ଅଗ୍ନିକାଣ୍ଡ ଘଟି ୩ ପରିବାରର ୭ବଖରା ଭସ୍ମୀଭୂତ ହୋଇଯାଇଛି । ସଂସାରୀ ବିଶୋଇଙ୍କ ଘରେ ପ୍ରଥମେ ନିଆଁ ଲାଗିଥିଲା । ସେହି ନିଆଁ ରାଜକିଶୋର ବେହେରା ଓ ବାଇଧର ବେହେରାଙ୍କ ଘରକୁ ବ୍ୟାପି ଯାଇଥିଲା । ଖଣ୍ଡପଡା ଅଗ୍ନିଶମ କର୍ମଚାରୀମାନେ ନିଆଁକୁ ଆୟତ କରିଥିଲେ । ଏଥିଯୋଗୁ ୩ ପରିବାରର ଧାନ, ଚାଉଳ, ଲୁଗାପଟା ଓ ଆସବାବପତ୍ର ପୋଡି ପାଉଁଶ ହୋଇ ଯାଇଯାଇଛି । କ୍ଷୟକ୍ଷତିର ପରିମାଣ ୧.୫ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି ।



## ସଂକ୍ଷେପରେ

### ଇଟାମାଟି ପହଞ୍ଚିଲା ଭାଜପାର ପଦଯାତ୍ରା

ନୟାଗଡ଼ ଅଫିସ,୨୩।୧୨:ପରୀକୁ ନ୍ୟାୟ ଦାବିରେ ଭାଜପାର ପଦଯାତ୍ରା ନୟାଗଡ଼ ବ୍ଲକ ଇଟାମାଟିରେ ବୁଧବାର ରାତିରେ ପହଞ୍ଚିଛି । ବିଜିପୁର ଚେକ୍ ଗେଟ୍‌ଠାରେ ଏହି ପଦଯାତ୍ରାକୁ ସ୍ୱାଗତ କରାଯାଇଥିଲା। ଗୁରୁବାର ପଦଯାତ୍ରା ପରୀର ଗାଁ ଯଦୁପୁରରେ ପହଞ୍ଚିବ। ଅପରାହ୍ନ ୨ଟାରେ ନୟାଗଡ ବସଷ୍ଟପରେ ପଥପ୍ରାନ୍ତ ସଭା ହେବ ବୋଲି ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀରେ ଜିଲା ସଭାପତି ଲାଲା ମନୋଜ ରାୟ କହିଛନ୍ତି।

### ୮ ଦିନ ହେବ ନାବାଳିକା ନିଖୋଜ, ଥାନାରେ ମାମଲା ରୁଜୁ

ପାରାଦୀପ,୨୩।୧୨(ସ୍ୱ.ପ୍ର.): ପାରାଦୀପ ଲକ୍ ଥାନା ଅଞ୍ଚଳରୁ ଜଣେ ୧୨ ବର୍ଷୀୟା ନାବାଳିକା ୮ ଦିନ ହେବ ନିଖୋଜ ହୋଇଯାଇଛି। ଏ ନେଇ ପରିବାର ଲୋକେ ମଙ୍ଗଳବାର ଥାନାରେ ଅଭିଯୋଗ କରିବା ପରେ ବୁଧବାର ମାମଲା (ନଂ.୨୪୯/୨୦) ରୁଜୁ ହୋଇଛି। ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁଯାୟୀ, ୧୬ ଡିସେମ୍ବରରେ ସମ୍ପୃକ୍ତ ନାବାଳିକାଙ୍କୁ କୌଣସି କାରଣ ପାଇଁ ମା' ଗାଳିଗୁଲଜ କରିଥିଲେ। ପରେ ସମ୍ପୃକ୍ତ ନାବାଳିକା କାହାକୁ କିଛି ନ ଜଣାଇ ଘର ଛାଡ଼ି ପଳାଇଛନ୍ତି। ଖୋଜାଖୋଜି ପରେ ମଧ ତାଙ୍କ ସନ୍ଧାନ ନ ମିଳିବାରୁ ଶେଷରେ ଥାନାରେ ଅଭିଯୋଗ କରାଯାଇଛି।

### ନାବାଳିକାଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା
### ଜେଲ ଗଲେ ଅଭିଯୁକ୍ତ ଶିକ୍ଷକ

କୁଜଙ୍ଗ,୨୩।୧୨(ଡି.ଏନ୍.ଏ.):କୁଜଙ୍ଗ ଥାନା ଅଞ୍ଚଳର ଜଣେ ଅନ୍ତଃସତ୍ତ୍ୱା ନାବାଳିକା ମଙ୍ଗଳବାର ଜୟଶଙ୍କରପୁରସ୍ଥିତ ମହାନଦୀକୁ ଡ଼େଇଁ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ତାଙ୍କ ସହ ଅବୈଧ ସମ୍ପର୍କ ରଖିଥିବା ଅଭିଯୋଗରେ ଥାନାରେ ଅଟକ ରଖାଯାଇଥିବା ଟ୍ୟୁଶନ ଶିକ୍ଷକଙ୍କୁ ଗିରଫ କରାଯାଇ ବୁଧବାର ଜଗତ୍‌ସିଂହପୁର ପୋକ୍‌ସୋ କୋର୍ଟଙ୍କ ନିକଟରେ ହାଜର କରାଯାଇଛି। ସେ ହେଲେ ଏହି ଥାନା ଅଞ୍ଚଳର ରଞ୍ଜନ କୁମାର ରାଉତ। ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଆଲିପିଙ୍ଗଳ ଜେଲକୁ ପଠାଇ ଦିଆଯାଇଛି। ମଙ୍ଗଳବାର ରାତିରେ ପୀଡ଼ିତାଙ୍କ ମା' ଏ ନେଇ ଥାନାରେ ଅଭିଯୋଗ କରିବା ପରେ ମାମଲା (ନଂ.୩୩୫/୨୦) ରୁଜୁ କରାଯାଇଛି।

### ହାଇକୋର୍ଟଙ୍କ ନିର୍ଦ୍ଦେଶରେ ଜବରଦଖଲ ଉଚ୍ଛେଦ

ପାଟକୁରା, ୨୩।୧୨(ଡି.ଏନ୍.ଏ.): ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାପଡ଼ା ଜିଲା ଗରଦପୁର ବ୍ଲକର ଗରଦପୁର ଗାଁରେ ଏକ ସରକାରୀ ଜମିରୁ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ଗରଦପୁର ତହସିଲଦାର ଧରଣୀଧର ବେହେରା, ବିଡିଓ ରଞ୍ଜିତ କୁମାର ମଲ୍ଲିକ, ପାଟକୁରା ଥାନା ଆଇଆଇସି ସୁଜିତ କୁମାର ପ୍ରଧାନଙ୍କ ଉପସ୍ଥିତିରେ ସରକାରୀ ଜମିରେ ପୋତା ଯାଇଥିବା ଖୁଣ୍ଟ, ପାଳଗଦା ସବୁକୁ ହଟାଇ ଦିଆଯାଇଛି। ବ୍ଲକ୍ ଅଧୀନ ବରହମପୁର ଗାଁର କ୍ଷୀରୋଦ କୁମାର ସାହୁ ଗରଦପୁର ଗାଁରେ ଜମି କ୍ରୟ କରି ଘର କରିଥିଲେ। ତାଙ୍କ ଜମି ସମ୍ମୁଖରେ ସରକାରୀ ଖାଲୁଆ ଜମି ଥିବାରୁ କ୍ଷୀରୋଦ ତାକୁ ମାଟି ପୋତି ଯିବା ଆସିବା ରାସ୍ତା କରିଛନ୍ତି। ୨୦୧୯ରେ ଗରଦପୁର ଗାଁର ଶତ୍ରୁଘ୍ନ ସାହୁ ଏହି ସରକାରୀ ଜମି ଉପରେ ବାଡ଼ ପକାଇ ଜବରଦଖଲରେ ରହି ଆସୁଛନ୍ତି। ଏ ସଂକ୍ରାନ୍ତରେ କ୍ଷୀରୋଦ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବା ପରେ କେସ୍ ନଂ. ୭୨୧୬/୨୦୧୯କୁ ରୁଜୁ ହୋଇଥିଲା। ଏହାର ବିଚାର ହାଇକୋର୍ଟରେ କରାଯାଇ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା।

### ମାର୍ଶାଘାଇକୁ ସବ୍‌ଡିଭିଜନ ମାନ୍ୟତା ଦାବି

କେନ୍ଦ୍ରାପଡା ଅଫିସ, ୨୩।୧୨: କେନ୍ଦ୍ରାପଡା ଜିଲାର ପଟ୍ଟାମୁଣ୍ଡାଇକୁ ସବ୍‌ଡିଭିଜନର ମାନ୍ୟତା ପାଇଁ ଦୀର୍ଘଦିନ ଧରି ଦାବି ହୋଇଆସୁଛି। ଆରଡିସିଙ୍କ ମଙ୍ଗଳବାର ଗସ୍ତ ପରେ ଜିଲାର ରାଜକନିକା ଅଞ୍ଚଳରେ ଏହି କାର୍ଯ୍ୟାଳୟ ଖୋଲିବାକୁ ଦାବି କରାଯାଇଛି। ସେହିପରି ମାର୍ଶାଘାଇ ଓ ପଟ୍ଟାମୁଣ୍ଡାଇରେ ଦୁଇଟି ସବ୍‌ଡିଭିଜନ କାର୍ଯ୍ୟାଳୟ ଖୋଲିବାକୁ ବୁଧବାର ସ୍ୱର ଉଠିଛି। ମାର୍ଶାଘାଇଠାରେ ବୁଦ୍ଧିଜୀବୀଙ୍କ ବୈଠକ ସହ ଆଗାମୀଦିନରେ ଏହି ଦାବିକୁ ଶାଣିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ୨୬ ନଂ. ଜିଲା ପରିଷଦ ସଭ୍ୟ ଗଣେଶ ଚନ୍ଦ୍ର ସାମଲ କହିଛନ୍ତି, ଜିଲାର ପଟ୍ଟାମୁଣ୍ଡାଇ ସହ ମାର୍ଶାଘାଇକୁ ସବ୍‌ଡିଭିଜନର ମାନ୍ୟତା ମିଳିଲେ ତ୍ୱରିତ ସେବା ମିଳିପାରିବ। ତାଙ୍କର ଏହି ଦାବିକୁ ସ୍ଥାନୀୟ ଅଞ୍ଚଳର କୈଳାସ ଚନ୍ଦ୍ର ବେହେରା, ପ୍ରମୋଦ ରଥ, ସଞ୍ଜୟ ଲେଙ୍କା, ମାଧବ ନାୟକ, ଅଶୋକ ମହାପାତ୍ର ପ୍ରମୁଖ ସମର୍ଥନ ଜଣାଇଛନ୍ତି।

# ଜିଆଇଜେଡ୍‌ର ଭିତରକନିକା ରିପୋର୍ଟକୁ ଉପେକ୍ଷା

**ଖରସ୍ରୋତା ନଦୀରୁ ଭଦ୍ରକକୁ ପାଣି ଦେବା ବିବାଦ**
- ପ୍ରଶ୍ନବାଚୀରେ ମନିଟରିଂ କମିଟିର ରିଜୋଲ୍ୟୁଶନ
- ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରସ୍ତୁତି

କେନ୍ଦ୍ରାପଡ଼ା ଅଫିସ, ୨୩।୧୨

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ଭଦ୍ରକ ଜିଲାର ୪ ବ୍ଲକ ଅଞ୍ଚଳକୁ ପାଣି ଦେବା ବିବାଦ ଆଇନଗତ କାର୍ଯ୍ୟାନୁଷ୍ଠାନ ଦିଗକୁ ଗତି କରୁଛି। କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ (ପରିବେଶ, ବନ ଓ ଜଳବାୟୁ ପରିବର୍ତ୍ତନ) ବିଭାଗ ପକ୍ଷରୁ ଜିଆଇଜେଡ୍ ଦ୍ୱାରା ଭିତରକନିକା ଉପରେ ହୋଇଥିବା ସଦ୍ୟତମ ସର୍ଭେ ରିପୋର୍ଟକୁ ଏହା ଉପେକ୍ଷା କରୁଛି। ସେହିପରି ୩ ଓ ୧୪ ତାରିଖରେ ଅନୁଷ୍ଠିତ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ବୈଠକର ରିଜୋଲ୍ୟୁଶନ ଉପରେ ସଭ୍ୟ ସମ୍ଭାବନା ଅନୁଷ୍ଠାନର ଶ୍ରୀକାନ୍ତ ନାୟକ ପ୍ରଶ୍ନ ଉଠାଇଛନ୍ତି। ସେ କହିଛନ୍ତି, କେନ୍ଦ୍ର ସରକାରଙ୍କ ଦୀର୍ଘଦିନର ଅନୁଧ୍ୟାନ ପରେ ଭିତରକନିକାର ଜୈବ ବିବିଧତାକୁ ନଷ୍ଟ ମୁଖରୁ ବଞ୍ଚାଇବାକୁ ୨୦୧୫ରେ ଭଦ୍ରକ ଜିଲାର ୪୫ଟି ଓ କେନ୍ଦ୍ରାପଡାର ୧୪୭ଟି ଗାଁକୁ ଇକୋ ସେନ୍‌ସେଟିଭ ଜୋନର ମାନ୍ୟତା ଦିଆଯାଇଛି। ଏଠାରେ ହେଉଥିବା ଯେକୌଣସି ନୂଆ ପ୍ରକଳ୍ପ ସମ୍ପର୍କରେ ବିଜ୍ଞପ୍ତିରେ ବହୁ କଟକଣା ରହିଛି।

୨୦୧୯ ଡିସେମ୍ବର ୧ରୁ କେନ୍ଦ୍ର ସରକାରଙ୍କ ପର୍ଯ୍ୟାବରଣ ବିଭାଗ ପକ୍ଷରୁ ଭାରତର ଜୈବ ବିବିଧତା ଓ ପରିବେଶ ସୁରକ୍ଷା ପାଇଁ ଆର୍ଦ୍ରଭୂମି ପରିଚାଳନା (ୱେଟଲାଣ୍ଡସ ମ୍ୟାନେଜମେଣ୍ଟ ଫର ବାଇଓ ଡାଇଭରସିଟି ଆଣ୍ଡ କ୍ଲାଇମେଟ ପ୍ରୋଟେକ୍ସନ) ସମ୍ପର୍କରେ ସର୍ଭେ କରାଯାଇଥିଲା। ସର୍ଭେରେ ଭାରତର ହିମାଚଳପ୍ରଦେଶର ପଙ୍ଗ ଓ ରେଣୁକା, ଓଡ଼ିଶାର ଭିତରକନିକା, ତାମିଲନାଡୁର ଦି ପଏଣ୍ଟ କାଲିମାର ରାମସାର ସାଇଟକୁ ପ୍ରାଥମିକତା ଭିତ୍ତିରେ ନିଆଯାଇଥିଲା। ଚିଲିକା ଅଞ୍ଚଳକୁ ଅଧିକନ୍ତୁ ଭାବେ ଗୁରୁତ୍ୱ ସହ ନିଆଯାଇଥିଲା। ଏହି ସର୍ଭେ ପାଇଁ ଜର୍ମାନ ଫେଡେରାଲ ମିନିଷ୍ଟ୍ରି ସହ ଇଣ୍ଟରନ୍ୟାଶନାଲ କ୍ଲାଇମେଟ ଇନିସିଏଟିଭ (ଆଇକେଆଇ) ସହଯୋଗ କରୁଛି। ଏଥିରେ ସାମିଲ ହୋଇଥିବା ଜିଆଇଜେଡ ବୈଜ୍ଞାନିକ ଭିତରକନିକାର ପରିବେଶ ପାଇଁ ମଧୁର ଜଳ ଆବଶ୍ୟକତାକୁ ଅନୁଧ୍ୟାନ କରିଥିଲେ। ନଦୀଗୁଡିକରେ ଜଳସ୍ରୋତ କମୁଥିବା ନେଇ ସେମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। କିଛିଦିନ ପୂର୍ବେ ରାଜନଗର ବନଖଣ୍ଡ ଅଧୀନ ଗୁପ୍ତିଠାରେ ବନ ବିଭାଗ ପକ୍ଷରୁ ଆୟୋଜିତ କର୍ମଶାଳାରେ ବରିଷ୍ଠ ବୈଜ୍ଞାନିକ ଗୁରଦୀପ ରୋହତଗୀ ଭିତରକନିକା ହେନ୍ତାଳବଣ ପାଇଁ ଅଣମୌସୁମୀ ସମୟରେ ମାତ୍ର ୧୫ ପ୍ରତିଶତ ମଧୁର ଜଳ ମିଳୁଥିବା ଦର୍ଶାଇଛନ୍ତି। ଏପରି ଧାରା ଚାଲିଲେ ୨୦୫୦ ବେଳକୁ ଭିତରକନିକା ଜାତୀୟ ଉଦ୍ୟାନ ନଷ୍ଟ ହେବା ସହ ଜିଲା ପର୍ଯ୍ୟଟନ ମାନ୍ୟତା ପାଇଁ ଅଯୋଗ୍ୟ ହେବ ବୋଲି ସତର୍କ କରାଇଛନ୍ତି। ଏହାସତ୍ତ୍ୱେ ଭିତରକନିକା ଇକୋ ସେନ୍‌ସେଟିଭ ଜୋନ ମନିଟରିଂ କମିଟି ବୈଠକ ରିଜୋଲ୍ୟୁଶନରେ ଆଲୋଚନାରୁ ବାହାରକୁ ଯାଇ ମେଗା ପାନୀୟ ଜଳ ପ୍ରକଳ୍ପକୁ ପ୍ରାଥମିକତା ଦିଆଯିବାକୁ ସମସ୍ତ ବ୍ୟବସ୍ଥା କରାଯାଇଛି। ୩ ଓ ୧୪ ତାରିଖ ବୈଠକରେ ପ୍ରକଳ୍ପ ପ୍ରତିଷ୍ଠାରେ ଭିତରକନିକା ପ୍ରତି ପ୍ରଭାବ ସମ୍ପର୍କରେ ଜାତୀୟସ୍ତରର ବିଶେଷଜ୍ଞ ଟିମ୍‌ର ମତ ନେବାକୁ ପ୍ରସ୍ତାବ ଦିଆଯାଇଥିଲା। ହେଲେ ରିଜୋଲ୍ୟୁଶନରେ ଆଇଆଇଟି ହାଇଦ୍ରାବାଦ ଓ ଓୟୁଏଟିର ସର୍ଭେକୁ ଗୁରୁତ୍ୱ ଦିଆଯାଇଛି। ଖରସ୍ରୋତା ନଦୀରେ ହେବାକୁ ଥିବା ମେଗା ପାନୀୟ ଜଳ ପ୍ରକଳ୍ପ ହାଇଦ୍ରାବାଦର ଏକ ଠିକା ସଂସ୍ଥା ନେଇଛି। ସେହି ସ୍ଥାନର ଜଣେ ବିଶେଷଜ୍ଞଙ୍କ ରିପୋର୍ଟ ନେବା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହାର ବୈଧତା ଉପରେ ବିଭିନ୍ନ ପ୍ରଶ୍ନକୁ ଲୋକଲୋଚନକୁ ଅଣାଯାଇନାହିଁ। ସେହିପରି ୬୮୨ ବର୍ଗ କି.ମି.ର ଜାତୀୟଉଦ୍ୟାନକୁ ଦୁଇଦିନିଆ ଗସ୍ତରେ ଆସି ଓୟୁଏଟି ବିଶେଷଜ୍ଞ ଭିତରକନିକା ସମ୍ପର୍କରେ ଆକଳନ କରିବା ଏକ ହାସ୍ୟାସ୍ପଦ କଥା। ଭିତରକନିକା ମନିଟରିଂ କମିଟିର ରିଜୋଲ୍ୟୁଶନକୁ ନେଇ ବୁଦ୍ଧିଜୀବୀ କ୍ଷିତୀଶ ରୋଶନ ସିଂହ ଓ ସଞ୍ଜୟ କୁମାର ବେହୁରା କହିଛନ୍ତି, ଜିଲା ପ୍ରଶାସନର ଏପରିଚଞ୍ଚକତାକୁ ଜିଲାବାସୀ କେବେ ବି କ୍ଷମା ଦେବେ ନାହିଁ। ଏ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପ୍ରସ୍ତୁତି ଚାଲିଥିବା ସେମାନେ କହିଛନ୍ତି।

## ପାରାଦୀପ ବନ୍ଦର ଅଧ୍ୟକ୍ଷ ଦାୟିତ୍ୱରେ ଭିନିତ୍ କୁମାର



ପାରାଦୀପ,୨୩।୧୨(ସ୍ୱ.ପ୍ର.)–ଜାହାଜ ଚଳାଚଳ ମନ୍ତ୍ରଣାଳୟ ପକ୍ଷରୁ ପାରାଦୀପ ବନ୍ଦର ଅଧ୍ୟକ୍ଷ ଭାବେ ବୁଧବାର ଭିନିତ୍ କୁମାରଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ସେ ୯ ଅକ୍ଟୋବର ୨୦୧୭ରୁ ଶ୍ୟାମାପ୍ରସାଦ ମୁଖାର୍ଜୀ କଲିକତା ପୋର୍ଟର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରୁଛନ୍ତି। ସେ କଲିକତାରେ ଥାଇ ଦାୟିତ୍ୱ ଗ୍ରହଣ କରିଥିବା ସୂଚନା ଦେଇଛନ୍ତି। ପୂର୍ବରୁ ଅଧ୍ୟକ୍ଷ ଥିବା ରିଙ୍କେଶ ରାୟଙ୍କ ମଙ୍ଗଳବାର କାର୍ଯ୍ୟକାଳ ଶେଷ ହୋଇଛି।

## ୩ ଗିରଫ: ୪ ବନ୍ଧୁକ, କାର୍ ଜବତ

**ବ୍ୟବସାୟୀଙ୍କୁ ଅପହରଣ ଘଟଣା**



ଜବତ ବନ୍ଧୁକ ।

ଚଣ୍ଡିଖୋଲ,୨୩।୧୨(ଡି.ଏନ.ଏ.)

ବଡ଼ଚଣା ଥାନା ଅଧୀନ କଡ଼େଇ ଛକରୁ ଜଣେ ବ୍ୟବସାୟୀଙ୍କୁ ଅପହରଣ କରି ୫ ଲକ୍ଷ ଟଙ୍କା ଦାବି କରିବା ଅଭିଯୋଗରେ ପୋଲିସ ଆଉ ୩ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନଙ୍କ ନିକଟରୁ ୪ ବନ୍ଧୁକ ଓ ଏକ ମାରୁତି କାର୍ ଜବତ କରାଯାଇଛି। ପୋଲିସ ବାରଙ୍ଗ ଅଞ୍ଚଳରେ ଚଢାଉ କରି ଉକ୍ତ ତିନି ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ କଟକ ସଦର ଥାନା ଶ୍ୟାମସୁନ୍ଦରପୁର ଗ୍ରାମର ଚିତ୍ରସେନ ଜେନା, ଗନ୍ଧର୍ବ ଓଝା ଓ ବାରଙ୍ଗ ଥାନା ମଧୁବନନ ଗ୍ରାମର ବୁଲୁ ପ୍ରଧାନ। ସମସ୍ତଙ୍କୁ ମାମଲା(ନଂ.୨୫୧।୨୦)ରେ କୋର୍ଟଚାଲାଣ କରାଯାଇଥିବା ଥାନାଧିକାରୀ ପ୍ରିୟବ୍ରତ ରାଉତ ସୂଚନା ଦେଇଛନ୍ତି। ଏହି ଥାନା ଅନ୍ତର୍ଗତ ବଡଘୁମୁରି ଗ୍ରାମର ଦାସରଥୀ ନାୟକ କଡେଇ ଛକ ନିକଟରେ ସିମେଣ୍ଟ ଦୋକାନ କରିଛନ୍ତି। ଅଗଷ୍ଟ ୨୦ରେ ମାରୁତି କାରରେ ଦୁର୍ବୃତ୍ତ ଆସି ତାଙ୍କୁ ଅପହରଣ କରି ଟଙ୍କା ଦେବାକୁ ଦାବି କରିଥିଲେ। ପୋଲିସ ଖୋର୍ଦ୍ଧା ବାଲିପଟଣା ଅଞ୍ଚଳରେ ଚଢ଼ାଉ କରି ଦାସରଥୀଙ୍କୁ ଉଦ୍ଧାର କରିବା ସହିତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ଘଟଣାରେ ପାଞ୍ଚ ଜଣ ସମ୍ପୃକ୍ତି ଥିଲେ।

## କାର୍ଯ୍ୟାନୁଷ୍ଠାନ ପାଇଁ ଲୋକାୟୁକ୍ତଙ୍କ ନିର୍ଦ୍ଦେଶ

**ଆବାସ ବଣ୍ଟନରେ ଅନିୟମିତତା**

ଧର୍ମଶାଳା,୨୩।୧୨(ଡିଏନଏ)

ଧର୍ମଶାଳା ବ୍ଲକ ଅଧୀନ ତରଞ୍ଜିଆ ପଞ୍ଚାୟତରେ ଆବାସ ବଣ୍ଟନରେ ହୋଇଥିବା ଅନିୟମିତତା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଲୋକାୟୁକ୍ତ ନିର୍ଦ୍ଦେଶ ଦେଇଛନ୍ତି। ତରଞ୍ଜିଆ ଗ୍ରାମର ରବୀନ୍ଦ୍ର ପରିଡ଼ାଙ୍କ ପରିବାରର ୪ଜଣ ସଦସ୍ୟ ୨୦୦୦।୦୧, ୨୦୦୩।୦୪, ୨୦୧୫।୧୬ ଆର୍ଥିକ ବର୍ଷରେ ସରକାରଙ୍କ ଆବାସ ଯୋଜନାରେ ୩ଟି ଘର ହାତେଇଥିବା ବେଳେ ୨୦୧୮।୧୯ ଆର୍ଥିକ ବର୍ଷରେ ବିଜୁ ପକ୍କାଘର ଯୋଜନାରେ ଘର ପାଇବା ପାଇଁ (ଓଆର–୨୦–୦୦୪–୦୧୫–୦୦୧।୦୧୫୨୮)ରେ ନାମ ପଞ୍ଜୀକରଣ କରିଛନ୍ତି। ଏପରି କି ୧ଲକ୍ଷ ୩୦ ହଜାର ଟଙ୍କା ମଧ୍ୟରୁ ପ୍ରଥମ କିସ୍ତି ବାବଦକୁ ୨୦ ହଜାର ଟଙ୍କା ପଇଠ ହୋଇଛି। ଏହି ଘଟଣାର ସୂଚନା ଅଧିକାର କର୍ମୀ ସର୍ବେଶ୍ୱର ବେହୁରା ତଥ୍ୟ ପାଇ ଲୋକାୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। କେଶ ନମ୍ବର ୩୧୭।୨୦୧୯ରେ ଲୋକାୟୁକ୍ତରେ କେଶ ରୁଜୁ ହୋଇଥିଲା। ଚଳିତ ମାସ ୨ ତାରିଖରେ ଲୋକାୟୁକ୍ତ ଏହି କେଶ ଉପରେ ସମ୍ପୃକ୍ତ ପଞ୍ଚାୟତର କନିଷ୍ଠ ଯନ୍ତ୍ରୀ ରତ୍ନାକର ସାହୁ ଓ ପିଇଓ ଅନାମ ରାଉତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମାତ୍ର ବର୍ତ୍ତମାନ ସୁଦ୍ଧା ଏମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନ ଥିବା ସୂଚନା ମିଳିଛି।

## କାର୍ ଧକ୍କାରେ ୨ ଗୁରୁତର

ରଘୁନାଥପୁର,୨୩।୧୨(ଡି.ଏନ୍.ଏ.)

ରଘୁନାଥପୁର ଥାନା ଅଚ୍ଛୁତପୁରଠାରେ କାର ଏକ ବାଇକ୍ ଓ ସାଇକେଲକୁ ଧକ୍କା ଦେଇ ଓଲଟି ପଡ଼ିଛି। ଏଥିରେ ବାଇକ ଚାଳକ ନିତ୍ୟାନନ୍ଦ ବେହେରା ଓ ସାଇକେଲ ଚାଳକ ଗୋପାଳପୁର ଗ୍ରାମର ରାଜକିଶୋର ମଳିକ ଗୁରୁତର ହୋଇଛନ୍ତି। ନିତ୍ୟାନନ୍ଦ ଜଇପୁର ଅଭିମୁଖେ ଯାଉଥିବାବେଳେ ରାଜକିଶୋର ଗ୍ରାମକୁ ଫେରୁଥିଲେ। କାର ସେମାନଙ୍କୁ ଧକ୍କା ଦେଇଥିଲା।

# ପଞ୍ଚାୟତ ସମିତି ବୈଠକ ବେଳେ ଗଣ୍ଡଗୋଳ





ପଞ୍ଚାୟତ ସମିତି କାର୍ଯ୍ୟାଳୟ ବାହାରେ ଭାଜପା ଓ ବିଜେଡି କର୍ମୀ ଗଣ୍ଡଗୋଳ କରୁଛନ୍ତି। ଦୁର୍ବୃତ୍ତ ଏକାଧିକ ବାଇକ୍ ଭାଙ୍ଗି ଦେଇଛନ୍ତି।

- ୮ ଭାଜପା ଓ ବିଜେଡି କର୍ମୀ ଆହତ
- ହୋଇପାରିଲାନି ଉନ୍ନୟନ କାର୍ଯ୍ୟର ଆଲୋଚନା
- ଶତାଧିକ ବାଇକ୍ ଭାଙ୍ଗିଲେ ଦୁର୍ବୃତ୍ତ

ବରୀ,୨୩।୧୨(ଡି.ଏନ.ଏ.)

ବରୀ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ବୈଠକ ବୁଧବାର ଅନୁଷ୍ଠିତ ହେବାକୁ ଥିଲେ ମଧ ଭାଜପା ଓ ବିଜେଡି କର୍ମୀଙ୍କ ମଧ୍ୟରେ ଗଣ୍ଡଗୋଳ ଯୋଗୁ ତାହା ସମ୍ଭବ ହୋଇ ପାରିନାହିଁ। ବୈଠକ ଆରମ୍ଭରୁ ଗଣ୍ଡଗୋଳ ହେବାରୁ ତାହା ଅଧାରୁ ବନ୍ଦ ହୋଇଯାଇଛି। ଏହି ଗଣ୍ଡଗୋଳରେ ଉଭୟ ଦଳର ୮ରୁ ଉର୍ଦ୍ଧ୍ୱ କର୍ମୀ ଆହତ ହୋଇଛନ୍ତି। ଶତାଧିକ ବାଇକ୍ ଭଙ୍ଗାରୁଜା ହୋଇଛି। ସମିତି ବାହାରେ ବିଶୃଙ୍ଖଳା ଲାଗି ରହିବା ସତ୍ତ୍ୱେ ନିର୍ଦ୍ଧାରିତ ସମୟରେ ଅଧ୍ୟକ୍ଷା ଶୁବାସିନୀ ଶର୍ମାଙ୍କ ସଭାପତିତ୍ୱରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା। ବରୀ ମଣ୍ଡଳ ଉନ୍ନୟନ ଅଧିକାରୀ ଶିବାନନ୍ଦ ସ୍ୱାଇଁ ନିର୍ବାଚିତ ଲୋକପ୍ରତିନିଧିମାନେ ଶୃଙ୍ଖଳିତ ଭାବେ ସଭା କାର୍ଯ୍ୟ ଶେଷ କରିବାକୁ ନିବେଦନ କରିଥିଲେ। ବରୀ ବିଧାୟିକା ସୁନନ୍ଦା ଦାସ ଅସୁସ୍ଥତା ଥିବାରୁ ତାଙ୍କ ପ୍ରତିନିଧିଭାବେ ଦେବେନ୍ଦ୍ର ଦାସ ଓ ଏମ୍‌ପିଙ୍କ ପ୍ରତିନିଧିଭାବେ ବିଚିତ୍ରାନନ୍ଦ ଜେନା ଯୋଗ ଦେଇଥିଲେ। ମାତ୍ର ବିଧାୟିକାଙ୍କ ପ୍ରତିନିଧି ଓ ଏମ୍‌ପିଙ୍କ ପ୍ରତିନିଧି ସେମାନଙ୍କ ବକ୍ତବ୍ୟ ରଖିବା କ୍ଷେତ୍ରରେ ଅଧ୍ୟକ୍ଷା ବାରଣ କରିଥିଲେ। ଏହି ଘଟଣାକୁ ନେଇ ହୋହଲ୍ଲା ଯୋଗୁ କିଛି ସମୟ ସଭା କାର୍ଯ୍ୟ ବନ୍ଦ ରହିଥିଲା। ପରବର୍ତ୍ତୀ ଅବସ୍ଥାରେ ଏମ୍‌ପି ଓ ବିଧାୟିକାଙ୍କ ପ୍ରତିନିଧି ବୈଧାନିକ ଦୃଷ୍ଟିକୋଣରୁ ମତ ରଖି ପାରିବେ କି ନାହିଁ ସେ ବିଷୟରେ ସଭାଗୃହରେ ଉପସ୍ଥିତ ସଭ୍ୟାସଭ୍ୟଙ୍କ ମଧ୍ୟରେ ଭୋଟିଂ କରାଯାଉ ବୋଲି ଶାସକ ଦଳ ଅଡ଼ି ବସିଥିଲେ। ମାତ୍ର ଏହାକୁ ଭାଜପା କର୍ମୀମାନେ ବିରୋଧ କରିଥିଲେ। ତେଣୁ ସଭାଗୃହରେ ଉପସ୍ଥିତ ଶାସକ ଦଳର ସଭ୍ୟାସଭ୍ୟ ଓ ବିରୋଧୀ ଦଳର ସଭ୍ୟାସଭ୍ୟଙ୍କ ମଧ୍ୟରେ ଦୀର୍ଘ ସମୟ ଧରି କଥା କଟାକଟି ହୋଇଥିଲା। ଏହାଦେଖି ବୈଠକରେ ଯୋଗ ଦେଇଥିବା ବିଭିନ୍ନ ବିଭାଗର ଅଧିକାରୀ ବୈଠକ ଛାଡ଼ି ଚାଲିଯିବାର ଦେଖିବାକୁ ମିଳିଥିଲା। ମାତ୍ର ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖରେ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ଆକ୍ରମଣ ପ୍ରତିଆକ୍ରମଣ ଯୋଗୁ ବ୍ଲକ କାର୍ଯ୍ୟାଳୟ ସମ୍ମୁଖ ରଣକ୍ଷେତ୍ର ପାଲଟିଥିଲା। ବ୍ଲକ କାର୍ଯ୍ୟାଳୟଠାରୁ ଚନ୍ଦନପୁର ସେତୁ ପର୍ଯ୍ୟନ୍ତ ରାସ୍ତା କଡ଼ରେ ଥିବା ଶତାଧିକ ବାଇକ୍‌କୁ କେତେଜଣ ଦୁର୍ବୃତ୍ତ ବାଡ଼େଇ ଭାଙ୍ଗୁଥିବା ବେଳେ ବରୀ ପୋଲିସ ନୀରବଦ୍ରଷ୍ଟା ସାଜିଥିବା ଦେଖିବାକୁ ମିଳିଥିଲା। ଶାସକ ଦଳର ସଭ୍ୟାସଭ୍ୟ, ବିଧାୟିକାଙ୍କ ପ୍ରତିନିଧି ଓ ଏମ୍‌ପିଙ୍କ ପ୍ରତିନିଧି ସଭା ଗୃହରେ ଦୁଇଘଣ୍ଟା ବସି ରହିଥିଲେ। ଘଟଣାସ୍ଥଳରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ବାଉରୀବନ୍ଧୁ ବେହେରା ପହଞ୍ଚିଥିଲେ ହେଁ ବିଶୃଙ୍ଖଳିତ ଲୋକଙ୍କ କବଳରୁ ଶାସକ ଦଳ ସମର୍ଥିତ ସଭ୍ୟାସଭ୍ୟଙ୍କୁ ସଭା ଗୃହରୁ ବାହାରକୁ ଆଣିବା ସମ୍ଭବ ହୋଇପାରି ନ ଥିଲା। ପରେ ଘଟଣାସ୍ଥଳରେ ଅଧିକ ଫୋର୍ସ ମୁତୟନ କରାଯାଇ ସେମାନଙ୍କୁ ନିଆଯାଇଥିଲା।





କେନ୍ଦ୍ରାପଡ଼ା ଜିଲାପାଳ ସମର୍ଥ ବର୍ମା କୃଷକ ସଚେତନତା ରଥକୁ ବୁଧବାର ଉଦ୍‌ଘାଟନ କରୁଛନ୍ତି।

## କୃଷକ ସଚେତନତା ରଥ ଉଦ୍‌ଘାଟିତ

କେନ୍ଦ୍ରାପଡ଼ା ଅଫିସ, ୨୩।୧୨

କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ପକ୍ଷରୁ ବୁଧବାର ଚାଷୀଙ୍କ ଦ୍ୱାରା ଉତ୍ପାଦିତ ବଳକା ଧାନ ବିକ୍ରୟ ଓ ଆବଶ୍ୟକ ସୂଚନା ପ୍ରଦାନ ପାଇଁ କୃଷକ ସଚେତନତା ରଥ ଉଦ୍‌ଘାଟିତ ହୋଇଯାଇଛି। ରଥକୁ ଜିଲାପାଳ ସମର୍ଥ ବର୍ମା ଉଦ୍‌ଘାଟନ କରିଛନ୍ତି। ସିଏସ୍‌ଓ ପ୍ରଶାନ୍ତ କୁମାର ଗୋଚ୍ଛାୟତ କହିଛନ୍ତି, ଆସନ୍ତା ୨୮ରୁ ଚାଷୀଙ୍କ ବଳକା ଖରିଫ ଧାନ କ୍ରୟ ଆରମ୍ଭ ହେବ। ଜିଲାର ୧୧୪ଟି ପ୍ୟାକ୍ସରେ ପ୍ରସ୍ତୁତି ସରିଛି। ଚାଷୀ ନିଜର ବଳକା ଧାନକୁ ପଞ୍ଜୀକୃତ ସେବା ସମିତିରେ ବିକ୍ରୟ କରିପାରିବେ। ସଚେତନତନା ରଥ ମଧ୍ୟମରେ ଧାନର ମାନ, ସର୍ବନିମ୍ନ ସହାୟକ ମୂଲ୍ୟ, ବିକ୍ରୟ ସମୟ, ସେବା ସମବାୟ ସମିତିର ନାମ ଆଦି ବିଷୟରେ ସଚେତନ କରିବ। ଚାଷୀମାନେ ଠକାମିର ଶିକାର ନ ହେବା ପାଇଁ ସତର୍କ କରାଇ ଦିଆଯାଉଛି।

## ଚୁଲି ନିଆଁରୁ ଜଳିଗଲା ୫ ବଖରା



ରସୁଲପୁର/କଳିଙ୍ଗନଗର
୨୩।୧୨(ଡି.ଏନ.ଏ.)

ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତ ରାଧାନଗର ଗ୍ରାମରେ ବୁଧବାର ସନ୍ଧ୍ୟାରେ ଚୁଲି ନିଆଁରୁ ଅଗ୍ନିକାଣ୍ଡ ଘଟି ୩ ପରିବାରର ୫ ବଖରା ଜଳି ପାଉଁଶ ହୋଇଯାଇଛି। ଏଥିସହିତ ଲକ୍ଷାଧିକ ଟଙ୍କାର ଧନ ସମ୍ପତ୍ତି ଜଳିଯାଇଛି ବୋଲି ପ୍ରାଥମିକ ଅବସ୍ଥାରେ ଆକଳନ କରାଯାଇଛି। ସୂଚନା ଅନୁସାରେ, ଗ୍ରାମର କୃପାସିନ୍ଧୁ ଜଟିଙ୍କ ପରିବାର କ୍ଷୀର ଆଉଟୁଥିଲେ। ଅସାବଧାନତା କାରଣରୁ ଉକ୍ତ ନିଆଁ ଝୁଲ ଉଡି ଚାଳରେ ପଡିଥିଲା। ଫଳରେ କୃପାସିନ୍ଧୁଙ୍କ ସମେତ ତାଙ୍କ ଭାଇ ବାଜ ଜଟି ଓ ବାଇଧର ଜଟିଙ୍କ ବାସଗୃହ ଜଳି ଯାଇଥିଲା। ଏଥିରେ ଜଟିଙ୍କ ପରିବାରର ବିଶେଷ କ୍ଷତି ହୋଇଛି। ଘର ସିନ୍ଦୁକରେ ଥିବା ଟଙ୍କା ଓ ସୁନାରୂପା ପାଉଁଶ ହୋଇଯାଇଛି। ଏହାର ଆନୁମାନିକ ମୂଲ୍ୟ ୪ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ପରିବାର ଲୋକଙ୍କ ପକ୍ଷରୁ ଅଭିଯୋଗ ହେଉଛି। ନିଆଁ ଲିଭାଇବାକୁ ଯାଇ ଗ୍ରାମର ଜଣେ ବ୍ୟକ୍ତି ବିଦ୍ୟୁତ୍ ଆଘାତରେ ଆହତ ହୋଇଛନ୍ତି। ଖବର ପାଇ ଯାଜପୁର ରୋଡ ଓ ଦାନଗଦୀ ଦମକଳ ବାହିନୀର ଦୁଇଟି ଗାଡ଼ି ପହଞ୍ଚି ନିଆଁକୁ ଆୟତ କରିବାରେ ଲାଗିଥିଲେ। ରିପୋର୍ଟ ଲେଖାହେବା ବେଳକୁ ନିଆଁ ଲିଭାଇବା କାର୍ଯ୍ୟ ଜାରି ରହିଥିଲା। ନିଆଁ ଲିଭିବା ପରେ କ୍ଷୟକ୍ଷତି ଆକଳନ କରାଯିବ ବୋଲି ଯାଜପୁର ରୋଡ ଅଗ୍ନିଶମ ବିଭାଗ ଅଧିକାରୀ ସୌରଭ ରାଉତ ସୂଚନା ଦେଇଛନ୍ତି।

# କନ୍ୟା ସନ୍ତାନ ଜନ୍ମ ହାର ଚିନ୍ତାଜନକ

**ଯାଜପୁର ଜିଲା**
- ୧ ହଜାର ପୁତ୍ର ସନ୍ତାନରେ ୯୪୭ କନ୍ୟା ସନ୍ତାନ ଜନ୍ମ
- ପିଏନ୍‌ଡିଟି ଆକ୍ଟ କାର୍ଯ୍ୟକାରୀ ନିରୁତ୍ସାହଜନକ
- ଜନ୍ମ ପୂର୍ବରୁ ଭ୍ରୂଣହତ୍ୟା
- ଆଗାମୀ ଦିନରେ ସୃଷ୍ଟି ହୋଇପାରେ ଲିଙ୍ଗଗତ ଅସ୍ଥିରତା

ଯାଜପୁର ଅଫିସ,୨୩।୧୨

ଯାଜପୁର ଜିଲାରେ କନ୍ୟା ସନ୍ତାନ ଜନ୍ମହାର ଚିନ୍ତାଜନକ ସ୍ଥିତିରେ ପହଞ୍ଚିଛି। ସେକ୍ସ ରେସିଓ ଅଫ୍ ବାର୍ଥ (ଏସଆରବି) ରେ କନ୍ୟାସନ୍ତାନଙ୍କ ଜନ୍ମ କମ୍ ରହିଛି। ୧ ହଜାର ପୁତ୍ର ସନ୍ତାନ ଜନ୍ମ ହେଉଥିବା ବେଳେ କନ୍ୟା ସନ୍ତାନ ଜନ୍ମ ୯୪୭ ରହିଛି। ୨୦୧୯–୨୦ ବର୍ଷର ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ସରକାରୀ ଭାବେ ପ୍ରକାଶିତ ୨୦୨୧ ସମ୍ଭାବ୍ୟ ଜନଗଣନାରେ ଯାଜପୁର ଜିଲାର କନ୍ୟାସନ୍ତାନ ଅନୁପାତ (୦–୬ବର୍ଷ) ୯୩୭ ହେବ ବୋଲି ଆକଳନ କରାଯାଇଛି। ଏହା ସହରାଞ୍ଚଳରେ ୯୩୦ ହେବ ବୋଲି ପୂର୍ବାନୁମାନ କରାଯାଇଛି। ଏହି ତଥ୍ୟ ତଥ୍ୟାଭିଜ୍ଞଙ୍କ ମହଲରେ ଆଲୋଡନ ସୃଷ୍ଟି କରିଛି।

ସୂଚନାଯୋଗ୍ୟ, ୨୦୧୭–୧୮ ବର୍ଷରେ ୧୦୦୦ ପୁତ୍ର ସନ୍ତାନରେ ୯୩୪ ଏବଂ ୨୦୧୮–୧୯ ବର୍ଷରେ ୯୪୦ କନ୍ୟା ସନ୍ତାନ ଜନ୍ମ ହୋଇଛନ୍ତି। ୨୦୦୧ ଜନଗଣନା ରିପୋର୍ଟରେ ୧୦୦୦ ପୁଅରେ ୯୩୭ କନ୍ୟା ସନ୍ତାନ(୦–୬ବର୍ଷ) ରହିଥିଲେ। ୨୦୧୧ ଜନଗଣନା ରିପୋର୍ଟରେ ଜିଲାର ସମସ୍ତ ଅଞ୍ଚଳରେ ୦–୬ ବର୍ଷ ପର୍ଯ୍ୟନ୍ତ ୧୦୦୦ପୁଅଙ୍କ ତୁଳନାରେ ଝିଅ ୯୪୩କୁ ବୃଦ୍ଧି ପାଇଥିଲା । ଏହି ୯ ବର୍ଷ ମଧ୍ୟରେ ପୁଅ ଅପେକ୍ଷା ଝିଅ ଜନ୍ମ ହ୍ରାସ ସାମାନ୍ୟ ନିୟନ୍ତ୍ରଣ ହୋଇଥିଲେ ହେଁ ୨୦୨୧ ଗଣନାର ଅଟକଳ ପୂର୍ବାନୁମାନ ନିଶ୍ଚିତ ଭାବେ ସାଂଘାତିକ। ଛତୁ ଫୁଟିଲା ଭଳି ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ର ଖୋଲିବା ଏବଂ ଲିଙ୍ଗ ନିରୂପଣ ଘଟଣା ବୃଦ୍ଧି ଏହାର ପ୍ରମୁଖ କାରଣ ବୋଲିସାଧାରଣରେ ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ସରକାରୀ ଭାବେ ଅଲଟ୍ରାସାଉଣ୍ଡ ସେବା ଯୋଗାଇ ଦିଆ ନ ଯାଇ ବେସରକାରୀ କେନ୍ଦ୍ରଗୁଡିକୁ ପରୋକ୍ଷରେ ପ୍ରୋତ୍ସାହନ ଦିଆଯାଉଛି। ଏହାବାଦ ପ୍ରି–ନେଟାଲ ଡାୟୋଗ୍ନୋଷ୍ଟିକ ଟେକ୍ନିକ (ପିଏନଡିଟି) ଆକ୍ଟ ସୁଚାରୁରୂପେ କାର୍ଯ୍ୟକାରୀ ହେଉ ନ ଥିବାରୁ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକରେ ଲିଙ୍ଗ ନିରୂପଣ ସୀମା ଲଂଘୁଛି ବୋଲି ଅଭିଯୋଗ ହୋଇଛି। ଏହାବାଦ୍ ବେଟି ପଢାଓ ବେଟି ବଞ୍ଚାଓ ଅଭିଯାନରେ ଆବଶ୍ୟକ ପରିମାଣରେ ଅନୁଦାନ ମଞ୍ଜୁର ହେଉ ନ ଥିବାରୁ ଯୋଜନା ଅନ୍ତର୍ଗତ କାର୍ଯ୍ୟକ୍ରମ ବନ୍ଦ ରହିଛି।

ଜିଲାର ଯାଜପୁର ଟାଉନ, ଯାଜପୁର ରୋଡ, କାଳିଆପାଣି, ସୁକିନ୍ଦା ଓ ଜାରକାରେ ୯ଟି କେନ୍ଦ୍ରରେ ଅଲଟ୍ରାସାଉଣ୍ଡ ପରୀକ୍ଷା ବ୍ୟବସ୍ଥା ପାଇଁ ଅନୁମତି ଦିଆଯାଇଛି। ଉକ୍ତ କେନ୍ଦ୍ରଗୁଡିକୁ ୫ବର୍ଷିଆ ଅନୁମତି ପତ୍ର ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ପ୍ରଦାନ କରାଯାଇଥାଏ । ପ୍ରତି ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଜଣେ ଲେଖାଏଁ ରେଡିଓଲୋଜିଷ୍ଟ କିମ୍ବା ସୋନୋଗ୍ରାଫର ରହିବାକୁ ନିୟମ ରହିଛି । ମାତ୍ର ସହରର ଅଧିକାଂଶ ବେସରକାରୀ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକରେ ଉକ୍ତ ନିୟମ ପାଳନ କରାଯାଉ ନ ଥିବା ଅଭିଯୋଗ ହୋଇଛି। ଏହି କେନ୍ଦ୍ରରେ ରେଡିଓଲୋଜିଷ୍ଟ କିମ୍ବା ସୋନୋଗ୍ରାଫର ନିଯୁକ୍ତି କରା ନ ଯାଇ ଅନଭିଜ୍ଞ ତଥା ଅଣକୁଶଳୀ କର୍ମଚାରୀଙ୍କ ଦ୍ୱାରା ଅଲଟ୍ରାସାଉଣ୍ଡ କାର୍ଯ୍ୟ କରାଯାଉଛି । ଫଳରେ ଅଧିକାଂଶ ସମୟରେ ରୋଗୀଙ୍କୁ ତ୍ରୁଟିପୂର୍ଣ୍ଣ ରିପୋର୍ଟ ମିଳୁଥିବା ଜଣାପଡିଛି। ଏହି କେନ୍ଦ୍ରଗୁଡିକ ସେବା ବଦଳରେ ବ୍ୟବସାୟକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଯାଜପୁରରୋଡର ଏକ ଅଲଟ୍ରାସାଉଣ୍ଡ କେନ୍ଦ୍ରରେ ଭ୍ରୂଣ ଲିଙ୍ଗ ନିରୂପଣ ହେଉଥିବା ପୂର୍ବରୁ ଅଭିଯୋଗ ହୋଇ ସାରିଛି। ତେବେ ଅନ୍ୟ କେତେକ କେନ୍ଦ୍ରରେ ବେଆଇନ ଲିଙ୍ଗ ନିରୂପଣ ହେଉଥିଲେ ହେଁ ଯୋଜନାବଦ୍ଧ ଭାବେ ହେଉଥିବାରୁ ସେହି କେନ୍ଦ୍ରଗୁଡିକର କାର୍ଯ୍ୟ ଉପରେ ଜିଲା ପ୍ରଶାସନ ଅଙ୍କୁଶ ରହିଛି । ଏହି ସବୁର ତଦନ୍ତ କରିବା ପାଇଁ ଜିଲାରେ ଜିଲା ପରାମର୍ଶ କମିଟି (ଡିଏସି) ଗଠନ କରାଯାଇଛି । ଗଠିତ କମିଟି ପକ୍ଷରୁ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡିକୁ ତଦନ୍ତ କରାଯାଉଛି ସତ ହେଲେ କୌଣସି ସୂଚନା ମିଳୁନାହିଁ । ଫଳରେ ସେହି କେନ୍ଦ୍ରଗୁଡିକରେ ଲିଙ୍ଗ ନିରୂପଣ କରି ଅବାଧରେ ଗର୍ଭପାତ ଓ କନ୍ୟାଭ୍ରୂଣ ହତ୍ୟା କରୁଥିବା ଅଭିଯୋଗ ହୋଇଛି । ଯାହାକି ଭବିଷ୍ୟତରେ ସାମାଜିକ ସଙ୍କଟ ସୃଷ୍ଟି କରିବ ବୋଲି ମତପ୍ରକାଶ ପାଉଛି ।

ଏ ସଂକ୍ରାନ୍ତରେ ଜିଲା ଶିଶୁ ସୁରକ୍ଷା ୟୁନିଟର ଅଧିକାରୀ ନିରଞ୍ଜନ କରଙ୍କୁ ପଚାରିବାରେ ସେ କହିଛନ୍ତି, କନ୍ୟାସନ୍ତାନ ଜନ୍ମ ଉପରେ ଲୋକଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ପ୍ରସ୍ତୁତି ଚୂଡାନ୍ତ ହୋଇ ସାରିଛି। ଗୁରୁବାର ପର୍ଚେଜ କମିଟିର ଭାର୍ଚୁଆଲ ବୈଠକ ମଧ ରହିଛି। ତେବେ ପିଏନଡିଟି ଆକ୍ଟର କାର୍ଯ୍ୟକାରିତା ହିଁ କନ୍ୟା ସନ୍ତାନ ଜନ୍ମ ହ୍ରାସକୁ ରୋକାଯାଇ ପାରିବ। ବେଟି ପଢାଓ, ବେଟି ବଞ୍ଚାଓ ଅଭିଯାନରେ ବିଭାଗ ଅନେକ କାର୍ଯ୍ୟକ୍ରମ ହାତକୁ ନେଇଛି ବୋଲି ସେ କହିଛନ୍ତି ।

## ୧୧ ଜିଲାରେ ଶୀତ ଲହରି
### ଫୁଲବାଣୀରେ ୪ ଡିଗ୍ରୀ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ): ରାଜ୍ୟରେ ଶୀତ ଜାରି ରହିଛି। ଆଉ ଦୁଇଦିନ ଥଣ୍ଡାର ପ୍ରକୋପ ରହିବ। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ମୟୂରଭଞ୍ଜ, ଅନୁଗୋଳ, ଝାରସୁଗୁଡା, ବରଗଡ଼, ସୁନ୍ଦରଗଡ଼, ଢେଙ୍କାନାଳ, କନ୍ଧମାଳ, କଳାହାଣ୍ଡି, କୋରାପୁଟ, ନୂଆପଡ଼ା ଓ ନବରଙ୍ଗପୁର ଜିଲାର କେତେକ ସ୍ଥାନରେ ଶୀତ ଲହରି ପ୍ରବାହିତ ହେବ। ପାଣିପାଗ ବିଭାଗ ପକ୍ଷରୁ ଏ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ବୁଧବାର ୧୧ ସହରରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ତଳେ ରହିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ସର୍ବନିମ୍ନ ତାପମାତ୍ରା ୪ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଥିବା ବେଳେ ଦାରିଙ୍ଗବାଡିରେ ୫, ଅନୁଗୋଳ ୫.୬, ବାରିପଦା ୯, ଝାରସୁଗୁଡା ୭.୮, କେନ୍ଦୁଝର ୮.୮, ସୁନ୍ଦରଗଡ଼ ୭, ଭବାନୀପାଟଣା ୮, ବଲାଙ୍ଗୀର ୯.୨, କୋରାପୁଟ ୭, ସୋନପୁର ୯.୪, ସମ୍ବଲପୁର ୧୦.୬, ହୀରାକୁଦ ୧୦.୪ ଓ ତାଳଚେରରେ ୧୦.୨ ଡିଗ୍ରୀ ସେଲ୍‌ସିୟସ ରେକର୍ଡ କରାଯାଇଛି।

## ଓଡ଼ିଶା ପୋଲିସର ଦକ୍ଷତା ନାହିଁ: ଭାଜପା

ଭୁବନେଶ୍ୱର,୨୩।୧୨(ବ୍ୟୁରୋ): ପରୀ ହତ୍ୟାକାଣ୍ଡର ତଦନ୍ତ ଦିଗହରା ହୋଇଛି। ଯେଉଁଭଳି ଏସଆଇଟି ମୁଖ୍ୟ ଅରୁଣ ବୋଥ୍ରା ଏକ ଲିଖିତ ନାଟକ ପରିବେଷଣ କଲେ, ଏଥିରୁ ସ୍ପଷ୍ଟ ହୋଇଛି ଓଡ଼ିଶା ପୋଲିସର କୌଣସି ଦକ୍ଷତା ନାହିଁ। ସବୁ ସ୍ଥାନରେ ଅରୁଣ ବୋଥ୍ରା ଦରକାର। କାରଣ ସେ କେବଳ ଠିକ୍ ତଦନ୍ତ କରିପାରିବେ ଏବଂ ସରକାରଙ୍କୁ ସୁରକ୍ଷା ଦେଇପାରିବେ। ବୋଥ୍ରାଙ୍କ ନାଟକ ରାଜ୍ୟବାସୀଙ୍କୁ ଚକିତ କରିଛି ବୋଲି ଭାଜପା ଅଭିଯୋଗ କରିଛି। ଭାଜପା ନେତା ଗୋଲକ ମହାପାତ୍ର ଏକ ଖବରଦାତା ସମ୍ମିଳନୀ କରି କହିଛନ୍ତି, ପରୀର ଅଙ୍ଗପ୍ରତ୍ୟଙ୍ଗଗୁଡିକ ଶାସକ ଦଳ ସମ୍ପର୍କୀୟଙ୍କ ଦେହରେ ଲାଗିଛି। ଏଥିପାଇଁ ତରବରିଆ ଭାବେ ନାଟକ ଲେଖି ପରିବେଷଣ କରାଗଲା।

**ଚାଷୀ ଆନ୍ଦୋଳନ ବନ୍ଦ ପାଇଁ ଆବେଦନ**

# ପକ୍ଷଭୁକ୍ତ ହେଲେ ୪୨ ସଙ୍ଗଠନ

ନୂଆଦିଲ୍ଲୀ, ୨୩।୧୨



୩ କୃଷି ଆଇନକୁ ବିରୋଧ କରି ଦିଲ୍ଲୀ ସୀମାରେ ଆନ୍ଦୋଳନ କରୁଥିବା ୪୨ଟି କୃଷକ ସଙ୍ଗଠନ ସୁପ୍ରିମକୋର୍ଟରେ ହୋଇଥିବା ମାମଲରେ ପକ୍ଷଭୁକ୍ତ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ କୃଷକ ସଙ୍ଗଠନଗୁଡ଼ିକୁ ପକ୍ଷଭୁକ୍ତ କରାଯାଇଛି। ପୂର୍ବରୁ ମାମଲାରେ ୮ଟି ସଂଗଠନକୁ ପକ୍ଷଭୁକ୍ତ କରାଯାଇ ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ଜାରି ହୋଇଥିଲା। ହେଲେ ଗତ ୧୭ତାରିଖରେ କୌଣସି ସଂଗଠନ କୋର୍ଟରେ ପକ୍ଷ ରଖି ନ ଥିଲେ। ତେଣୁ ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ଏସ୍.ଏ.ବୋବ୍‌ଡେଙ୍କୁ ନେଇ ଗଠିତ ଖଣ୍ଡପୀଠ ଆନ୍ଦୋଳନରେ ସାମିଲ ହୋଇଥିବା ସମସ୍ତ କୃଷକ ସଙ୍ଗଠନକୁ ପକ୍ଷଭୁକ୍ତ କରିବାକୁ ଆବେଦନକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ କୃଷକଙ୍କୁ ଆନ୍ଦୋଳନ ଜାରି ରଖିବାକୁ ଅନୁମତି ଦେଇଥିଲେ। ପ୍ରକାଶ ଯେ, କୃଷକମାନଙ୍କ ଆନ୍ଦୋଳନ ପ୍ରାୟ ମାସେ ହେବ ଜାରି ରହିଛି। ଏଥିରେ ଲକ୍ଷାଧିକ ଆନ୍ଦୋଳନକାରୀ ସାମିଲ ହୋଇଥିବା କାରଣରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ରାସ୍ତାଘାଟ ବନ୍ଦ କରାଯାଉଥିବା କାରଣରୁ ଜରୁରୀକାଳୀନ ସେବା ବାଧାପ୍ରାପ୍ତ ହେଉଛି। ଏପରି କି ଅସମ୍ଭାଳ ଭିଡ଼ ଯୋଗୁ ସାମାଜିକ ଦୂରତା ବଜାୟ ରହିପାରୁ ନାହିଁ। ଫଳରେ କୋଭିଡ୍-୧୯ ସଂକ୍ରମଣ ବୃଦ୍ଧି ପାଉଛି। ତେଣୁ କୃଷକମାନଙ୍କୁ ଆନ୍ଦୋଳନ ପ୍ରତ୍ୟାହାର କରିବାକୁ ସୁପ୍ରିମକୋର୍ଟରେ ଏକାଧିକ ଆବେଦନ କରାଯାଇଥିଲା।

# ସହରୀ ଯୋଜନାରେ ୮୨୭୩ ଘର ଲାଗି ରାଜ୍ୟସ୍ତରୀୟ ସୁପାରିସ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ସହରାଞ୍ଚଳ ଗରିବଙ୍କ ପାଇଁ ଓଡ଼ିଶା ସହରୀ ଆବାସ ଯୋଜନାରେ ୧,୩୯,୧୪୯ ଗୃହ ଯୋଗାଇ ଦିଆଯାଇଛି। ଉନ୍ନୟନ କମିଶନର ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ମଞ୍ଜୁରୀ ଓ ପରିଚାଳନା କମିଟି ବୈଠକରେ ଏହା ଜଣାପଡିଛି। ବିଭିନ୍ନ ସହରାଞ୍ଚଳରେ ସହରୀ ଆବାସ ଯୋଜନାର ଅଗ୍ରଗତି ସମୀକ୍ଷା କରି ଜାଗା-ମିଶନ କାର୍ଯ୍ୟକ୍ରମକୁ ସଘନ ଏବଂ ବ୍ୟାପକ କରାଯିବ। ମହାପାତ୍ର କହିଛନ୍ତି, ଜଙ୍ଗଲ ଅଧିକାର ନିୟମ ବଳରେ ଜାଗା ପାଇବାକୁ ଯୋଗ୍ୟ ବସ୍ତି ବାସିନ୍ଦାଙ୍କୁ ଚିହ୍ନଟ କରି ସେମାନଙ୍କୁ ଘରଡିହ ଯୋଗାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକସେବା ଭବନରୁ ଡିଜିଟାଲ ମୋଡ୍‌ରେ ଅନୁଷ୍ଠିତ ବୈଠକରେ ବୁଧବାର ସହରୀ ଆବାସ ମିଶନ ନିର୍ଦ୍ଦେଶକ ସୁରେଶ ଚନ୍ଦ୍ର ଦଳାଇ କହିଛନ୍ତି, ରାଜ୍ୟର ୧୧୪ ସହରାଞ୍ଚଳରେ ୧,୩୯,୧୪୯ ବାସହୀନ ପରିବାରଙ୍କ ପାଇଁ ଗୃହ ମଞ୍ଜୁର ହୋଇଛି। ସେଥିରୁ ୧,୦୪,୮୩୮ ଘର ନିର୍ମାଣ ଲାଗି କାର୍ଯ୍ୟାଦେଶ ଦିଆଯାଇଛି। ୫୪, ୦୩୪ଟି ଗୃହ କାମ ସରିଛି। ୫୨ଟି ସହରାଞ୍ଚଳ ପାଇଁ ପ୍ରାୟ ୨୪,୮୨୮.୦୪ଲକ୍ଷ ଟଙ୍କା ଅଟକଳରେ ନୂତନ ୮୨୭୩ ଗୃହ ନିର୍ମାଣ ପ୍ରସ୍ତାବ ଅନୁମୋଦନ କରାଯାଇଛି। ଯୁଗ୍ମ ନିର୍ଦ୍ଦେଶକ ସୁଶାନ୍ତ ମିଶ୍ର କହିଛନ୍ତି, ପୂର୍ବରୁ ପ୍ରାୟ ୭୦୦୦ ଗୃହ ନିର୍ମାଣ ପାଇଁ ଚୂଡ଼ାନ୍ତ ଅନୁମୋଦନ ଲାଗି ଭାରତ ସରକାରଙ୍କୁ ପ୍ରସ୍ତାବ ଦିଆଯାଇଛି। ୨୧ରୁ ୩୧ ବର୍ଗ ମିଟର ପରିମିତ ଘର ଲାଗି ପ୍ରାୟ ୩ ଲକ୍ଷ ଟଙ୍କାର ଖର୍ଚ୍ଚ ଅଟକଳ ହୁଏ। ହିତାଧିକାରୀଙ୍କୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ମିଳିତଭାବେ ୨ଲକ୍ଷ ଟଙ୍କାର ଆର୍ଥିକ ସହାୟତା ଦିଆଯାଏ। ଆବଶ୍ୟକ ହେଲେ ହିତାଧିକାରୀ ବଳକା ଅର୍ଥ ବ୍ୟାଙ୍କରୁ ଋଣ ଆକାରରେ ଆଣିପାରିବେ।

## କେନ୍ଦ୍ର କ୍ୟାବିନେଟ୍‌ରେ ଛାତ୍ରବୃତ୍ତି ମଞ୍ଜୁରୀକୁ କେନ୍ଦ୍ରମନ୍ତ୍ରୀଙ୍କ ସ୍ୱାଗତ

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ୫୯ ହଜାର କୋଟିର ମାଟ୍ରିକ ପରବର୍ତ୍ତୀ ବୃତ୍ତି ଯୋଜନା ମଞ୍ଜୁରିକୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ୱାଗତ କରିଛନ୍ତି। ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ଏହି ଯୋଜନାରେ ୬୦ ପ୍ରତିଶତ ଅର୍ଥ ଯୋଗାଇଦେବା ଭଳି ଐତିହାସିକ ନିଷ୍ପତି ନେଇଥିବାରୁ ପ୍ରଧାନମନ୍ତ୍ରୀ ଏବଂ କେନ୍ଦ୍ର ସାମାଜିକ ନ୍ୟାୟ ମନ୍ତ୍ରୀଙ୍କୁ ଟୁଇଟ୍ କରି ଧର୍ମେନ୍ଦ୍ର ଧନ୍ୟବାଦ ଜଣାଇଛନ୍ତି। ଧର୍ମେନ୍ଦ୍ର ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ଓଡ଼ିଶା ସମେତ ସମଗ୍ର ଦେଶର ଅନୁସୂଚିତ ଜାତି ଛାତ୍ରୀଛାତ୍ରଙ୍କ ପାଇଁ ମାଟ୍ରିକ୍ ପରବର୍ତ୍ତୀ ବୃତ୍ତି ଯୋଜନାରେ ୫୯,୦୪୮କୋଟି ଟଙ୍କାର ମୋଟ ଅନୁମୋଦନ ରାଶିରୁ କେନ୍ଦ୍ର ସରକାରଙ୍କ ଦ୍ୱାରା ୩୫,୫୩୪ କୋଟି ଟଙ୍କା ଆଗାମୀ ୫ ବର୍ଷରେ ଖର୍ଚ୍ଚ କରାଯିବ। ଏହି ଆର୍ଥିକ ସହାୟତା ଅନୁସୂଚିତ ଜାତି ସମୁଦାୟର ଛାତ୍ରୀଛାତ୍ରଙ୍କ ଆକାଂକ୍ଷାକୁ ପୂରଣ କରିବ ବୋଲି ଧର୍ମେନ୍ଦ୍ର ଉଲ୍ଲେଖ କରିଛନ୍ତି।

# ହତ୍ୟା ଅଭିଯୁକ୍ତ ୪ଜଣଙ୍କୁ ଆଜୀବନ ଜେଲ

ଆସିକା,୨୩।୧୨(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଆସିକା ଏନ୍‌ଏସିର ବସଷ୍ଟାଣ୍ଡ ଅସବର୍ଣ୍ଣ ବସ୍ତିରେ ୨୦୧୩ରେ ଘଟିଥିବା ସୁଦାମ ଘଡ଼େଇ ହତ୍ୟା ମାମଲାର ୪ ଅଭିଯୁକ୍ତଙ୍କୁ ଆଜୀବନ, ସଶ୍ରମ କାରାଦଣ୍ଡାଦେଶ ହୋଇଛି। ବୁଧବାର ଆସିକା ଅତିରିକ୍ତ ଜିଲାଜଜ୍ ରାଜଲକ୍ଷ୍ମୀ ପଟ୍ଟନାୟକ ଏହି ଦଣ୍ଡାଦେଶ ଦେବା ସହ ଅଭିଯୁକ୍ତମାନେ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବେ ବୋଲି କହିଛନ୍ତି। ଜରିମାନା ଅନାଦାୟ ଏକ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତମାନେ ହେଲେ ପ୍ରଶାନ୍ତ ଘଡ଼େଇ, ଅମର ଘଡ଼େଇ, ବାବୁ ଘଡ଼େଇ ଓ ପିଣ୍ଟୁ ଘଡ଼େଇ।

୨୦୧୩ ଜୁଲାଇ ୫ରେ ସୁଦାମ ବସଷ୍ଟାଣ୍ଡ ଅସବର୍ଣ୍ଣ ବସ୍ତିରେ ଥିବା ତାଙ୍କ ଘରକୁ ଆସିଥିବା ବେଳେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସେହି ବସ୍ତିର ଅଭିଯୁକ୍ତମାନେ ତାଙ୍କୁ ଗୋଡ଼ାଇ ଗୋଡ଼ାଇ କାତି ଓ ଠେଙ୍ଗାରେ ଆକ୍ରମଣ କରିଥିଲେ। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ସୁଦାମଙ୍କ ସାନଭାଇ ସୁବାସ ଘଡ଼େଇ ଆସିକା ଥାନାରେ ଅଭିଯୋଗ କରିଥିଲେ। ନଂ. ୧୬୭/୧୩ରେ ଏକ ହତ୍ୟା ମାମଲା ରୁଜୁ ହୋଇଥିଲା। ପୋଲିସ ମାମଲାର ତଦନ୍ତ କରି ୫ ଜଣଙ୍କ ବିରୋଧରେ ଚାର୍ଜଶିଟ୍ ପ୍ରସ୍ତୁତ କରି ଅଦାଲତଙ୍କ ନିକଟରେ ଦାଖଲ କରିଥିଲା। ମାମଲାର ବିଚାର ଚାଲିଥିବା ବେଳେ ଅଭିଯୁକ୍ତ ବାପି ଘଡ଼େଇଙ୍କର ମୃତ୍ୟୁ ଘଟିଥିଲା। ବୁଧବାର ଅନ୍ୟ ୪ ଅଭିଯୁକ୍ତଙ୍କୁ ଦଣ୍ଡାଦେଶ ହୋଇଛି। ଅଭିଯୁକ୍ତଙ୍କ ପକ୍ଷରୁ ପି. ରବିକୁମାର ପାତ୍ର ଓ ସରକାରଙ୍କ ପକ୍ଷରୁ ସୁଧାଂଶୁ କୁମାର ପଣ୍ଡା ମାମଲା ପରିଚାଳନା କରୁଥିଲେ।


## Capital Region Urban Transport
Block-1, 2nd Floor, BMC Bhawani Mall, Saheed Nagar, Bhubaneswar -751007
E-mail: crutbbsr@gmail.com, Phone No. 0674 - 2548625

Notice No. 1557/CRUT — Date. 22/12/2020

**REQUEST FOR PROPOSAL (RFP)**

**SELECTION OF INTERNAL AUDITOR & STATUTORY AUDITOR FOR CONDUCTING INTERNAL AUDIT & STATUTORY AUDIT FOR CAPITAL REGION URBAN TRANSPORT**

1. Capital Region Urban Transport (CRUT) invites interested Chartered Accountant Firms for the above mentioned purpose. Please refer the RFP document for details.
2. The RFP document shall be available from **24/12/2020** onwards in following web portals: **www.capitalregiontransport.in.**
3. Applicants are required to submit duly filled separate Proposals for Internal Auditor & Statutory Auditor as per the prescribed formats on or before **21/01/2021 by 3:00 PM**. The Proposals received shall be opened at **3:30 PM and 4:30 PM** respectively on **21/01/2021** at CRUT office.
4. Any queries / clarifications shall be sent to **crutbbsr@gmail.com** on or before **5:00 PM of 04/01/2021.**
5. **Any further intimation (i.e Corrigendum/Addendum/Responses to the queries/clarifications) shall be uploaded in the above web portal only.**
6. CRUT reserves the right to accept or reject any bid without assigning any reasons thereof.

General Manager (P&A)
Capital Region Urban Transport

## ODISHA PUBLIC SERVICE COMMISSION
### CUTTACK
### NOTICE

No. 7065/P.S.C., 1E-03-2020/21 (DR-III) — Dt. 23.12.2020

**No. D-129:-** On the basis of the written examination held on **02.09.2020**, the candidates bearing the following Roll Nos, are **provisionally** selected for the **Verification of original certificate/documents** to be conducted as per programme indicated below for recruitment to the post of **Assistant Fisheries Officer, Group-B** under Fisheries & ARD Department, pursuant to Advt. No. 05 of 2019-20.

**PROGRAMME FOR VERIFICATION OF ORIGINAL CERTIFICATES/DOCUMENTS etc.**

| Sl. No. | Date | Time of Verification | Roll numbers of candidates |
|---|---|---|---|
| 1 | 30.12.2020 | 10.30 A.M. to 12.00 Noon | 100003, 100009, 100010, 100011, 100013, 100016, 100019, 100020, 100022 & 100023 = 10 candidates |
| | | 12.00 Noon to 1.30 P.M. | 100025, 100027, 100029, 100031, 100035, 100038, 100044, 100045, 100046 & 100047 = 10 candidates |
| | | 2.30 P.M. to 4.00 P.M. | 100050, 100051, 100053, 100054, 100056, 100057, 100059, 100063, 100066 & 100069 = 10 candidates |
| 2 | 31.12.2020 | 10.30 A.M. to 12.00 Noon | 100070, 100074, 100078, 100081, 100085, 100088, 100094, 100107,100108 & 100110 = 10 candidates |
| | | 12.00 Noon to 1.30 P.M. | 100111,100113, 100114, 100116, 100117, 100119, 100120, 100123, 100124 & 100125 = 10 candidates |
| | | 2.30 P.M. to 4.00 P.M. | 100127, 100130, 100135, 100136, 100137, 100139, 100140, 100149, 100150 & 100153 = 10 candidates |
| 3 | 04.01.2021 | 10.30 A.M. to 12.00 Noon | 100157, 100162, 100163,100164, 100165, 100169, 100172, 100174, 100176 & 100186 = 10 candidates |
| | | 12.00 Noon to 1.30 P.M. | 100187, 100188, 100190, 100191, 100193, 100196, 100198, 100201, 100202 & 100206 = 10 candidates |
| | | 2.30 P.M. to 4.00 P.M. | 100210, 100219, 100220, 100226, 100227, 100228, 100235, 100236 , 100239 & 100245 = 10 candidates |
| 4. | 05.01.2021 | 10.30 A.M. to 12.00 Noon | 100247, 100248, 100249, 100250, 100255, 100256, 100261, 100265, 100266 & 100267 = 10 candidates |
| | | 12.00 Noon to 1.30 P.M. | 100268, 100269, 100272, 100273, 100274, 100279 & 100280 = 07 candidates |

The Intimation letters of the concerned candidates will be available in the Website of the Commission (**http://opsconline.gov.in**) from **23.12.2020** onwards. Candidates are required to download their **"Intimation Letter", "Attestation Form" and "Bio-data Form"** from the website of the Commission.

The candidates are also required to come with hard copies of online application form (indicating their Roll Nos. at the top right corner), three passport size copies of photographs, self-attested copies of all relevant certificates, documents etc. as mentioned under **Para-9** of the Long Advertisement No.05 of 2019-20. It is made clear that candidature of these candidates for this recruitment is purely provisional and subject to fulfillment of terms and conditions as laid down in the advertisement. The candidature is liable for rejection in the event of in adequacy/deficiency if found at any stage before or after the certificate verification.

OIPR-12002/11/0059/2021 — Sd./- Secretary

## PARADIP PORT TRUST
### E-TENDER NOTICE

Name of the work: **Maintenance Contract of Illumination system inside harbour area for a period of 03 years.** Estimated Cost : **Rs.2,33,16,327/-.** Last Date & time of submission of bid : **dt.11.01.2021 upto 18:00 Hrs.** Refer our website for details : **https://eprocure.gov.in/eprocure/app.**

Executive Engineer, (PED-I)

PPT/PR/349/20-21, Dt.23.12.2020

## ODISHA UNIVERSITY OF AGRICULTURE & TECHNOLOGY
### BHUBANESWAR - 751 003
### OUAT MASTER & DOCTORAL COURSE ADMISSION NOTICE 2020-21

No. COE/01/18-20/17930/UAT — Dt.23rd December, 2020

This is for information of all the candidates that, the counselling for admission into different Master and Doctroal Courses for the Academic Session 2020-2021 will be conducted in respective colleges as per detail programme given below. The intimation-cum-Rank Card shall be available in OUAT website **www.ouat.nic.in** and **https://www.ouat-lokaseba-odisha.in** from 28.12.2020 only to the eligible candidate.

| Sl. No. | Date of Counselling | Course Name | Counselling Venue | Seats | Rank & Category | Reporting Time |
|---|---|---|---|---|---|---|
| 1. | 04.01.2021 | M.Sc. (Ag.), (PwD & Horticulture Quota) | College of Agriculture, Bhubaneswar | 113 | All PwD & B.Sc. (Hort.) Candidates | 9.30 - 10.30 A.M. |
| | | M.Sc. (Ag.) Un-reserved | | | 01 - 75 | |
| 2. | 05.01.2021 | M.Sc. (Ag.) Un-reserved | College of Agriculture, Bhubaneswar | | 76 - 150 | 2.00 - 2.30 P.M. |
| | | | | | 151 - 250 | 9.30 - 10.00 A.M. |
| | | | | | 251 - 350 | 11.30 - 11.45 A.M. |
| | | | | | 351 - 446 | 1.00 - 1.15 P.M. |
| | | M.Sc. (Ag.) SC | | 16 | All Candidates | 2.00 - 2.30 P.M. |
| | | M.Sc. (Ag.) ST | | 17 | All Candidates | 3.30 - 3.45 P.M. |
| 3. | 05.01.2021 | M.V.Sc. - PwD & Un-reserved | C.V.Sc. & A.H., BBSR | 49 | All Candidates | 10.00 - 11.00 A.M. |
| | | M.V.Sc. (SC) & M.V.Sc. (ST) | | 7 + 9 = 16 | All Candidates | 3.00 - 3.30 P.M. |
| 4 | 05.01.2021 | M.F.Sc. - PwD & Un-reserved | C.V.Sc. & A.H., BBSR | 5 | All Candidates | 10.00 - 11.00 A.M. |
| | | M.F.Sc. (SC), M.F.Sc. (ST), M.F.Sc. (Other State), M.F.Sc. NRI/PIO | | 1+1+1+2 | All Candidates | 11.45 - 12.30 P.M. |
| | | Ph.D (Fishery Sc.), Ph.D (Fishery Sc.) Other State | | 3+1 | All Candidates | 2.30 - 3.00 P.M. |
| 5 | 05.01.2021 | M.Tech (Ag. Engg.) PwD & UR | C.A.E.T., Bhubaneswar | 15 | All Candidates | 10.00 - 11.00 A.M. |
| | | M.Tech (Ag. Engg.) (SC) & ST | | 3+3=6 | All Candidates | 12.30 - 1.00 P.M. |
| | | M.Tech (Ag. Engg.), (Other State) & NRI/PIO | | 3+6=9 | All Candidates | 3.00 - 3.30 P.M. |
| | | Ph.D (Ag. Engg.) & Ph.D (Ag. Engg.) Other State | | 3+3=6 | All Candidates | 3.45 - 4.15 P.M. |
| 6 | 05.01.2021 | M.Sc. (Forestry) PwD - UR | College of Forestry, Bhubaneswar | 20 | All Candidates | 10.00 - 11.00 A.M. |
| | | M.Sc. (Forestry) SC & ST | | 2+3=5 | All Candidates | 12.30 - 1.00 P.M. |
| | | M.Sc. (Forestry) - Other State & NRI/PIO | | 5+10=15 | All Candidates | 2.00 - 2.30 P.M. |
| 7 | 05.01.2021 | M.Sc. (Community Sc.) PwD & UR | College of Community Science, BBSR | 4 | All Candidates | 10.00 - 11.00 A.M. |
| | | M.Sc. (Community Sc.) SC | | 1 | All Candidates | 11.30 - 11.45 A.M. |
| | | M.Sc. (Community Sc.) NRI/PIO & Other State | | 2+1=3 | All Candidates | 12 Noon - 12.15 P.M. |
| 8 | 06.01.2021 | M.Sc. (Ag.) NRI/PIO | College of Agriculture, Bhubaneswar | 32 | All Candidates | 9.30 - 10.30 A.M. |
| | | M.Sc. (Ag.) Other State | | 16 | All Candidates | 12 Noon - 12.30 P.M. |
| | | Ph.D (Agriculture), Ph.D (Agriculture) Other State | | 36+14=50 | All Candidates | 2.00 - 2.30 P.M. |
| 9 | 06.01.2021 | M.V. Sc. (Other State) | C.V.Sc. & A.H., BBSR | 16 | All Candidates | 10.00 - 11.00 A.M. |
| | | M.V. Sc. NRI/PIO | | 32 | All Candidates | 1.00 - 1.30 P.M. |
| | | Ph.D (Vety. Sc.) | | 12 | All Candidates | 2.30 - 3.00 P.M. |
| | | Ph.D (Vety. Sc.) Other State | | 12 | All Candidates | 4.00 - 4.30 P.M. |

**DETAILS OF FEE STRUCTURE AND MODE OF PAYMENT : (In Rupees)**

| COURSE | GENERAL (D.D.) | COST SHARING (D.D.) | N.R.I. (D.D.) |
|---|---|---|---|
| Master Course Programme | Rs.27,080/- | Rs.49,080/- | Rs.1,77,080/- |
| Doctoral Course Programme | Rs.33,655/- | Rs.55,655/- | --- |

**Note:**
1. This intimation-cum-Rank card is not ensuring any seat but only to attend the counselling for admission. Admission depends on availability of seats and the candidates eligibility after verification of the original documents.
2. The admission board reserves the right to deny admission to any candidate who fails to submit relevant original documents and fails to fulfill the eligibility requirement.
3. The candidates must bring Demand Draft of required amount as mention above of any Nationalized Bank drawn in favour of "Comptroller, OUAT, Bhubaneswar" payable at Bhubaneswar.
4. The candidates are required to produce all the certificates, mark sheet in original and intimation-cum-Rank Card and two sets self attested photocopies of the same.

Sd./- REGISTRAR

## BERHAMPUR MUNICIPAL CORPORATION
### NOTICE INVITING BIDS (NIB)

NIB No. 13229 — Date: 22.12.2020

| | | |
|---|---|---|
| 1 | Procurement Oficer- Publisher/ Officer inviting the Tender/Bids (OIT) / Bid (OIT) | **Commissioner, Berhampur Municipal Corporation** |
| 2. | Nature of work | Civil Works |
| 3. | Nos. of work | **14** Nos. |
| 4. | Estimated Cost (Approx.) of the works | Varies from **Rs.1.0** lakhs to **Rs.2.0** lakhs |
| 5. | Period of availability of the Bid Documents/Tenders | From **15.00 hrs.** of **Dt.23.12.2020** to **17.00 hrs.** of **4.1.2021** |
| 6. | Last date & Time for submission of the Sealed Envelopes through Regd. Post/Speed Post/ by hand to receipt clerk of BeMC office within office hours only containing the EMD, cost of the Bid documents, documents as asked for the fulfill the eligibility criteria of the bidders for each work. | **17.00 hrs.** of **Dt.4.1.2021** |
| 7 | Date & Time of Opening of the Bids | **11.30 hrs.** onwards on **Dt.5.1.2021** |

Further details can be seen in the office notice board.

**Sd./- Commissioner, Berhampur Muncipal Corporation**

## Government of Odisha "e" Procurement Notice
### WORKS DEPARTMENT
**Bid Identification No. S.E.K.C., Keonjhar No.19/2020-21**

e-mail: sekcpwd_keonjhar@yahoo.com

Letter No. 3994 — dt. 18.12.2020

No. B-557:-

1. No of work: :- 05 Number of Building Works
2. Estimated Cost :- Rs.120.57 lakhs to Rs.577.74 lakhs
3. Period of completion :- 06 (Six) Calendar Months to 11 (Eleven) Calendar Months
4. Date and Time of availability of Bid document in the portal :- From 11.00 hours of **05.01.2021** to 16.00 hours of **18.01.2021**
5. Last date/ Time for receipt of bids in the portal :- 16.00 hours of **18.01.2021**
6. Date of opening of Bid from Portal :- 12.00 hours on **19.01.2021**
7. Name and address of the officer inviting Bid :- Superintending Engineer, Keonjhar (R&B) Circle, Keonjhar-758001

Further details can be seen from the e-procurement portal "http://tendersodisha.gov.in"

Sd./- A.N. Das, Superintending Engineer
Keonjhar (R&B) Circle, Keonjhar

OIPR-34033/11/0021/2021

## THE ODISHA MINING CORPORATION LIMITED
OMC House, Bhubaneswar-751001,Odisha
CIN: U13100OR1956SGC000313, www.omcltd.in
OMC | ODISHA NEW OPPORTUNITIES

### NOTICE

**No. 15379/OMC/Persnl./2020 — Date: 23/12/2020**

**No. CAD-970:-** Pursuant to the Advertisement No. 46/ OMC dated 26.02.2020, the Online Computer Based Test (CBT) was held for 128 Non-Executive posts on 09.12.2020 to 11.12.2020, 14.12.2020 & 21.12.2020 in multiple shifts.

As per clause 21 under "Important Instructions to Candidates" of the e- Admit Card, the Question/ Answer Keys to the questions of CBT for the above posts will be available in the online portal from **6:00 P.M. of 24.12.2020 till 11.59 P.M. of 27.12.2020.**

The Candidates, who appeared the CBT can view their individual answers /online response (Own answers and answer keys) by logging into online portal through OMC website (**https://omcltd.in**) with their registered credentials (User ID & Password).

Communication regarding the above is also being sent to the registered e-mail id & mobile number of the candidates.

OIPR-30005/11/0133/2021 — **Sd./- General Manager (P&A)**

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ଯାଜପୁର
Ph. 06728-222001 (O), 222330 (R), Fax-222087
E-mail: Dm-jajpur@nic.in; website: www.jajpur.nic.in
(CW Section)
No.: DCPU/JPR/732/20 Date: 21.12.2020

### ବିଜ୍ଞପ୍ତି
### ନିଖୋଜ ଶିଶୁ କନ୍ୟାର ସନ୍ଧାନ ସୂଚନା



**No. g-30:-** ଯାଜପୁର ଜିଲ୍ଲା ବିଂଝାରପୁର ଥାନା ଅଧୀନସ୍ଥ ବରୀ ବ୍ଲକ୍‌ସ୍ଥିତ ମଧୁସୂଦନପୁର ଗ୍ରାମର ମୋନାଲିସା ନାୟକ ଓ ଲକ୍ଷ୍ମଣ ନାୟକଙ୍କ ୨ ବର୍ଷର ଶିଶୁ କନ୍ୟା ଶୁଭଲକ୍ଷ୍ମୀ ନାୟକ (ଡାକନାମ- ପିହୁ) ତା୦୯.୦୮.୨୦୨୦ରିଖରୁ ତାଙ୍କ ଘର ସାମ୍ନା ରାସ୍ତାରୁ ନିଖୋଜ ହୋଇଯାଇଛି। ଝିଅଟିର ପତଳା ସ୍ୱାସ୍ଥ୍ୟ, ଉଚ୍ଚତା ୧ ଫୁଟ୍ ୬ ଇଞ୍ଚ, ଗୌରବର୍ଣ୍ଣ, ଗୋଲ ମୁହଁ, ଝିଅଟିର ନାଭିଟି ସାମାନ୍ୟ ଉପରକୁ ବାହାରିଛି । ନିଖୋଜ ବେଳେ ଝିଅଟି ଫୁଙ୍ଗୁଲା ଦେହରେ ଥିଲା । ସେ ଆଂଶିକ ଓଡ଼ିଆ କହିପାରେ ଓ ବୁଝିପାରେ ।

ଯଦି କୌଣସି ସହୃଦୟ ବ୍ୟକ୍ତି ଝିଅଟିର ସନ୍ଧାନ ପାଆନ୍ତି, ତେବେ ବିଂଝାରପୁର ଥାନା ଅଧିକାରୀ ନଂ.- ୮୭୬୩୧୩୭୭୨୬/ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ନଂ.- ୯୪୩୭୨୯୭୭୨୨/ ଅଧକ୍ଷା, ଶିଶୁ ମଙ୍ଗଳ କମିଟି ନଂ.- ୯୩୩୭୮୧୦୪୯୭ କିମ୍ବା ଚାଇଲ୍‌ଡ ଲାଇନ୍ ନଂ.- ୧୦୯୮କୁ ଜଣାଇବାକୁ ଅନୁରୋଧ ।

ସ୍ୱା./- ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ଯାଜପୁର

OIPR-33033/11/0003/2021

## ସଂକ୍ଷେପରେ

### ଭାଲୁ ମାଂସ ବିକ୍ରି କରି ୨ ଗିରଫ

**କଣିହାଁ,୨୩।୧୨(ଡି.ଏନ.ଏ.):** ଅନୁଗୋଳ ଜିଲା ତାଳଚେର ରେଞ୍ଜ କଣିହାଁ ବ୍ଲକ ଶିପୁର ସେକ୍ସନ ଶରଧାପୁର ଗ୍ରାମରେ ଭାଲୁ ମାଂସ ବିକ୍ରି କରୁଥିବା ଅଭିଯୋଗରେ ବନ ବିଭାଗ ବୁଧବାର ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଉଛନ୍ତି ଶରଧାପୁର ଗ୍ରାମର ନରୋତ୍ତମ ବେହେରା ଓ ବିଜୟ ବେହେରା। ସେମାନଙ୍କ ନିକଟରୁ କଞ୍ଚା ମାଂସ, ଭାଲୁର ଗୋଟିଏ ଗୋଡ, ପୁଟା, ୫ଟି ଅଫୁଟା ବୋମା, ସାଇକେଲ ଜବତ ହୋଇଛି। ଅଭିଯୁକ୍ତମାନେ ଏକ ଭାଲୁ ମାରି ତାହାକୁ ବାର୍ହା ମାଂସ କହି ବିକ୍ରି କରୁଥିବା ଖବରପାଇ ବନ ବିଭାଗ ଚଢ଼ାଉ କରିଥିଲା।

### ଅନୁଗୋଳରେ ୩୭, ଢେଙ୍କାନାଳରେ ୨

**ଅନୁଗୋଳ/ ଢେଙ୍କାନାଳ ଅଫିସ,୨୩।୧୨:** ଅନୁଗୋଳ ଜିଲାରୁ ବୁଧବାର ୩୭ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ ପଜିଟିଭ୍ ସଂଖ୍ୟା ୧୧୭୦୮ରେ ପହଞ୍ଚିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ କଣିହାଁ ବ୍ଲକରୁ ୧୯, ଛେଣ୍ଡିପଦାରୁ ୮, ତାଳଚେରରୁ ୫, ବଅଁରପାଳରୁ ୪, ଅନୁଗୋଳରୁ ଜଣେ ରହିଛନ୍ତି। ଅନ୍ୟପକ୍ଷରେ ଦିନକରେ ଜିଲାରୁ ୨୩ଜଣ ସୁସ୍ଥ ହୋଇଥିବା ପ୍ରଶାସନ ସୂଚନା ଦେଇଛି। ସେହିପରି ବୁଧବାର ଢେଙ୍କାନାଳ ଜିଲାରୁ ମାତ୍ର ୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଥିବା ପ୍ରଶାସନ କହିଛି।

### ଅଘୋଷିତ ବିଦ୍ୟୁତ୍‌କାଟ: ଉପଭୋକ୍ତା ଅତିଷ୍ଠ

**ପାଟଣା,୨୩।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ଓ ସାହାରପଡା ବ୍ଲକର ୪୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ତୁରୁମୁଙ୍ଗାସ୍ଥିତ ଇଲେକ୍ଟ୍ରିକ୍ ସବ୍‌ଡିଭିଜନ୍‌ରୁ ବିଦ୍ୟୁତ୍ ଯୋଗାଇ ଦିଆଯାଉଥିବା ବେଳେ ଦୀର୍ଘ ୧୫ ଦିନରୁ ଊର୍ଦ୍ଧ୍ୱ ହେବ ରାତି ୧୨ଟାରୁ ସକାଳ ୭ଟା ପର୍ଯ୍ୟନ୍ତ ଅଘୋଷିତ ବିଦ୍ୟୁତ୍‌କାଟ ଯୋଗୁ ୪୦ ହଜାରରୁ ଊର୍ଦ୍ଧ୍ୱ ଉପଭୋକ୍ତା ପ୍ରଭାବିତ ହୋଇଛନ୍ତି। ଉପଭୋକ୍ତାମାନଙ୍କୁ ବିନା ସୂଚନାରେ ଏଭଳି ବିଦ୍ୟୁତ୍‌କାଟ କରାଯାଉଥିବାରୁ ଅସନ୍ତୋଷ ବୃଦ୍ଧି ପାଇଛି। ଏ ସମ୍ପର୍କରେ ବିଦ୍ୟୁତ୍ ଅଧୀକ୍ଷଣ ଯନ୍ତ୍ରୀ ନାରାୟଣ ଦାଶଙ୍କୁ ପଚାରିବାରୁ ଜଙ୍ଗଲୀ ହାତୀଙ୍କ ଚଳପ୍ରଚଳ ଯୋଗୁ ବିଦ୍ୟୁତ୍‌କାଟ ହେଉଛି। ଏନେଇ ତୁରୁମୁଙ୍ଗା ଏସ୍‌ଡିଓ ଦାୟିତ୍ୱରେ ଥିବା ଚିରଞ୍ଜିତ ସାହୁ କହିଛନ୍ତି, ଆମେ ସକାଳ ୫ଟା ୩୦ରୁ ବିଦ୍ୟୁତ୍ ଚାର୍ଜ କରୁଥିଲେ ହେଁ କୁହୁଡି ଯୋଗୁ ବିଦ୍ୟୁତ୍ ଷ୍ଟାଣ୍ଡ କରୁନାହିଁ।

### ପ୍ରତିଷ୍ଠା ଦିବସ ପ୍ରସ୍ତୁତି

**ସଜନାଗଡ଼, ୨୩।୧୨(ଡି.ଏନ.ଏ.):** ଆସନ୍ତା ୨୬ ତାରିଖରେ ବିଜୁ ଜନତା ଦଳର ପ୍ରତିଷ୍ଠା ଦିବସ ପାଳନ ଲାଗି ନୀଳଗିରି ବିଜୁ ଜନତା ଦଳ କାର୍ଯ୍ୟାଳୟ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ସନ୍ତୋଷ ଖଟୁଆ ସଭାପତିତ୍ୱ କରିଥିଲେ। ନୀଳଗିରି ବଡ଼ଦାଣ୍ଡରେ ଥିବା ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ରାଜ୍ୟ ସରକାରଙ୍କ କୋଭିଡ ନିୟମକୁ ପାଥେୟ କରି ୧ହଜାରରୁ ଊର୍ଦ୍ଧ୍ୱ ବିଜୁ ପ୍ରେମୀ ଏକାଠି ହେବେ ବୋଲି ଖଟୁଆ ପ୍ରକାଶ କରିଛନ୍ତି। ଏହି ଅବସରରେ ଏକ ମେଗା ରକ୍ତଦାନ ଶିବିର ଆୟୋଜନ ହେବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ରାଜ୍ୟ ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ନୀଳଗିରି ବ୍ଲକ ବିଜେଡି ସଭାପତି ବିଜୟ ଲେଙ୍କା, ଏନଏସି ସଭାପତି ରବୀନ୍ଦ୍ର ପରିଡ଼ା, ଶିଶିର ରାଉତ, ସବ୍ୟସାଚୀ ମହାପାତ୍ର, ମହେନ୍ଦ୍ର ବେହେରା, ମନୋରଞ୍ଜନ ମହାନ୍ତି, ଦିଗାମ୍ବର ସ, ବିଜୟ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଶାଳପତ୍ର କ୍ଲଷ୍ଟର ଲାଗି ସ୍ଥିତି ଅନୁଧ୍ୟାନ

**ବାରିପଦା ଅଫିସ,୨୩।୧୨:** ଶାଳପତ୍ର କ୍ଲଷ୍ଟର ସ୍ଥାପନ ପାଇଁ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ ପକ୍ଷରୁ ଏକ ବିଶେଷଜ୍ଞଦଳ ବୁଧବାର ବେତନଟୀ ଗସ୍ତରେ ଆସି ସ୍ଥିତି ଅନୁଧ୍ୟାନ କରିଛନ୍ତି। ବର୍ତ୍ତନା ବନସୁରକ୍ଷା ସମିତି ପକ୍ଷରୁ ଆୟୋଜିତ ବୈଠକରେ ଏହି ବିଶେଷଜ୍ଞଦଳ ଯୋଗଦେଇଥିଲେ। ରେଞ୍ଜର ଘନଶ୍ୟାମ ସିଂଙ୍କ ଅଧ୍ୟକ୍ଷତାରେ ରାଜ୍ୟ ଯୋଜନା ପରିଚାଳକ ମମତା ମିଶ୍ରଙ୍କ ନେତୃତ୍ୱରେ ୪ଜଣ କ୍ଲଷ୍ଟର ମ୍ୟାନେଜର କୈଳାଶଚନ୍ଦ୍ର ବାରିକ, ସ୍ୱରୂପ ବଳ, ରଞ୍ଜିତ ମହାନ୍ତି, ଗୋରାଚାନ୍ଦ ସ୍ୱାଇଁଙ୍କ ସମେତ ବାରିପଦା ବନଖଣ୍ଡର ବିଷୟବସ୍ତୁ ବିଶେଷଜ୍ଞ କୈଳାଶଚନ୍ଦ୍ର ଦାସ ଯୋଗଦେଇଥିଲେ। ଶାଳପତ୍ର କ୍ଲଷ୍ଟର ସ୍ଥାପନ ହେଲେ ବର୍ତ୍ତନା ସମେତ ଆଖପାଖ ଗ୍ରାମର ଶତାଧିକ ପତ୍ରତୋଳାଳି ଏହାଦ୍ୱାରା ଉପକୃତ ହୋଇପାରିବେ।

# ଦୃଷ୍ଟି ଆଢୁଆଳରେ ପର୍ଯ୍ୟଟନ ବିଭାଗ

**ଢେଙ୍କାନାଳ ଅଫିସ,୨୩।୧୨**

- ବିପଦସଙ୍କୁଳ ଘୋଷିତ ଘରେ ଚାଲିଛି ଜିଲା କାର୍ଯ୍ୟାଳୟ
- ଜୁନିୟର ଆସିଷ୍ଟାଣ୍ଟ ସହ ବହୁ ପଦବୀ ଖାଲି
- ନବନିର୍ମିତ କାର୍ଯ୍ୟାଳୟ ଗୃହ ହସ୍ତାନ୍ତର ହେଉନି

ପର୍ଯ୍ୟଟନ କ୍ଷେତ୍ରରେ ରାଜ୍ୟ ଏବଂ ଜାତୀୟସ୍ତରରେ ଢେଙ୍କାନାଳ ଜିଲାର ଏକ ସ୍ୱତନ୍ତ୍ର ପରିଚୟ ରହିଛି। ପ୍ରସିଦ୍ଧ ଶୈବପୀଠ କପିଳାସ, ସବୁଜିମା ସପ୍ତଶଯ୍ୟା, ମହିମାଧର୍ମର ପୀଠ ମହିମାଗାଦି ଯୋରନ୍ଦା ପାଇଁ ଢେଙ୍କାନାଳ ଜିଲା ପ୍ରସିଦ୍ଧ। ପ୍ରତିବର୍ଷ ଦେଶର ବିଭିନ୍ନ ପ୍ରାନ୍ତରୁ ଏଠାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଏପରିକି ବିଦେଶୀମାନେ ମଧ୍ୟ ବହୁ ସଂଖ୍ୟାରେ ଢେଙ୍କାନାଳ ଜିଲାର ପର୍ଯ୍ୟଟନକୁ ଉପଭୋଗ କରିବାକୁ ଆସିଥାନ୍ତି। ଏସବୁ ସତ୍ତ୍ୱେ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରହିଛି ଢେଙ୍କାନାଳ ଜିଲାର ପର୍ଯ୍ୟଟନ ବିଭାଗ। ଏପରି କି ଜିଲା କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ପୂର୍ତ୍ତ ବିଭାଗ ଦ୍ୱାରା ବିପଦସଙ୍କୁଳ ଘୋଷିତ ଏକ ସରକାରୀ ଘରେ ଚାଲିଛି ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ। ଅବସ୍ଥା ଏପରି ଯେ, କୌଣସି ମୁହୂର୍ତ୍ତରେ ଏହା ଭୁଶୁଡି ପଡିବାର ସମ୍ଭାବନା ରହିଛି।

ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟରେ ଥିବା ୨ଟି ଜୁନିୟର ଆସିଷ୍ଟାଣ୍ଟ ପଦବୀ ଏବଂ ଗୋଟିଏ ପରିସଂଖ୍ୟାନ ସହାୟକ ପଦବୀ ଦୀର୍ଘଦିନ ହେବ ଖାଲି ପଡିଛି। ଗଞ୍ଜାମ ଜିଲାର ପରିସଂଖ୍ୟାନ ସହାୟକ ଢେଙ୍କାନାଳ ଜିଲା ସମେତ ୬ଟି ଜିଲା ଦାୟିତ୍ୱରେ ରହିଛନ୍ତି। କେବଳ ଜିଲା ପର୍ଯ୍ୟଟନ ଅଧିକାରୀ ଓ ୩ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ନେଇ ଚାଲିଛି କାର୍ଯ୍ୟାଳୟ। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୧ କୋଟି ଟଙ୍କା ବ୍ୟୟରେ ଓଟିଡିସି ମାଧ୍ୟମରେ ନୂତନ କାର୍ଯ୍ୟାଳୟ ନିର୍ମାଣ କରାଯାଇଥିଲେ ମଧ୍ୟ ଠିକାସଂସ୍ଥା ଏହାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିନାହିଁ। ଏପରିକି ନବନିର୍ମିତ କୋଠାର ବହୁ କାର୍ଯ୍ୟ ଅସମ୍ପୂର୍ଣ୍ଣ ରହିଛି। ପାଣି ବ୍ୟବସ୍ଥା ହୋଇ ନ ଥିବାବେଳେ ବାହାରେ ଗ୍ରୀଲ ଲାଗିନାହିଁ। ସେହିପରି ପାଚେରି ମଧ୍ୟ ତୋଳାଯାଇ ନାହିଁ। ଢେଙ୍କାନାଳ ଜିଲାରେ ପର୍ଯ୍ୟଟନର ବିକାଶ ପାଇଁ ୧୯୭୯ରେ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଖୋଲାଯାଇଥିଲା। ପ୍ରଥମେ ଏହା କିଛି ବର୍ଷ ଭଡାଘରେ ଚାଲିଥିଲେ ମଧ୍ୟ ସ୍ଥାୟୀ ଭାବେ ପର୍ଯ୍ୟଟନ ଅଧିକାରୀ ରହିଥିଲେ। ଏହାପରେ ୫୫ନଂ ଜାତୀୟ ରାଜପଥର ମହିଷାପାଟ ନିକଟରେ ପାନ୍ଥନିବାସ ନିର୍ମାଣ ହେବା ପରେ ସେଠାରେ ଦୁଇଟି ଗୃହରେ ଜିଲା କାର୍ଯ୍ୟାଳୟ ଚାଲିଥିଲା। ପରେ ପାନ୍ଥନିବାସକୁ ନିରୁପମା ଗ୍ରୁପ୍ସ ପିପିପି ମୋଡରେ ନେବାପରେ ଜିଲା କାର୍ଯ୍ୟାଳୟ ନିକଟରେ ଥିବା ଏକ ସରକାରୀ ଘରେ ପର୍ଯ୍ୟଟନ କାର୍ଯ୍ୟାଳୟ ଚାଲିଥିଲା। ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଘରଟି ଭାଙ୍ଗିରୁଜି ନଷ୍ଟ ହେବା ସହିତ ଏହାର କାନ୍ଥ ଗୋଟିଏ ପାର୍ଶ୍ୱକୁ ନଇଁ ଯାଇଥିବା ବେଳେ ପୂର୍ତ୍ତବିଭାଗ ପକ୍ଷରୁ ଏହାକୁ ବିପଦସଙ୍କୁଳ ବୋଲି ଘୋଷଣା କରାଯାଇଛି। ଜିଲା ବାହାରୁ ଏବଂ ବିଭିନ୍ନ ରାଜ୍ୟରୁ ଆସୁଥିବା ପର୍ଯ୍ୟଟକମାନେ କୌଣସି ସୂଚନା ପାଇଁ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ ଖୋଜିଲେ, ଏହାକୁ ପାଇବା ମଧ୍ୟ କଷ୍ଟକର ହୋଇପଡିଛି। ଏ ସମ୍ପର୍କରେ ଜିଲା ପର୍ଯ୍ୟଟନ ଅଧିକାରୀ ଜଗଦୀଶ ରାୟ କୁହନ୍ତି, ନବନିର୍ମିତ ଗୃହ ହସ୍ତାନ୍ତର ହୋଇ ନ ଥିବାରୁ ବିପଦସଙ୍କୁଳ ଘୋଷିତ ଘରେ କାର୍ଯ୍ୟାଳୟ ଚାଲିଛି। ଭୟ ମଧ୍ୟ ଲାଗୁଛି। କର୍ମଚାରୀଙ୍କ ଅଭାବ ରହିଛି। ନୂତନ ଗୃହରେ ପାଣି ବ୍ୟବସ୍ଥା ହୋଇନାହିଁ। ଗ୍ରୀଲ ସହ ପାଚେରି କରାଯାଇନାହିଁ। ଏ ନେଇ ଜିଲାପାଳଙ୍କୁ ଅବଗତ କରାଇଛୁ ବୋଲି ପର୍ଯ୍ୟଟନ ଅଧିକାରୀ ପ୍ରକାଶ କରିଛନ୍ତି।



ବିପଦ ସଙ୍କୁଳ ଅବସ୍ଥାରେ ଢେଙ୍କାନାଳ ଜିଲା ପର୍ଯ୍ୟଟନ କାର୍ଯ୍ୟାଳୟ।

## ରାସ୍ତା ଉପରୁ ଘୋଷାରିନେଲା ଦନ୍ତା

**ପରଜଙ୍ଗ,୨୩।୧୨(ଡି.ଏନ.ଏ.)**

ଢେଙ୍କାନାଳ ବନଖଣ୍ଡ ମହାବିରୋଡ୍ ରେଞ୍ଜ ଦିହଡୋଳ ଫରେଷ୍ଟ ସେକ୍ସନ ଅଧୀନ କନ୍ଦରସିଂହା ପଞ୍ଚାୟତ ମଝିକା ଗ୍ରାମରେ ବୁଧବାର ଦନ୍ତା ଆକ୍ରମଣରେ ନିରଞ୍ଜନ ସ୍ୱାଇଁଙ୍କ ମୃତ୍ୟୁ ହୋଇଛି। ତାଙ୍କ ପୁଅ ନାଗା ଦନ୍ତା ମୁହଁରୁ ଅଳ୍ପକେ ରକ୍ଷାପାଇ ଯାଇଛନ୍ତି। ନିରଞ୍ଜନ ପୁଅ ନାଗା ସହ ସାଇକେଲରେ ଧାନ ନେଇ ପେଷିବାକୁ କନ୍ଦରସିଂହା ଯାଇଥିଲେ। ସେଠାରୁ ଘରକୁ ଫେରୁଥିବା ବେଳେ ମଝିକା କାଳୀମନ୍ଦିର ନିକଟରେ ଏକ ଦନ୍ତା ନିରଞ୍ଜନଙ୍କୁ ଘୋଷାରି ନେଇ ରାସ୍ତା ଉପରେ କଚାଡି ଦେଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୁଅ ନାଗା କୌଣସିମତେ ଦୌଡ଼ି ପଳାଇବାରୁ ବର୍ତ୍ତି ଯାଇଥିଲେ। ଉକ୍ତ ଗ୍ରାମରେ ହାତୀଟି ଅପରାହ୍ନଠାରୁ ଚଳପ୍ରଚଳ ହେଉଥିବା ସମ୍ପର୍କରେ ଗ୍ରାମବାସୀ ବନ ବିଭାଗକୁ ଖବର ଦେଇଥିଲେ ମଧ୍ୟ କର୍ମଚାରୀମାନେ ଘଉଡ଼ାଇବାକୁ ଉଦ୍ୟମ କରି ନ ଥିବାରୁ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଘଟଣାସ୍ଥଳକୁ ରେଞ୍ଜର ଆସିବାକୁ ଗ୍ରାମବାସୀ ଜିଦ୍ ଧରିଛନ୍ତି। ଖବର ଲେଖାହେବା ପର୍ଯ୍ୟନ୍ତ ରେଞ୍ଜର ପହଞ୍ଚି ନାହାନ୍ତି। ଫଳରେ ଗ୍ରାମବାସୀ ମୃତଦେହ ଛାଡୁ ନ ଥିବା ସୂଚନା ମିଳିଛି।

## ‘କଥିତ ଭାଷାରେ ସାହିତ୍ୟ ସାମାଜିକ ଗଣମାଧ୍ୟମରେ ଆଦୃତ ହେବ’

**ଢେଙ୍କାନାଳ ଅଫିସ,୨୩।୧୨**

ଗଣମାଧ୍ୟମ, ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ଢେଙ୍କାନାଳ କଲେଜରେ ଏକ ଜାତୀୟ ଇ-ସମ୍ମାନ ଅନୁଷ୍ଠିତ ହୋଇଯାଇଛି। ବୁଧବାର ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ କହିଲେ ଯେ, କଥିତ ଓଡ଼ିଆ ଭାଷାରେ ସାହିତ୍ୟ ରଚିଲେ ତାହା ସାମାଜିକ ଗଣମାଧ୍ୟମରେ ଅଧିକ ଆଦୃତ ହେବ। ଏହି କାର୍ଯ୍ୟକ୍ରମରେ ବିଷୟ ବିଶେଷଜ୍ଞ ଭାବେ ଯୋଗଦେଇ ପ୍ରଫେସର ପଞ୍ଚାନନ ମହାନ୍ତି, ପ୍ରଫେସର ସବିତା ପ୍ରଧାନ, ପ୍ରଫେସର ମୃଣାଳ ଚାଟାର୍ଜୀ, ପ୍ରଫେସର ଉଦୟନାଥ ସାହୁ, ପ୍ରଫେସର ଅଜିତ କୁମାର ନାୟକ, ପ୍ରଫେସର ସନ୍ତୋଷ କୁମାର ରଥ, ପ୍ରଫେସର ବସନ୍ତ କୁମାର ପଣ୍ଡା, ପ୍ରଫେସର ବିଷ୍ଣୁପ୍ରିୟା ଓତା ପ୍ରମୁଖ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଭିନ୍ନ ଅଧିବେଶନରେ କଲେଜ ଅଧ୍ୟକ୍ଷା ପ୍ରଫେସର ରଶ୍ମୀ ମିଶ୍ର, ଅଧ୍ୟାପକ ସମ୍ମିଳନୀ ସଭାପତି ପ୍ରଫେସର ଦେବେନ୍ଦ୍ର କୁମାର ଦାସ, ସାଧାରଣ ସମ୍ପାଦକ ଡ. କ୍ଷୀରୋଦ ଚନ୍ଦ୍ର ବେହେରା, ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ, ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ, ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ, ପ୍ରଫେସର ମଣିନ୍ଦ୍ର କୁମାର ମେହେର କାର୍ଯ୍ୟକ୍ରମ ଗୁଡିକରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଏବଂ ରାଜ୍ୟ ବାହାରୁ ୨୫୦ରୁ ଅଧିକ ଅଧ୍ୟାପକ, ଛାତ୍ର ଓ ଗବେଷକ ପ୍ରତିନିଧି ଭାବେ ଯୋଗ ଦେଇଥିଲେ। ଓଡ଼ିଆ ବିଭାଗ ମୁଖ୍ୟ ଡ. ରମେଶ ଚନ୍ଦ୍ର ବେହେରାଙ୍କ ଦ୍ୱାରା ପରିଚାଳିତ ଏହି ସମ୍ମାନରେ ଡ. ଦେବାଶିଷ ମହାନ୍ତି, ଡ. ଦିଲୀପ କୁମାର ନାୟକ ଓ ଅଧ୍ୟାପକ ରଜନୀକାନ୍ତ ଖୁଣ୍ଟିଆ ବୈଷୟିକ ସହାୟତା ପ୍ରଦାନ କରିଥିଲେ। ଅଧ୍ୟାପକ ଶୁଭ୍ରକାନ୍ତି ପାଣି ଓ ଡ. ମଞ୍ଜୁଳିକା ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ। ନିଖିଳ ଭାରତ ଓଡ଼ିଆ ଅଧ୍ୟାପକ ସମ୍ମିଳନୀ ସହଭାଗିତାରେ ଅନୁଷ୍ଠିତ ଏହି ସମ୍ମାନକୁ ବିଶିଷ୍ଟ ଭାଷା ବିଜ୍ଞାନୀ ପ୍ରଫେସର ବିବୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ।

## ଆନ୍ଦୋଳନ ପାଇଁ ଓକିଲ ସଂଘର ଚେତାବନୀ

**ଢେଙ୍କାନାଳ ଅଫିସ,୨୩।୧୨**

ଢେଙ୍କାନାଳ ଜିଲା ଓକିଲ ସଂଘର ସାଧାରଣ ବୈଠକ ବୁଧବାର ସିଭିଲକୋର୍ଟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘ ସଭାପତି ଓମ୍ ପ୍ରକାଶ ଶରଣ ସଭାପତିତ୍ୱ କରିଥିଲେ। ବୈଠକରେ ଢେଙ୍କାନାଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା ହୋଇଥିଲା। ସମସ୍ୟାଗୁଡିକ ସମାଧାନ ହୋଇ ନ ଥିବାରୁ ସଭ୍ୟମାନେ କ୍ଷୋଭ ପ୍ରକାଶ କରିଥିଲେ। ଜିଲାପାଳଙ୍କ ସହିତ ଆଲୋଚନା ହୋଇଥିବା ବିଭିନ୍ନ ସମସ୍ୟାର ସମାଧାନ ନ ହେଲେ ଆସନ୍ତା ଜାନୁଆରୀ ୬ ତାରିଖ ଦିନ ଆନ୍ଦୋଳନ କରିବା ପାଇଁ ସଭ୍ୟମାନେ ମତ ପ୍ରକାଶ କରିଥିଲେ। ସଂଘର ପୂର୍ବତନ ସଭାପତି ସଞ୍ଜୀୟ କୁମାର ମିଶ୍ର, ଦୀପକ ପ୍ରସାଦ ପଟ୍ଟନାୟକ, ନବକିଶୋର ଗୁରୁ, ଶିବସାଇ ମହାପାତ୍ର, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ପ୍ରକାଶଚନ୍ଦ୍ର ରାଉତ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସମ୍ପାଦକ ପ୍ରଦୀପ୍ତ କୁମାର ତ୍ରିପାଠୀ ଧନ୍ୟବାଦ ପ୍ରଦାନ କରିଥିଲେ।

## ଗ୍ୟାସ୍ ପାଇପ୍ ଲାଇନ ଆଲୋଚନା ବିଫଳ

**ଛେଣ୍ଡିପଦା,୨୩।୧୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାହାଲସାହି ପଞ୍ଚାୟତର ଗ୍ରାମବାସୀ ଗେଲ୍ ଇଣ୍ଡିଆର ଗ୍ୟାସ୍ ପାଇପ ଲାଇନକୁ ପୂର୍ବରୁ ବିରୋଧ କରଥିଲେ। ଏ ନେଇ ଗ୍ୟାସ୍ ପାଇପ ଲାଇନର ଅଧିକାରୀ ଓ ଗ୍ରାମବାସୀଙ୍କ ସହ ଆଲୋଚନା ହୋଇଥିଲେ ମଧ୍ୟ ତାହା ବିଫଳ ହୋଇଥିଲା। ତେଣୁ ପ୍ରଶାସନ ଉପସ୍ଥିତିରେ ଏହି କାର୍ଯ୍ୟ ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ତେଣୁ ପୂର୍ବପ୍ରସ୍ତୁତି ଅନୁଯାୟୀ ବୁଧବାର ତଦନ୍ତ ପାଇଁ ଅନୁଗୋଳ ଉପଜିଲାପାଳ ବାସୁଦେବ ଶତପଥୀ ଓ ଛେଣ୍ଡିପଦା ତହସିଲଦାର ଡାନିଏଲ ଏକ୍କା ବାହାଲସାହିରେ ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ଗ୍ରାମବାସୀ ସେମାନଙ୍କ ଉପଯୁକ୍ତ କ୍ଷତିପୂରଣ ଯଥାଶୀଘ୍ର ପାଇବା ପାଇଁ ଅଡିବସିବାରୁ କୌଣସି ସମାଧାନ ହୋଇପାରି ନ ଥିଲା। ଶେଷରେ ଆସନ୍ତା ଜାନୁଆରୀ ୪ ତାରିଖ ଦିନ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଗ୍ରାମବାସୀଙ୍କ ପ୍ରତିନିଧି, ଗେଲ୍ ଇଣ୍ଡିଆର ଉଚ୍ଚକର୍ତ୍ତୃପକ୍ଷ ଏବଂ ଉପଜିଲାପାଳଙ୍କ ମଧ୍ୟରେ ତ୍ରୀପାକ୍ଷିକ ଆଲୋଚନା ପରେ କ୍ଷତିପୂରଣ ପ୍ରଦାନ କରାଯିବ ବୋଲି ଉପଜିଲାପାଳ ପ୍ରକାଶ କରିଥିଲେ।


ଘଟଣାସ୍ଥଳ ପରିଦର୍ଶନ କରୁଛନ୍ତି ଉପଜିଲାପାଳ।

## ସ୍ୱାଭାବିକ ହେଲା ଉଦୟପୁର-ତାଳସାରୀ ବେଳାଭୂମି

**ଭୋଗରାଇ,୨୩।୧୨(ଡି.ଏନ.ଏ.)**

- ମାସ୍କ, ସାନିଟାଇଜେଶନ, ସାମାଜିକ ଦୂରତ୍ୱକୁ ଗୁରୁତ୍ୱ
- ୩ରେ ଖୋଲିବ ଚନ୍ଦନେଶ୍ୱର ମନ୍ଦିର

ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ବିଶ୍ୱର ଅନନ୍ୟ ଉଦୟପୁର-ତାଳସାରୀ ବେଳାଭୂମି ସ୍ୱାଭାବିକ ହୋଇଛି। ସ୍ଥାନୀୟ ଜନସାଧାରଣ ଓ ବେଳାଭୂମି ଉପରେ ନିର୍ଭର କରୁଥିବା ଗରିବ ଉଠାଦୋକାନୀମାନଙ୍କ ଦୀର୍ଘଦିନର ଦାବିକୁ ଗୁରୁତ୍ୱ ଦେଇ ଭୋଗରାଇ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ଅନନ୍ତ ଦାସ ପ୍ରଶାସନ, ପର୍ଯ୍ୟଟନ ମନ୍ତ୍ରୀଙ୍କ ସହିତ ଆଲୋଚନା କରି କୋଭିଡ୍ କଟକଣାକୁ କୋହଳ କରାଯାଇ ଏହି ନିଷ୍ପତ୍ତି ନେଇଛନ୍ତି। ତାଳସାରୀ, ଉଦୟପୁର ବେଳାଭୂମିକୁ ଆଗତ ପର୍ଯ୍ୟଟକମାନଙ୍କୁ ମାସ୍କ, ସାନିଟାଇଜେଶନ ଓ ସାମାଜିକ ଦୂରତା ରକ୍ଷା ନିମନ୍ତେ ବାଧ୍ୟତାମୂଳକ କରାଯାଇଛି। ଦୁଇ ମନୋରମ ବେଳାଭୂମି ପର୍ଯ୍ୟଟକ ନିମନ୍ତେ ଖୋଲାଯାଇଥିବାରୁ ବେଳାଭୂମିରେ ବ୍ୟବସାୟ କରି ପରିବାର ପ୍ରତିପୋଷଣ କରୁଥିବା ଉଠାଦୋକାନୀମାନେ ଖୁସିବ୍ୟକ୍ତ କରିଛନ୍ତି। ଦୀର୍ଘ ୯ମାସ ଧରି ଦୁଇ ବେଳାଭୂମି କୋଭିଡ୍ କଟକଣା ଯୋଗୁ ବନ୍ଦ ରହିଥିଲା। ବହୁଦିନ ପରେ ପର୍ଯ୍ୟଟନସ୍ଥଳୀ ଖୋଲାଯାଉଥିବାରୁ ଅଞ୍ଚଳବାସୀଙ୍କ ଅପେକ୍ଷାରେ ଏବେ ଅନ୍ତ ଘଟିବାକୁ ଯାଉଛି। ମଙ୍ଗଳବାର ବେଳାଭୂମି ଖୋଲି ଦିଆଯିବା ପରେ ବୁଧବାର ସହସ୍ରାଧିକ ବଙ୍ଗୀୟ ପର୍ଯ୍ୟଟକମାନଙ୍କ ଏଠାକୁ ଆଗମନ ହୋଇଛି। ପଶ୍ଚିମବଙ୍ଗ ସରକାର ଏକମାସ ପୂର୍ବେ ପର୍ଯ୍ୟଟନସ୍ଥଳୀ ଖୋଲି ଦେଇଥିବା ବେଳେ ଓଡ଼ିଶାରେ ପର୍ଯ୍ୟଟନସ୍ଥଳୀ ଖୋଲିବାକୁ ସ୍ଥାନୀୟ ଲୋକେ ଦାବି କରିଆସୁଥିଲେ। ଅପରପକ୍ଷେ ଓଡ଼ିଶାର ଅନ୍ୟତମ ଶୈବପୀଠ ଚନ୍ଦନେଶ୍ୱର ମନ୍ଦିର ଜାନୁଆରୀ ୩ତାରିଖରେ ଖୋଲାଯିବ ବୋଲି ସୂଚନା ମିଳିଛି। ଆସନ୍ତା ୨୯ତାରିଖରେ ପର୍ଯ୍ୟଟନ ଶିଳ୍ପର ବିକାଶ ନିମନ୍ତେ ତାଳସାରୀ ଓଟିଡିସିରେ ଏକ ଜରୁରୀ ବୈଠକ ଡକାଯାଇଛି। ପର୍ଯ୍ୟଟନସ୍ଥଳୀ ଖୋଲାଯାଉଥିବାରୁ ବିଧାୟକ ଏବଂ ପ୍ରଶାସନକୁ ସରପଞ୍ଚ ତପନ ପଣ୍ଡା, ଉଦୟପୁର ବ୍ୟବସାୟୀ ସଂଘ ସଭାପତି ଅବନୀ ପଟ୍ଟାୟତ, ସମ୍ପାଦକ ହିମାଂଶୁ ବେରା, ଅଜୟ ପଟ୍ଟାୟତ ପ୍ରମୁଖ ପ୍ରଶଂସା କରିଛନ୍ତି।


ତାଳସାରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ନୌବିହାର।

## ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କର



ଜିଲା ପରିଷଦର ୫୧ତମ ସାଧାରଣ ପରିଷଦ ବୈଠକରେ ପ୍ରଶାସନିକ ଅଧିକାରୀଙ୍କ ସହ ଅନ୍ୟମାନେ।

**ଅନୁଗୋଳ ଅଫିସ,୨୩।୧୨**

**୫୧ତମ ଜିଲା ପରିଷଦ ସାଧାରଣ ବୈଠକ**

- ୧୦, ୩୬୫ ସ୍ୱୟଂ ସହାୟକ ଗୋଷ୍ଠୀକୁ ମିଳିବ ଋଣ
- ୬୮ ହଜାର ୪୫୮ ହେକ୍ଟର ଜମିକୁ ଜଳସେଚନ

ଅନୁଗୋଳ ଜିଲା ପରିଷଦର ୫୧ତମ ସାଧାରଣ ବୈଠକ ବୁଧବାର ସଭାପତି ବାସନ୍ତୀ କିଷାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ସରକାରୀ ଯୋଜନାକୁ ସଫଳତାର ସହ କାର୍ଯ୍ୟକାରୀ କରିବା ନିମନ୍ତେ ନିର୍ବାଚିତ ଲୋକ ପ୍ରତିନିଧିମାନଙ୍କ ସହ ଉତ୍ତମ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ସଭାପତି ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ, ପାଲଲହଡ଼ା ବିଧାୟକ ମୁକେଶ ପାଲ, ଅନୁଗୋଳ ବିଧାୟକଙ୍କ ପ୍ରତିନିଧି ବାଉରୀବନ୍ଧୁ ସାହୁ, ଜିଲା ପରିଷଦ ଉପସଭାପତି ଇନ୍ଦ୍ରମଣି ଗଡ଼ନାୟକ ପ୍ରମୁଖ ଯୋଗ ଦେଇଥିଲେ।

କରୋନା ମହାମାରୀ ଯୋଗୁ ନିର୍ବାଚିତ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କ ମଧ୍ୟରେ ଉପଯୁକ୍ତ ସମନ୍ୱୟ ହୋଇପାରି ନାହିଁ। ତେଣୁ ଆଗାମୀ ଜାନୁୟାରୀ ମାସ ଶେଷ ସୁଦ୍ଧା ଜିଲା ପରିଷଦର ସମସ୍ତ ଷ୍ଟାଣ୍ଡିଂ କମିଟି ବୈଠକ ଶେଷ କରିବାକୁ ନିଷ୍ପତ୍ତି ହୋଇଥିଲା। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଲୀପ କୁମାର ସାହୁ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ସମସ୍ତ ଉନ୍ନୟନ କାର୍ଯ୍ୟକୁ ସାଧୁତା ଓ ସ୍ୱଚ୍ଛତାର ସହ କାର୍ଯ୍ୟକାରୀ କରିବାକୁ ପରାମର୍ଶ ଦେଇଥିଲେ। ଚଳିତ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ୪୫,୫୯,୩୫୪ ଶ୍ରମ ଅଟକଳ ଲକ୍ଷ୍ୟ ସରକାରଙ୍କଠାରୁ ମିଳିଛି। ୧୯ ଡିସେମ୍ବର ୨୦୨୦ ସୁଦ୍ଧା ରାଜ୍ୟ ନିଯୁକ୍ତି ନିଶ୍ଚିତ ପାଣ୍ଠିରୁ ୩୦୧୪.୩୯ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇ ୩୩୬୪୭୦୭ ଶ୍ରମ ଦିବସ ସୃଷ୍ଟି କରାଯାଇଛି। ପ୍ରଧାନମନ୍ତ୍ରୀ ଆବାସ (ଗ୍ରାମୀଣ) ଯୋଜନାରେ ୨୦୧୬-୧୭ରୁ ୨୦୧୯-୨୦ର ଅସମ୍ପୂର୍ଣ୍ଣ ଗୃହ ସଂଖ୍ୟା ସହ ୨୦୨୦-୨୧ ବର୍ଷର ମୋଟ୍ ୧୭୪୦୯ଟି ଗୃହ ନିର୍ମାଣ ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ୫୯୭୬ଟି ଗୃହ କାର୍ଯ୍ୟ ଶେଷ ହୋଇଛି। ବଡ଼ଦିନ ଅବସରରେ ୧୪୬୪ଟି ଘରର ଗୃହ ପ୍ରବେଶ ଲକ୍ଷ୍ୟ ରଖାଯାଇଛି। ଚଳିତ ଆର୍ଥିକ ବର୍ଷରେ ଜିଲାକୁ ୧୦ ହଜାର ୩୬୫ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୧୪୮୭.୯୭ ଲକ୍ଷ ଟଙ୍କାର ଋଣ ଯୋଗାଇ ଦିଆଯିବ। ଜିଲାରେ ୧୭୦ଟି ବିଦ୍ୟାଳୟ ମିଶ୍ରଣ ପାଇଁ ଅନୁମୋଦନ ହୋଇ ପ୍ରକ୍ରିୟା ଚାଲୁରହିଛି। ଗତକାଲି ସୁଦ୍ଧା ଜିଲାରେ ମୋଟ୍ ୧ ଲକ୍ଷ ୫୪ ହଜାର ୪୭୫ଜଣଙ୍କ କୋଭିଡ୍ ପରୀକ୍ଷା କରାଯାଇଛି। ଏହି ବୈଠକରେ ଜିଲାରେ ଡାକ୍ତର ଅଭାବ ସମସ୍ୟା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହାଛଡ଼ା ସ୍ୱାସ୍ଥ୍ୟ ବିଭାଗରେ ଚୁକ୍ତିଭିତ୍ତିକ କର୍ମଚାରୀଙ୍କୁ ନିୟମିତ ଦରମା ଦେବା ଉପରେ ସଦସ୍ୟମାନେ ପ୍ରସ୍ତାବ ଦେଇଥିଲେ। ୧୦୦ ଦିନ ମଧ୍ୟରେ ପ୍ରତି ଘରକୁ ପାନୀୟ ଜଳ ଯୋଗାଣ ସହ ପ୍ରତ୍ୟକ ବିଦ୍ୟାଳୟରେ ୫-ଷ୍ଟାର ଶୌଚାଳୟ ନିର୍ମାଣ କରିବା ପାଇଁ ଯୋଜନା ହୋଇଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଚଳିତବର୍ଷ ୯୬ ହଜାର ୬୯୫ ହେକ୍ଟର ଜମିରେ ରବି ଫସଲ ଉତ୍ପାଦନ ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ଜିଲାରେ ୬୮ ହଜାର ୪୫୮ ହେକ୍ଟର ଜମିରେ ଜଳସେଚନ ଲକ୍ଷ୍ୟ ପୂରଣ ହୋଇଛି। ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ଜିଲା ପରିଷଦ ସଦସ୍ୟା, ସଦସ୍ୟ ଓ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ ମାରିଦେଲେ ଭାବି ବିଷ ପିଇଲେ ସ୍ୱାମୀ

**ପାଟଣା,୨୩।୧୨(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ କେନ୍ଦେଇପଶି ପଞ୍ଚାୟତ ଖୁଣ୍ଟାପଡା ଗ୍ରାମର ତ୍ରିଭଙ୍ଗ ରଣାଙ୍କର ତାଙ୍କ ସ୍ତ୍ରୀଙ୍କ ସହ ମଙ୍ଗଳବାର କୌଣସି କାରଣରୁ କଳହ ହୋଇଥିଲା।ଏଥିରେ ଉତକ୍ଷିପ୍ତ ହୋଇ ତ୍ରିଭଙ୍ଗ ତାଙ୍କ ସ୍ତ୍ରୀଙ୍କ ମୁଁହକୁ ଏକ ଶାବଳରେ ମାରିବାରୁ ସେ ଗୁରୁତର ହୋଇପଡିଥିଲେ। ତ୍ରିଭଙ୍ଗ ତାଙ୍କ ସ୍ତ୍ରୀ ମରିଗଲେ ଭାବି ସ୍ଥାନୀୟ ହୋମଗାର୍ଡଙ୍କୁ ଫୋନଯୋଗେ ମୁଁ ମୋ ସ୍ତ୍ରୀକୁ ମାରିଦେଇଛି। ନିଜେ ବିଷ ପିଇ ଆତ୍ମହତ୍ୟା କରୁଛି ବୋଲି ଥାନାରେ ଜଣାଇଦେବାକୁ କହି କୀଟନାଶକ ପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଉଭୟ ଦମ୍ପତି ଗୁରୁତର ଅବସ୍ଥାରେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି ହୋଇଛନ୍ତି। ଏନେଇ ତୁରୁମୁଙ୍ଗା ଥାନାଧିକାରୀ ସୁଶାନ୍ତ ମଣୀ ମହାନ୍ତି ଏକ ମାମଲା (ନଂ.୧୨୬/୨୦) ରୁଜୁ କରି ତଦନ୍ତ ଜାରି ରଖିଛନ୍ତି।

### ୨୯ରୁ ମା’ ଶିରାଦେବୀ କ୍ରିକେଟ ଟୁର୍ନାମେଣ୍ଟ

**ଖଇରା, ୨୩।୧୨(ଡି.ଏନ.ଏ.):** ମା’ ଶିରାଦେବୀ ସ୍ପୋର୍ଟ୍ସ ଆସୋସିଏଶନ ଆନୁକୂଲ୍ୟରେ ଆସନ୍ତା ୨୯ତାରିଖରୁ ଶ୍ୟାମସୁନ୍ଦରପୁର ପଞ୍ଚାୟତର ଶ୍ରୀରାମପୁର ଖେଳ ପଡିଆରେ ୨୬ତମ କ୍ରିକେଟ ଟୁର୍ନମେଣ୍ଟ ଅନୁଷ୍ଠିତ ହେବ । ଏଥିନିମନ୍ତେ ମଙ୍ଗଳବାର ଆୟୋଜିତ ପ୍ରସ୍ତୁତି ବୈଠକରେ ଖେଳର ଚୂଡାନ୍ତ କାର୍ଯ୍ୟସୂଚୀ ପ୍ରସ୍ତୁତ କରାଯାଇଛି । ୫ଦିନ ଧରି ଚାଲିବାକୁ ଥିବା ଏହି ଟୁର୍ନାମେଣ୍ଟରେ ସୋର, ଆଗରପଡା, ଉଦଳା, ତୁଡିଗଡିଆ, ବୁଢାଗଡିଆ, କୁପାରୀ, ବାଲେଶ୍ୱର ସମେତ କଲିକତାରୁ ଏକ ଟିମ ଅଂଶଗ୍ରହଣ କରିବେ। ସଭାପତି ବିଷ୍ଣୁମୋହନ ମୁଦୁଲିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ସମ୍ପାଦକ ଭୀମସେନ ଧାଉଁଡିଆ, ସଭ୍ୟ ହିମାଂଶୁ ନନ୍ଦ, ଦୟାନିଧି ପାଲ ଓ ଜୟପ୍ରକାଶ ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

### ଗାନ୍ଧୀ ବାଳାଶ୍ରମରେ ରକ୍ତଦାନ ଶିବିର

**ଭଦ୍ରକ ଅଫିସ,୨୩।୧୨:** ସ୍ଥାନୀୟ ଗାନ୍ଧୀ ବାଳାଶ୍ରମଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଅଶୋକ କୁମାର ଦାସଙ୍କ ଅଧକ୍ଷତାରେ ତ୍ୟାଗଭୂମିର ସଭାପତି ଅଜୟ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ସୁଧାକର ରାଉତ, ବରିଷ୍ଠ ଖବରଦାତା ପରମାନନ୍ଦ ଦାସ, ଉର୍ଦ୍ଦୁ କବି ମୁସ୍ତାକ ଗହ୍ୱର, ପୂର୍ବତନ କାଉନସିଲର ସଞ୍ଜୟ ସାହୁ ଓ ସାମାଜିକ କର୍ମୀ ସେକ୍ ଜୁଲଫୁକର ଅହେମ୍ମଦ କାଦ୍‌ରୀ ଯୋଗ ଦେଇଥିଲେ। ଭଦ୍ରକ ବ୍ଲଡବ୍ୟାଙ୍କ ପକ୍ଷରୁ ଡା. ବିମଳା ମିଶ୍ର ସହକର୍ମୀଙ୍କ ସହ ରକ୍ତ ସଂଗ୍ରହ କରିଥିଲେ। ୫୭ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

### ପଥର ବୋଝେଇ ୨ ଡମ୍ପର ଜବତ

**କୁଳିଅଣା,୨୩।୧୨(ଡି.ଏନ୍.ଏ.):** ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅନ୍ତର୍ଗତ ଗେଣ୍ଡାପୋଖାରୀ ନିକଟରୁ ବୁଧବାର ବେଆଇନ ପଥର ବୋଝେଇ ୨ ଡମ୍ପର ଜବତ ହୋଇଛି। ନାମ୍ପିରୁ ବାଲିଡ଼ିହବନ୍ଧକୁ ପଥର ନେଇ ଯାଉଥିବା ଡମ୍ପର ଦୁଇଟିକୁ ସ୍ଥାନୀୟ ତହସିଲଦାର ଶଙ୍କର ପଟ୍ଟନାୟକ ଜବତ କରି କୁଳିଅଣା ଥାନା ପରିସରକୁ ଆଣିଥିଲେ। ପରେ ଡମ୍ପର ଦୁଇଟିରୁ ୮୩ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି।

# ଖଣି ଅଞ୍ଚଳରେ ଶୀତ ଲହରୀ

**ଯୋଡ଼ା,୨୩।୧୨(ଡି.ଏନ.ଏ.)**

କେନ୍ଦୁଝର ଜିଲା ଖଣିବହୁଳ ଯୋଡା ଉପତ୍ୟକାରେ ଶୀତଲହରୀ ବଢ଼ିଯିବାରୁ ଜନସାଧାରଣଙ୍କର ଜୀବନ ଦୁର୍ବିସହ ହୋଇପଡିଛି । ଅପରାହ୍ନ ୫ଟାରୁ ଥଣ୍ଡା ପବନ ସହିତ ପ୍ରବଳ ଶୀତ ଅନୁଭୂତ ହେଉଛି । ଦିନବେଳେ ତାପମାତ୍ରା ସର୍ବନିମ୍ନ ୧୮ ଡିଗ୍ରୀ ସେଲସିୟସ୍‌ରୁ ୨୦ ଡିଗ୍ରୀ ମଧ୍ୟରେ ରହୁଥିବାବେଳେ ରାତିରେ ଏହା ସର୍ବନିମ୍ନ ସ୍ତର ୬ରୁ ୮ ଡିଗ୍ରୀ ମଧ୍ୟରେ ରହୁଛି। ପରିବେଶରେ ଆର୍ଦ୍ରତା କମ୍ ଥିବାରୁ ଖଣି ଖାଦାନ ତଥା ରାସ୍ତା ଓ ଶିଳ୍ପପ୍ରତିଷ୍ଠାନର ଧୂଳି, ବଳୟ ସୃଷ୍ଟି କରି କୁହୁଡିର ଭ୍ରମ ସୃଷ୍ଟି କରୁଛି । ବହୁମାତ୍ରାରେ ଖଣିଜ ବୋଝେଇ ଭାରିଯାନ ଚଳାଚଳ କରୁଥିବାରୁ ଶୀତ ଦିନରେ ପ୍ରଦୂଷଣ ବୃଦ୍ଧି ପାଉଛି। ତେଣେ ଗ୍ରାମାଞ୍ଚଳରେ ଶୀତ ଲହରୀ ହେତୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ବାମେବାରୀ, କାଳିମାଟି, ଗୁରୁଡା, ଖଣ୍ଡବନ୍ଧ, ଜୁରୁଡି, ବାଂଶପାଣି, ରୋଇଡା, ବିଛାକୁଣ୍ଡି, ବିଲେଇପଦା, ଦେଓଝର, ମୁର୍ଗା ପ୍ରଭୃତି ବଣ ଜଙ୍ଗଲ ଘେରା ଅଞ୍ଚଳରେ



ଖଣି ଅଞ୍ଚଳର ଲୋକେ ନିଆଁ ପୋଉଁଛନ୍ତି।

ତାପମାତ୍ରା ସର୍ବନିମ୍ନ ୬ ଡିଗ୍ରୀକୁ ହ୍ରାସ ପାଉଥିବା କେତେକ ଖଣିର ମେଟ୍ରୋଲୋଜି ବିଭାଗ ପକ୍ଷରୁ ଜଣାପଡିଛି। ଯୋଡା ସହର ମଧ୍ୟରେ ଥିବା ଏକ ଘରୋଇ କମ୍ପାନିର ମେଟ୍ରୋଲୋଜି ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ଦିନବେଳା ଯାନବାହାନ ଚଳାଚଳ କରୁ ନ ଥିବା ସମୟରେ ପିଏମ୍ ୨.୫ର ମାତ୍ରା ୧୯.୬୮ ମାଇକ୍ରୋଗ୍ରାମ ପ୍ରତି କ୍ୟୁବିକ୍ ମିଟରରେ ରହୁଥିବା ବେଳେ ରାତିବେଳା ଏହା ଚିନ୍ତାଜନକ ସ୍ଥିତିରେ ପହଞ୍ଚିଯାଉଛି। ପ୍ରାୟ ୧୨୦ ମାଇକ୍ରୋଗ୍ରାମ ପର୍ କ୍ୟୁବିକମିଟର ରହୁଛି । ଶୀତର ମାତ୍ରା ବଢ଼ିବା ସହିତ ପରିବେଶରେ ଆର୍ଦ୍ରତା କମୁଥିବାରୁ ପ୍ରଦୂଷଣ ବହୁମାତ୍ରାରେ ଖଣି ଅଞ୍ଚଳରେ ବୃଦ୍ଧି ପାଉଛି। ସନ୍ଧ୍ୟାବେଳୁ ପ୍ରାୟତଃ ଯୋଡା ସହରରେ ଜନଶୂନ୍ୟ ଅବସ୍ଥା ଦେଖିବାକୁ ମିଳୁଛି । ଜାଗାଜାଗା ଏକତ୍ରିତ ହୋଇ ବସ୍ତି ବାସିନ୍ଦାମାନେ ନିଆଁ ଲଗାଇ ଶୀତ ଦାଉରୁ ରକ୍ଷାପାଇବା ପାଇଁ ସେକି ହେଉଛନ୍ତି। ଅଞ୍ଚଳରେ

**ଚିନ୍ତା ବଢାଉଛି ପ୍ରଦୂଷଣ**

ଥିବା ଗରିବ ଶ୍ରେଣୀର ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କାରଣ ଖଣି ବନ୍ଦ ହେତୁ କାର୍ଯ୍ୟହରା ହୋଇପଡିଥିବା ଗରିବ ଶ୍ରମିକମାନେ ଶୀତବସ୍ତ୍ର କିଣିବାପାଇଁ ମଧ୍ୟ ଅକ୍ଷମ ହୋଇପଡିଛନ୍ତି। ଗରିବ ଲୋକଙ୍କୁ କୌଣସି ସହାୟତା ଏଯାବତ ଯୋଗାଇ ଦିଆଯାଇନାହିଁ। ପ୍ରବଳ ହାଡଭଙ୍ଗା ଶୀତରେ ବାରଣ୍ଡା, ପିଣ୍ଡା ଏବଂ ଫୁଟପାଥରେ ଜୀବନ ବିତାଉଥିବା ଲୋକଙ୍କୁ ପୌରପାଳିକା ପକ୍ଷରୁ କୌଣସି ଅସ୍ଥାୟୀ ଆଶ୍ରୟସ୍ଥଳୀ ଏପର୍ଯ୍ୟନ୍ତ ଯୋଗାଇ ଦିଆଯାଇନାହିଁ। ଏ ନେଇ ଯୋଡା ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟମଣୀ ପାଟଯୋଶୀଙ୍କୁ ପଚାରିବାରୁ ଶୀତର ପ୍ରକୋପ ବଢିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ଯୋଡା କଲ୍ୟାଣ ମଣ୍ଡପ ଠାରେ ଏକ ଅସ୍ଥାୟୀ ଆଶ୍ରୟସ୍ଥଳୀ ଖୋଲାଯାଇଛି ବୋଲି କହିଛନ୍ତି।

# ‘ଜୟ ଅଫ୍ ଗିଭିଂ’




‘ଜୟ ଅଫ୍ ଗିଭିଂ’ କାର୍ଯ୍ୟକ୍ରମ ।

**ବାଲେଶ୍ୱର ଅଫିସ, ୨୩।୧୨**

ବାଲେଶ୍ୱର ରୋଟାରୀ ଇଣ୍ଟରନ୍ୟାଶନାଲ ପକ୍ଷରୁ ‘ଜୟ ଅଫ୍ ଗିଭିଂ’ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ନିର୍ମାଣ କାରିଗରମାନଙ୍କୁ ସମ୍ବର୍ଦ୍ଧିତ କରିବା ସହ ଅନେକ ଅତ୍ୟାବଶ୍ୟକ ଉପକରଣ ଉପଢ଼ୌକନ ମାଧ୍ୟମରେ ପ୍ରଦାନ କରାଯାଇଥିଲା। କମ୍ବଳ, ଶାଢ଼ୀ, ଗାମୁଛା, ଲୁଙ୍ଗି, ବାଲ୍‌ତି ପରି ୨୦ଟି ଉପହାର ପ୍ରଦାନ କରାଯାଇଥିଲା। ବିଭିନ୍ନ ଅନୁଷ୍ଠାନ ତରଫରୁ ମୋଟ୍ ୩୦ଜଣ ନିର୍ମାଣ ଶ୍ରମିକ ଯୋଗଦେଇ ଉପହାର ଗ୍ରହଣ କରିଥିଲେ। ସେମାନଙ୍କୁ କ୍ଲବ ତରଫରୁ ପ୍ୟାକେଟ୍ ଖାଦ୍ୟ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରୋଟାରୀ କ୍ଲବ ସଭାପତି ରୋଟାରିଆନ୍ ଭାବଗ୍ରାହୀ ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବାଲେଶ୍ୱର ମେଡ଼ିକାଲ କଲେଜ ଡିନ୍ ଡା. ରାମଚନ୍ଦ୍ର ଗିରି ଯୋଗଦେଇ ଜୀବନରେ ଦାନର ମହତ୍ତ୍ୱ ବିଷୟରେ ସାରଗର୍ଭକ ପରାମର୍ଶ ଦେଇଥିଲେ। ସେହିପରି ବରିଷ୍ଠ ରୋଟାରିଆନ୍ ସୁବ୍ରତ କର ଅତିଥି ପରିଚୟ ପ୍ରଦାନ ସହିତ ରୋଟାରୀ କ୍ଲବର ଆଗାମୀ ଅଙ୍ଗଦାନ କାର୍ଯ୍ୟକ୍ରମ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ‘ଜୟ ଅଫ୍ ଗିଭିଂ’ ଅଧକ୍ଷ ରୋଟାରିଆନ୍ ଭି. ଉଦୟ କୁମାର ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ସମ୍ବନ୍ଧରେ ସୂଚନା ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରୋଟାରିଆନ୍ ଉଦୟ ରଞ୍ଜନ ଦାସ, ବିଷ୍ଣୁ ଦାସକୁଣ୍ଡୁ, ଯଶୋଦା ନନ୍ଦନ ଆଶ, ସୌରଭ ବେହେରା, ବିକ୍ରମଜିତ୍ କର, ଦେବେନ୍ଦ୍ର କୁମାର ଧଳ, ନିକୁଞ୍ଜ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶେଷରେ କ୍ଲବ ସମ୍ପାଦକ ରୋଟାରିଆନ୍ ପ୍ରଦୀପ୍ତ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ଆମ ପ୍ରିମିୟର ଲିଗ୍: ହବିବ୍ ଲାୟନ୍ସ ଚାମ୍ପିୟନ

**ବାଲେଶ୍ୱର ଅଫିସ,୨୩।୧୨**

ବାଲେଶ୍ୱର ସହର ନିକଟ ଚାନ୍ଦିମାରି ପଡ଼ିଆରେ ‘ଆମ ପ୍ରିମିୟର ଲିଗ୍–୨୦୨୦’ର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଅଲବୀରା ଫାଇଟର୍ସ ଓ ହବିବ୍ ଲାୟନ୍ସ ମଧ୍ୟରେ ମୁକାବିଲା ହୋଇଥିଲା। ପ୍ରଥମେ ବ୍ୟାଟିଂ କରି ଅଲବୀରା ଫାଇଟର୍ସ ନିର୍ଦ୍ଧାରିତ ୧୫ ଓଭରରେ ୧୭୧ ରନ୍ ସଂଗ୍ରହ କରିଥିଲେ। ଜବାବରେ ହବିବ୍ ଲାୟନ୍ସ ୭ ଉଇକେଟ୍ ବିନିମୟରେ ୧୭୫ ରନ୍ କରି ଚାମ୍ପିୟନ ହୋଇଛି।

ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସମାଜସେବୀ ସୁବାସିନୀ ଜେନା ଓ ସମ୍ମାନନୀୟ ଅତିଥି ଅମିତ୍ ଅମିତାଭ ମହାକୁଡ଼ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ଟ୍ରଫି ସହ ପୁରସ୍କାର ରାଶି ପ୍ରଦାନ କରିଥିଲେ। ସେହିପରି ଫାଇନାଲ୍ ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଅରୁଣ ସାହୁ, ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ତଥା ମ୍ୟାନ୍ ଅଫ୍ ଦି ସିରିଜ୍ ରାଜୁ ପରିଡ଼ା, ଶ୍ରେଷ୍ଠ ବୋଲର ଭାବେ ଏସ୍‌କେ ଅଫ୍‌ତାରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ସୁଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ପ୍ରମୋଦ ନାୟକ ଓ ଦିଲୀପ ଜେନା ଅମ୍ପାୟାର କାର୍ଯ୍ୟ ତୁଲାଇଥିଲେ। ସୁଶାନ୍ତ ବେଜ, ପରମାନନ୍ଦ ମହାପାତ୍ର, ସଲେ ଗୁଡ୍ଡୁ, ଗୋପାଳ ମାନ୍ନା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏହି ଲିଗ୍ ଗତ ୨ ତାରିଖରୁ ଆରମ୍ଭ ହୋଇଥିବା ବେଳେ ଏଥିରେ ମୋଟ୍ ୭ଟି ଟିମ୍ ଅଂଶଗ୍ରହଣ କରିଥିଲେ।




ଅତିଥିଙ୍କ ଗହଣରେ ଚାମ୍ପିୟନ ଦଳ।

# ଟ୍ରକ୍ ଜାମ୍ ଯୋଗୁ ଲୋକେ ହଇରାଣ

**କେନ୍ଦୁଝର, ୨୩।୧୨ (ସ୍ୱ.ପ୍ର.)**

କେନ୍ଦୁଝର ଜିଲା ଦେଇ ଯାଇଥିବା ମୁମ୍ବାଇ–କଲିକତା ଜାତୀୟ ରାଜପଥ ୪୯ର ସଦର ବ୍ଲକ ଅନ୍ତର୍ଗତ ଠାକୁରଡିହି ନିକଟରେ ଦୁଇଟି ଟ୍ରକ୍ ବ୍ରେକ୍ ଡାଉନ ହେବା ଫଳରେ ଗତ ସୋମବାର ଯାତାୟାତ ଠପ୍ ହୋଇଥିଲା। ବିଶେଷ କରି ଯାତ୍ରୀବାହୀ ବସ୍ ଓ ଅନ୍ୟାନ୍ୟ ଗାଡି ଚଳାଚଳ କରିନ ପାରିବାରୁ ଲୋକ ମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏନେଇ ପୋଲିସ ପକ୍ଷରୁ ଉକ୍ତ ଟ୍ରକ ହଟାଇବା ପରେ ଯାତାୟତ ସ୍ୱାଭାବିକ ହୋଇଥିଲା। ଏହି ରାସ୍ତାରେ ଦୈନିକ ହଜାର ହଜାର ସଂଖ୍ୟାରେ ଲୁହାପଥର ବୋଝେଇ ସାଙ୍ଗକୁ ମାଲବାହୀ ଟ୍ରକ, ଟ୍ରଲର, ଯାତ୍ରୀବାହୀ ବସ ଆଦି ଚଳାଚଳ କରିଥାଏ। ରାସ୍ତା ସମ୍ପ୍ରସାରଣ କାମ ଚାଲିଥିବା ବେଳେ ଜୁଡିଆ ଘାଟି ଯୋଗୁଁ ରାସ୍ତା ସଙ୍କୁଚିତ ହୋଇ ପଡିଛି । ଅନ୍ୟ ପକ୍ଷରେ ଟ୍ରକ ମାନଙ୍କ ପାଇଁ ପାର୍କିଂ ବ୍ୟବସ୍ଥା ନ ଥିବାରୁ ଏଭଳି ଟ୍ରାଫିକ ସମସ୍ୟା ହୋଇଆସୁଥିଲେ ହେଁ ସ୍ଥାୟୀ ସମାଧାନ କରାଯାଉ ନାହିଁ। ଖଣି ସଂସ୍ଥା, ଟ୍ରକ ମାଲିକ ସଂଘ ଏବଂ ଜିଲା ପ୍ରଶାସନ ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ସମସ୍ୟା ଉପୁଜିଥିବାରୁ ଏହାର ସମାଧାନ ପାଇଁ ଦାବି ହୋଇ ଆସୁଛି ।

# ଆବାସ ନିର୍ମାଣ କାର୍ଯ୍ୟ ସାରିବାକୁ ପରାମର୍ଶ

**ବନ୍ତ, ୨୩।୧୨(ଡି.ଏନ.ଏ./ସ୍ୱ.ପ୍ର.)**

ଭଦ୍ରକ ଜିଲା ବନ୍ତ ବ୍ଲକ କାଦବରାଙ୍ଗ ପଞ୍ଚାୟତରେ ଆବାସ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଶିକ୍ଷଣ ଶିବିରରେ ଗ୍ରାମ୍ୟ ରାଜମିସ୍ତ୍ରୀମାନଙ୍କୁ ନିର୍ମାଣ କାର୍ଯ୍ୟର ଜ୍ଞାନକୌଶଳ ସମ୍ପର୍କରେ ଅବଗତ କରାଯିବା ସହ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି ପଞ୍ଚାୟତରେ ୧୦୨ ଆବାସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇ ନ ଥିବାରୁ ଅଧିକାରୀମାନେ ଘର ଘର ବୁଲି କାର୍ଯ୍ୟ ସାରିବାକୁ ହିତାଧିକାରୀମାନଙ୍କୁ କହିଥିଲେ। ଓଡ଼ିଶା ସରକାରଙ୍କ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଆନୁକୂଲ୍ୟ, ସେଞ୍ଚୁରିଆନ ୟୁନିଭରସିଟି ସହଯୋଗରେ ଅନୁଷ୍ଠିତ ଏହି ଶିବିରକୁ ବିଡିଓ ରେବେକା ବିଲୁଙ୍ଗ ଉଦ୍‌ଘାଟନ କରିଥିଲେ। ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ଏପିଡି(ଟ୍ରେନିଂ) ରୁପାଲି ମହାପାତ୍ର, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିଶାକର ଖୁଣ୍ଟିଆ, ସରପଞ୍ଚ ଲକ୍ଷ୍ମୀପ୍ରିୟା ଭାରତୀ, ଜିଆର୍‌ଏସ୍ ଭାଗିରଥୀ ସାହୁ, ନାଏବ ସରପଞ୍ଚ ନକୁଳ ଚରଣ ରାଉତ ଓ ଗ୍ରାମ ତରଙ୍ଗର ଆଞ୍ଚଳିକ ନିର୍ଦ୍ଦେଶକ ଧ୍ରୁବ ଚରଣ ସାହୁ ଶିବିରରେ ସହଯୋଗ କରିଥିଲେ । ୩୦ ରାଜମିସ୍ତ୍ରୀଙ୍କୁ ହେଲ୍‌ମେଟ, ଜୋତା, ଜ୍ୟାକେଟ ଓ କିଟ୍ ପ୍ରଦାନ କରାଯାଇଥିଲା।

# ଫାଇଲେରିଆ ପ୍ରବଣ ଅଞ୍ଚଳରେ ସ୍ୱତନ୍ତ୍ର ଧ୍ୟାନ ଦିଆଯିବାକୁ ନିଷ୍ପତ୍ତି

**ବାଲେଶ୍ୱର ଅଫିସ, ୨୩।୧୨**

ବାଲେଶ୍ୱର ଜିଲା ସ୍ୱାସ୍ଥ୍ୟ ବିଭାଗ ଆନୁକୂଲ୍ୟରେ ଜିଲା ପ୍ରଶିକ୍ଷଣ କେନ୍ଦ୍ର ସଭାଗୃହରେ ଫାଇଲେରିଆ ଔଷଧ ସେବନ କାର୍ଯ୍ୟକ୍ରମ ସମ୍ପର୍କିତ ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲାପାଳ ସମ୍ମିତ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦୁଲାଳସେନ ଜଗଦ୍ଦେବ ଯୋଗଦେଇ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅତିରିକ୍ତ ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଶଶାଙ୍କ ଶେଖର ଚୌଧୁରୀ ଆସନ୍ତା ଫେବୃୟାରୀରେ ହେବାକୁ ଯାଉଥିବା ଉକ୍ତ ଔଷଧ ସେବନ କାର୍ଯ୍ୟକ୍ରମ ନିମନ୍ତେ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋକପାତ କରିଥିଲେ । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ପ୍ରତିନିଧି ଡା. ଦେବକାନ୍ତ ମହାନ୍ତି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଫାଇଲେରିଆ ପ୍ରବଣ ଅଞ୍ଚଳ, ଜଙ୍ଗଲଘେରା ଅଞ୍ଚଳ, ଅନୁସୂଚିତ ଜନଜାତି ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ ବିଦ୍ୟାଳୟ, ସମସ୍ତ ପୌର ପରିଷଦ ଅଞ୍ଚଳରେ ଏହି

**ଜିଲାସ୍ତରୀୟ ସମନ୍ୱୟ କମିଟି ବୈଠକ**

କାର୍ଯ୍ୟକ୍ରମକୁ ଅଧିକ ଧ୍ୟାନ ଦେବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ସମୟରେ ଆଶା ଓ ଅଙ୍ଗନୱାଡ଼ି କର୍ମୀ ଘରକୁ ଘର ବୁଲି ଔଷଧ ଯୋଗାଇବେ। ଔଷଧକୁ ଲୋକମାନେ କର୍ମୀଙ୍କ ସମ୍ମୁଖରେ ସେବନ କରିବେ। ଦୁଇ ବର୍ଷରୁ କମ୍ ବୟସର ଶିଶୁ, ଗର୍ଭବତୀ ତଥା ଅତ୍ୟନ୍ତ ଅସୁସ୍ଥ ବ୍ୟକ୍ତିଙ୍କ ବ୍ୟତୀତ ସମସ୍ତେ ଏହି ବଟିକା ସେବନ କରିପାରିବେ। ଜିଲା ଭେକ୍ଟର ବାହକ ରୋଗ ପରାମର୍ଶଦାତା ଆଲୋକ କୁମାର ପତି ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସମସ୍ତ ସରକାରୀ ଓ ବେସରକାରୀ ବିଭାଗର ସହଯୋଗ କାମନା କରିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ (ପରିବାର କଲ୍ୟାଣ) ଡା. ପିସି ନନ୍ଦୀ, ଜିଲା ଚିକିତ୍ସା ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ନୀଳଗିରି ଉପଖଣ୍ଡ ଚିକିତ୍ସା ଅଧିକାରୀ ଡା. ଅଜୟ କୁମାର ସାମଲ ତଥା ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ।

# ଗଡ଼ପୋଖରୀ ସମିତିରେ ଧାନକିଣା ଆରମ୍ଭ




ଗଡ଼ପୋଖରୀ ସମିତିରେ ଧାନ କିଣା ଚାଲିଛି ।

**ଖଇରା, ୨୩।୧୨(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଡପୋଖରୀ ସେବା ସମବାୟ ସମିତିରେ ସୋମବାରଠାରୁ ଧାନକିଣା ଆରମ୍ଭ ହୋଇଛି । କ୍ରୟ କମିଟି ସଭାପତି ଆନନ୍ଦ ବଲ୍ଲଭ ନାୟକ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମ୍ପାଦକ ମାନସ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ୭ଜଣ ଚାଷୀଙ୍କ ନିକଟରୁ ୩୧୧ କୁଇଣ୍ଟାଲ ଧାନକିଣା ଯାଇଥିଲା। କ୍ରୟ କମିଟି ସଭ୍ୟ ନିତ୍ୟାନନ୍ଦ ଦଳେଇ, ରାଧାନାଥ ପଣ୍ଡା ଓ ରତ୍ନାକର ଜେନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

# ଗାଁକୁ ପ୍ରଦୂଷଣମୁକ୍ତ କରିବା ଦାବିରେ ରାସ୍ତାରୋକୋ

**ବାରିପଦା ଅଫିସ,୨୩।୧୨**

କ୍ରଶର ଓ ପିଚୁ ପ୍ଲାଣ୍ଟରୁ ନିର୍ଗତ ଧୂଳି ଓ ଧୂଆଁ ଯୋଗୁ ଗାଁ ପରିବେଶ ପ୍ରଦୂଷିତ ହେଉଥିବା ପ୍ରତିବାଦରେ ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ବ୍ଲକ କଳାବାଡ଼ିଆ ପଞ୍ଚାୟତ ଜଗନ୍ନାଥଖୁଣ୍ଟା ଗ୍ରାମବାସୀ ରାସ୍ତାରୋକୋ କରିଥିଲେ। ଫଳରେ ଉକ୍ତ ରାସ୍ତାରେ ଦୀର୍ଘ ସମୟ ଧରି ଡମ୍ପର, ଟ୍ରକ ଓ ଟ୍ରାକ୍ଟର ଅଟକି ରହିଥିଲା । ପ୍ରଦୂଷଣକୁ ରୋକିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେଉ ନ ଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି । ଏ ସମ୍ପର୍କରେ ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ କିମ୍ବା ସଂସ୍ଥାର ମାଲିକମାନେ ଏଥିପ୍ରତି ପଦକ୍ଷେପ ଗ୍ରହଣ କରୁ ନାହାନ୍ତି ।

ସୂଚନା ଅନୁଯାୟୀ,ଏଠାରେ ଥିବା ୩ଟି କ୍ରଶର ଓ ଗୋଟିଏ ପିଚୁ ପ୍ଲାଣ୍ଟରୁ ପଥରଗୁଣ୍ଡର ଧୂଳି ଓ ଧୂଆଁ ନିର୍ଗତ ହେବା ଯୋଗୁ ଲୋକେ ରୋଗାକ୍ରାନ୍ତ ହେଉଛନ୍ତି । ଏପରିକି ପାନୀୟ ଜଳ ଓ ଖାଦ୍ୟ ପଦାର୍ଥରେ ଏହା ମିଶୁଥିବାରୁ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପ୍ରତିଦିନ ହେଉଥିବା ପଥର ବ୍ଲାଷ୍ଟିଂର ଉଚ୍ଚକୋଟୀର ଶବ୍ଦରେ ଲୋକେ ଆତଙ୍କିତ ହୋଇପଡୁଛନ୍ତି। ପ୍ରତ୍ୟହ ଶତାଧିକ ଗାଡ଼ିରେ ଲଘୁ ଖଣିଜ ଦ୍ରବ୍ୟ ପରିବହନ ହେଉଥିବାରୁ ରାସ୍ତାଘାଟ ପ୍ରଦୂଷିତ ହେଉଛି। ଏହି ସମସ୍ୟାର ସମାଧାନ ପାଇଁ ଖଡ଼ିଆଶୋଳ ଗ୍ରାମର ରତ୍ନାକର ନାଏକ, କାର୍ତ୍ତିକ ନାଏକ, ରବୀନ୍ଦ୍ର ନାଏକ, ସୁଧୀର ନାଏକ ପ୍ରମୁଖ ଦାବି କରିଛନ୍ତି ।



ଗ୍ରାମବାସୀ ରାସ୍ତାରୋକୋ କରିଛନ୍ତି।

# ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷକୁ ପ୍ରୋତ୍ସାହନ

**କେନ୍ଦୁଝର, ୨୩।୧୨ (ସ୍ୱ.ପ୍ର./ଡି.ଏନ.ଏ.)**

ମାଣ୍ଡିଆ ହେଉଛି ବଣପାହାଡ ଘେରା ଅଞ୍ଚଳରେ ରହୁଥିବା ବନବାସୀଙ୍କ ପାରମ୍ପରିକ ଖାଦ୍ୟ। ଆଦିମ କାଳରୁ ମାଣ୍ଡିଆକୁ ସେମାନେ ଖାଦ୍ୟ ଭାବରେ ବ୍ୟବହାର କରିଆସୁଛନ୍ତି । କେନ୍ଦୁଝର ଜିଲାର ଜଳବାୟୁ ମାଣ୍ଡିଆ ଚାଷ ପାଇଁ ଅନୁକୂଳ। କମ୍ ପାଣିରେ କମ୍ ପରିଶ୍ରମରେ ଏହି ମାଣ୍ଡିଆ ଚାଷ ହୋଇଥାଏ। ଏତଦ୍‌ବ୍ୟତୀତ ମାଣ୍ଡିଆ ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ଉପକାରୀ। ଏଣୁ ଏହାର ଆବଶ୍ୟକତାକୁ ଉପଲବ୍ଧି କରି ଓଡିଶା ମିଲେଟ ମିଶନ ଆନୁକୂଲ୍ୟରେ ଜିଲା ଖଣିଜ ପ୍ରତିଷ୍ଠାନ (ଡିଏମ୍ଏଫ୍) ସହାୟତାରେ ଜିଲାର ବିଭିନ୍ନ ବ୍ଲକରେ ଏହି ମାଣ୍ଡିଆ ଚାଷକୁ ପ୍ରୋତ୍ସାହିତ କରାଯାଉଛି। ବିଭିନ୍ନ ସଙ୍ଗଠନ ମାଧ୍ୟମରେ ଜିଲାର ସଦର, ବାଂଶପାଳ, ହରିଚନ୍ଦନପୁର,



କୃଷିଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ ସଚେତନତା ରଥର ଶୁଭାରମ୍ଭ କରୁଛନ୍ତି।

ଝୁମ୍ପୁରା, ଯୋଡା, ଚମ୍ପୁଆ, ହାଟଡିହି ଆଦି ବ୍ଲକରେ ଚାଷୀଙ୍କୁ ବୁଝାଯାଉଛି। ମାଣ୍ଡିଆ ଚାଷୀଙ୍କୁ ଅଧିକ ଲାଭବାନ କରିବା ପାଇଁ ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଛି ଶ୍ରୀପଦ୍ଧତିରେ ମାଣ୍ଡିଆ ଚାଷ ପ୍ରଣାଳୀ। ଚାଷୀଙ୍କୁ ହେକ୍ଟର ପିଛା ପ୍ରଥମ ବର୍ଷ ପାଇଁ ୫ ହଜାର ଟଙ୍କା, ଦ୍ୱିତୀୟ ବର୍ଷ ପାଇଁ ୩ ହଜାର ଟଙ୍କା ଓ ତୃତୀୟ ବର୍ଷ ପାଇଁ ୧୫ ଶହ ଟଙ୍କା ସହାୟତା ପ୍ରଦାନ କରାଯାଉଛି। ସେହିପରି ଧାଡ଼ିରୁଆ କିମ୍ବା ଧାଡ଼ିବୁଣା ପାଇଁ ପ୍ରଥମ ବର୍ଷ ୨୫ ଶହ ଟଙ୍କା , ଦ୍ୱିତୀୟ ବର୍ଷ ପାଇଁ ୧୫ ଶହ ଟଙ୍କା, ୩ୟ ବର୍ଷ ପାଇଁ ଏକ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଉଛି। ଏହା ଛଡା ଅମଳ ହେଉଥିବା ମାଣ୍ଡିଆ ବିକ୍ରି ପାଇଁ ମଣ୍ଡି ବ୍ୟବସ୍ଥା କରାଯାଇଛି। ଏଣୁ ଚଳିତ ରବି ଋତୁରେ ଏହାର ଲାଭ ଉଠାଇ ଅଧିକ ଚାଷ କରିବା ପାଇଁ ଚାଷୀଙ୍କୁ ସଚେତନ କରାଯାଉଛି। ଏନେଇ କୃଷି ବିଭାଗ ପକ୍ଷରୁ ସଚେତନତା ରଥର ଶୁଭାରମ୍ଭ କରାଯାଇଛି । ଜିଲା କୃଷି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୃଷିଉପନିର୍ଦ୍ଦେଶକ ଶରତ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ସଚେତନତା ରଥକୁ ପତାକା ହଲାଇ ଶୁଭାରମ୍ଭ କରିଥିଲେ। ଏକ ସପ୍ତାହ ଧରି ଏହି ରଥ ବିଭିନ୍ନ ଅଞ୍ଚଳ ପରିଭ୍ରମଣ କରି ମାଣ୍ଡିଆ ଚାଷ ଉପରେ ସଚେତନ କରିବା ସହ ସରକାରଙ୍କ ସହାୟତା ବ୍ୟବସ୍ଥା ସମ୍ପର୍କରେ ଅବଗତ କରାଯିବ ବୋଲି ଜଣାପଡ଼ିଛି।

କ ବି ତା

# ଶୀତ ସନ୍ଧ୍ୟା, ସିପ୍ରା ଦାସ ଓ ଫୁଲବାଣୀ

**କିଶୋର ମିଶ୍ର**

ଫୁଲବାଣୀରେ
କେବଳ ସନ୍ଧ୍ୟାରେ ହିଁ ଶୀତ
ପ୍ରେମିକା ପ୍ରେମିକା ଲାଗେ।

ଶୀତ ସନ୍ଧ୍ୟା ଫାଜିଲ ଝିଅଟିଏ ପରି
ମୋ' ହାତ ଛାଡ଼ି ଦେଖୁଦେଖୁ
ଉଠିଯାଏ ହିଲ୍‌ଭିଉ ପାହାଡ଼କୁ
ଯେତେ ଡାକିଲେ ବି ଆଉ
ଓହ୍ଲାଏ ନାହିଁ ତଳକୁ।

କରୋନାରେ ମୁଖାପିନ୍ଧି ଆମେ ସବୁ
ପରିଚୟ ହରାଇଥିବା ବେଳେ
ଶୀତ କିନ୍ତୁ ବିନ୍‌ଦାସ
ତାକୁ କିଛି ଫରକ ପଡ଼େନା
କାକର ହୋଇ ଝରିଲେ ଧାନକେଣ୍ଡାରେ
କି ଡାଲିଆ ପାଖୁଡ଼ାରେ
କାଠଗଣ୍ଡି ହୋଇ ଜଳିଲେ

ରିକ୍ସାବାଲାର ବସ୍ତିରେ
କି ଜହ୍ନ ସହ ତମ୍ବୁ ପାତିଲେ
ମନ୍ଦିର ପଛ ପାହାଡ଼ରେ।

ପଡ଼ିଶା ଘରର ଅଭିଆଡ଼ୀ ମାଷ୍ଟ୍ରାଣୀ ପରି ଶୀତ
ସକାଳୁ ସକାଳୁ ସ୍କୁଲ୍ ବାହାରି
ଦୁଇ ଦୁଇଟା ବସ୍ ବଦଳାଇ ସନ୍ଧ୍ୟାରେ
ଘରକୁ ଫେରେ କନକନିଆ ଜାଡ଼ ହୋଇ
ତ' କେବେ ଅପରାହ୍ଣର କବିତା ପାଠୋତ୍ସବରେ
ଶେଷ ଧାଡ଼ିର କୋଣ ଚୌକିରେ ବସିଥାଏ ଗୁମ୍‌ସୁମ୍।

ଫୁଲବାଣୀ ଆଉ ଆଗପରି ନାହିଁ ଶୀତରେ
ବେଶ୍ ବଦଳିସାରିଛି ତା'ର ରୂପ ରଙ୍ଗ
ତଥାପି ସାଲୁଙ୍କି ଓ ଶାଳବଣ ଭିତରୁ
ସିପ୍ରା ଦାସର ଆଖି ଏବେ ବି କାହାକୁ ଖୋଜେ
ଶୀତ ସନ୍ଧ୍ୟା ନିରୁତ୍ତର ରହେ।

ମୋ: ୯୪୩୭୩୨୭୫୦୨

# ଏକା ଏକା : ଅନ୍ତରଙ୍ଗ

**ଚକ୍ରପାଣି ପରିଚ୍ଛା**

ଅନ୍ଧ ସରୀସୃପ
ମାପିପାରେନି ପୃଥିବୀର ଆୟତନ
କ୍ଷେତ୍ରଫଳ ବି।

ସବୁ ବାଟ ଅବାଟ ତା' ପାଇଁ
ତଥାପି ବାଟ ଖୋଜୁଥାଏ
ଅବାଟର ଗଳିକନ୍ଦିରୁ।
କେମିତି ଦିଶେ ଅନ୍ଧାର
ପଚାରୁଥାଏ ନିଜ ନିଃଶ୍ୱାସକୁ, ଆଖିକୁ ବି।

ଦିନେ ଦିନେ ଭାବେ
ତାରା ସବୁ ଓହ୍ଲାଇ ଆସନ୍ତେ କି

ତା' ଆଖିର ଗାଧୁଆତୁଠକୁ
ପଚାରନ୍ତା: ସାରାଦିନ କେମିତି କଟେ
ଅନ୍ଧପୁତୁଳି ଉହାଡ଼ରେ!

ରାତିର ପାଚେରି ଡେଇଁ
ସ୍ୱପ୍ନ ଆସେ, ଅଥଚ
ସ୍ୱପ୍ନ ପାଇଁ ଯାବତୀୟ କଟକଣା।
ଅନ୍ଧ ସରୀସୃପ
ଏବେଏବେ ଫେରିଚି
ଅଯାଚିତ ଆଲୋକିତ ବଳୟରୁ।

ମୋ: ୯୧୭୮୬୪୭୧୩୭

# କପିଳାସ କ୍ଷେତ୍ର: ପ୍ରଥମ ପ୍ରକୃତି-କାବ୍ୟ

**ଡ. ଫଣୀନ୍ଦ୍ର ଭୂଷଣ ନନ୍ଦ**

**ଦାମୋଦର ପଟ୍ଟନାୟକ (୧୮୬୨-୧୯୧୫) ଓଡ଼ିଆ ସାହିତ୍ୟର ଜଣେ କୃତବିଦ୍ୟ ସାଧକ। ତାଙ୍କର 'କପିଳାସ କ୍ଷେତ୍ର' କାବ୍ୟଟି କଟକ ପ୍ରିଣ୍ଟିଂ କମ୍ପାନୀ ଦ୍ୱାରା ୧୮୮୫ରେ ପ୍ରକାଶିତ। ଏହା ଓଡ଼ିଆ ଭାଷାରେ ରଚିତ ପ୍ରଥମ ପ୍ରକୃତି ବର୍ଣ୍ଣନାମୂଳକ କାବ୍ୟ।**

ଅତୀତର ବହି



ଦାମୋଦର ପଟ୍ଟନାୟକ

ଦାମୋଦର ୨୨ ଫେବୃୟାରୀ ୧୮୬୨ରେ ଢେଙ୍କାନାଳଠାରେ ଭୂମିଷ୍ଠ ହୋଇଥିଲେ। ପିତା ନିତ୍ୟାନନ୍ଦ ପଟ୍ଟନାୟକ ଓ ମାତା ସୁଲକ୍ଷଣା ଦେବୀ। ଓଡ଼ିଶାର ପ୍ରଥମ ଆଧୁନିକ ନାରୀ କବି ସୁଲକ୍ଷଣାଙ୍କ ପ୍ରଭାବ ଶୈଶବରୁ ତାଙ୍କ ଉପରେ ପଡ଼ିଥିଲା। ଢେଙ୍କାନାଳରୁ ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷା ସମାପ୍ତ କରି ରେଭେନ୍ସା କଲେଜିଏଟ୍ ସ୍କୁଲ୍‌ରୁ ଏଣ୍ଟ୍ରାନ୍ସ ଓ ରେଭେନ୍ସା ମହାବିଦ୍ୟାଳୟରୁ ଏଫ୍.ଏ. ପାସ୍ କରିଥିଲେ। କେନ୍ଦୁଝର, ଆଠମଲ୍ଲିକ, ପାଲଲହଡ଼ା, ତାଳଚେର, ହିନ୍ଦୋଳ, ଆଠଗଡ଼ ଓ ନରସିଂହପୁର ଗଡ଼ଜାତ ରାଜ୍ୟର ମ୍ୟାନେଜର ତଥା ଦେୱାନ ଭାବରେ କାର୍ଯ୍ୟନିର୍ବାହ କରିଥିଲେ।

ଦାମୋଦର ଅନେକ ସାରସ୍ୱତ କୃତି ଓଡ଼ିଆ ସାହିତ୍ୟକୁ ଦାନ କରିଛନ୍ତି। 'ସଂଗୀତ ସାଗର' ତାଙ୍କର ଏକ ଉଲ୍ଲେଖନୀୟ ସଂକଳନ। ଓଡ଼ିଶାର ବିଭିନ୍ନ ସ୍ଥାନରେ ପ୍ରଚଳିତ ସଂଗୀତଗୁଡ଼ିକୁ ସାତଟି ତରଙ୍ଗ (ପୁସ୍ତକ)ରେ ସେ ପ୍ରକାଶ କରିଥିଲେ। ଏଗୁଡ଼ିକ ୧୮୮୯ରୁ ୧୯୦୩ ମଧ୍ୟରେ ପ୍ରକାଶିତ। ଏତଦ୍‌ବ୍ୟତୀତ ସଂଗୀତ ସର୍ବସାର (୧୮୯୬) ଶ୍ରୀଜଗନ୍ନାଥ ସଂକୀର୍ତ୍ତନ (୧୯୧୩) ପ୍ରକାଶ ପାଇ ଓଡ଼ିଶୀ ସଂଗୀତ ସଂରକ୍ଷଣ କ୍ଷେତ୍ରରେ ନୂତନ ଦିଗନ୍ତ ସୃଷ୍ଟି କରିଥିଲା। ଫକୀରମୋହନ 'ଉତ୍କଳ ଭ୍ରମଣଂ' କାବ୍ୟରେ କହିଛନ୍ତି– ''ଆହେ ଦାମୋଦର କାହିଁ ଲୁଚାଇଛ ମଥା/ ଗାଅ ଶୁଣେ କପିଳାସ ପୁଣ୍ୟକ୍ଷେତ୍ର କଥା/ ଆସ ଲେଖ ଗାଅ ଆଉ ଦୁଇ ଚାରି ଗୀତ/ ମାଟି ହୋଇ ଯାଉଅଛି ଓଡ଼ିଆ ସଂଗୀତ।''

ଦାମୋଦରଙ୍କ ରଚିତ ଜୀବନ ଚମ୍ପୂ (୧୯୦୨), ଜାତୀୟ ସଂଗୀତ (୧୯୦୩), ବାଲିଯାତ୍ରା (୧୯୦୪), ପଦ୍ମମୁଖ (୧୯୦୮), ଭଲପିଲା (୧୯୧୧) ପ୍ରଭୃତି କବିତା ସଂକଳନ ଓଡ଼ିଆ କାବ୍ୟଧାରାକୁ ସମୃଦ୍ଧ କରିଛି। ବିଜୁଳି–ଇନ୍ଦ୍ରଧନୁ ସାରସ୍ୱତ କଳହରେ ସେ ପ୍ରାଚୀନ ସାହିତ୍ୟ ସପକ୍ଷରେ ଇନ୍ଦ୍ରଧନୁର ପ୍ରଧାନ ଯୋଦ୍ଧା ଥିଲେ। ସେ ଯୁବରାଜ, ଇନ୍ଦ୍ରଜାଲି ଜମ୍ବୁରିଦାମ ଛଦ୍ମନାମରେ ଉତ୍କଳ ଦୀପିକା, ସମ୍ବଲପୁର ହିତୈଷିଣୀ, ଇନ୍ଦ୍ରଧନୁ ପ୍ରଭୃତି ପତ୍ରିକାରେ ଅନେକ ରଚନା ପ୍ରକାଶ କରିଛନ୍ତି।

୧୮୯୪–୯୫ରେ ସମ୍ବଲପୁର ଅଞ୍ଚଳରୁ ଓଡ଼ିଆ ଭାଷା ଉଚ୍ଛେଦ ବିରୁଦ୍ଧରେ ଯେଉଁ ଆନ୍ଦୋଳନ ହୋଇଥିଲା, ସେଥିରେ ଦାମୋଦରଙ୍କ ଯୋଗଦାନ ଥିଲା ଉଲ୍ଲେଖଯୋଗ୍ୟ। ସେ ଏହି ଆନ୍ଦୋଳନ ପାଇଁ ପାଞ୍ଚ ଟଙ୍କା ସାହାଯ୍ୟ କରିବା ସହିତ ପ୍ରୋତ୍ସାହନମୂଳକ ନିମ୍ନ ସଂଗୀତଟି ରଚନା କରିଥିଲେ, ଯାହାକି ଭାଷା ଆନ୍ଦୋଳନକୁ ବଳିଷ୍ଠ କରିଥିଲା– ''ରହନା ରହନା ଆଉ ଅଚିନ୍ତାରେ ମନ (ଅଚିନ୍ତାରେ ଆଉ ମନ ଅଚିନ୍ତାରେ ମନ)/ ଦେଖୁଦେଖୁ ମାତୃଭାଷା ଅଙ୍ଗର ଛେଦନ (ଘୋଷା)/ ସ୍ୱର୍ଗରୁ ବଳି ଜନନୀ ସଂସାରରେ ସୁଖମଣି/ ତା'ର ଦୁରଦଶା ଶୁଣି ସହେ କି ଜୀବନ।୧।''

ଊନବିଂଶ ଶତାବ୍ଦୀର ଭାଷା ଆନ୍ଦୋଳନଠାରୁ ଭାକ୍ତିକ ଆନ୍ଦୋଳନ, ସାରସ୍ୱତ ଆନ୍ଦୋଳନଠାରୁ ଭାଷାଭିତ୍ତିକ ପ୍ରଦେଶ ଗଠନ ଆନ୍ଦୋଳନରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ ଦାମୋଦର। ଏହି ଜାତୀୟ କର୍ମୀଙ୍କର ପ୍ରଥମ କାବ୍ୟ 'କପିଳାସ କ୍ଷେତ୍ର' ପ୍ରାକୃତିକ ଦୃଶ୍ୟକୁ ଉପଜୀବ୍ୟ କରି କଳ୍ପିତ ହୋଇଥିଲା। ଗୋବିନ୍ଦ ରଥଙ୍କ 'କବିତା କଳାପ' (୧୮୭୬)ର କିଛି କବିତାରେ ପ୍ରକୃତି ବର୍ଣ୍ଣନାର ଦୃଷ୍ଟାନ୍ତ ଦେଖାଯାଏ ସତ, କିନ୍ତୁ କାବ୍ୟ ଭାବରେ 'କପିଳାସ କ୍ଷେତ୍ର' ଓଡ଼ିଆ ଭାଷାରେ ପ୍ରଥମ ପ୍ରକୃତି ବର୍ଣ୍ଣନାମୂଳକ କାବ୍ୟ। ଏହି କାବ୍ୟରେ ପୌରାଣିକ ଆଖ୍ୟାନ ସହିତ ଇତିହାସ ଓ କିମ୍ବଦନ୍ତୀର ଅପୂର୍ବ ସମନ୍ୱୟ ସଂଘଟିତ, ଅଥଚ ଆଧୁନିକ ଓଡ଼ିଆ ସମାଲୋଚକମାନେ ପ୍ରକୃତି ବର୍ଣ୍ଣନାମୂଳକ କାବ୍ୟ ଭାବରେ 'ଚିଲିକା' ଓ 'ତପସ୍ୱିନୀ' ମଧ୍ୟରେ ନିଜର ଦୃଷ୍ଟିକୁ ସୀମିତ ରଖିଛନ୍ତି। ଏହି କାବ୍ୟରେ ଦାମୋଦରଙ୍କ ପ୍ରକୃତି ବର୍ଣ୍ଣନାର ପାରଦର୍ଶିତା ବେଶ୍ ହୃଦ୍ୟ ଓ ଆହ୍ଲାଦକ– ''ସଦାମଳୟ ତହିଁ କରଇ ସଞ୍ଚାର/ ସଦା ପଲ୍ଲବ ଶୋଭେ ବୃକ୍ଷନିକର/ ସଦା ସର୍ବ କୁସୁମ ବୃନ୍ଦ ଶୋଭିତ/ ସଦା ବିହଙ୍ଗକୁଳ ସଂଗୀତେ ରତ।''/ ଦାମୋଦରଙ୍କର ଏ ବର୍ଣ୍ଣନା ପାହାଡ଼ି ଝରଣା ପରି ସତ୍ୟ ଶିବ ସୁନ୍ଦରର ପ୍ରକାଶକ।



KAPILAS KHETRA

BY

DAMODAR PATTANAYAK.

"Full many a gem of purest ray serne
The dark unfathem'd caves of ocean bear
Full many a flower is born to blush enseen
And waste its sweetness on the desert air"

କପିଳାସ କ୍ଷେତ୍ର

ଶ୍ରୀ ଦାମୋଦର ପଟ୍ଟନାୟକ

କର୍ତ୍ତୃକ

ବିରଚିତ

CUTTACK
Printed by the Cuttack Printing Company
1885

'କପିଳାସ କ୍ଷେତ୍ର' ତିନି ଅଧ୍ୟାୟବିଶିଷ୍ଟ କାବ୍ୟ। ପ୍ରଥମ ଅଧ୍ୟାୟରେ ଋଷିକୁମାରମାନଙ୍କ ଜିଜ୍ଞାସାକ୍ରମେ ଭରଦ୍ୱାଜ ଋଷି କପିଳାସ କ୍ଷେତ୍ରର ପୌରାଣିକ କଥା ବର୍ଣ୍ଣନା କରିଛନ୍ତି। ଦ୍ୱିତୀୟ ଅଧ୍ୟାୟରେ ଦଶାନନ ଦେବଲଳନାମାନଙ୍କୁ ହରଣ କରିବା, କୁବେର ତାଙ୍କୁ ଦେବତାମାନଙ୍କ ସହିତ ବୈର ନ ରଖିବାକୁ ଉପଦେଶ ଦେବା ଓ କୈଳାସ ଧାମ ସୃଷ୍ଟି ରହସ୍ୟ ବର୍ଣ୍ଣିତ। ତୃତୀୟ ଅଧ୍ୟାୟରେ ରାଜା ପ୍ରତାପରୁଦ୍ର ଏହି କ୍ଷେତ୍ରରେ ଗୋହତ୍ୟା ପାପରୁ ମୁକ୍ତି ପାଇଥିବାରୁ ମନ୍ଦିର ନିର୍ମାଣ ଏବଂ କପିଳାସ ପର୍ବତର ପ୍ରାକୃତିକ ବର୍ଣ୍ଣନା ରହିଛି। କବିଙ୍କର ଏହି କାବ୍ୟ ପ୍ରକୃତି ବର୍ଣ୍ଣନା ଚିତ୍ରପ୍ରତୀତି ସୃଷ୍ଟି କରିବାରେ ସମର୍ଥ।

ମୋ: ୯୪୩୭୨୫୬୧୭୬

କାଳକାଳକୁ



''ହାତରେ କ୍ଷମତା ଥିବା ଲୋକେ ଠିକ୍ ଗୋଟିଏ କଥା ହିଁ ବୁଝନ୍ତି, ତାହା ହେଉଛି ହିଂସା।''

ନୋଏମ୍ ଚମ୍‌ସ୍କି

**ନୋଏମ୍ ଚମ୍‌ସ୍କି**ଙ୍କ ଜନ୍ମ ୭ ଡିସେମ୍ବର ୧୯୨୮ରେ, ଯୁକ୍ତରାଷ୍ଟ୍ର ଆମେରିକାର ଫିଲାଡେଲ୍‌ଫିଆରେ। ବିଭିନ୍ନ ପ୍ରସଙ୍ଗକୁ ନେଇ ଏଇ ଲେଖକଙ୍କର ଶତାଧିକ ପୁସ୍ତକ ରହିଛି, ଯାହା ବିଶ୍ୱଚିନ୍ତାକୁ ପ୍ରଭାବିତ କରିଛି। ଆଧୁନିକ ଭାଷାବିଜ୍ଞାନର ସେ ଜନକ– ଏହା ବହୁ ଭାଷାବିଦ୍ୱାନ୍‌ଙ୍କ ଅଭିମତ। ଭାଷା, ଦର୍ଶନ ଓ ବିଜ୍ଞାନ–ଚିନ୍ତନକୁ ନିଜର ମୂଲ୍ୟବାନ୍ ଅବଦାନ ପାଇଁ 'ଅର୍‌ୱେଲ୍ ଆୱାର୍ଡ' (୧୯୮୭), 'ମୌଳିକ ବିଜ୍ଞାନ କ୍ୟୋଟୋ ପ୍ରାଇଜ୍' (୧୯୮୮) ଓ 'ସିଡ୍‌ନୀ ଶାନ୍ତି ପୁରସ୍କାର' (୨୦୧୧) ଆଦି ବହୁ ପୁରସ୍କାରରେ ସମ୍ମାନିତ।

# ଏକ ବିବାହ ଉତ୍ସବର ଧାରାବିବରଣୀ

କ୍ଷୁଦ୍ରଗଳ୍ପ

**ଶ୍ରୀରାମ ଚନ୍ଦ୍ର ଦାଶ(ମଳୟ)**

ବଂଶୀଧର ପାତ୍ର ବାବୁ ସହରର ଜଣେ ଅବସରପ୍ରାପ୍ତ ପଦସ୍ଥ ଅଧିକାରୀ ଏବଂ ପରବର୍ତ୍ତୀ ସମୟରେ ଜଣେ ବଡ଼ ବ୍ୟବସାୟୀ। ପୁଅବୋହୂ ବିଦେଶରେ ଚାକିରି କରନ୍ତି। ଏକମାତ୍ର ଝିଅର ବିଭାଘର। ସେଦିନ ବିଭାଘରର ମଙ୍ଗଳ ମୁହୂର୍ତ୍ତରେ ଜ୍ୱାଇଁ ଆସିବାର ବେଳ। ସମ୍ବଲପୁର ସହରର ଶରତ ଚନ୍ଦ୍ର ପାତ୍ର, ଯେ କି ଜଣେ ବଡ଼ ବ୍ୟବସାୟୀ ତାଙ୍କ ପୁଅର ବିଭାଘର ରୋଶଣି ବଂଶୀଧର ବାବୁଙ୍କ ବାସଭବନ ଆଡ଼କୁ ଆଗେଇ ଆସୁଥିଲା। ଶୋଭାଯାତ୍ରାର ସମ୍ମୁଖରେ ଦୁଇ ଧାଡ଼ି ମହିଳା ବିଦ୍ୟୁତ୍ ଆଲୋକରେ ଝଲସୁଥିବା ଫୁଲକୁଣ୍ଡ ମୁଣ୍ଡାଇ ଯାଉଥିଲେ। ତହିଁ ପଛକୁ ଜେନେରେଟର ଗାଡ଼ି, ତା'ପରେ ଡିଜେ ଭ୍ୟାନ୍, ତା'ପରେ ଜ୍ୱାଇଁଙ୍କର ସୁସଜ୍ଜିତ କାର୍ ଆଗରେ ବରଯାତ୍ରୀ ଦଳ ଡିଜେ ବାଦ୍ୟର ତାଳେତାଳେ ମଦିରା ଉନ୍ମତ୍ତ ନାଚ କରୁଥିଲେ। ଯୁନିଟ୍‌ଟି ଟିକିଏ ବଡ଼ ଥିବାରୁ ଠା'କୁ ଠା' ରହି ରହି ଶୋଭାଯାତ୍ରା ଆସୁଥାଏ। ବିରାଟ ଶବ୍ଦ କରି ହାୱେଳି ବାଣ ଫୁଟୁଥାଏ ଆକାଶରେ ରଙ୍ଗିନ୍ ଆଲୋକ ବିଚ୍ଛୁରଣ କରି।

କ୍ରମେ ବିବାହ ଶୋଭାଯାତ୍ରା ବଂଶୀଧର ବାବୁଙ୍କ ଫ୍ଲାଟ୍ ନିକଟରେ ପହଞ୍ଚିଲା। ଗେଟ୍ ପାଖରେ ଫୁଲକୁଣ୍ଡ ମୁଣ୍ଡାଇଥିବା ମହିଳା ଫୁଲକୁଣ୍ଡ ଥୋଇଲେ। ଡିଜେ ବ୍ୟାଣ୍ଡପାର୍ଟି ଗାଡ଼ି ସବୁ ରାସ୍ତା କଡ଼ରେ ରହିଲା। କନ୍ୟାପଟ ଜ୍ୱାଇଁ, ମାର୍କୁଣ୍ଡି, ପୁଅ ପିତାଙ୍କୁ ସଙ୍ଖୋଳିବା ନିମନ୍ତେ ଆଗେଇ ଆସୁଥାନ୍ତି। ଜ୍ୱାଇଁ, ମାର୍କୁଣ୍ଡି, ଶରତ ବାବୁ କାର୍‌ରୁ ଓହ୍ଲାଇଲେ। ବାଟବରଣ କରାଗଲା। କନ୍ୟାର ଭାଇ ଓ ଅନ୍ୟ ସମ୍ପର୍କୀୟ ଶାଳକମାନେ ଜ୍ୱାଇଁ ଏବଂ ମାର୍କୁଣ୍ଡିଙ୍କୁ ଟେକି ନେଇଗଲେ। ବରଯାତ୍ରୀମାନେ ବଂଶୀଧର ବାବୁଙ୍କ ଗେଟ୍ ଭିତରକୁ ପ୍ରବେଶ କରି



ଗୋଟିଏ ଗୋଟିଏ ଚେୟାର ଅକ୍ତିଆର କରି ବସି ଥଣ୍ଡା ପାନୀୟ, ଲସି ସର୍ବତ ପାନ କରୁଥାନ୍ତି।

ଏହି ସମୟରେ ଗେଟ୍ ବାହାରୁ ଜଣେ ମହିଳାଙ୍କ କରୁଣ କ୍ରନ୍ଦନ ଶୁଣାଗଲା। ଅନେକ ଲୋକ କ'ଣ ହେଲା ବୋଲି ବୁଝିବାକୁ ଗେଟ୍ ବାହାରକୁ ଦୌଡ଼ିଗଲେ। ବୁଝିଲାବେଳକୁ ଜଣାଗଲା ଫୁଲକୁଣ୍ଡ ମୁଣ୍ଡାଇଥିବା ମହିଳାଙ୍କ ମଧ୍ୟରୁ ଜଣେ ତା' ଶାଢ଼ିରେ ତା'ର ଶିଶୁପତ୍ରକୁ ଓହଳାଇଥିଲା। ଅଧିକ ଡେସିବଲ୍ କର୍କଶ ଡିଜେ ଧ୍ୱନିରେ ହୃଦ୍‌ଯନ୍ତ୍ର ବନ୍ଦ ହୋଇ ପିଲାଟି ମୃତ୍ୟୁବରଣ କରିଛି। ଯୁନିଟ୍‌ରେ ଯେଉଁ ଲୋକମାନେ ବଂଶୀଧର ବାବୁଙ୍କ ଭୋଜିକୁ ନିମନ୍ତ୍ରିତ ହୋଇ ନ ଥିଲେ, ସେମାନେ ମହିଳାଙ୍କୁ ଥାନାକୁ ଯିବାପାଇଁ ପ୍ରବର୍ତ୍ତାଉଥିଲେ। ବଂଶୀଧର ବାବୁ ଏକଥା ଶୁଣି ତାଙ୍କର କରିତ୍‌କର୍ମା ଶାଳକଙ୍କୁ ଦଶହଜାର ଟଙ୍କା ଦେଇ ମାମଲା ରଫା କରିବାକୁ ପଠାଇଲେ। ଶାଳକ ପିଲାର ମୃତ୍ୟୁ କ୍ଷତିପୂରଣ ଦେବାକୁ ମହିଳାଙ୍କ ନିକଟରେ ପହଞ୍ଚି କହିଲେ– ''ଭଲ ପାଲାଟାଏ ଲଗାଇଲୁ। କେଉଁ ବୁଦ୍ଧିରେ ତୁ ପିଲାଟିକୁ ଶାଢ଼ିରେ ଓହଳାଇଥିଲୁ?'' ହଉ ଏ ମଙ୍ଗଳ ବେଳାରେ ଅଶାନ୍ତି ସୃଷ୍ଟି ନ କରି ଏ ପାଞ୍ଚ ହଜାର ଟଙ୍କା ନେ। ପିଲାଟିକୁ କେଉଁଠି ପୋତିଦେବୁ। ମହିଳାଟି କମ୍ପିତ ହାତରେ ଟଙ୍କା ନେଉନେଉ ଗୁମୁରି ଗୁମୁରି କାନ୍ଦୁଥାଏ। ବିବାହ ଉତ୍ସବର ମଧୁର ନହବତ ମାଙ୍ଗଳିକ ଧ୍ୱନି ସୃଷ୍ଟି କରୁଥାଏ, ଯାହା ବେସୁରା ଲାଗୁଥାଏ।

ମୋ: ୭୬୮୩୮୨୬୦୨୫

ପୁସ୍ତକ ପରିଚୟ

## ନବକଳେବର ଐତିହ୍ୟ

**ଲେଖକ:** ଡ. ସୁରେନ୍ଦ୍ର କୁମାର ମିଶ୍ର
**ପ୍ରକାଶକ:** ପକ୍ଷୀଘର ପ୍ରକାଶନୀ, ଭୁବନେଶ୍ୱର–୧୧
**ପ୍ରଥମ ପ୍ରକାଶ:** ୨୦୧୮,
**ମୂଲ୍ୟ:** ଟ.୪୦୦/–




'ଧରିତ୍ରୀ'ରେ ଧାରାବାହିକ ଭାବେ ପ୍ରକାଶିତ ଶ୍ରୀଜଗନ୍ନାଥଙ୍କ ନବକଳେବର ମହୋତ୍ସବର ବିବରଣୀକୁ ଲେଖକ ଡକ୍ଟର ମିଶ୍ର କ୍ରମାନ୍ୱୟରେ ସଜ୍ଜିତ କରି ରୂପ ଦେଇଛନ୍ତି ଏଇ ଗ୍ରନ୍ଥଟିକୁ। ମୋଟ ୭ଟି ପରିଚ୍ଛେଦରେ ଗ୍ରନ୍ଥଟି ବିଭକ୍ତ ଓ ୨୯୨ ପୃଷ୍ଠା ବିଶିଷ୍ଟ। ପ୍ରଥମ ପରିଚ୍ଛେଦରେ 'ନବକଳେବରର ଐତିହ୍ୟ', ଦ୍ୱିତୀୟ ପରିଚ୍ଛେଦରେ 'ଯଜ୍ଞ ଓ ଶ୍ରୀଜଗନ୍ନାଥ', ତୃତୀୟ ପରିଚ୍ଛେଦରେ 'ବନଯାଗ ଯାତ୍ରା ଓ ମାଜଣା ରହସ୍ୟ', ଚତୁର୍ଥ ପରିଚ୍ଛେଦରେ 'ମହାଦାରୁ ଲୀଳା', ପଞ୍ଚମ ପରିଚ୍ଛେଦରେ 'ମହାଅଣସର ଲୀଳା', ଷଷ୍ଠ ପରିଚ୍ଛେଦରେ 'କୈବଲ୍ୟ ବୈକୁଣ୍ଠରେ ବୈକୁଣ୍ଠ ଲୀଳା' ଓ ସପ୍ତମ ପରିଚ୍ଛେଦରେ 'ଜଗତ ମେଳରେ ଶ୍ରୀଜଗନ୍ନାଥ' ଆଦି ବିଷୟ ପୁଙ୍ଖାନୁପୁଙ୍ଖ ଭାବେ ବର୍ଣ୍ଣିତ ହୋଇଛି। ତଥ୍ୟନିଷ୍ଠତା ଦୃଷ୍ଟିରୁ ଗ୍ରନ୍ଥଟି ଶ୍ରୀଜଗନ୍ନାଥଙ୍କ ନବକଳେବର ସମ୍ପର୍କରେ ଆଗ୍ରହୀ ଭକ୍ତ ତଥା ଗବେଷକମାନଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ଆଶା। ନବକଳେବର ଐତିହ୍ୟକୁ ନେଇ ବହୁ ବିରଳ ଫଟୋଚିତ୍ର ଗ୍ରନ୍ଥରେ ସାମିଲ କରାଯାଇଛି, ଯାହା ପାଠିକାପାଠକମାନଙ୍କୁ ଶ୍ରୀକ୍ଷେତ୍ର ଓ ଶ୍ରୀମନ୍ଦିର ସମେତ ମଠ–ସଂସ୍କୃତି ସମ୍ପର୍କରେ ଅପୂର୍ବ ଦୃଶ୍ୟାନନ୍ଦ ଦେବାରେ ସମର୍ଥ ହେବ। ଡକ୍ଟର ମିଶ୍ରଙ୍କର ଏହି ଗବେଷଣାତ୍ମକ ଉଦ୍ୟମ ବିପୁଳ ଆଦୃତି ଯେ ଲାଭ କରିବ, ଏଥିରେ ସନ୍ଦେହ ନାହିଁ।

## ଜେଜେ ମଲାପରେ

**ଲେଖକ:** ଶାନ୍ତନୁ କୁମାର ଆଚାର୍ଯ୍ୟ
**ପ୍ରକାଶକ:** ଗ୍ରନ୍ଥ ମନ୍ଦିର, କଟକ–୨
**ପ୍ରଥମ ପ୍ରକାଶ:** ୨୦୨୦,
**ମୂଲ୍ୟ:** ଟ.୨୫୦/–




ଆଲୋଚ୍ୟ ଉପନ୍ୟାସକୁ ଔପନ୍ୟାସିକ ଶ୍ରୀ ଆଚାର୍ଯ୍ୟ 'ଅଭିନବ ଭାବନା ଓ ଚିନ୍ତାମୂଳକ ଉପନ୍ୟାସ' ବୋଲି କହିଛନ୍ତି। ଏହା ତାଙ୍କର ୧୬ଶ ଉପନ୍ୟାସ। ୨୧୪ ପୃଷ୍ଠାର ଏହି ଉପନ୍ୟାସଟି ପଢ଼ିଲା ପରେ ମନେହୁଏ, ଏହା ଆଜିକାଲିର ଯେ କେହି ଲେଖକଙ୍କ ଦ୍ୱାରା ଲେଖାଯାଉଥିବା ସାଧାରଣ ଉପନ୍ୟାସ ନୁହେଁ, ଏଥିରେ ମାନବୀୟ ଚେତନାର ଗୂଢ଼ତମ ସ୍ତରକୁ ବାସ୍ତବତାର ଆଲୋକରେ ଅନନ୍ୟ ଓ ଅଭୂତପୂର୍ବ କରି ତୋଳି ଧରିବାର ଚେଷ୍ଟା କରାଯାଇଛି। ମନେକଲେ ମନେହୁଏ ଉପନ୍ୟାସରେ ଘଟୁଥିବା ଘଟଣାଗୁଡ଼ିକ ବାସ୍ତବ, ଲେଖକଙ୍କର ଅଙ୍ଗେନିଭା ଅନୁଭୂତି। ପୁଣି ବାସ୍ତବତାର ଏକ ଚେତନୋତ୍ତର ରୂପ ହଠାତ୍ ପ୍ରକଟିତ ହୋଇଉଠେ ଘଟିତ ଘଟଣାଗୁଡ଼ିକୁ ପଛକୁ ଠେଲିଦେଇ। ଏକବିଂଶ ଶତାବ୍ଦୀରେ ମଣିଷର ଚୈତନିକ ବିକାଶର ସ୍ୱରୂପ ଉଦ୍‌ଘାଟନ କରିବାରେ ଉପନ୍ୟାସଟିର ପ୍ରତ୍ୟେକଟି ଅଧ୍ୟାୟ ଏକ ଏକ ବିସ୍ମୟକର ପାହାଚ। କିଂଶୁକ ଓ ସରୋଜିନୀ ମୃତ ଜେଜେଙ୍କର ଜୀବନବୃତ୍ତ ଆଧାରରେ ଆତ୍ମାର ଅମରତ୍ୱ ସନ୍ଧାନୀ ଓ ପରିଶେଷରେ ଯେଉଁ ନିଷ୍କର୍ଷରେ ଏମାନେ ପହଞ୍ଚନ୍ତି, ତହିଁରେ ଧରାଦିଏ ବିଶ୍ୱ–ଚେତନାର ନାନା ଅନୁଦ୍‌ଘାଟିତ ସ୍ତର। ଶ୍ରୀଅରବିନ୍ଦଙ୍କ ଦର୍ଶନଲବ୍ଧ ସତ୍ୟର ପୁନରାବିଷ୍କାର ପାଇଁ ଉପନ୍ୟାସଟି ଏକ ମହତ୍ତର ଆଧାର କ୍ଷଣେକ୍ଷଣେ ମନେହୁଏ। ଇତିହାସ ଓ ଭବିଷ୍ୟର ବିସ୍ମୟକର ଯୁଗଳବନ୍ଦୀ 'ଜେଜେ ମଲାପରେ'ରେ ଲେଖକପତ୍ନୀ ନିରୁପମା କରିଥିବା ସମୀକ୍ଷାଟି ଉପନ୍ୟାସର ଫାଟକ ଓ ଫଳଶ୍ରୁତି–ଉଭୟ।

ଗଳ୍ପ

# ଡଙ୍ଗା

**ପ୍ରଭଞ୍ଜନ ଦାଶ**

ସତରେ କ'ଣ ସମୟ ବଦଳି ଯାଇଛି? ଆଜି ବି ଏହି ଉକ୍ତିଟି ଏକ ପ୍ରଶ୍ନ ହୋଇ ରହିଛି ବିନୟ ବାବୁଙ୍କ ମନ ଭିତରେ। ଅତ୍ୟନ୍ତ ଈଶ୍ୱରବିଶ୍ୱାସୀ, ଧାର୍ମିକ, ପରୋପକାରୀ, ନିରାମିଷାଶୀ ବିନୟ ବାବୁଙ୍କ ପାଇଁ କାର୍ତ୍ତିକ ମାସ ସବୁଠାରୁ ପ୍ରିୟ। ବିଶେଷକରି କାର୍ତ୍ତିକ ପୂର୍ଣ୍ଣିମାକୁ ନେଇ ସେ ବେଶ୍ ଉତ୍ସାହିତ। ପିଲାଦିନେ ଶୀତୁଆ ପାହାନ୍ତି ସକାଳୁ ଉଠି ନିତ୍ୟକର୍ମ ସାରି 'ଆ କା ମା ବୈ' ଗୀତର ତାଳେତାଳେ କଦଳୀ ପାଟୁକା ଡଙ୍ଗା ଭସାଇବାର ନିଆରା ଅନୁଭୂତି ଏବେ ବି ପୂରା ତାଜା ହୋଇ ରହିଛି ବିନୟ ବାବୁଙ୍କ ମନରେ।

ପିଲାଦିନେ ନିଜ କଦଳୀ ପାଟୁକାର ଡଙ୍ଗାକୁ ନେଇ ବିନୟ ବାବୁ ଘରେ ଖୁବ୍ ଅଳି କରୁଥିଲେ। ଅନ୍ୟ ସାଙ୍ଗସାଥୀମାନଙ୍କ ରଙ୍ଗିନ୍ ସୌଖୀନ୍ ସୋଲ ଡଙ୍ଗାକୁ ଦେଖି ବଜାରରୁ ଡଙ୍ଗା କିଣିବା ପାଇଁ ଘରେ ବହୁତ ଜିଦ୍ ଧରୁଥିଲେ, ହେଲେ ନିଜର ଆର୍ଥିକ ଅଭାବକୁ ଲୁଚାଇବାକୁ ଯାଇ ବିନୟ ବାବୁଙ୍କ ବାପା କହୁଥିଲେ, ଇଏ ପରା ଆମ ଐତିହ୍ୟ। ଆଜି କିନ୍ତୁ ଆଉ ସେ ସମୟ ନାହିଁ କି ସେମିତି ପରିସ୍ଥିତି ବି ନାହିଁ। ସହରୀ ଜୀବନରେ ବିନୟ ବାବୁ ଏବେ ଖୁବ୍ ପ୍ରତିଷ୍ଠିତ। ଧନ ସମ୍ପତ୍ତିର ଅଭାବ ନାହିଁ। ନିଜ ସୁଉଚ୍ଚ ଆପାର୍ଟମେଣ୍ଟର ଛାତ ଉପରୁ ସାରା ସହରଟା ଆଜି ବହୁତ ଛୋଟ ବିନୟ ବାବୁଙ୍କ ପାଇଁ।

ଯା'ରି ଭିତରେ ଦିନ ଗଣୁଗଣୁ ପାଖେଇ ଆସିଲା ତାଙ୍କର ପ୍ରିୟ କାର୍ତ୍ତିକ ପୂର୍ଣ୍ଣିମା। ପିଲାଦିନର ସେହି ଅଭୁଲା ସ୍ମୃତିକୁ ମନେପକାଇ ବିନୟ ବାବୁ ପାହାନ୍ତି ସକାଳୁ ଉଠି ନିତ୍ୟକର୍ମ ସାରି ପ୍ରସ୍ତୁତ ହୋଇ ବାହାରି ପଡ଼ିଲେ ଡଙ୍ଗା ଭସାଇବା ପାଇଁ, ହେଲେ ଆଜିର ଏହି ସ୍ମାର୍ଟ ସିଟିରେ ପିଲାଦିନର ସେଇ କଦଳୀ ପାଟୁକା ଡଙ୍ଗା ମିଳିବ କେଉଁଠୁ? ସବୁଆଡ଼େ ଖାଲି ଭଳିକିଭଳି ରଙ୍ଗିନ୍ ସୌଖୀନ୍ ସୋଲ ଡଙ୍ଗା ମାଳମାଳ ହେଇ ଝୁଲୁଛି।

ଶେଷରେ ବହୁତ ଖୋଜାଖୋଜି ପରେ ବିନୟ ବାବୁ କଦଳୀ ପାଟୁକା ଡଙ୍ଗା କିଣିବା ପାଇଁ ଏକ ଦୋକାନରେ ପହଞ୍ଚିଲେ। ଆଖିକୁ ବେଢଙ୍ଗିଆ ଦିଶୁଥିଲେ ମଧ୍ୟ କିଣିବାର ଲୋଭ ନେଇ ବିନୟ ବାବୁ ବେଶ୍ ଉତ୍ସୁକତାର ସହିତ ଡଙ୍ଗାର ଦାମ୍ ପଚାରିଲେ? ଦୋକାନୀ ଜଣକ ବିନୟ ବାବୁଙ୍କୁ ଚାହିଁ ବଡ଼ ପାଟିରେ ଉତ୍ତର ଦେଲା, ବାବୁ କଦଳୀ ପାଟୁକା ଡଙ୍ଗା ଖଣ୍ଡକୁ କୋଡ଼ିଏ ଟଙ୍କା ଆଉ ସୋଲ ଡଙ୍ଗା ଦଶ ଟଙ୍କା। ବିନୟ ବାବୁ ଟିକେ ଆଶ୍ଚର୍ଯ୍ୟ ହୋଇ ଦୋକାନୀକୁ ଚାହିଁବାରୁ ଦୋକାନୀ ଜଣକ ପୁଣି କହିଉଠିଲା– ''ବାବୁ ତିରିଶ ଟଙ୍କାରେ ବିକୁଥିଲି ଏବେ କୋଡ଼ିଏରେ ଦଉଛି, ଆଜିକାଲିର ଏଇ କଂକ୍ରିଟ୍ ଜଙ୍ଗଲରେ କଦଳୀ ଗଛ ବିରଳ ହେଲାଣି ଆଉ ଯାହା କିଛି ବି ଥିଲା ବନ୍ୟା, ବାତ୍ୟା ସବୁ ସାରିଦେଲା। ନିଜର ଫଳନ୍ତି ଗଛକୁ କାଟି ଡଙ୍ଗାକରି ଆଣିଛି।''

ମନକୁ ମାନୁ ନ ଥିଲେ ବି ନିଜ ଅତୀତର କିଛି ଅଭୁଲା ସ୍ମୃତିକୁ ପୁଣିଥରେ ସାଉଁଟି ଧରିବା ପାଇଁ ଶେଷରେ ଅନନ୍ୟୋପାୟ ହୋଇ ବିନୟ ବାବୁ କଦଳୀ ପାଟୁକା ଡଙ୍ଗା ଖଣ୍ଡକ କିଣିବାକୁ ବାଧ୍ୟ ହେଲେ। ପାଖ ମନ୍ଦିର ପୋଖରୀରେ ଡଙ୍ଗାଟିକୁ ଧରି ଭସେଇବା ବେଳେ ବିନୟ ବାବୁ ଅନ୍ୟମନସ୍କତାର ସହିତ ଗୁଣୁଗୁଣାଉ ଥିଲେ ସେହି ପାରମ୍ପରିକ ଗୀତ 'ଆ କା ମା ବୈ', ଆଉ ମନେମନେ ଭାବୁଥିଲେ ଆଜିକାଲି ଆଗ ଭଳି ଆଉ ସେ କାର୍ତ୍ତିକ ମାସର ହାଡ଼ଭଙ୍ଗା ଶୀତ ନାହିଁ କି କଦଳୀ ପାଟୁକା ଡଙ୍ଗା ବି ନାହିଁ, ତା' ସହିତ ବି ହଜିଯାଇଛି ସେଇ ସମ୍ମିଳିତ ଭାବଭକ୍ତିପୂର୍ଣ୍ଣ ସୁର ତାଳର ଗୀତ 'ଆ କା ମା ବୈ'।



ମୋ: ୭୩୨୬୯୫୯୯୯୫

## କର୍ଣ୍ଣାଟକରେ ନାଇଟ୍ କର୍ଫ୍ୟୁ

**ବେଙ୍ଗାଲୁରୁ:** ଖ୍ରୀଷ୍ଟମାସ ଓ ନୂଆବର୍ଷ ପାଳନ ଅବସରରେ କରୋନା ସଂକ୍ରମଣ ବୃଦ୍ଧି ଆଶଙ୍କା ରଖି କର୍ଣ୍ଣାଟକ ସରକାର ବୁଧବାରଠାରୁ ରାତ୍ରିକାଳୀନ କର୍ଫ୍ୟୁ ଜାରି କରିଛନ୍ତି। ରାତି ୧୦ଟାରୁ ସକାଳ ୬ଟାରେ କଟକଣା ଲାଗୁ ରହିବ। ଜାନୁୟାରୀ ୨ ତାରିଖ ପର୍ଯ୍ୟନ୍ତ ରାତି ୧୦ଟା ପରେ ଜରୁରିକାଳୀନ ସେବା ବ୍ୟତୀତ ଅନ୍ୟ ସବୁ ବନ୍ଦ ରହିବ। ପୂର୍ବରୁ ମହାରାଷ୍ଟ୍ର ସରକାର ଜାନୁୟାରୀ ୫ ପର୍ଯ୍ୟନ୍ତ ରାତ୍ରିକାଳୀନ କର୍ଫ୍ୟୁ ଘୋଷଣା କରିଛନ୍ତି।

## ସମସ୍ତ ବିଶ୍ୱବିଦ୍ୟାଳୟରେ ଏକକ ପରୀକ୍ଷା ପାଇଁ ପ୍ରସ୍ତାବ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ):** ବିଜେଡି ରାଜ୍ୟ କାର୍ଯ୍ୟାଳୟ ଠାରେ ବୁଧବାର ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଛି। ଏହି ବୈଠକରେ ରାଜନୈତିକ, ସାଙ୍ଗଠନିକ, ସଙ୍କଳ୍ପ ଓ ଧନ୍ୟବାଦ ପ୍ରସ୍ତାବ ଆଗତ ହୋଇଥିଲା। ବୈଠକରେ ରାଜ୍ୟ ସରକାରଙ୍କ ବିବିଧ ଯୋଜନାର ସଫଳତା ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଓଡ଼ିଶା ବିଶ୍ୱବିଦ୍ୟାଳୟ ଆଇନ-୨୦୨୦ରେ ସଂଶୋଧନ ଅଣାଯାଇ ସମସ୍ତ ବିଶ୍ୱବିଦ୍ୟାଳୟରେ ଏକକ ପରୀକ୍ଷା ନୀତି ଅବଲମ୍ବନ କରିବା, ପରୀକ୍ଷା ଫଳ ୩୦ରୁ ୪୫ ଦିନ ମଧ୍ୟରେ ପ୍ରକାଶ କରିବା, ବିଜୁ ଛାତ୍ର ଜନତା ଦଳର ପୁରାତନ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଡାଟାବେସ କରାଯାଇ ଦଳୀୟ କାର୍ଯ୍ୟକ୍ରମରେ ସାମିଲ କରିବାକୁ ପ୍ରସ୍ତାବ ଆଗତ ହୋଇଥିଲା। ସେହିପରି ଦଳୀୟ ସଭାପତିଙ୍କର ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଚରିତ୍ର ଗଠନ, ସେବା ମନୋଭାବ ସହ ୪ କୋଟି ଓଡ଼ିଆଙ୍କ ପାଇଁ କାର୍ଯ୍ୟ କରିବାକୁ ରାଜନୈତିକ ପ୍ରସ୍ତାବ ଆଗତ କରାଯାଇଥିଲା। ଏଥିସହିତ ଓଡ଼ିଶା ମୋ ପରିବାର ଏବଂ ଜୀବନ ବିନ୍ଦୁର ମିଳିତ କାର୍ଯ୍ୟକ୍ରମ ଆୟୋଜନ କରିବା ଏବଂ ସରକାରଙ୍କ ଲୋକାଭିମୁଖୀ କାର୍ଯ୍ୟକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ପାଇଁ ସଙ୍କଳ୍ପ ପ୍ରସ୍ତାବ ଆଗତ କରାଯାଇଥିଲା। ଜିଲା, ବ୍ଲକ ଓ ପଞ୍ଚାୟତ ସ୍ତରରେ କମିଟି ଗଠନ କରିବା ସହ ୫୦ ପ୍ରତିଶତ ମହିଳାଙ୍କୁ ସ୍ଥାନ ସଂରକ୍ଷଣ ଦିଆଯିବା, ପ୍ରତ୍ୟେକ କଲେଜ, ୟୁନିଭରସିଟିରେ ବୃକ୍ଷରୋପଣ ଓ ରକ୍ତଦାନ ଶିବିର ଆୟୋଜନ କରିବା ଆଦି ସାଙ୍ଗଠନିକ ପ୍ରସ୍ତାବ ବୈଠକରେ ଆଗତ ହୋଇଥିଲା। ଏହି ଅବସରରେ ବିଜେଡି ସାଧାରଣ ସମ୍ପାଦକ (ଗଣମାଧ୍ୟମ ବ୍ୟାପାର) ମାନସ ମଙ୍ଗରାଜ, ରାଜ୍ୟ ସାଧାରଣ ସମ୍ପାଦକ (ଯୁବ ଓ ଛାତ୍ର ବ୍ୟାପାର) ପ୍ରଣବ ବଳବନ୍ତରାୟ, ବିଜୁ ଯୁବ ଜନତା ଦଳ ସଭାପତି ବ୍ୟୋମକେଶ ରାୟ, ବିଜେଡି ଛାତ୍ର ଜନତା ଦଳ ସଭାପତି ଦେବୀ ରଞ୍ଜନ ତ୍ରିପାଠୀ ଯୋଗ ଦେଇ ଛାତ୍ରୀଛାତ୍ରଙ୍କୁ ପ୍ରୋତ୍ସାହିତ କରିଥିଲେ।

# ଅପପ୍ରଚାର ସାମାଜିକ ସଦ୍‌ଭାବ କ୍ଷେତ୍ରରେ ବଡ଼ ଶତ୍ରୁ




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଉଦ୍‌ବୋଧନ ଦେଉଛନ୍ତି। ଉପସ୍ଥିତ ଛାତ୍ର ବିଜେଡିର କର୍ମକର୍ତ୍ତା।

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

**ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ**

ବର୍ତ୍ତମାନର ଯୁଗ ହେଉଛି ଡିଜିଟାଲ, ସୋସିଆଲ ମିଡିଆର ଯୁଗ। ସାମାଜିକ ଗଣମାଧ୍ୟମ ଏବେ ବହୁତ ପ୍ରଭାବଶାଳୀ। ସବୁ କ୍ଷେତ୍ରରେ ଏହାର ପ୍ରଭାବ ବଢ଼ୁଛି। କିନ୍ତୁ ସାମାଜିକ ଗଣମାଧ୍ୟମରେ ବହୁ ଅପପ୍ରଚାର ହେଉଛି। ଅନେକ ସମୟରେ ସାମାଜିକ ଗଣମାଧ୍ୟମ ଏପରି କି ମୁଖ୍ୟ ଗଣମାଧ୍ୟମରେ ମଧ୍ୟ ଅନେକ ଅସତ୍ୟ ତଥ୍ୟ ପ୍ରକାଶ ପାଉଛି। ଅପପ୍ରଚାର ବିରୋଧରେ ସଂଗ୍ରାମ କରିବାକୁ ହେବ। ଅପପ୍ରଚାର ସାମାଜିକ ସଦ୍‌ଭାବ କ୍ଷେତ୍ରରେ ଏକ ବଡ଼ ଶତ୍ରୁ। ସତର୍କ ନ ରହିଲେ ଏହା ସମାଜକୁ, ଆମର ସ୍ୱତନ୍ତ୍ର ପରିଚୟକୁ ନଷ୍ଟ କରିଦେବ। ଅପପ୍ରଚାର ଦୂର କରି ସତକୁ ଲୋକଙ୍କ ପାଖରେ ପହଞ୍ଚାଇବା ଛାତ୍ରୀଛାତ୍ରମାନଙ୍କର ଦାୟିତ୍ୱ। ବୁଧବାର ବିଜେଡି ମୁଖ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ଭିଡିଓ କନ୍‌ଫରେନ୍ସରେ ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳୀୟ ଛାତ୍ର କର୍ମକର୍ତ୍ତାଙ୍କୁ ଏହି ପରାମର୍ଶ ଦେଇଛନ୍ତି।

ସବୁବେଳେ ତିନୋଟି କଥା ଉପରେ ଗୁରୁତ୍ୱ ଦେବାକୁ ନବୀନ ଛାତ୍ର ନେତାଙ୍କୁ ପରାମର୍ଶ ଦେଇଛନ୍ତି। ପ୍ରଥମତଃ ନିଜ ଭିତରେ ଥିବା ପ୍ରତିଭାର ପୂରା ବିକାଶ ପାଇଁ କଠିନ ପରିଶ୍ରମ କରି ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବା, ଦ୍ୱିତୀୟତଃ ନିଜ ପରିବାର ଓ ମା' ବାପାଙ୍କ ପ୍ରତି ଥିବା ଦାୟିତ୍ୱକୁ କେବେ ନ ଭୁଲିବା ଏବଂ ତୃତୀୟଟି ଆମେ ଯେଉଁଠାରେ ବଢ଼ିଛେ, ପଢ଼ିଛେ ଓ ନିଜକୁ ଗଢ଼ିଛେ ; ତା'ର ବିକାଶ ପାଇଁ ନିଜ ପ୍ରତିଭାର ପୂରା ଉପଯୋଗ କରିବାକୁ ନବୀନ ଆହ୍ୱାନ ଦେଇଛନ୍ତି।

ଓଡ଼ିଶାର ବରପୁତ୍ରମାନଙ୍କ କୀର୍ତ୍ତିକୁ ସ୍ମରଣ କରି ନବୀନ କହିଥିଲେ, ସେମାନେ ହିଁ ଆମର ଶ୍ରେଷ୍ଠ ପରିଚୟ। ତେଣୁ ଆପଣମାନେ ସେମାନଙ୍କ ବିଷୟରେ ଭଲ ଭାବରେ ଜାଣିବା ଦରକାର। ଓଡ଼ିଆ ଜାତି ପାଇଁ, ଓଡ଼ିଆ ଭାଷା ଓ ସଂସ୍କୃତି ଲାଗି ସେମାନେ କରିଯାଇଥିବା ମହାନ୍ କାର୍ଯ୍ୟ ହିଁ ଆମର ପ୍ରେରଣା। ସେମାନଙ୍କୁ ଚିହ୍ନିଲେ ହିଁ ଆମେ ଆଗକୁ ବଢ଼ିବା। ଆମ ଭାଷା, ସଂସ୍କୃତି ଓ ପରିଚୟର ସୁରକ୍ଷା କରିପାରିବା। ତେଣୁ ଆପଣମାନେ ସ୍ୱତନ୍ତ୍ର ପରିଚୟ ବିଷୟରେ ଭଲ ଭାବେ ଜାଣନ୍ତୁ ଏବଂ ପିଢ଼ି ପରେ ପିଢ଼ି ଏହାର ପ୍ରଚାର କରନ୍ତୁ ବୋଲି ନବୀନ ପରାମର୍ଶ ଦେଇଛନ୍ତି।

ଏହି ବୈଠକକୁ ବିଜୁ ଜନତା ଦଳର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଉଦ୍‌ଘାଟନ କରିବା ସହ ଦଳୀୟ ସଂଗଠନକୁ ତୃଣମୂଳ ସ୍ତରରେ ମଜଭୁତ କରିବା ଦିଗରେ ଛାତ୍ରମାନଙ୍କର ଭୂମିକା ବିଷୟରେ କହିଥିଲେ।

## ମାର୍ଚ୍ଚ ପର୍ଯ୍ୟନ୍ତ ଜାରି ରହିବ ଧାନ ସଂଗ୍ରହ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

ରାଜ୍ୟରେ ପି-ପାସ୍ ଓ ଟୋକନ ବ୍ୟବସ୍ଥାରେ ଖରିଫ ଋତୁରେ ଧାନ ବିକ୍ରି କରିବା ପାଇଁ ୧୪ଲକ୍ଷ ୯୯ ହଜାର ୬୬୧ଜଣ ଚାଷୀ ପଞ୍ଜୀକୃତ କରିଛନ୍ତି। ଅଦ୍ୟାବଧି ୨୬ ଜିଲାର ୧୩ ଲକ୍ଷ ୧୯ ହଜାର ୩୪୨ ଯୋଗ୍ୟ ଚାଷୀଙ୍କ ମଧ୍ୟରୁ ୧୨ଲକ୍ଷ ୪୮ ହଜାର ୧୬୧ଜଣଙ୍କୁ ଟୋକନ ପ୍ରଦାନ କରାଯାଇଛି। ଧାନ ସଂଗ୍ରହ ମାର୍ଚ୍ଚ ୨୦୨୧ ପର୍ଯ୍ୟନ୍ତ ଜାରି ରହିବ। କୃଷକଙ୍କ ଉତ୍ପାଦିତ ଧାନକୁ କ୍ରୟ କରି ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବାକୁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଧାନ କିଣା ପ୍ରକ୍ରିୟାକୁ ବ୍ୟବସ୍ଥିତ ତଥା ସରଳୀକରଣ କରିବା ଲକ୍ଷ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ପ୍ରବର୍ତ୍ତିତ ୫-ଟି' ଏବଂ 'ମୋ ସରକାର' କାର୍ଯ୍ୟକ୍ରମରେ ଧାନ କିଣା ପ୍ରକ୍ରିୟାରେ ଟେକ୍ନୋଲୋଜିର ବ୍ୟବହାର କରି ସମ୍ପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। ରାଜ୍ୟ ସରକାରଙ୍କ ପି- ପାସ୍ ଓ ଆଗୁଆ ଟୋକନ୍ ବ୍ୟବସ୍ଥା ସାରା ଦେଶରେ ଉଚ୍ଚ ପ୍ରଶଂସିତ ହୋଇପାରିଛି ବୋଲି ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ କହିଛନ୍ତି। ରାଜ୍ୟର ଚାଷୀଙ୍କଠାରୁ ସରକାରୀ ଘୋଷିତ ଦରରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଓ ନିର୍ଦ୍ଧାରିତ ଅମଳ ହାରରେ ସମସ୍ତ ବିକ୍ରି ଯୋଗ୍ୟ ଧାନ କ୍ରୟ କରାଯାଉଛି। ୨୪ରୁ ୪୮ ଘଣ୍ଟା ମଧ୍ୟରେ ପ୍ରାପ୍ୟ ପ୍ରଦାନ ଏବଂ କୌଣସି ଅଭିଯୋଗ ଆସିଲେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ଚାଷୀଙ୍କ ସହିତ ସିଧାସଳଖ ସମ୍ପର୍କ ସ୍ଥାପନ ଏବଂ ଧାନକିଣା ସମ୍ପର୍କରେ କିଛି ସମସ୍ୟା ଉପୁଜୁଛି ତେବେ ତା'ର ସମାଧାନ ଲାଗି ମଙ୍ଗଳବାର ଏକ ଫେସ୍‌ବୁକ୍ ଲାଇଭ୍ କାର୍ଯ୍ୟକ୍ରମ ଆୟୋଜନ ହୋଇଥିଲା। ଏଥିରେ ମନ୍ତ୍ରୀ ସ୍ୱାଇଁ ଚାଷୀଙ୍କ ବିଭିନ୍ନ ପ୍ରଶ୍ନର ସିଧାସଳଖ ଉତ୍ତର ରଖିଛନ୍ତି।

## ହିତାଧିକାରୀଙ୍କୁ ପକ୍କାଘର ନ ମିଳିବା ନେଇ ଭାଜପାର ଟାର୍ଗେଟ

**ଭୁବନେଶ୍ୱର,୨୩।୧୨(ବ୍ୟୁରୋ)**

**୨୮ରେ ବ୍ଲକ୍ ଆଗରେ ମୁଖ୍ୟମନ୍ତ୍ରୀଙ୍କ ଚିଠି ଫାଡିବେ କାର୍ଯ୍ୟକର୍ତ୍ତା**

ରାଜ୍ୟରେ ୨୧ବର୍ଷ ହେଲା ଦୁର୍ନୀତି ଓ ଭ୍ରଷ୍ଟାଚାର ଶାସନ ଚାଲିଛି। ସାଧାରଣ ଲୋକଙ୍କ ଜନ ଜୀବନ ସୁରକ୍ଷା ଯୋଗାଇ ଦେବା ସରକାରଙ୍କ ନୈତିକ ଦାୟିତ୍ୱ ଥାଏ। କିନ୍ତୁ କ୍ଷମତା ଓ ପ୍ରଶଂସା ପାଗଳ ସରକାର ରାଜ୍ୟବାସୀଙ୍କ ସହ ପ୍ରତାରଣା କରିଛନ୍ତି ବୋଲି ଭାଜପା ନେତା ପୃଥ୍ୱୀରାଜ ହରିଚନ୍ଦନ ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ବୁଧବାର ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଗତ ୨୦୧୯ରେ ୨୭ ଲକ୍ଷ ଗ୍ରାମୀଣ ଲୋକଙ୍କ କଚ୍ଚା ଘରକୁ ପକ୍କାଘର କରିବା ପାଇଁ ସରକାର ବିଧାନସଭାରେ କହିଥିଲେ। ୭ ଲକ୍ଷରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀ ଏବଂ ଦଳୀୟ କର୍ମୀଙ୍କୁ ଘର ଦିଆଯାଇଥିଲା। ରାଜ୍ୟ ସରକାର ଫେବୃୟାରୀ ୭ରେ ଆଉଥରେ ହିତାଧିକାରୀ ଚୟନ ପାଇଁ ନିର୍ଦ୍ଦେଶ ଦେଲେ। ପ୍ରତି ବ୍ଲକ ଅଫିସରେ ସାନି ଆବେଦନ କରିବା ପାଇଁ ଏକ ବାକ୍ସ ରଖାଗଲା। ୨୫ ଫେବୃଆରୀ ସୁଦ୍ଧା ପ୍ରତ୍ୟେକ ପଞ୍ଚାୟତରେ ହିତାଧିକାରୀ ଚୟନ ତାଲିକା ମାରିବା ନେଇ ଚିଠିରେ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ଦୁର୍ଭାଗ୍ୟର କଥା ଆବେଦନ ପତ୍ରକୁ ଫେବୃୟାରୀରୁ ଏଯାବତ୍ ବ୍ଲକଗୁଡିକରେ ଥିବା ବାକ୍ସ ଭିତରୁ ବାହାର କରାଯାଇନାହିଁ। ଏହାର ପ୍ରତିବାଦରେ ଆସନ୍ତା ୨୮ରେ ସବୁ ବ୍ଲକ ଆଗରେ ଭାଜପା କାର୍ଯ୍ୟକର୍ତ୍ତା ମୁଖ୍ୟମନ୍ତ୍ରୀଙ୍କ ଚିଠି ଫାଡିବେ ଏବଂ ପୋଡିବେ। ଆସନ୍ତା ୨୯ରେ ରାଜ୍ୟର ସବୁ ଥାନାରେ ସିଆରପିସି ସେକସନ ୪୨୦ ଧାରାରେ ସରକାରଙ୍କ ନାଁରେ ଏତଲା ଦେବେ।

# ଟ୍ରକ୍ ପଛରୁ ପିଟିଲା ବାଇକ୍, ୨ ମୃତ

**ଖୋର୍ଦ୍ଧା ଅଫିସ,୨୩।୧୨:** ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥ କୁରାଡମଲ୍ଲ ଛକ ନିକଟରେ ବୁଧବାର ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ମାଲବୋଝେଇ ଟ୍ରକ୍ ପଛପଟେ ପିଟି ହୋଇ ୨ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ୩ଜଣ ଗୁରୁତର ହୋଇଛନ୍ତି। ମୃତକ ହେଲେ ଗଞ୍ଜାମ ଜିଲା ବ୍ରହ୍ମପୁର ସହରର ରିଙ୍କୁ ଓ ଲକି ବୋଲି ଜଣାପଡିଛି। ଗୁରୁତର ବ୍ରହ୍ମପୁର ସହର ବିଜିପୁର ଅଞ୍ଚଳର ସନ୍ତୋଷ ମହାନ୍ତି ଓରଫ ପପୁ, ବେଗୁନିଆ ପରିଛଳ ଗ୍ରାମର ଦିବାକର ନାୟକ ଓ ବିଷ୍ଣୁ ନାୟକଙ୍କୁ ଏମ୍ସ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ଦୁଇ ବାଇକ୍ ଆରୋହୀ ଜଙ୍କିଆ ପଟୁ ଖୋର୍ଦ୍ଧା ଆସୁଥିଲେ। ଜାତୀୟ ରାଜପଥ ରାସ୍ତା ସମ୍ପ୍ରସାରଣ ଯୋଗୁ ବିଭିନ୍ନ ସ୍ଥାନରେ ରାସ୍ତା ସଂକୀର୍ଣ୍ଣ ହୋଇ ସିଙ୍ଗଲ ରାସ୍ତା ହୋଇଛି। ଉଭୟ ବାଇକ ଆରୋହୀ ଯାଉଥିବା ବେଳେ କୁରାଡମଲ୍ଲ ଛକରେ ବିପରୀତ ଦିଗରୁ ଏକ ଗାଡି ଆସୁଥିବାରୁ ଭାରସାମ୍ୟ ହରାଇ ଆଗରେ ଯାଉଥିବା ଏକ ଟ୍ରକ ପଛକୁ ଉଭୟ ବାଇକ୍ ଆରୋହୀ ପିଟି ଦେଇଥିଲେ। ଖବରପାଇ ସଦର ପୋଲିସ ପହଞ୍ଚି ସମସ୍ତ ଗୁରୁତରଙ୍କୁ ଉଦ୍ଧାର କରି ମେଡିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।

## ଖେଳ ଖବର

# ଫାଇନାଲରେ ୟୁ ଆଣ୍ଡ ମି

**ସୋର, ୨୩।୧୨(ଡି.ଏନ୍.ଏ.)**

**ସର୍ବଭାରତୀୟ ମହାବୀର କ୍ରିକେଟ୍**

ବାଲେଶ୍ୱର ଜିଲା ସୋର ବ୍ଲକ ବାଗୁଡ଼ି ମହାବୀର କ୍ଲବ ୨୨ତମ ସର୍ବଭାରତୀୟ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଶାନ୍ତିଲତା ବେହେରା ମୁଖ୍ୟଅତିଥି, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର କୁମାର ପ୍ରଧାନ ଓ ସମାଜସେବୀ ଗୟାଧର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ସେମିଫାଇନାଲ ମ୍ୟାଚ୍ ସୋଲାର କ୍ଲବ କଟକ ଓ ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ୟୁ ଆଣ୍ଡ ମି ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ସୋଲାର କ୍ଲବ ନିର୍ଦ୍ଧାରିତ ୨୨ ଓଭରରେ ୮ ଉଇକେଟ୍ ହରାଇ ୧୨୪ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ୟୁ ଆଣ୍ଡ ମି ୨୧.୪ ଓଭରରେ ୮ ଉଇକେଟ୍‌ରେ ୧୨୬ ରନ୍ କରି ବିଜୟ ହାସଲ କରି ଫାଇନାଲରେ ପ୍ରବେଶ କରିଛି। ବିଜୟୀ ଟିମ୍‌ର ନଜରୁଲ ଖାନ୍ ୪ ଓଭରରେ ୧୩ ରନ୍ ଦେଇ ୨ଟି ଉଇକେଟ୍ ହାସଲ କରି ଦଳକୁ ବିଜୟୀ କରୁଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସଭାପତି ଅଖିଳରାମ ଜେନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ନଜରୁଲ ଖାନ୍‌ଙ୍କୁ ୧୦୦୦ଟଙ୍କା ପୁରସ୍କାର ପ୍ରଦାନ କରିଥିଲେ। ଏହି ଖେଳକୁ ବିସିସିଆଇ ଅମ୍ପାୟାର ଅମିତ ଅମିତାଭ ମହାକୁଡ଼ ଓ ଶାନ୍ତନୁ ଦାସ ପରିଚାଳନା କରିଥିଲେ। ଭାଷ୍ୟକାର ଥିଲେ- ଯଦୁନାଥ ଜେନା ଓ ବାସୁଦେବ ଜେନା। ଗୁରୁବାର ବେଷ୍ଟ-୧୧ ଝାଡ଼ଖଣ୍ଡ ଏବଂ ରାମେଶ୍ୱର ସ୍ପୋର୍ଟିଂ ଭୁବନେଶ୍ୱର ମଧ୍ୟରେ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ।



ସୋଲାର କ୍ଲବ କଟକ ଓ ୟୁ ଆଣ୍ଡ ମି ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍।

## ଫୁଟ୍‌ବଲ ଟୁର୍ନାମେଣ୍ଟ: ବାହାଡ଼ାଗୋଡ଼ା ଚାମ୍ପିୟନ

**କୁଳିଅଣା,୨୩।୧୨(ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ପାଟିହିଞ୍ଜା ପଞ୍ଚାୟତର ଶ୍ରୀଚନ୍ଦନପୁର ଖେଳପଡ଼ିଆରେ ଏସ୍‌କେବିବି ଆଥ୍‌ଲେଟିକ ଆସୋସିଏଶନ ପକ୍ଷରୁ ଆୟୋଜିତ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୩୨ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ବାହାଡ଼ାଗୋଡ଼ା(ଝାଡ଼ଖଣ୍ଡ) ଟିମ୍‌କୁ ହରାଇ ବାହାଡ଼ାଗୋଡ଼ା ଟିମ୍ ଚାମ୍ପିୟନ ହୋଇଥିଲା। ତୃତୀୟ ସ୍ଥାନରେ କୋଭିଡ୍-୧୯ ଫୁଟବଲ ଟିମ୍ ସହରୀ ଓ ବାରିପଦା ଫୁଟବଲ ଟିମ୍ ୪ର୍ଥ ସ୍ଥାନରେ ରହିଥିଲା। ଆସୋସିଏଶନ ସଭାପତି ବିଜୟ ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସରସ୍ୱତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବେ ସମିତିସଭ୍ୟ ସାନପ୍ରଧାନ ଟୁଡ୍ଡୁ, ନାଏବ ସରପଞ୍ଚ ବାବୁଲୁ ହାସଁଦା ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଦଳକୁ ପୁରସ୍କୃତ କରିଥିଲେ। ବୈଦ୍ୟନାଥ ବେଶ୍ରା ଓ ନବୀନ ସୋରେନ ଖେଳ ପରିଚାଳନା କରିଥିଲେ। ଆସୋସିଏଶନର ସମ୍ପାଦକ ନବୀନ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ।

## ମୁକ୍ତେଶ୍ୱର ଟିମ୍ ଚାମ୍ପିୟନ

**ସୋର, ୨୩।୧୨(ଡି.ଏନ୍.ଏ.)**

**ବାରୁଣେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟ**

ବାଲେଶ୍ୱର ଜିଲା ସୋର ବ୍ଲକ ଶିଙ୍ଗାଖୁଣ୍ଟା ବାବା ବାରୁଣେଶ୍ୱର କ୍ରିକେଟ୍ ଟୁର୍ନାମେଣ୍ଟର ଫାଇନାଲରେ ବାବା ବାରୁଣେଶ୍ୱର ଟିମ୍‌କୁ ହରାଇ ବାବା ମୁକ୍ତେଶ୍ୱର ଟିମ୍ ଚାମ୍ପିୟନ ହୋଇଛି। ବାବା ବାରୁଣେଶ୍ୱର ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୨୭ ରନ୍ ସଂଗ୍ରହ କରିଥିଲା। ଏହାର ଜବାବରେ ବାବା ମୁକ୍ତେଶ୍ୱର ଟିମ୍ ୧୮.୩ ଓଭରରେ ୭ ଉଇକେଟ୍ ହରାଇ ବିଜୟ ଲକ୍ଷ୍ୟ ହାସଲ କରି ନେଇଥିଲା। ବିଜୟୀ ଦଳ ତରଫରୁ କିଶୋର ପ୍ରଧାନ ଉତ୍ତମ ଖେଳ ପ୍ରଦର୍ଶନ ପାଇଁ ଆଜିର ମ୍ୟାଚ୍‌ରେ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ ଘୋଷଣା କରାଯାଇଥିଲା। ଏହି ଖେଳକୁ ଅନୀଲ ମଣ୍ଡଳ ଓ ଜିତୁ ରଞ୍ଜନ ଜେନା ପରିଚାଳନା କରିଥିଲେ। ପୁରସ୍କାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ନୂଆ ପ୍ରୟାସ ଅନୁଷ୍ଠାନର ସଭାପତି ଜ୍ୟୋତି ରଞ୍ଜନ ଜେନା, ସମ୍ମାନିତ ଅତିଥି ଭାବେ ମହେଶ୍ୱର ବେହେରା, ବିଜୟ ବାରିକ, ଶ୍ରୀକାନ୍ତ ଦାସ ଯୋଗଦେଇ ବିଜୟୀ ଟିମ୍‌କୁ ଟ୍ରଫି ସହ ୪ ହଜାର ଟଙ୍କା ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହିତ ୩ ହଜାର ଟଙ୍କା ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟକୁ କ୍ଲବ ସଭାପତି ନରେନ୍ଦ୍ର ପାତ୍ର, ବିଜେନ୍ଦ୍ର କୁଅଁର, ଅଜୟ ଜେନା, ବାସୁଦେବ ସାହୁ, ଗୁରୁଦେବ ସାହୁ, ରାଜେନ୍ଦ୍ର ରାଉତ, ସଂଜୟ ଜେନା, ରମାକାନ୍ତ ବାରିକ, ରାମଚନ୍ଦ୍ର କେସି ପ୍ରମୁଖ ପରିଚାଳନା କରିଥିଲେ।

# ଫୁଟ୍‌ବଲ ରେଫରି ଭକ୍ତି , ଡେଭିଡ୍ ନିଲମ୍ବିତ

**ସୁନ୍ଦରଗଡ, ୨୩।୧୨ (ଡି.ଏନ୍.ଏ)**

ସୁନ୍ଦରଗଡ ଷ୍ଟାଡିୟମରେ ଜିଲା କ୍ରୀଡା ସଂସଦର ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ରାଜେନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ରେଫରିମାନଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ରେଫରିମାନଙ୍କର ମ୍ୟାଚ୍ ପରିଚାଳନା ସମ୍ପର୍କୀତ ଆଲୋଚନା ହୋଇଥିଲା। ତତ୍ ସଙ୍ଗେ ସଙ୍ଗେ ଜିଲା କ୍ରୀଡା ସଂସଦର ନିୟମର ଅବମାନନା କରୁଥିବା ରେଫରି ଭକ୍ତି ମୁଣ୍ଡା ଓ ରୋନାଲଡ୍ ଡେଭିଡ୍‌ଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପୂର୍ବକ ତାଙ୍କୁ ରେଫରୀ କାର୍ଯ୍ୟ କରିବାରୁ ନିଲମ୍ବନ କରାଯାଇଥିବା ନେଇ ଜିଲା କ୍ରୀଡା ସଂସଦ ତରଫରୁ ସୂଚନା ଦିଆଯାଇଛି। ଏ ସମ୍ପର୍କରେ ଫୁଟବଲ ଆସୋସିଏସନ୍ ଅଫ୍ ଓଡିଶା (ଫାଓ) ଓ ଫାଓ ରେଫରି ମୁଖ୍ୟଙ୍କୁ ଅବଗତ କରାଯାଇଛି। ଏହି ବୈଠକରେ ଜିଲା କ୍ରୀଡା ସଂସଦର ସାଧାରଣ ସମ୍ପାଦକ ପ୍ରଭାତ କୁମାର ଭୋଳ, କୋଷାଧ୍ୟକ୍ଷ ଦୁର୍ଗା ମାଧବ ନାଏକ, ସହସମ୍ପାଦକ ଜୟଦେବ ପାତ୍ର, ଫୁଟବଲ ସମ୍ପାଦକ ନିତ୍ୟ କୁମାର ବଳଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୨ ପଏଣ୍ଟରେ ବଡ଼ପୋଖରୀ ବିଜୟୀ

**ଊପଦା, ୨୩।୧୨(ଡି.ଏନ.ଏ.)**

**ଭଲିବଲ ଟୁର୍ନାମେଣ୍ଟ**

ବାଲେଶ୍ୱର ଜିଲା ଊପଦା ବ୍ଲକ ସଦର ତଳକିଆ ପଞ୍ଚାୟତର ତଳକିଆ ୟୁଜିୟୁପି ସ୍କୁଲ ପଡ଼ିଆରେ ମା' ବାରୁଆଁ ଭଲିବଲ ଟୁର୍ନାମେଣ୍ଟ କମିଟି ତରଫରୁ ଏକ ଦିବସୀୟ ଭଲିବଲ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଟିମ୍ ଅଂଶଗ୍ରହଣ କରିଥିଲେ। ପୂର୍ବତନ ଊପଦା ବ୍ଲକ ଚେୟାରମ୍ୟାନ୍ ପ୍ରତାପ ଚନ୍ଦ୍ର ଦାସ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ବାଲେଶ୍ୱର ଓ ବଡ଼ପୋଖରୀ ଦଳ ମଧ୍ୟରେ ସଂଘର୍ଷପୂର୍ଣ୍ଣ ମ୍ୟାଚ ହୋଇଥିଲା। ବଡ଼ପୋଖରୀ ୧୫-୧୩ ପଏଣ୍ଟ ବ୍ୟବଧାନରେ ୨ ପଏଣ୍ଟରେ ବାଜି ମାରିନେଇଥିଲା। ବିଜୟୀ ଦଳ ଅତିଥି ମହେଶ ବିଶ୍ୱାଳଙ୍କଠାରୁ ଟ୍ରଫି ଗ୍ରହଣ କରିଥିଲେ। ତଳକିଆ ଲାୟନ୍ସ କ୍ଲବ ତରଫରୁ ଅକ୍ଷାଂଶୁ ଦଳେଇ, ମକରଧର ସେଠୀ, ମୃତ୍ୟୁଞ୍ଜୟ ପଣ୍ଡା, ମହେନ୍ଦ୍ର ନାୟକ, ରତ୍ନାକର ସେଣ୍ଡ ପ୍ରମୁଖ ପରିଚାଳନା କରିଥିଲେ।

# ଏକଦିବସୀୟ ଭଲିବଲ: ବଲାଙ୍ଗୀର ଚାମ୍ପିୟନ

**ବଲାଙ୍ଗୀର ଅଫିସ, ୨୩।୧୨**

ବଲାଙ୍ଗୀର ସଦର ବ୍ଲକ ଶିବତଲା ଭଲିବଲ ଆସୋସିଏଶନ ପକ୍ଷରୁ ଏକଦିବସୀୟ ଭଲିବଲ ପ୍ରତିଯୋଗିତା ଶିବତଲା ମିନିଷ୍ଟାଡିୟମଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗୀର, ପାଟଣାଗଡ, ଶିବତଲା ସମେତ ୬ଟି ଦଳ ଅଂଶଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଭୋଜରାଜ ବେହେରା ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଫାଇନାଲ ଖେଳ ବଲାଙ୍ଗୀର ଭଲିବଲ ଟିମ୍ ଓ ବଲାଙ୍ଗୀର ସଦର ଦଳ ମଧ୍ୟରେ ହୋଇଥିଲା। ବଲାଙ୍ଗୀର ଭଲିବଲ ୨-୧ ସେଟ୍‌ରେ ସଦର ଦଳକୁ ପରାଜିତ କରି ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥିଭାବେ ରଞ୍ଜିତ ବେହେରା, ସମ୍ମାନିତ ଅତିଥିଭାବେ ରାଜୀବ ବଣ୍ଡା, ପଦ୍ମଚରଣ ଦାସ, ଗୋଲକ ଚନ୍ଦ୍ର ବାରିକ, ବସନ୍ତ ମେହେର ଯୋଗଦେଇଥିଲେ । ରାଜୀବ ବେହେରା, ଅଞ୍ଜନ ବେହେରା, ହୃଦୟ ଶବର, ସରୋଜ ଶାହା ଖେଳ ପରିଚାଳନା କରିଥିଲେ।



ଚାମ୍ପିୟନ ବଲାଙ୍ଗୀର ଟିମ୍‌କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ଡିଟିଏଚ୍‌ରେ ଏଫ୍‌ଡିଆଇ ସୀମା ବଢ଼ିବ

**ନୂଆଦିଲ୍ଲୀ,୨୩।୧୨**

ଡିଟିଏଚ୍ ସେବା ଯୋଗାଣ ନେଇ ରହିଥିବା ଗାଇଡ୍‌ଲାଇନ ସଂଶୋଧନକୁ କେନ୍ଦ୍ର କ୍ୟାବିନେଟ ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଦେଶ ମଧ୍ୟରେ ଡିଟିଏଚ୍ ସେବା ଯୋଗାଣ ଲାଗି ୨୦ ବର୍ଷ ଲାଗି ଲାଇସେନ୍ସ ପ୍ରଦାନ କରାଯିବ ବୋଲି କେନ୍ଦ୍ର ମନ୍ତ୍ରୀ ପ୍ରକାଶ ଜାଭଡେକର ବୁଧବାର ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏଥିଲାଗି ପୂର୍ବରୁ ସୀମା ୧୦ ବର୍ଷ ରହିଥିଲା।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ବସିଥିବା କ୍ୟାବିନେଟ ବୈଠକରେ ଲାଇସେନ୍ସ ଫି ନିୟମରେ ମଧ୍ୟ ପରିବର୍ତ୍ତନ ପ୍ରସ୍ତାବକୁ ଅନୁମୋଦନ

**ଡିଟିଏଚ୍ ଗାଇଡ୍‌ଲାଇନ ସଂଶୋଧନକୁ ମଞ୍ଜୁରୀ**



ମିଳିଛି। ଜାଭଡେକର ପୁଣି କହିଛନ୍ତି, ଡିଟିଏଚ୍ ସେକ୍ଟରରେ ୧୦୦% ବିଦେଶୀ ପ୍ରତ୍ୟକ୍ଷ ପୁଞ୍ଜି ନିବେଶ(ଏଫ୍‌ଡିଆଇ)କୁ ଅନୁମତି ଦିଆଯାଇଛି। ବର୍ତ୍ତମାନ ଏହା ୪୯% ରହିଥିଲା। ଏକ୍ଷେତ୍ରରେ ଏଫ୍‌ଡିଆଇ ବୃଦ୍ଧି ନେଇ ଭାରତୀୟ ଟେଲିକମ୍ ନିୟାମକ କର୍ତ୍ତୃପକ୍ଷ (ଟ୍ରାଇ) ପ୍ରସ୍ତାବ ଦେଇଥିଲେ। ଲାଇସେନ୍ସ ବାବଦ ଦେୟ ଜିଆର୍‌ର ଶତକଡା ୧୦ ଭାଗରୁ ଏଜିଆର୍ ଶତକଡା ୮ ଭାଗକୁ ସଂଶୋଧନ କରାଯାଇଛି। ଜିଆର୍ ବାବଦ ଜିଏସ୍‌ଟିକୁ ବାଦ ଦେଇ ଏଜିଆର୍ ହିସାବ କରାଯିବ। ଲାଇସେନ୍ସ ଦେୟ ବର୍ତ୍ତମାନ ବର୍ଷକରେ ଆଦାୟ କରାଯାଉଥିବା ବେଳେ ଏଣିକି ୪ ମାସରେ ଆଦାୟ କରାଯିବ। ଡିଟିଏଚ୍ ଅପରେଟରମାନଙ୍କୁ ସର୍ବାଧିକ ଶତକଡା ୫ ଭାଗ ପର୍ଯ୍ୟନ୍ତ ଚ୍ୟାନେଲ ମୋଟ ଚ୍ୟାନେଲର ସାମର୍ଥ୍ୟ ଅନୁସାରେ ଅନୁମତି ପ୍ରଦାନ କରାଯିବ। ଥରକରେ ଗୋଟିଏ ପିଏସ୍ ଚ୍ୟାନେଲ ନିମନ୍ତେ ଅଣ ଫେରସ୍ତଯୁକ୍ତ ଦଶ ହଜାର ଟଙ୍କା ଡିଟିଏଚ୍ ଅପରେଟରଙ୍କୁ ଦେବାକୁ ପଡିବ। ଡିଟିଏଚ୍ ଅପରେଟରମାନେ ଟିଭି ଚ୍ୟାନେଲର ଟ୍ରାନ୍ସପୋର୍ଟ ଷ୍ଟ୍ରିମ ଓ ଡିଟିଏଚ୍ ପ୍ଲାଟଫର୍ମ ଶେୟାର କରିବାକୁ ଚାହିଁ ନ ଥିଲେ ତାକୁ ଅନୁମତି ପ୍ରଦାନ କରାଯିବ।

# ଜାଲ୍ ଜିଏସ୍‌ଟି ବିଲ୍ ଉପରେ ଅଙ୍କୁଶ ଲାଗିବ

**ନୂଆଦିଲ୍ଲୀ,୨୩।୧୨:** ଜାଲ୍ ଜିଏସ୍‌ଟି ବିଲ୍ ଦ୍ୱାରା ଇନପୁଟ ଟାକ୍ସ କ୍ରେଡିଟ୍ ଦାବି କରି ଟିକସ ଫାଙ୍କିବା ମାମଲା ଏବେ ବଢିଛି। ଏହା ସରକାରଙ୍କ ଚିନ୍ତା ବଢାଇଛି। ଏଭଳି ର୍ୟାକେଟ ବିରୋଧରେ ଅଙ୍କୁଶ ଲଗାଇବା ଲାଗି ସରକାର ଯୋଜନା ହାତକୁ ନେଇଛନ୍ତି। ସରକାର ଏଭଳି ଏକ ନିୟମ ଲାଗୁ କରୁଛନ୍ତି ଯାହା ଦ୍ୱାରା ଜାଲ୍ ଇନ୍‌ପୁଟ ଟାକ୍ସ କ୍ରେଡିଟ ଦାବି କରିବା କଷ୍ଟକର ହେବାକୁ ଯାଉଛି। ବର୍ତ୍ତମାନ ୫୦ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ମାସିକ କାରବାର କରୁଥିଲେ ୧% ଜିଏସ୍‌ଟି ଦେୟ ନଗଦ ଆକାରରେ ଦେବାକୁ ପଡିବ। କେନ୍ଦ୍ରୀୟ ପରୋକ୍ଷ ଟିକସ ଏବଂ ସୀମା ଶୁଳ୍କ ବୋର୍ଡ (ସିବିଆଇସି) ପକ୍ଷରୁ ନିୟମ ୮୬ବି କାର୍ଯ୍ୟକାରୀ କରାଯାଇଛି। କେନ୍ଦ୍ର ଜିଏସ୍‌ଟି ଆଇନ ଅଧୀନରେ ଏହାକୁ ଲାଗୁ କରାଯାଇଛି।

# ୪୩୭ ପଏଣ୍ଟ ଉଠିଲା ସେନ୍‌ସେକ୍ସ

**ନୂଆଦିଲ୍ଲୀ,୨୩।୧୨:** ଲଗାତର ଦ୍ୱିତୀୟ ସେସନ ଲାଗି ବମ୍ବେ ଷ୍ଟକ ଏକ୍ସଚେଞ୍ଜ(ବିଏସ୍‌ଇ)ର ସେନ୍‌ସେକ୍ସ ଭଲ କାରବାର ହାସଲ କରିଛି। ବୁଧବାର ସେନସେକ୍ସ ୪୩୭ ପଏଣ୍ଟ ଉଠିଛି। ଫଳରେ କାରବାର ୪୬,୪୪୪ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ରିୟଲ ଇଷ୍ଟେଟ, ଆଇଟି ଏବଂ ବ୍ୟାଙ୍କ ଷ୍ଟକ କରବାର ଏହି ସମୟରେ ଭଲ କରବାର ହାସଲ କରିପାରିଛି। ସେହିଭଳି ନିଫ୍ଟି ୧୩୫ ପଏଣ୍ଟ ଉଚ୍ଚରେ ରହି ୧୩,୬୦୧ ପଏଣ୍ଟ ଛୁଇଁଛି। ହିନ୍ଦୁସ୍ତାନ ୟୁନିଲିଭର, ଇନଫୋସିସ, ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା, ଇଣ୍ଡସଇଣ୍ଡ ବ୍ୟାଙ୍କ, ଆଇଟିସି, ଏସ୍‌ବିଆଇ, ଏସିଆନ ପେଣ୍ଟସ ଭଳି କମ୍ପାନୀଗୁଡିକର ଶେୟାର କାରବାର ପ୍ରାୟ ୨.୭୫% ଊର୍ଦ୍ଧ୍ୱରେ ରହିଛି।



# ତନିସ୍କ ପକ୍ଷରୁ ମୁଡ୍‌ସ ଅଫ୍ ଦି ଆର୍ଥ

**ଭୁବନେଶ୍ୱର,୨୩।୧୨:** ଲୋକପ୍ରିୟ ଗହଣା ବ୍ରାଣ୍ଡ ତନିସ୍କ ପକ୍ଷରୁ ନୂଆ 'ମୁଡ୍‌ସ ଅଫ୍ ଦି ଆର୍ଥ' କଲେକ୍ସନ ଉନ୍ମୋଚନ କରାଯାଇଛି। ପ୍ରକୃତି ମାତାଙ୍କୁ ନେଇ ଏହି ସମସାମୟିକ ଗହଣା ସମ୍ଭାରକୁ ଶୁଭାରମ୍ଭ କରାଯାଇଛି। ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ତନିସ୍କ ଶୋ'ରୁମ୍ ପରିସରରେ ଫ୍ରାଞ୍ଚାଇଜ୍ ଓନର ମାନିକ୍ ହଂସ ଏହାକୁ ବଜାର ପ୍ରବେଶ କରାଇଥିଲେ। ଦି ଆର୍ଥ ବ୍ରାଉନ୍ସ, ଲସ୍ ଗ୍ରୀନ୍‌ସ, ବ୍ଲସିଂ ପିଙ୍କସ ଓ ସିରିଏନ୍ ହ୍ୱାଇଟରୁ ଅନୁପ୍ରାଣିତ ହୋଇ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ କଲେକ୍ସନରେ ପ୍ରକୃତିର ଆକର୍ଷଣୀୟ ରଙ୍ଗ ରହିଛି। ଏହା ସମସ୍ତ ଭାବର ଉତ୍ସବ ପାଳନ କରୁଛି। ସୁନ୍ଦର ଘାଟିଠାରୁ ଆରମ୍ଭକରି ଶିଳାକୃତି, କାଠ ଏବଂ ପତ୍ର, ଚେରି ଫୁଲ ଏବଂ ଅର୍କିଡଠାରୁ ହିମ ଏବଂ ସୁନ୍ଦର ବରଫାବୃତ ଦୃଶ୍ୟପଟ ପର୍ଯ୍ୟନ୍ତ ଏହି ସମ୍ଭାରରେ ପ୍ରକୃତିର ସାର ଏବଂ ଏହା ଶାନ୍ତ ରଙ୍ଗୀ ସବୁ ଉପାଦାନ ରହିଛି। ଏହି କଲେକ୍ସନରେ ୨୮ ସ୍ୱତନ୍ତ୍ର ସମସାମୟିକ ହୀରା ଏବଂ ଆକର୍ଷଣୀୟ ରଙ୍ଗୀନ ପଥର ଖଚିତ ନେକ୍‌ଲେସ ରହିଛି। ଡିଟାଚେବଲ ପେଣ୍ଡାଣ୍ଟ, ରିଭର୍ସିବଲ ଇୟରରିଂ ଏବଂ ଡୁଆଲ ଲୁକ୍ ଡିଜାଇନ ଏଥିରେ ଗ୍ରାହକ ପାଇପାରିବେ। ପ୍ରକୃତିର ସୌନ୍ଦର୍ଯ୍ୟକୁ ଭଲ ପାଉଥିବା ଫ୍ୟାଶନ ଅନୁପ୍ରାଣିତ ମହିଳାଙ୍କ ପାଇଁ ଏହି ସମ୍ଭାରକୁ ତିଆରି କରାଯାଇଛି ବୋଲି ଟାଇଟାନ କମ୍ପାନୀ ଲିମିଟେଡ୍‌ର ଜୁଏଲେରି ଡିଭିଜନ ଡିଜାଇନ ମୁଖ୍ୟ ଅଭିଷେକ ରସ୍ତୋଗୀ ସୂଚନା ଦେଇଛନ୍ତି।

# ରଣ କ୍ଷମତା ଦୃଢ଼ କରନ୍ତୁ ବ୍ୟାଙ୍କ୍: ଶକ୍ତିକାନ୍ତ

**ନୂଆଦିଲ୍ଲୀ,୨୩।୧୨:** ଋଣ ପ୍ରଦାନ କ୍ଷମତା ଦୃଢ଼ କରିବାକୁ ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ବ୍ୟାଙ୍କଗୁଡିକୁ ପରାମର୍ଶ ଦେଇଛନ୍ତି। ବ୍ୟାଙ୍କଗୁଡିକ ପୁଞ୍ଜି ଉଠାଣ କରି ଏହା କରିବାକୁ ସକ୍ଷମ ହେବେ ବୋଲି ସେ ମତ ରଖିଛନ୍ତି। ଶକ୍ତିକାନ୍ତ ବ୍ୟାଙ୍କ ମୁଖ୍ୟଙ୍କ ସହ ୨ ଦିନ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ବର୍ତ୍ତମାନ ପରିସ୍ଥିତିରେ ସତର୍କ ରହିବା ସହ ଏନ୍‌ପିଏ ଉପରେ କାମ କରିବା ବେଳେ ବିଭିନ୍ନ ଦିଗକୁ ବିଚାର କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଭିଡିଓ କନ୍‌ଫରେନ୍ସରେ ହୋଇଥିବା ଏହି ବୈଠକରେ ଆର୍‌ବିଆଇ ଡେପୁଟି ଗଭର୍ନର ମଧ୍ୟ ଯୋଗଦେଇଥିଲେ। ବୈଠକରେ ବର୍ତ୍ତମାନର ଆର୍ଥିକ ସଙ୍କଟ ଉପରେ ମଧ୍ୟ ଆଲୋଚନା କରାଯାଇଥିଲା। ଏହି ସମୟରେ ଅର୍ଥ ବ୍ୟବସ୍ଥାକୁ ସହାୟତା କରିବା ଲାଗି ବ୍ୟାଙ୍କିଙ୍ଗ୍ କ୍ଷେତ୍ରର ଭୂମିକା ଉପରେ ସେ ମଧ୍ୟ ଗୁରୁତ୍ୱାରୋପ କରିଛନ୍ତି। ସୁଧ ହାର ହ୍ରାସ ଫାଇଦା ଲୋକଙ୍କ ନିକଟରେ ପହଞ୍ଚାଇବା ଏବଂ ନଗଦ ସ୍ଥିତି ଉପରେ ଏଠାରେ ଆଲୋଚନା କରାଯାଇଛି।

# ଇଭି ଆଣିଲା ୨ ନୂଆ ମଡେଲ



**ଭୁବନେଶ୍ୱର,୨୩।୧୨:** ପ୍ରମୁଖ ଇଲେକ୍‌ଟ୍ରିକ ୨ ଚକିଆ ଯାନ ନିର୍ମାଣକାରୀ କମ୍ପାନୀ ଇଭି ଇଣ୍ଡିଆ ପକ୍ଷରୁ ୨ ନୂଆ ଇ-ସ୍କୁଟର ବୁଧବାର ସ୍ଥାନୀୟ ଅଞ୍ଜଳୀ ଇଭି ଶୋ'ରୁମ୍‌ଠାରୁ ବଜାର ପ୍ରବେଶ କରିଛି। ଏହି ୨ ମଡେଲର ନାମ ଆଟ୍ରିଓ ଏବଂ ଆହାଭା ରହିଛି। ଉଭୟ ମଡେଲରେ ସଦ୍ୟତମ ଟେକ୍ନୋଲୋଜି ଭିତ୍ତିକ ଫିଚର ସ୍ଥାପିତ ରହିଛି। ଏହି ୨ ଯାନ ଉପରେ ୫ ବର୍ଷର ୱାରେଣ୍ଟି ମଧ୍ୟ ପ୍ରଦାନ କରାଯାଉଛି। ଆଟ୍ରିଓର ରାଇଡିଂ ରେଞ୍ଜ ୭୫-୮୫ କି.ମି. ରହିବ। ସେହିଭଳି ଆହାଭାର ରେଞ୍ଜ ୫୦ରୁ ୬୦ କି.ମି. ରହିଛି। ଯାନଗୁଡିକ ପରିବେଶ ଉପଯୋଗୀ ହୋଇଥିବା ବେଳେ ଏଥିରେ ଡେ ଟାଇମ ରନିଂ ଲାଇଟ ମଧ୍ୟ ରହିଛି। ଏହାର ପ୍ରତି କି.ମି. ପିଛା ରନିଂ କଷ୍ଟ ମାତ୍ର ୧୫ ପଇସା ରହିଛି। ଏହି ପରିପ୍ରେକ୍ଷୀରେ ଓମ୍ ଜୟ ଇଭି ଲିମିଟେଡ୍‌ର ସେଲ୍‌ସ ବିଭାଗ ମୁଖ୍ୟ ଆଭାଇ ଶ୍ରୀବାସ୍ତବ କହିଛନ୍ତି, ପୋର୍ଟଫୋଲିଓରେ ୨ ନୂଆ ମଡେଲକୁ ଯୋଡ଼ି ଅତ୍ୟନ୍ତ ଖୁସି। ଆଗାମୀ ଦିନରେ ଇ-ଯାନ ନିର୍ମାଣରେ ଏକ ପ୍ରମୁଖ ସ୍ଥାନ ହାସଲ କରିବାକୁ ଯୋଜନା ରହିଛି। ଏହି ୨ ମଡେଲରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ସୁବିଧା ଯଥା- ଜିଓ ଟ୍ୟାଗିଂ, ଜିଓ ଫେନ୍ସିଂ, ଇମୋବିଲାଇଜେଶନ ରହିଛି। କାର୍ଯ୍ୟକ୍ରମ ଅବସରରେ କମ୍ପାନୀର ସିଇଓ ଆଦିତ୍ୟ ଭଲୋଟିଆ, ଅଞ୍ଜଳି ଇଭିର ଡିଲର ପ୍ରିନ୍ସିପାଲ ଅଭିଷେକ ପାଣି, ସେଲ୍ସ ଏଜିଏମ୍ ସଞ୍ଜିତ କୁମାର ମହାପାତ୍ର, ଏରିଆ ମ୍ୟାନେଜର ସୌଭାଗ୍ୟ ରଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।


## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତ ଗୋବିନ୍ଦ ସାହୁ**
ସ୍ୱର୍ଗତା ସ୍ତ୍ରୀ ରମାମଣୀ ସାହୁ
ଭୁବନପୁର, ବାଲିଅନ୍ତା
ଆବିର୍ଭାବ: ୦୨।୦୪।୧୯୨୫
ତିରୋଧାନ: ୧୪।୧୨।୨୦୨୦
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପୁତ୍ର: ପ୍ରଫୁଲ୍ଲ, ଶରତ, ପୁତ୍ରବଧୂ: ପଦ୍ମାବତୀ, ଶାନ୍ତିଲତା, ନାତି: ପବିତ୍ର, ପ୍ରଭାତ, ପ୍ରଦୀପ, ପ୍ରମୋଦ, ଶ୍ରୀଧର, ନାତୁଣୀ: ସବିତା, ବବିତା, ଟିକିନା , ବନ୍ଧୁ ଓ ପରିବାରବର୍ଗ
ଧ-୪୬୨୯୨

**ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**ସ୍ୱର୍ଗତା ପ୍ରାଣେଶ୍ୱରୀ ଦାଶ**
ତିରୋଧାନ: ମାର୍ଗଶିର ମାସ ଶୁକ୍ଳପକ୍ଷ ଗୁରୁବାର
ତମେ ଆମକୁ ଏକାକରି ଛାଡ଼ି ଚାଲିଗଲ। ତମର ଅମାପ ସ୍ନେହ, ଶ୍ରଦ୍ଧା, ଦୟା, ତ୍ୟାଗ ଓ ମଧୁମୟ ସ୍ମୃତି ଆମପାଇଁ ଚିର ଜୀବନ୍ତ ହୋଇ ରହିବ। ତୁମର ମହାନତା ପାଇଁ ଆମେ ସମସ୍ତେ ଚିରଋଣୀ। ଇଷ୍ଟଦେବୀ ମା' ବାଙ୍କେଶ୍ୱରୀଙ୍କ ନିକଟରେ ତୁ ଅମର ଆତ୍ମାର ସଦ୍‌ଗତି ନିମନ୍ତେ କାମନା କରୁଛୁ।
-:ଶୋକସନ୍ତପ୍ତ:-
ସ୍ୱାମୀ: ଭାଗ୍ୟଧର ଦାଶ, ବଡ଼ପୁଅ- ବଡ଼ବୋହୂ: ଆଶିଷ ରଞ୍ଜନ ଦାଶ, ରଞ୍ଜିତାରାଣୀ ଦାଶ, ସାନଗେହ୍ଲାପୁଅ: ବିପ୍ଳବ ରଞ୍ଜନ ଦାଶ, ଗେହ୍ଲୀ ନାତୁଣୀ: ଅମୃତା ରାଣୀ ଦାଶ, ନାତି: ଅମିୟ ଦାଶ ।
ଧ-୧୯୩୪୦

**ଦଶାହ ଉପଲକ୍ଷେ**



**ସ୍ୱର୍ଗତ ପୁରୁଷୋତ୍ତମ ଆଚାର୍ଯ୍ୟ**
ଅବସରପ୍ରାପ୍ତ ହିନ୍ଦୀ ଶିକ୍ଷକ
ଲୋକନାଥପୁର ଶାସନ, ବଡ଼ସୁଆଁଲୋ
କାମାକ୍ଷାନଗର, ଢେଙ୍କାନାଳ
ଆବିର୍ଭାବ: ୦୩।୦୬।୧୯୫୫
ତିରୋଧାନ: ୧୫।୧୨।୨୦୨୦
ଆପଣଙ୍କ ଆକସ୍ମିକ ବିୟୋଗରେ ଆମେ ଅତ୍ୟନ୍ତ ମ୍ରିୟମାଣ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ଆମେ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ।
-:ଶୋକସନ୍ତପ୍ତ:-
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ।
ଧ-୭୦୩୦୨

## CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**HINDUSTAN FINANCE LIMITED**
(Reg. No. Reg.No.3367)
(ଖର୍ଚ୍ଚ ଲୋନ ପାସ୍ ହେଲା ପରେ)
ଭାରତର ଗୋଲ୍ଡ ମେଡାଲିଷ୍ଟ କମ୍ପାନୀ ୧୯୪୧ ରୁ ଆପଙ୍କର ସେବାରେ ମାର୍କସିଟ, ପର୍ସନାଲ, ସମ୍ପତି, BPL, IIT ଭତ୍ତା, କୁକୁଡାପାଳନ, ଇତ୍ୟାଦି ସମସ୍ତ ଋଣ ମାତ୍ର ୨୪ ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ ଏବଂ 40% ଛାଡ
ଧୋକାବାଜ୍ କୁ ସାବଧାନ, ଧୋକା ଖାଇଥିବା ଅବଶ୍ୟ କଲ କରନ୍ତୁ
2th floor, Krishna Reddy, Mumbai, Maharastra
8480089848

**FINANCE**
ବାଲାଜୀ ଫାଇନାନ୍ସ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୨୪ ଘଣ୍ଟାରେ ।
୨% ସୁଧ ୬୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ଓ ବିଦ୍ୟାର୍ଥୀମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
7894677450
7325861595

**ତାନ୍ତ୍ରିକ ଶକ୍ତିର ବାଦ୍‌ଶାହା**
ବାବା ମୟୁର ସାହା
ସ୍ୱତନ୍ତ୍ର ବଶୀକରଣ, ବ୍ୟବସାୟ, ପ୍ରେମ ବିବାହ, ସ୍ୱାମୀ-ସ୍ତ୍ରୀ ସମସ୍ୟା, ଶତ୍ରୁ ସମସ୍ୟା, ସ୍ୱପ୍ନରେ ଡରିବା ଇତ୍ୟାଦି ପାଇଁ ସମସ୍ତ ସ୍ଥାନରୁ ନିରାଶରେ ଫେରିଥିଲେ ଥରେ ମାତ୍ର ସାକ୍ଷାତ କରନ୍ତୁ । ସମସ୍ତ ପ୍ରକାର ସମସ୍ୟାରୁ ମୁକ୍ତିପାଇଁ ୧୦୦% ଫଳ ମିଳିବ ।
SAHEED NAGAR, RUPALI SQUARE, BHUBANESWAR
Ph.: 8144114249

**All India Tower Group**
କମ୍ପାନୀ ଦ୍ୱାରା ନିଜର ଖାଲି ଜମି, ଛାତ, ଚାଷଜମି, ପ୍ଲଟ୍‌ରେ 4G, 5G ଟାୱାର ଲଗାନ୍ତୁ । ଅଗ୍ରିମ 90 ଲକ୍ଷ + ଭଡ଼ା 60 ହଜାର + ବାଇକ୍ + ଲାପ୍‌ଟପ୍ । ଶୀଘ୍ର ଯୋଗାଯୋଗ କରନ୍ତୁ
9455900841
7042350747

**GALLERY TOWER COMPANY**
ଦ୍ୱାରା ନିଜର ଖାଲି ଜମି / ଛାତ / କ୍ଷେତ / ପ୍ଲଟ୍‌ରେ 4G/5G ମଲ୍ଟିମିଡିଆ ଟାୱାର ଲଗାନ୍ତୁ
ଅଗ୍ରିମ 60000 + ଭଡ଼ା 45000
9485687401
8901064681

**ବାବା ଅମିଲ୍ ସୁଫି**
ସମସ୍ୟା ଦିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧୀକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୂଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
7503449786
8800979262

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**ODISHA POWER TRANSMISSION CORPORATION LIMITED**
(A Government of Odisha Undertaking)
O/o- DY. GENERAL MANAGER (ELECT.), EHT O&M DIVISION, BHANJANAGAR
Lifeline of Odisha
No. CAD-969 CIN:U40102OR2004SGC007553

**TENDER CALL NOTICE NO-03/2020-21**

For and on behalf of OPTCL, Sealed tenders are invited from bidders having IT PAN, GST Certificate along with Civil Contract License & EHT/HT Contract License towards **"Construction of RCC Slabs for replacement of damaged cable trench slabs at 220/132/33 kV Grid S/S, Bhanjanagar under EHT O&M Division, Bhanjanagar".**
**Cost of Tender Papers:** Rs.2000/-+ GST@12%=RS.2240/-
**Sale of Tender Paper:** 25.12.2020, 11.00AM to 05.01.2021 up to 12.00 PM
**Last Date of Submission:** 05.01.2021 up to 02.00PM
**Date of Tender Opening:** 05.01.2021 at 03.00PM
For Details/Corrigendum please visit: **www.optcl.co.in.**
FIPR- 51/2020-21 OIPR-04011/11/0081/2021 Sd/-Dy.General Manager (EL) EHT (O&M) Division, Bhanjanagar

**The Odisha Small Industries Corporation Ltd.**
( A Government of Odisha Undertaking) )
*(An ISO:9001:2008 certified Govt. Company)*
Industrial Estate, Madhupatna, CUTTACK – 753 010. Odisha.
Tel No. : 0671-2341204 ,2342816 Fax : 0671-2341875/2342561
e-mail: osicltd@gmail.com, osicmd@gmail.com, website: osicltd.in
OSIC GST No. 21AAACO2101M1Z1

**TENDER CALL NOTICE**

Ref No. 4908 Dt. 22.12.2020

The Managing Director, OSIC Ltd. invites tender from experienced MSMEs empanelled with OSIC for execution of Electrical related work at SLNMCH, Koraput.
Tender details can be downloaded from the OSIC website **www.osicltd.in** . Authority reserves the right to accept or reject any or all tenders without assigning any reason thereof or the tendering process may be cancelled in Toto. Any corrigendum/ changes/ modifications will appear in OSIC Ltd. website www.osicltd.in only.
Any corrigendum / changes / modifications will appear in OSIC Ltd. website **www.osicltd.in** only
MANAGING DIRECTOR

**TPCODL**
**TP CENTRAL ODISHA DISTRIBUTION LIMITED**
(Purchase Department)
2nd Floor, IDCO Tower, Janpath Bhubaneshwar, Odisha 751022
**NOTICE INVITING TENDER**
**TP Central Odisha Distribution Limited (TPCODL) invites tender from eligible vendors for following:**

| Sl No | Tender Description | Tender Enquiry No. | EMD (Rs) | Tender Fee inclusive of GST (Rs) | Last date and time of payment of Tender Fee |
|---|---|---|---|---|---|
| 1 | Rate Contract For Supply & Installation of battery charger controller for One (01) Year. | TPCODL/P&S/ 159/2020-21 | 2,76,000.00 | 5,000 | 4th Jan 2021; 15:00 hrs |
| 2 | Rate Contracts for Hiring of Commercial Vehicles on monthly basis for a period of Three (03) Years. | TPCODL/P&S/ 161/ 2020-21 | 4,00,000.00 | 5,000 | 8th Jan 2021; 15:00 hrs |
| 3 | Rate Contracts for Hiring of Commercial Vehicles on Call basis for a period of One (01) Year | TPCODL/P&S/ 162/ 2020-21 | 2,00,000.00 | 5,000 | 8th Jan 2021; 15:00 hrs |
| 4 | Rate Contract For Supply of Transformer Breather and Silica Gel **Corrigendum –II** | TPCODL/P&S/ 120/2020-21 | 6,00,000.00 | 5,000 | 30th Dec 2020 15:00 hrs |
| 5 | Rate Contract for supply of various types of fuse wire **Corrigendum -II** | TPCODL/P&S/ 128/2020-21 | 3,25,000.00 | 5,000 | 30th Dec 2020; 15:00 hrs |

For detail tender, please visit Tender section on website **https://tpcentralodisha.com.**
Interested bidders have to submit Tender Fee and Authorization Letter ( as per details mentioned in tender document) before Last Date and time of tender fee, as indicated above, after which link from TPCODL e-tender system will be shared for further communication and bid submission. Please note that all future correspondence regarding the tender, bid submission, bid submission date extension, etc. will happen only through TPCODL E-tender system. Also all future corrigendum if any, to be informed on Tender section on website **https://www.tpcentralodisha.com.**

**OFFICE OF THE ENGINEER-IN-CHIEF (CIVIL), ODISHA, BHUBANESWAR** No. B-551
**GOVERNMENT OF ODISHA**
**"e" PROCUREMENT NOTICE**
**WORKS DEPARTMENT**
E-mail: ceworldbankprojects@gmail.com
Bid Identification No. CE-W.B.P. (O) - 20/2020-21

1. The Chief Engineer (World Bank Project), Odisha on behalf of Governor of Odisha inviting percentage rate bid in double cover system in ONLINE MODE from eligible contractors for construction of Road & Bridge works as detailed in the table below:
2. Nature of Work : Road Works
3. No. of Work : 2 Nos.
4. Tender Cost : Rs.10,000.00
5. Class of Contractor : Super Class Contractor
6. Available of bid document in the website : From 10.00 A.M. of 29.12.2020 to 5.00 P.M. of 19.01.2021
7. Pre-bid Meeting : Dt.11.01.2021 at 11.30 A.M.
8. Date of Opening of Bid : Dt.20.01.2021 at 11.30 A.M.
9. The bidders have to participate in ONLINE bidding only. Further details can be seen from the website: **https://tenderodisha.gov.in**. Any addendum/corrigendum/cancellation of tender can also be seen in the said website.

Sd./- Chief Engineer
World Bank Project, Odisha
OIPR-34003/11/0025/2021

**ODISHA LIFT IRRIGATION CORPORATION LIMITED**
(A GOVERNMENT OF ODISHA UNDERTAKING)
**OFFICE OF THE EXECUTIVE ENGINEER**
**MAYURBHANJ LIFT IRRIGATION DIVISION, BARIPADA**
Telephone No. 06792-252734 (E-mail: olicbpd@ymail.com)
**e-Procurement Notice**
BID Id No. 3771 OLIC/2020-21 Dated: 23.12.2020

**No. CAD-963:-** The Executive Engineer, Mayurbhanj Lift Irrigation Division, Baripada, invites tender through e-procurement in shape of percentage rate bids in online mode for the works: **Installation & Energisation of Cluster Shallow Tubewell inclding power supply work** of New Shallow Tubewell Project from **Rasgobindpur & Betnoti Block under Jallanidhi-II in 2020-21 on Turnkey Basis in Mayurbhanj District**. The work is to be completed within 60 days as described in the DTCN, from the licence holding contractors having valid H.T. Electrical Licence issued by E.L.B.O. The contractor will be produced experience certificate of his/her own for similar type of work. The scanned copy of the relevant documents should be uploaded along with the bid, any deviations found will be summarily rejected. The bids should be submitted only online in the website: **www.tendersodisha.gov.in**.

| Procurement Officer | Bid Identification No./Date | Availability of Tender on Online for Bidding: Date & time of Publishing | Availability of Tender on Online for Bidding: Date & time of Closing | Date & Time of Opening of Tender |
|---|---|---|---|---|
| Executive Engineer, M.L.I. Division, Baripada | 3771/ Dt.23.12.2020 | 30.12.2020 10.00 A.M. | 06.01.2021 5.00 P.M. | 07.01.2021 at 11.00 A.M. |

The details are available in the Government tender website i.e. **www.tendersodisha.gov.in.** Any other related documents are available in the DTCN for bidding.
**Sd./- Executive Engineer, M.L.I. Division, Baripada**
OIPR-32215/11/0012/2021

**DISTRICT MISSION DIRECTORATE**
**DISTRICT PROGRAMME MANAGEMENT SUPPORT UNIT**
No.- E-473 **NATIONAL HEALTH MISSION, MALKANGIRI**
**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER**
**DEPARTMENT OF HEALTH & FAMILY WELFARE, GOVT. OF ODISHA**
Mail: cdmomkg@gmail.com, Phone/Fax: 06861-231543
Letter No. 12259 Date: 22.12.2020

**INVITATIONS FOR BIDS (IFB)**
Bid Identification No. CDM&PHO MLK-01/2020-21

1. Number of Works : 7 Nos. of Civil Construction Works
2. Approximate Estiamte Cost : Varies from Rs.8.82 lakh to Rs.16.90 lakh
3. Period of Completion : 2 (Two) Calendar months to 4 (Four) Calendar months
4. Sale and Receipt of Bid document :
   A. The sale and receipt of the bid document shall start from the date of publication to **15.01.2021 upto 5.00 P.M.**
   B. Bid should be received in the Office of Chief District Medical & Public Health Officer, Malkangiri through **Registered Post & Speed Post only** (No tender paper will be received by hand or Courier Service)
5. Date of Opening of Bid document : The bids will open on 17.01.2021 at 11.00 A.M. in the Office Chamber of Chief District Medical and Public Health Officer, Malkangiri.

i. Bid documents will be available at the websites **www.malkangiri.nic.in**.
ii. Other details can be seen in the websites **www.malkangiri.nic.in**.

Sd./- Chief District Medical & Public Health Officer, Malkangiri
OIPR-10082/11/0018/2021

# ପରଦା

**ବର୍ଷ ଶେଷରେ ଉପନୀତ ୨୦୨୦। ଚଳିତବର୍ଷ ମନୋରଞ୍ଜନ ଜଗତରେ ସଂଘଟିତ ଘଟଣାବଳୀ ଉପରେ ଆଲୋକପାତ...**



## ଦେବଦୂତ ସାଜିଲେ ସୋନୁ

କରୋନା ମହାମାରୀ ସମୟରେ ଅନ୍ୟ ରାଜ୍ୟରେ ଥିବା ପ୍ରବାସୀ ଏବଂ ଭାରତ ବାହାରେ ଥିବା ପ୍ରବାସୀ ଭାରତୀୟ ନିଜ ଜନ୍ମସ୍ଥାନକୁ ଫେରିବାକୁ ଆଗଭର ହୋଇଥିଲେ। ହେଲେ ସେ ସମୟରେ ସେମାନେ ଅଭାବ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଯଦିଓ ସରକାରଙ୍କ ତରଫରୁ ବ୍ୟବସ୍ଥା କରାଯାଇଥିଲା କିନ୍ତୁ ସେମାନଙ୍କର ସଂଖ୍ୟା ଏତେ ଥିଲା ଯେ ଅନେକ ଲୋକ ଘୋର ଅସୁବିଧାର ସାମନା କରିଥିଲେ। ଏହି ସମୟରେ ଦେବଦୂତ ପରି ସେମାନଙ୍କୁ ସହଯୋଗର ହାତ ବଢ଼ାଇଥିଲେ ଅଭିନେତା ସୋନୁ ସୁଦ୍।



## କୋଭିଡ୍ ଯୋଦ୍ଧା ସବ୍ୟସାଚୀ

ଓଲିଉଡ୍‌ରେ 'ପାଗଳପ୍ରେମୀ' ସାଜି କ୍ୟାରିୟର ଆରମ୍ଭ କରିଥିଲେ ସବ୍ୟସାଚୀ। ଇତିମଧ୍ୟରେ ସେ ବେଶ୍ କେତୋଟି ସିନେମାରେ ପୁଣି ଭିନ୍ନ ଭିନ୍ନ ଚରିତ୍ରରେ ଅଭିନୟ କରି ଦର୍ଶକଙ୍କ ହୃଦୟରେ ହାସଲ କରିଛନ୍ତି ସ୍ୱତନ୍ତ୍ର ସ୍ଥାନ। ଏଥର କୋଭିଡ ମହାମାରୀ ସମୟରେ ଚର୍ଚ୍ଚାର ପରିସରକୁ ଆସିଥିଲେ। ଅନ୍ୟ ରାଜ୍ୟ ତଥା ବିଦେଶରୁ ଓଡିଶା ଫେରୁଥିବା ପ୍ରବାସୀ ଓଡ଼ିଆଙ୍କୁ ସହାୟତାର ହାତ ବଢ଼ାଇଥିଲେ ସେ। ଏପରି କି ସେମାନଙ୍କର ସମସ୍ତ ଖର୍ଚ୍ଚ ବହନ କରି ସେ ସାଉଁଟିଥିଲେ ଅନେକ ପ୍ରଶଂସା। ଏଥିପାଇଁ ସେ ଏକ ୱେବସାଇଟ୍ ପ୍ରସ୍ତୁତ କରିଥିଲେ।



## ସନ୍ଦେହରେ ସୁଶାନ୍ତଙ୍କ ମୃତ୍ୟୁ

ମାତ୍ର କେଇଟା ବର୍ଷ ଭିତରେ ବଲିଉଡ୍‌ରେ ଚର୍ଚ୍ଚିତ ଅଭିନେତା ପାଲଟି ଯାଇଥିଲେ ସୁଶାନ୍ତ ସିଂ ରାଜପୁତ। ହେଲେ ହଠାତ୍, ଏହି ଅଭିନେତାଙ୍କର ମୃତ ଦେହ ତାଙ୍କର ବାନ୍ଦ୍ରାସ୍ଥିତ ବାସଭବନରେ ମିଳିଥିଲା, ଯାହା ହିନ୍ଦୀ ସିନେମା ଜଗତକୁ ସ୍ତବ୍ଧ କରିଦେଇଥିଲା। ୩୪ବର୍ଷ ବୟସ୍କ ତଥା ବିହାରରେ ଜନ୍ମିତ ଏହି କଳାକାରଙ୍କ ରହସ୍ୟଜନକ ମୃତ୍ୟୁର କାରଣ ଉପରେ ଏ ପର୍ଯ୍ୟନ୍ତ ପରଦା ଢାଙ୍କି ହୋଇ ରହିଛି। କେହି କେହି ଏହାକୁ ଆତ୍ମହତ୍ୟା କହୁଥିବା ବେଳେ କେହି କେହି ତାଙ୍କୁ ମର୍ଡର କରାଯାଇଛି ବୋଲି ମତ ଦେଉଛନ୍ତି। ତେବେ ଏହା ପଛରେ ପ୍ରକୃତ କାରଣ କ'ଣ ଅଛି ତାହା ଆଗାମୀ ସମୟ ହିଁ କହିବ।



କାଜଲ

**ମାତ୍ର ୪ଟି :** ଚଳିତବର୍ଷ ପ୍ରଥମାର୍ଦ୍ଧରେ ମାତ୍ର କେତୋଟି ସିନେମା ପରଦା ଉପରକୁ ଆସିଥିଲା। କେବଳ ଜାନୁୟାରୀ ମାସରେ ହିଁ ଚାରୋଟି ରିଲିଜ ହୋଇଥିଲା। ଜାନୁୟାରୀ ୧୦ରେ ପରଦା ଉପରକୁ ଆସିଥିଲା ନବାଗତ ଅଶ୍ୱିନୀ ତ୍ରିପାଠୀଙ୍କ ପ୍ରଯୋଜିତ ଏବଂ କେ.ମୁରଲୀକ୍ରିଷ୍ଣାଙ୍କ ନିର୍ଦ୍ଦେଶିତ ଓଡ଼ିଆ ଚଳଚ୍ଚିତ୍ର 'ପରଦେଶୀ ଚଢ଼େଇ' (ଅର୍ଦ୍ଧେନ୍ଦୁ ସାହୁ -ଅନୁଭା ସୌର୍ଯ୍ୟା)। ତା'ପରେ ଜାନୁୟାରୀ ୧୨ରେ ମୁକ୍ତିଲାଭ କରିଥିଲା ଏକ ବାୟୋପିକ୍ ଯାହାର ଟାଇଟଲ ଥିଲା 'ବାବୁ ଭାଇଜାନ୍' (ଅରିନ୍ଦମ-ଶିବାନୀ)। ଜାନୁୟାରୀ ୧୫ରେ ମୁକ୍ତିଲାଭ କରିଥିଲା ବିଜୟ କାନ୍ଦୋଇଙ୍କ ପ୍ରଯୋଜିତ ଏବଂ ମୃତ୍ୟୁଞ୍ଜୟ ସାହୁ (ବାପି)ଙ୍କ ନିର୍ଦ୍ଦେଶିତ 'କ୍ୱଇନ୍' ( ବର୍ଷା ପ୍ରିୟଦର୍ଶିନୀ)। ଜାନୁୟାରୀ ୧୭ରେ ରିଲିଜ ହୋଇଥିଲା ସବ୍ୟସାଚୀ ମହାପାତ୍ରଙ୍କ ନିର୍ଦ୍ଦେଶନାରେ ପ୍ରସ୍ତୁତ କଳାତ୍ମକ ଚଳଚ୍ଚିତ୍ର 'ଶଳାବୁଢ଼ାର ବଦଳା'।

**ବାଧକ ହେଲା ମହାମାରୀ :** କରୋନା ମହାମାରୀ ପାଇଁ କେବଳ ଶୁଟିଂ ନୁହେଁ, ଚଳଚ୍ଚିତ୍ର ମୁକ୍ତିଲାଭରେ ମଧ୍ୟ ବାଧକ ସାଜିଥିଲା। ଲକ୍‌ଡାଉନ୍ ଯୋଗୁଁ ଅନେକ ସିନେମାର ଶୁଟିଂ ଅଧାରେ ପଡି ରହିଥିଲା। ତା'ସହ କେତେକ ଚଳଚ୍ଚିତ୍ର ମୁକ୍ତିଲାଭ କରିପାରି ନ ଥିଲା। ନଭେମ୍ବର ମାସରେ ଅନ୍‌ଲକ୍ ଘୋଷଣା ପରେ କୋଭିଡ୍ ଗାଇଡ୍ ଲାଇନକୁ ଅନୁସରଣ କରି ଏବେ ପୁଣି ଶୁଟିଂ ଆରମ୍ଭ ହୋଇଯାଇଛି।

**ରିଲିଜ ଅପେକ୍ଷାରେ :** ଚଳିତ ବର୍ଷ ଅନେକ ସିନେମାର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚି ଥିଲେ ମଧ୍ୟ କରୋନା ପାଇଁ ସେଗୁଡିକର ମୁକ୍ତି ମରାଯାଇପାରି ନ ଥିଲା। ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ-ନିରଞ୍ଜନ ନାୟକଙ୍କ ପ୍ରଯୋଜିତ ଏବଂ ଜ୍ୟୋତି ଦାସଙ୍କ ନିର୍ଦ୍ଦେଶିତ ତଥା ନିର୍ମାଣାଧୀନ 'ବିଦ୍ୟାରାଣ'ରେ ବାବୁସାନଙ୍କୁ ଦର୍ଶକ ସିକ୍ସ ପ୍ୟାକ୍ ବଡିରେ ଦେଖିବାକୁ ପାଇବେ। ଏହାବ୍ୟତୀତ 'ଅଟୋଗ୍ରାଫ : ଏ ସାଇନ୍ ଅଫ ଲଭ୍ (ଦୀପକ ଏବଂ ନବାଗତା ସ୍ୱାତୀ), 'ବାଏ ବାଏ ଦିଲ୍'( ରୁଷିଆ ସୁନ୍ଦରୀ ତଥା ନବାଗତା ଆଲେକଜାଣ୍ଡ୍ରା ସ୍କେଲସୁନୋଭା, ରାଜା), 'ତୁମେ ମୋ ଶଂଖା ତୁମେ ମୋ ସିନ୍ଦୂର' (ଅଭିଷେକ ରଥ, ମହିମା), 'ଇନ୍ଦ୍ରଜାଲ' (ସମ୍ବିତ, ଦେବଯାନୀ), 'ହୀରୋ ନଂ ଜୀରୋ' (ଜ୍ୟୋତି ନାୟକ, ନବାଗତା ଖୁସି), 'କିଏ ହେବ ମୋ ହୀରୋଇନ୍' (ଅସୀତ, ମହିମା), 'ବାଜିବ ଲୋ ସାହାନାଇ' (ସମ୍ବିତ, ଅମ୍ଲାନ, ଝିଲିକ୍), 'ଦିଲ୍ ମୋର ମାନେନା' (ସ୍ୱରାଜ, ଶିବାନୀ), 'ପଲ୍ ପଲ୍ ତତେ ଚାହେଁ' (ଦୀପକ, ନବାଗତା ପ୍ରାଚୀ ଚୌଧୁରୀ), 'ରୋମିଓ ରାଜା' (ଅମ୍ଲାନ କୁମାର, ତମନ୍ନା), 'ତୁମକି ସେ ତ ପାଣିରେ ବୁଡିବ ନାହିଁ କି' (ଶ୍ରେୟାନ୍, ଉପାସନା), 'ମନେ ମନେ ମନ ଖୋଜୁଥିଲା' (ଓମ୍‌କାର, ନମ୍ରତା ସିଂଦେଓ), 'ହୀରାଲାଲ ମୋତିଲାଲ' ( ଅମର, ନବାଗତା ଅମ୍ରିତା), 'ଫ୍ଲପ ସିନେମା' ( ସମ୍ବିତ, ରିୟା), 'ଲଭ୍ ଫିଭର' (ରାଜବୀର, ବନ୍ଦନା ପାରମାଣିକ), 'ପାଟଣାଗଡ' (ମନୋଜ ମିଶ୍ର) ଏବଂ 'ଶହୀଦ ରଘୁ ସର୍ଦ୍ଦାର'।

**ବିବାହ ବନ୍ଧନ:** ଅଭିନେତା ଅମ୍ଲାନ କୁମାର ଚଳିତବର୍ଷ ବିବାହ ବନ୍ଧନରେ ଆବଦ୍ଧ ହୋଇଛନ୍ତି। ସେ ଭୂମିକାଙ୍କୁ ନିଜର ଧର୍ମପତ୍ନୀ ଭାବରେ ଗ୍ରହଣ କରିଥିଲେ। ଅନ୍ୟପକ୍ଷରେ ବଙ୍ଗୀୟ ଅଭିନେତ୍ରୀ ତଥା କେତୋଟି ଓଡ଼ିଆ ସିନେମାର ନାୟିକା ସାଜିଥିବା ଝିଲିକ ଭଟ୍ଟାଚାର୍ଯ୍ୟ ଏବର୍ଷ ଘର ସଂସାର କରିଛନ୍ତି। ସେ ବିଜେଡି ବିଧାୟକ ପ୍ରୀତି ରଞ୍ଜନ ଘଡ଼େଇଙ୍କୁ ବିବାହ କରିଛନ୍ତି। ମ୍ୟୁଜିକାଲ ହିଟ୍ 'ବ୍ଲାକ୍‌ମେଲ୍'ର ନାୟକ ଅର୍ଦ୍ଧେନ୍ଦୁ ଶେଖର ସାହୁ ଚଳିତବର୍ଷ ପ୍ରଦୀପ ମହାରଥୀଙ୍କ କନ୍ୟା ପଲ୍ଲବୀଙ୍କ ସହ ଘର ସଂସାର କରିଛନ୍ତି। ଏହାବ୍ୟତୀତ ବଲିଉଡ୍ ଅଭିନେତ୍ରୀ କାଜଲ ଅଗ୍ରୱାଲ ଏବଂ ଗାୟିକା ନେହା କକ୍କର ଚଳିତ ବର୍ଷ ହାତକୁ ଦି' ହାତ ହୋଇଛନ୍ତି।



ଭୂମିକା-ଅମ୍ଲାନ



ଅର୍ଦ୍ଧେନ୍ଦୁ-ପଲ୍ଲବୀ

**ଚର୍ଚ୍ଚାରେ ରିୟା:** କେବଳ ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟଜନକ ମୃତ୍ୟୁ ନୁହେଁ ଡ୍ରଗସ ମାମଲାରେ ଏବର୍ଷ ଛନ୍ଦି ହୋଇପଡିଥିଲେ ଅଭିନେତ୍ରୀ ରିୟା ଚକ୍ରବର୍ତ୍ତୀ। ଏପରି କି ତାଙ୍କୁ ମାରାଥନ ଜେରା ପରେ ଗିରଫ କରାଯାଇଥିଲା ଏବଂ କିଛି ସପ୍ତାହ ପରେ ସେ ବେଲ୍‌ରେ ମୁକୁଳଥିଲେ। ତେବେ ଡ୍ରଗ୍ସ କେଳେଙ୍କାରୀରେ ରିୟାଙ୍କ ବ୍ୟତୀତ ଛନ୍ଦି ହୋଇଥିଲେ ସାରା ଅଲ୍ଲୀ ଖାଁ, ରକୁଲ ପ୍ରୀତ ସିଂ, ଶ୍ରଦ୍ଧା କପୁର, ଏବଂ ପ୍ରଯୋଜକ କରନ ଜୋହର ପ୍ରମୁଖ।



ରିୟା

**କରୋନା କବଳରେ ବଚ୍ଚନ ପରିବାର:** ଅମିତାଭ ବଚ୍ଚନ, ପୁଅ ଅଭିଷେକ ବଚ୍ଚନ, ବୋହୂ ଐଶ୍ୱର୍ଯ୍ୟା ରାୟବଚ୍ଚନ ଏବଂ ନାତୁଣୀ ଆରାଧ୍ୟା କରୋନାରେ ଆକ୍ରାନ୍ତ ହୋଇଥିଲେ। କେବଳ ଅମିତାଭଙ୍କ ପତ୍ନୀଙ୍କର ରିପୋର୍ଟ ନେଗେଟିଭ ଆସିଥିଲା। କିଛି ଦିନ ହସ୍‌ପିଟାଲରେ ରହି ଚିକିତ୍ସିତ ହେବା ପରେ ସେମାନେ କରୋନାରୁ ଆରୋଗ୍ୟ ଲାଭ କରିଥିଲେ।

**ଅଶୁଭ ୨୦୨୦ :** ଏବର୍ଷ ଓଡ଼ିଆ ସିନେମା ଜଗତର କେତେକ ବିଶିଷ୍ଟ ଅଭିନେତା, ନିର୍ଦ୍ଦେଶକ ପରଲୋକ ଗମନ କରିଛନ୍ତି। ଅନ୍ୟପକ୍ଷରେ ସିନେମାଟୋଗ୍ରାଫର ଗାଗାରିନ୍ ମିଶ୍ର, ଗୀତିକାର ସାରଦା ପ୍ରସନ୍ନ ନାୟକ, ଅଭିନେତା ସନ୍ତୋଷ ନାୟକ, ଜୀମୂତ ପଟ୍ଟନାୟକ, ଗୀତିକାର ନେତ୍ରାନନ୍ଦ ବାରିକ, ପ୍ରଯୋଜକ ବୀରକିଶୋର ମହାପାତ୍ର, ମଞ୍ଚ କଳାକାର ରାଜେନ୍ଦ୍ର ପ୍ରସାଦ ପଣ୍ଡାଙ୍କର ମଧ୍ୟ ଚଳିତବର୍ଷ ପରଲୋକ ଘଟିଥିଲା। ଅନ୍ୟପକ୍ଷରେ ଅପେରା ଜଗତର ଭିକୁ ସେଠ୍ ଭାବେ ପରିଚିତ ମହେନ୍ଦ୍ର ଦାସ ମଧ୍ୟ ଏବର୍ଷ ଇହଲୀଳା ସମ୍ବରଣ କରିଥିଲେ।

**ଆପଣେଇଲେ ଓଟିଟି ଫର୍ମାଟ:** କରୋନା ମହାମାରୀ ପାଇଁ ବଲିଉଡ୍ କିଛି ମାସ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। କୋଭିଡ୍ ଗାଇଡ୍‌ଲାଇନ୍ ଅନୁସାରେ ପ୍ରେକ୍ଷାଳୟ ବନ୍ଦ ରହିବା ଯୋଗୁଁ ଅନଲକ୍ ଘୋଷଣା ପରେ ଓଟିଟି ଫର୍ମାଟରେ ହିନ୍ଦୀ ସିନେମାଗୁଡିକ ରିଲିଜ ହୋଇଥିଲା। କେବଳ ସେତିକି ନୁହେଁ, ଦର୍ଶକ ଏପରି ଫର୍ମାଟରେ ହିନ୍ଦୀ ଫିଲ୍ମ ଦେଖିବାକୁ ଆଗ୍ରହ ପ୍ରକାଶ କରିଥିଲେ।

**ପରଲୋକରେ:** ଏବର୍ଷ ବଲିଉଡ୍ ପାଇଁ ଅଶୁଭ ବର୍ଷ ଥିଲା କହିଲେ ଆଦୌ ଭୁଲ୍ ହେବ ନାହିଁ। । ଏହା ଭିତରେ ବଲିଉଡ୍‌ର କେତେକ ସେଲିବ୍ରିଟି ଆମକୁ ଛାଡି ପରଲୋକଗମନ କରିଥିଲେ। ସୁଶାନ୍ତ ସିଂ ରାଜପୁତଙ୍କ ରହସ୍ୟଜନକ ମୃତ୍ୟୁ ବ୍ୟତୀତ କ୍ୟାନସର ଲଢ଼େଇରେ ହାରି ଇରଫାନ୍ ଖାଁ ଚଳିତବର୍ଷ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ବଲିଉଡ୍‌ର ରୋମାଣ୍ଟିକ ନାୟକ ଭାବରେ ଦର୍ଶକଙ୍କ ହୃଦୟରେ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିବା ଋଷି କପୁର, ସଙ୍ଗୀତ ନିର୍ଦ୍ଦେଶକ ୱାଜିଦ ଖାଁ, ପ୍ରଯୋଜକ ବାସୁ ଚାଟାର୍ଜୀ, କୋରିଓଗ୍ରାଫର ସରୋଜ ଖାଁ, ବର୍ଷୀୟାନ ହାସ୍ୟାଭିନେତା ଜଗଦୀପ, ଅଭିନେତ୍ରୀ କୁମ୍‌କୁମ୍, ନିର୍ଦ୍ଦେଶକ ନିଶିକାନ୍ତ କାମାତ୍, ବିଶିଷ୍ଟ ଗାୟକ ଏପ.ପି. ବାଲସୁବ୍ରମନିୟମ, ଅଭିନେତା ବିଶାଲ ଆନନ୍ଦଙ୍କ ମୃତ୍ୟୁ ବଲିଉଡ୍‌ରେ ବିଷାଦ ଖେଳାଇ ଦେଇଥିଲା।



ପ୍ରାଚୀ-ଦୀପକ



## ଡ୍ରଗ୍ସ କେଳେଙ୍କାରୀରେ ଦୀପିକା

ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ନେଇ ଚଳିତ ବର୍ଷ ଢେର୍ ଚର୍ଚ୍ଚା ହୋଇଥିଲା। ବଲିଉଡରେ ମୁଣ୍ଡଟେକିଥିବା ଡ୍ରଗ୍ସ କେଳେଙ୍କାରୀ ସହ ସେ ସଂପୃକ୍ତ ଅଛନ୍ତି ବୋଲି ଅଭିଯୋଗ ହେବା ପରେ ତାଙ୍କୁ ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନସିବି) ପକ୍ଷରୁ ଜେରା କରାଯାଇଥିଲା।

## ପରପାରିରେ



**ବିଜୟ ମହାନ୍ତି**

ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ଅଭିନେତା ବିଜୟ ମହାନ୍ତି ଚଳିତବର୍ଷ ପରଲୋକ ଗମନ କରିଛନ୍ତି। 'ଚିଲିକା ତୀରେ'ରୁ ଆରମ୍ଭ ହୋଇଥିଲା ତାଙ୍କର ବଡ ପରଦା କ୍ୟାରିୟର। ୧୭୫ଟି ଚଳଚ୍ଚିତ୍ରରେ ଅଭିନୟ କରିବା ସହ ସେ ସମ୍ମାନଜନକ ଜୟଦେବ ପୁରସ୍କାରରେ ସମ୍ମାନିତ ହୋଇଥିଲେ ଏହି ଅଲରାଉଣ୍ଡର।



**ଅଜିତ ଦାସ**

ଅଭିନେତା ତଥା ଥିଏଟର ଜଗତର ପରିଚିତ ବ୍ୟକ୍ତିତ୍ୱ ଅଜିତ ଦାସ ଏବର୍ଷ ଇହଲୀଳା ସମ୍ବରଣ କରିଥିଲେ। ତାଙ୍କ ଅଭିନୀତ 'ହାକିମ ବାବୁ' ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଥିଲା। ୬୦ରୁ ଅଧିକ ସିନେମାର ଅଭିନୟ କରିବା ସହ ଅନେକ ଦର୍ଶକାଦୃତ ଥିଏଟର ନାଟକର ନିର୍ଦ୍ଦେଶନା ଦେଇଥିଲେ।



**ରାଜୁ ମିଶ୍ର**

ବିଶିଷ୍ଟ ନିର୍ଦ୍ଦେଶକ ତଥା ସିନେମାଟୋଗ୍ରାଫର ରାଜୁ ମିଶ୍ର ଚଳିତ ବର୍ଷ ପରପାରୀର ଯାତ୍ରୀ ସାଜିଛନ୍ତି। ଓଡ଼ିଆ ଚଳଚ୍ଚିତ୍ର 'ଜୋର୍ ଯାର ମୁଲକ ତାର', 'ଚକା ଆଖି ସବୁ ଦେଖୁଛି', 'ପୁଅ ମୋର କଳା ଠାକୁର', 'ସାଗର ଗଙ୍ଗା' ଆଦିର ନିର୍ଦ୍ଦେଶନା ଦେଇ ସେ ନିର୍ଦ୍ଦେଶନା କ୍ଷେତ୍ରରେ ଇତିହାସ ସୃଷ୍ଟି କରିଥିଲେ।



**ବିଜୟ ମିଶ୍ର**

ଓଡ଼ିଆ ଚଳଚ୍ଚିତ୍ର ଜଗତର ବିଶିଷ୍ଟ ସଂଳାପକାର ତଥା ଜୟଦେବ ପୁରସ୍କାର ପ୍ରାପ୍ତ (୨୦୧୮) ଡ. ବିଜୟ ମିଶ୍ର ଚଳିତବର୍ଷ ପରଲୋକଗମନ କରିଛନ୍ତି। ଓଡ଼ିଆ ମଞ୍ଚ, ଆକାଶବାଣୀ, ଦୂରଦର୍ଶନ, ଚଳଚ୍ଚିତ୍ର ଓ ସାହିତ୍ୟ ଜଗତ ସହ ସେ ଦୀର୍ଘ ଛଅ ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ଧରି ଜଡିତ ରହିଥିଲେ।



**ମନମୋହନ ମହାପାତ୍ର**

ଶ୍ରେଷ୍ଠ ଆଞ୍ଚଳିକ ଚଳଚ୍ଚିତ୍ର କ୍ଷେତ୍ରରେ ଲଗାତର ୮ଥର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ପାଇଥିବା ତଥା 'କ୍ଲାନ୍ତ ଅପରାହ୍ନ', 'ନୀରବ ଝଡ', 'ମଝିପାହାଚ', 'ନିଷିଦ୍ଧ ସ୍ୱପ୍ନ', 'ଭିଜା ମାଟିର ସ୍ୱର୍ଗ' ପରି ଚର୍ଚ୍ଚିତ ତଥା ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ପୁରସ୍କାର ପ୍ରାପ୍ତ କଳାତ୍ମକ ସିନେମାର ନିର୍ଦ୍ଦେଶନା ଦେଇଥିଲେ ସେ।



**ଦୀପା ସାହୁ**

ଓଡ଼ିଆ ଆଲବମ୍ ଜଗତର ଚର୍ଚ୍ଚିତା ଅଭିନେତ୍ରୀ ଦୀପା ସାହୁ ଏବର୍ଷ ମାତ୍ର ୩୫ ବର୍ଷ ବୟସରେ ଆଖି ବୁଜିଥିଲେ। ଶତାଧିକ ଆଲବମ ବ୍ୟତୀତ, ଧାରାବାହିକ, ଚଳଚ୍ଚିତ୍ରରେ ଅଭିନୟ କରି ସେ ଦର୍ଶକଙ୍କ ମନରେ ସୃଷ୍ଟି କରିଥିଲେ ସ୍ୱତନ୍ତ୍ର ସ୍ଥାନ। ତାଙ୍କ ଆଲବମ୍‌ଗୁଡିକୁ ଆଜି ବି ଦର୍ଶକ ଭୁଲି ନାହାନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଗୁରୁବାର, ଡିସେମ୍ବର ୨୪/୨୦୨୦ Thursday, December 24/ 2020

# ଦ୍ୱିତୀୟ ଟେଷ୍ଟ ପାଇଁ ଭାରତର ପ୍ରସ୍ତୁତି

**ମେଲବୋର୍ନ, ୨୩।୧୨(ପି.ଟି.)**

ପ୍ରଥମ ଟେଷ୍ଟର ଲଜ୍ଜାଜନକ ପ୍ରଦର୍ଶନକୁ ପଛରେ ପକାଇ କାମଚଳା ଅଧିନାୟକ ଅଜିଙ୍କ୍ୟ ରାହାନେଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଦ୍ୱିତୀୟ ଟେଷ୍ଟ ପାଇଁ ବୁଧବାର ଅଭ୍ୟାସ ଆରମ୍ଭ କରିଛି। ପ୍ରଥମ ସନ୍ତାନର ଜନକ ହେବାକୁ ଯାଉଥିବା ଅଧିନାୟକ ବିରାଟ କୋହଲି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଥିବାବେଳେ ମହମ୍ମଦ ସାମି ଆହତ ହୋଇଛନ୍ତି। ତେଣୁ ଏକାଧିକ ପରିବର୍ତ୍ତନ ସହ ଭାରତ ବକ୍ସିଂ ଡେ' ଟେଷ୍ଟ ପାଇଁ ପଡ଼ିଆକୁ ଓହ୍ଲାଇବା ନିଶ୍ଚିତ ହୋଇଛି। ଶୁବମନ ଗିଲ୍ ନେଟ୍ସରେ ଭଲ ଟଚ୍‌ରେ ଥିବା ପରିଲକ୍ଷିତ ହୋଇଛି। ଦିବାରାତ୍ର ୱାର୍ମଅପ୍ ମ୍ୟାଚରେ ଗିଲ୍ ଦୁଇ ଇନିଂସରେ ୪୩ ଓ ୬୫ ରନ କରିଥିଲେ ହେଁ ପ୍ରଥମ ଟେଷ୍ଟ ପାଇଁ ତାଙ୍କ ନାମ ବିଚାରକୁ ନିଆଯାଇ ନ ଥିଲା। ନେଟ୍ସରେ ଗିଲ୍‌ଙ୍କ ସହ ମୟଙ୍କ ଅଗ୍ରୱାଲ ମଧ୍ୟ ଦୀର୍ଘସମୟ ଅଭ୍ୟାସ କରିଛନ୍ତି। ତେଣୁ ଆଗାମୀ ମ୍ୟାଚରେ ଏ ଦୁହେଁ ଓପନିଂ ଦାୟିତ୍ୱ ତୁଲାଇ ପାରନ୍ତି ବୋଲି ଆଶା କରାଯାଉଛି।

୨୧ ବର୍ଷୀୟ ଗିଲ୍ ରଣଜୀ ଟ୍ରଫିରେ ପଞ୍ଜାବ ପକ୍ଷରୁ ଇନିଂସ ଓପନ କରିଥାନ୍ତି। ତେଣୁ ଫର୍ମରେ ନ ଥିବା ପୃଥ୍ୱୀ ଶ'ଙ୍କ ସ୍ଥାନରେ ତାଙ୍କୁ ନିଆ ଯାଇପାରେ। ପ୍ରଥମ ଟେଷ୍ଟରେ ପୃଥ୍ୱୀଙ୍କ ଅବଦାନ ଯଥାକ୍ରମେ ୦ ଓ ୪ ରହିଥିଲା। ଓପନିଂ ସ୍ଥାନ ପାଇଁ ଅନ୍ୟତମ ଦାବିଦାର ଲୋକେଶ ରାହୁଲ ମଧ୍ୟ ଦୀର୍ଘସମୟ ବ୍ୟାଟିଂ କରିଥିବା ପରିକ୍ଷଲିତ ହୋଇଥିଲା। ରାହୁଲଙ୍କ ଓପନିଂ ସପକ୍ଷରେ ମତ ଦେଇଥିଲେ କିମ୍ବଦନ୍ତୀ କ୍ରିକେଟର ସୁନୀଲ ଗାଭାସ୍କର। କନ୍‌କସନ ପାଇଁ ପ୍ରଥମ ଟେଷ୍ଟ ଖେଳିପାରି ନ ଥିବାର ସ୍ପିନ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ମଧ୍ୟ ନେଟ୍ସରେ ଅନେକ ସମୟ ବିତାଇଥିଲେ। ସେ ନିଜ ସୌରାଷ୍ଟ୍ର ଟିମ୍ ମେଟ୍ ଚେତେଶ୍ୱର ପୂଜାରାଙ୍କୁ ଲଙ୍ଗ ସ୍ପେଲ୍ ବୋଲିଂ କରିବାପରେ ଦ୍ୱିତୀୟ ପର୍ଯ୍ୟାୟରେ ବ୍ୟାଟିଂ କରିଥିଲେ। ତେଣୁ ଚୂଡ଼ାନ୍ତ ଏକାଦଶରେ ତାଙ୍କ ସ୍ଥାନ ପାଇବା ସମ୍ଭାବନା ବଢ଼ିଛି। ପ୍ରଥମ ଟେଷ୍ଟର ଦ୍ୱିତୀୟ ଇନିଂସରେ ଭାରତ ଏହାର ସର୍ବନିମ୍ନ ସ୍କୋର ୩୬ ରନରେ ଅଲ୍‌ଆଉଟ ହେବାସହ ୮ ଉଇକେଟରେ ପରାଜିତ ହୋଇଥିଲା।


କୋଚ୍ ରବି ଶାସ୍ତ୍ରୀଙ୍କ ସହ ଅଜିଙ୍କ୍ୟ ରାହାନେ (ବାମ)।

ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡରେ ପ୍ରାକ୍ଟିସ ସେସନ ପୂର୍ବରୁ ଖେଳାଳିମାନେ ଏକ ସର୍କଲରେ ଛିଡ଼ା ହୋଇଥିବାବେଳେ କୋଚ୍ ରବି ଶାସ୍ତ୍ରୀ ନିଜ ମତ ରଖିଥିଲେ। '' ଆମେ ଏବେ ମେଲବୋର୍ନରେ ପହଞ୍ଚିଛେ ଏବଂ ରେଡ୍-ବଲ୍ ଟେଷ୍ଟ ଆରମ୍ଭ ହେବାକୁ ଯାଉଛି। ପୁନଃ ଏକତ୍ରିତ ହେବାର ସମୟ ଆସିଛି ଟିମ୍ ଇଣ୍ଡିଆ'' ବୋଲି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଏହାର ଟୁଇଟର ହ୍ୟାଣ୍ଡେଲରେ ଉଲ୍ଲେଖ କରିଛି। ରିଦ୍ଧିମାନ ଶାହାଙ୍କ ପୂର୍ବରୁ ନେଟ୍ସକୁ ଆସିଥିବା ରିଷଭ ପନ୍ତଙ୍କ ସହ ଶାସ୍ତ୍ରୀ କିଛି ସମୟ କଥା ହୋଇଥିଲେ। ୱାର୍ମଅପ୍ ମ୍ୟାଚରେ ୭୩ ବଲ୍‌ରୁ ଦ୍ରୁତ ୧୦୩ ରନ ସଂଗ୍ରହ କରିଥିବା ପନ୍ତ ଆଗାମୀ ଟେଷ୍ଟରେ ଉଇକେଟ କିପିଂ କରିପାରନ୍ତି। ତେବେ ଅନେକ ରିଦ୍ଧିମାନଙ୍କୁ ଅଧିକ ସୁଯୋଗ ମିଳିବା ସପକ୍ଷରେ ମତ ଦେଇଛନ୍ତି। ହାତ ଭାଙ୍ଗିଥିବାରୁ ମହମ୍ମଦ ସାମି ସିରିଜର ଅବଶିଷ୍ଟ ଭାଗରୁ ଓହରି ଯାଇଛନ୍ତି। ତେଣୁ ରାହାନେଙ୍କୁ ମହମ୍ମଦ ସିରାଜ ଓ ନବଦୀପ ସଇନୀ ବୋଲିଂ କରିଥିଲେ। ଏ ଦୁଇଜଣଙ୍କ ସହ ଶାର୍ଦ୍ଦୁଳ ଠାକୁର ତୃତୀୟ ପେସର ଦୌଡ଼ରେ ରହିଛନ୍ତି। ବ୍ୟାଟିଂ କୋଚ୍ ବିକ୍ରମ ରାଠୋର ଯୁବ ଓପନର ପୃଥ୍ୱୀଙ୍କୁ ଆବଶ୍ୟକ ପରାମର୍ଶ ଦେଇଥିଲେ। ଆଡିଲେଡ୍‌ରେ ଖରାପ ପ୍ରଦର୍ଶନ କରିଥିବାରୁ ସେ ସ୍ଥାନ ବଜାୟ ରଖିବା ପାଇଁ ଅତ୍ୟଧିକ ଚାପରେ ଅଛନ୍ତି।

## ୱାର୍ନର, ଆବୋଟ ଖେଳିବେନି

**ମେଲବୋର୍ନ, ୨୩।୧୨(ପି.ଟି.):** ତାରକା ଓପନର ଡେଭିଡ ୱାର୍ନର ଏବଂ ପେସର ସିଅନ ଆବୋଟ ଶନିବାରଠାରୁ ଆରମ୍ଭ ହେବାକୁ ଯାଉଥିବା ଭାରତ ବିପକ୍ଷ ଦ୍ୱିତୀୟ କ୍ରିକେଟ ଟେଷ୍ଟରେ ଖେଳିବେ ନାହିଁ। ଆହତ ସମସ୍ୟା ଏବଂ କୋଭିଡ-୧୯ ପ୍ରୋଟୋକଲ ଦୃଷ୍ଟିରୁ ଏହି ଦୁଇଖେଳାଳି ଆଗାମୀ ମ୍ୟାଚ ମିସ୍ କରିବେ। ଉଭୟ ଖେଳାଳି ଆହତ ହେବାପରେ ଚିକିତ୍ସିତ ହେବାପାଇଁ ଜୈବ ସୁରକ୍ଷିତ ପରିବେଶରୁ ବାହାରେ ରହିଥିଲେ। ୱାର୍ନର ବର୍ତ୍ତମାନସୁଦ୍ଧା ଗ୍ରୋଇନ୍ ଇଞ୍ଜୁରିରୁ ସମ୍ପୂର୍ଣ୍ଣ ମୁକୁଳି ନ ଥିବାବେଳେ ଆବୋଟ ସୁସ୍ଥ ହୋଇଛନ୍ତି। ୪ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜରେ ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ ଜିତି ୧-୦ରେ ଅଗ୍ରଣୀଲାଭ କରିଛି। ତୃତୀୟ ଟେଷ୍ଟ ବେଳକୁ ଏହି ଦୁଇ ଖେଳାଳି ଦଳରେ ସାମିଲ ହେବେ ବୋଲି କ୍ରିକେଟ ଅଷ୍ଟ୍ରେଲିଆ ପକ୍ଷରୁ ପ୍ରକାଶ କରାଯାଇଛି। ଜାନୁୟାରୀ ୭ରୁ ତୃତୀୟ ଟେଷ୍ଟ ଆରମ୍ଭ ହେବ।

# ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ୍‌ରେ ପ୍ରଜ୍ଞାନ

**ନୂଆଦିଲ୍ଲୀ, ୨୩।୧୨ (ପି.ଟି.)**


ପ୍ରଜ୍ଞାନ ଓଝା

ଇଣ୍ଡିଆନ କ୍ରିକେଟର୍ସ ଆସୋସିଏଶନ (ଆଇସିଏ)ର ପ୍ରତିନିଧିଭାବେ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ୍‌କୁ ମନୋନୀତ ହୋଇଛନ୍ତି ଭାରତର ତାରକା ଓଡ଼ିଆ ସ୍ପିନର ପ୍ରଜ୍ଞାନ ଓଝା। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ବାର୍ଷିକ ସାଧାରଣ ବୈଠକ (ଏଜିଏମ୍)ର ଗୋଟିଏ ଦିନ ପୂର୍ବରୁ ପ୍ରଜ୍ଞାନଙ୍କୁ ଏହି ନୂଆ ଦାୟିତ୍ୱ ମିଳିଛି। ଗୁରୁବାର ବିସିସିଆଇର ୮୯ତମ ଏଜିଏମ୍ ଅହମ୍ମଦାବାଦରେ ଅନୁଷ୍ଠିତ ହେବ। ବିସିସିଆଇ ସମ୍ବିଧାନ ଅନୁସାରେ ଆଇସିଏ ପ୍ରତିବର୍ଷ ଜଣେ ଖେଳାଳିଙ୍କୁ ଆଇପିଏଲ୍ ଗଭର୍ନିଂ କାଉନ୍‌ସିଲ୍‌କୁ ପଠାଇବ। ପୂର୍ବତନ ଭାରତୀୟ ଖେଳାଳି ସୁରିନ୍ଦର ଖାନ୍ନା ଏହା ପୂର୍ବରୁ ଆଇସିଏ ପକ୍ଷରୁ ପ୍ରତିନିଧିତ୍ୱ କରିଥିଲେ। ସୁରିନ୍ଦର ନିଜ ଦାୟିତ୍ୱକୁ ସୁଚାରୁରୂପେ ସମ୍ପାଦନ କରିଥିଲେ। ଆମେ ନୂଆ ବ୍ୟକ୍ତିଙ୍କୁ ସୁଯୋଗ ଦେବାକୁ ଚାହୁଁଛୁ। ତେଣୁ ଆଇସିଏ ନିର୍ଦ୍ଦେଶକମାନେ ପ୍ରଜ୍ଞାନଙ୍କୁ ମନୋନୀତ କରିଛନ୍ତି ବୋଲି ଏହାର ସଭାପତି ଅଶୋକ ମାଲହୋତ୍ରା ପ୍ରକାଶ କରିଛନ୍ତି। ବାମହାତୀ ସ୍ପିନର ପ୍ରଜ୍ଞାନ ଚଳିତବର୍ଷ ଫେବୃୟାରୀରେ ଅନ୍ତର୍ଜାତୀୟ କ୍ରିକେଟରୁ ଅବସର ନେଇଥିଲେ। ତାଙ୍କ ବ୍ୟତୀତ ବ୍ରିଜେଶ ପଟେଲ ଓ ଖୈରୁଲ ଜମଲ ମଜୁମଦାର ଆଇପିଏଲ ଗଭର୍ନିଂ କାଉନ୍‌ସିଲ୍‌ର ଅନ୍ୟତମ ସଦସ୍ୟ ଅଛନ୍ତି। ୩୪ ବର୍ଷୀୟ ପ୍ରଜ୍ଞାନ ୨୦୧୩ରେ ଶେଷଥରପାଇଁ ସଚିନ ତେନ୍ଦୁଲକରଙ୍କ ବିଦାୟ କାଳୀନ ଟେଷ୍ଟ ମ୍ୟାଚ ମୁମ୍ବାଇରେ ଖେଳିଥିଲେ। ହାଇଦ୍ରାବାଦ ପକ୍ଷରୁ ପ୍ରଥମଶ୍ରେଣୀ କ୍ରିକେଟ ଖେଳିଥିବା ଏହି ଓଡ଼ିଆ ଖେଳାଳି ୨୦୦୯ରୁ ୨୦୧୩ ମଧ୍ୟରେ ୨୪ ଟେଷ୍ଟ ଖେଳି ୧୧୩ଟି ଉଇକେଟ ନେଇଛନ୍ତି।

# ବିସିସିଆଇ ଏଜିଏମ୍ ଆଜି

**ଅହମ୍ମଦାବାଦ,୨୩।୧୨(ପି.ଟି.):** ଗୁରୁବାରଠାରୁ ଆରମ୍ଭ ହେବାକୁ ଯାଉଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ୮୯ ତମ ବାର୍ଷିକ ସାଧାରଣ ବୈଠକ(ଏଜିଏମ୍)। ଏହି ହାଇପ୍ରୋଫାଇଲ ବୈଠକରେ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ୨ଟି ନୂଆ ଦଳ ସାମିଲ କରାଯିବା ନେଇ ବିଶେଷ ଭାବେ ଆଲୋଚନା ହେବ। ଏହା ବ୍ୟତୀତ ଭାରତରେ ଆୟୋଜନ ହେବାକୁ ଥିବା ଗ୍ଲୋବାଲ ଇଭେଣ୍ଟଗୁଡିକରେ ଟ୍ୟାକ୍ସ ଛାଡ଼ କରିବା ନେଇ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି) ଦାବି କରିଆସୁଛି। ଏହି ଟ୍ୟାକ୍ସ ମାମଲା ଓ ବିଭିନ୍ନ କ୍ରିକେଟ କମିଟି ଗଠନ ନେଇ ମଧ୍ୟ ବୈଠକରେ ସବିଶେଷ ଆଲୋଚନା କରାଯିବ।

ରାଜୀବ ଶୁକ୍ଲା ବିସିସିଆଇର ନୂଆ ଉପସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସେହିପରି ବ୍ରିଜେଶ ପଟେଲ ଆଇପିଏଲ୍ ଗଭର୍ନିଂ କାଉନସିଲର ମୁଖ୍ୟ ଭାବେ ପୂର୍ବପରି ଦାୟିତ୍ୱ ସମ୍ଭାଳିବେ। ସେହିପରି ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲିଙ୍କ ସ୍ୱାର୍ଥ ନିହିତ ଦ୍ୱନ୍ଦ୍ୱ ନେଇ ମଧ୍ୟ ବୈଠକରେ ଆଲୋଚନା ହେବାର ସମ୍ଭାବନା ରହିଛି। ତାଙ୍କଠାରୁ ଏ ନେଇ ସ୍ପଷ୍ଟୀକରଣ ମଗାଯିବ କି ନା ଅବଶ୍ୟ ସ୍ପଷ୍ଟ କରାଯାଇନାହିଁ। ତେବେ ଆଇପିଏଲ୍‌ରେ ୨ ନୂଆ ଦଳ ସାମିଲ କରାଯିବା ନେଇ ମୁଖ୍ୟତଃ ଏହି ବୈଠକରେ ଆଲୋଚନା କରାଯିବ।

ସେହିପରି ଆସନ୍ତା ଅକ୍ଟୋବର- ନଭେମ୍ବରରେ ଆୟୋଜନ ହେବାକୁ ଥିବା ବିଶ୍ୱକପ୍ ଟି୨୦ ନେଇ ଟ୍ୟାକ୍ସ ଛାଡ କରିବାକୁ ଆଇସିସି ତା'ର ଦାବି ଦୋହରାଇଛି ଓ ଡେଡ୍‌ଲାଇନ୍ ଜାରି କରିଛି। ଡେଡ୍‌ଲାଇନ୍ ସରିବାକୁ ଆଉ ଗୋଟିଏ ସପ୍ତାହ ବାକି ରହିଛି। ତେଣୁ ଏନେଇ ବୈଠକରେ ନିଷ୍ପତ୍ତି ନିଆଯିବା ନିଶ୍ଚିତ ମନେହେଉଛି। ସେହିପରି ଆଇସିସିରେ ବିଭିନ୍ନ ବୈଠକରେ ଜୟ ଶାହା ବିସିସିଆଇର ପ୍ରତିନିଧିତ୍ୱ କରିବା ନେଇ ମଧ୍ୟ ଆଲୋଚନା ହେବ। ସେହିପରି ୨୦୨୮ ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବା ନେଇ ବିସିସିଆଇ ସମର୍ଥନ କରୁଛି। ତେବେ ଏହା ଦ୍ୱାରା ବିସିସିଆଇ ସ୍ୱାୟତତା ହରାଇବା ସମ୍ଭାବନା ସୃଷ୍ଟି ହୋଇଛି। ତେଣୁ ଏନେଇ ମଧ୍ୟ ଆଲୋଚନା ହେବ। ଦୀର୍ଘଦିନ ହେବ ବିସିସିଆଇ କ୍ରିକେଟ ସବ୍‌କମିଟିଗୁଡିକ ଗଠନ କରିନାହିଁ।

# ଆଙ୍ଗୁଲୋଙ୍କ ଡବଲ ଗୋଲ: ଗୋଆ ବିଜୟୀ

**ଭାସ୍କୋ, ୨୩।୧୨:** ସ୍ଥାନୀୟ ତିଳକ ମଇଦାନରେ ବୁଧବାର ଅନୁଷ୍ଠିତ ଇଣ୍ଡିଆନ ସୁପରଲିଗ୍ (ଆଇଏସ୍‌ଏଲ୍) ମ୍ୟାଚରେ ଏଫ୍‌ସି ଗୋଆ ୨-୧ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ୩୩ତମ ମିନିଟରେ ଷ୍ଟିଫେନ ଏଜେଙ୍କ ଗୋଲ ବଳରେ ଜାମସେଦପୁର ପ୍ରଥମାର୍ଦ୍ଧରେ ଅଗ୍ରଣୀ ରହିଥିଲା। ମାତ୍ର ଦ୍ୱିତୀୟାର୍ଦ୍ଧରେ ଇଗର ଆଙ୍ଗୁଲୋଙ୍କ ଡବଲ ଗୋଲ ବଳରେ ଗୋଆ ନାଟକୀୟଭାବେ ବିଜୟୀ ହୋଇଥିଲା। ୯୦ ମିନିଟ ପର୍ଯ୍ୟନ୍ତ ଖେଳ ୧-୧ ସ୍ଥିତିରେ ଥିଲା। ମାତ୍ର ଇଞ୍ଜୁରି ଟାଇମ୍(୯୦+୪)ରେ ଆଙ୍ଗୁଲୋଙ୍କ ଗୋଲ ଜାମସେଦପୁରକୁ ପରାଜୟ ସ୍ୱାଦ ଚଖାଇଲା। ପୂର୍ବରୁ ୬୪ତମ ମିନିଟରେ ଗୋଆକୁ ମିଳିଥିବା ପେନାଲ୍ଟି ସୁଯୋଗକୁ ସଦ୍‌ବ୍ୟବହାର କରି ବ୍ୟକ୍ତିଗତଭାବେ ପ୍ରଥମ ଗୋଲଟି ସ୍କୋର କରିଥିଲେ ଆଙ୍ଗୁଲୋ। ରୋମାଞ୍ଚକ ବିଜୟ ସହ ଗୋଆ ପୁରା ୩ ପଏଣ୍ଟ ପାଇ ଟେବୁଲର ୫ମ ସ୍ଥାନକୁ ଉନ୍ନୀତ ହୋଇଛି। ପୂର୍ବରୁ ଦଳ ୭ମ ସ୍ଥାନରେ ଥିଲା। ୮ ମ୍ୟାଚରୁ ୩ ବିଜୟ, ୨ ଡ୍ର ଓ ୩ ପରାଜୟ ସହ ଗୋଆ ୧୧ ପଏଣ୍ଟ ପାଇଛି। ଗୋଆର ଇଡୁ ବେଡିଆ ପାସ୍ ଅଫ୍ ଦି ମ୍ୟାଚ ଏବଂ ଜର୍ଜ ମେଣ୍ଡୋଜା ହିରୋ ଅଫ୍ ଦି ମ୍ୟାଚ ପୁରସ୍କାର ପାଇଛନ୍ତି।

# ୬୨ ମିନିଟ୍‌ରେ ୧୦ କି.ମି. ଦୌଡ଼ିଲେ ୫ ମାସର ଗର୍ଭବତୀ


ଅଙ୍କିତା ଗୌର

**ବେଙ୍ଗାଲୁରୁ,୨୩।୧୨(ପି.ଟି.):** ଅଙ୍କିତା ଗୌର ଏବେ ସମସ୍ତଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି। ୫ ମାସର ଗର୍ଭବତୀ ହୋଇଥିଲେ ମଧ୍ୟ ସେ ଏକ ୧୦ କିଲୋମିଟର ବିଶିଷ୍ଟ ରେସ୍‌କୁ ମାତ୍ର ଏକ ଘଣ୍ଟା ୨ ମିନିଟ୍‌ରେ ପୂରା କରିଛନ୍ତି। ରବିବାର ବେଙ୍ଗାଲୁରୁରେ ଅନୁଷ୍ଠିତ ଟିସିଏସ୍ ୱାର୍ଲ୍ଡ ୧୦କେ ୨୦୨୦ ରେସ୍‌କୁ ଅଙ୍କିତା ମାତ୍ର ୬୨ ମିନିଟ୍‌ରେ ଅତିକ୍ରମ କରିଛନ୍ତି। ଏହି ସମୟରେ ସେ ୬ ମିନିଟ୍ ପାଣି ପିଇବା, ଟଏଲେଟ୍ ଯିବା ବାବଦରେ ବ୍ୟୟ କରିଥିଲେ। ଏଥିପାଇଁ ତାଙ୍କୁ ୧୨ ତାଲା ଉପରକୁ ଯିବା ସହିତ ଓହ୍ଲାଇବାକୁ ମଧ୍ୟ ପଡିଥିଲା।

ଗତ ୯ବର୍ଷ ହେବ ଅଙ୍କିତା ନିୟମିତ ଭାବେ ଦୌଡ଼ି ଆସୁଛନ୍ତି। ଏପରିକି ପ୍ରତିଦିନ ଦୌଡିଥାଏ ବୋଲି ସେ କୁହନ୍ତି। ଗର୍ଭବତୀ ଥିବା ଅବସ୍ଥାରେ ମଧ୍ୟ ଦୌଡ଼ିବା ଏକ ଭଲ ବ୍ୟାୟାମ। ପେସାରେ ଜଣେ ଇଞ୍ଜିନିୟର ହୋଇଥିଲେ ମଧ୍ୟ ସେ ୨୦୧୩ରୁ ଟିସିଏସ୍ ୱାର୍ଲ୍ଡ ୧୦କେ ରେସ୍‌ରେ ଭାଗ ନେଇ ଆସୁଛନ୍ତି। ସେ ମଧ୍ୟ ୫-୬ଟି ଅନ୍ତର୍ଜାତୀୟ ମାରାଥନରେ ଅଂଶଗ୍ରହଣ କରିଆସୁଛନ୍ତି। ସେ ବର୍ଲିନ ମାରାଥନ ୩ ଥର, ବୋଷ୍ଟନ ଓ ନ୍ୟୁୟର୍କ ମାରାଥନରେ ଅଂଶଗ୍ରହଣ କରିଛନ୍ତି। ପୂର୍ବରୁ ଟିସିଏସ୍ ୧୦କେ ରେସ୍‌ରେ ପଦକ ହାସଲ କରିଛି। କିନ୍ତୁ ଏଥର ବ୍ରେକ୍ ଓ ଚାଲିବା କାରଣରୁ ପଦକ ଜିତିପାରି ନାହିଁ ବୋଲି ସେ କହିଛନ୍ତି। ଅବଶ୍ୟ ଇଞ୍ଜୁରି ଓ ସ୍ୱାସ୍ଥ୍ୟଗତ କାରଣରୁ ବେଳେବେଳେ ଦୌଡ଼ି ପାରି ନ ଥାଏ। ନହେଲେ ନିୟମିତ ଦୌଡ଼ାବାରେ କୌଣସି ସମସ୍ୟା ନ ଥାଏ। ଗର୍ଭବତୀ ଥିବା ଅବସ୍ଥାରେ ଦୌଡ଼ାବା ଭଲ କଥା। ନିୟମତିତ ଦୌଡୁଥିଲେ ଏଥିରେ କୌଣସି ଅସୁବିଧା ନାହିଁ। ଚଳିତ ବର୍ଷ ଇଭେଣ୍ଟ ପାଇଁ ମୋତେ ବିଶେଷ ଭାବେ ପ୍ରସ୍ତୁତି କରିବାକୁ ପଡିଥିଲା। ମନ୍ଥର ଗତିରେ ଦୈନିକ ୫-୮ କି.ମି. ନିୟମିତ ଦୌଡୁଥିଲି।

ଦୌଡ଼ିବା ନେଇ ମୋ ପରିବାର ସବୁବେଳେ ସମର୍ଥନ କରିଆସିଛନ୍ତି। ସ୍ୱାମୀ ମୋତେ ଏଥିରେ ପୂର୍ଣ୍ଣ ସମର୍ଥନ ଜଣାଇଆସିଛନ୍ତି ବୋଲି ସେ କୁହନ୍ତି। ତେବେ ପ୍ରଥମେ ମା' ଦୌଡ଼ିବାକୁ ବାରଣ କରୁଥିଲେ। ୫ ମାସର ଗର୍ଭବତୀ ହୋଇଥିଲେ ମଧ୍ୟ ଡାକ୍ତର ଦୌଡ଼ିବା ପାଇଁ ପରାମର୍ଶ ଦେଇଥିଲେ। ତେବେ ଜୋରରେ ଦୌଡ଼ିବାକୁ ବାରଣ କରିଥିଲେ ବୋଲି ଅଙ୍କିତା କହିଛନ୍ତି। ବାପା ସବୁବେଳେ ଏନେଇ ଉତ୍ସାହିତ କରିଆସିଛନ୍ତି। ସେ ଜଣେ କ୍ରୀଡ଼ାବିତ ହୋଇଥିବାରୁ ଦୌଡ଼ିବା ପାଇଁ ସବୁବେଳେ ସମର୍ଥନ କରିଆସିଛନ୍ତି। ଆଗକୁ ମଧ୍ୟ ଦୌଡ଼ିବା ଜାରି ରଖିବି ବୋଲି ସେ କହିଛନ୍ତି।

# ସାସାକି ଉଦ୍‌ଘାଟନୀ, ଉଦ୍‌ଯାପନୀ ନିର୍ଦ୍ଦେଶକ

**ଟୋକିଓ,୨୩।୧୨(ଏପି):** ଟୋକିଓ ଅଲିମ୍ପିକ ଆୟୋଜକ କମିଟି ହିରୋଶୀ ସାସାକିଙ୍କୁ ଏକ ଗୁରୁଦାୟିତ୍ୱ ପ୍ରଦାନ କରିଛି। ବୁଧବାର କମିଟି ଉଭୟ ଅଲିମ୍ପିକ୍ସ ଓ ପାରା ଅଲିମ୍ପିକ୍ସ ପାଇଁ ସାସାକିଙ୍କୁ ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉତ୍ସବର ନିର୍ଦ୍ଦେଶକ ନିଯୁକ୍ତ କରିଛି। ଜାପାନୀ ସିନେମା ଅଭିନେତା ମାନ୍‌ସାଇ ନୋମୁରାଙ୍କୁ ଦାୟିତ୍ୱରୁ ହଟାଯାଇ ସାସାକିଙ୍କୁ ନିର୍ଦ୍ଦେଶକ ନିଯୁକ୍ତ କରାଯାଇଛି। ଗତ ମାର୍ଚ୍ଚରେ ଅଲିମ୍ପିକ୍ସ ଘୁଞ୍ଚାଯିବା ପର୍ଯ୍ୟନ୍ତ ନୋମୁରା ଦାୟିତ୍ୱରେ ଥିଲେ। ଏବେ ସେ ଉପଦେଷ୍ଟା ଭାବେ କାର୍ଯ୍ୟ କରିବେ ବୋଲି କମିଟି ତରଫରୁ ସ୍ପଷ୍ଟ କରାଯାଇଛି। ୨୦୨୧ ଜୁଲାଇ ୨୩ରେ ଅଲିମ୍ପିକ୍ସ ଆରମ୍ଭ ହେବ। ଏହାପରେ ପାରା ଅଲିମ୍ପିକ୍ସ ଅଗଷ୍ଟ ୨୪ ତାରିଖରୁ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି। ସାସାକି ପୂର୍ବରୁ ଜାପାନର ଏକ ପ୍ରଭାବଶାଳୀ ପବ୍ଲିକ୍ ରିଲେଶନ୍ସ ଓ ଆଡଭର୍ଟାଇଜିଂ ଏଜେନ୍ସି ଡେଣ୍ଟସୁ, ଇଙ୍କର ଆଡଭର୍ଟାଇଜିଂ ଏକ୍‌ଜିକ୍ୟୁଟିଭ୍ ଭାବେ କାର୍ଯ୍ୟକରୁଥିଲେ। ଡେଣ୍ଟସୁ ଟୋକିଓ ଅଲିମ୍ପିକ୍ସର ମାର୍କେଟିଂ ଏଜେନ୍ସି ଭାବେ ଦାୟିତ୍ୱ ନେଇଛି।

# ଓଡ଼ିଶା ଶାରୀରିକ ଶିକ୍ଷା ବିକାଶ ପରିଷଦ କର୍ମଶାଳା

**ଭୁବନେଶ୍ୱର, ୨୩।୧୨(ସ୍ପୋର୍ଟ୍ସ ବ୍ୟୁରୋ):** ଓଡ଼ିଶା ଶାରୀରିକ ଶିକ୍ଷା ପରିଷଦର ଏକ ଭର୍ଚୁଆଲ କର୍ମଶାଳା ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି କର୍ମଶାଳାରେ ଅନୁଷ୍ଠାନର କର୍ମକର୍ତ୍ତାମାନେ ଯୋଗଦେଇ ଆଗାମୀ ଦିନରେ ଅନୁଷ୍ଠାନର ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଅନୁଷ୍ଠାନର ସଭାପତି ଅଶୋକ କୁମାର ନାୟକ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଆରମ୍ଭ କରିଥିଲେ। କାର୍ଯ୍ୟକାରୀ ସଭାପତି ମନମୋହନ ରାଉତ ଭବିଷ୍ୟତ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶାରୀରିକ ଶିକ୍ଷାକୁ ସମସ୍ତ ବିଦ୍ୟାଳୟ, ମହାବିଦ୍ୟାଳୟ ସହ ପ୍ରତ୍ୟେକ କ୍ଷେତ୍ରରେ କିପରି ସୁଦୃଢ଼ କରାଯାଇପାରିବ ଏବଂ ଏ ସମ୍ପର୍କରେ ସରକାରଙ୍କ ନିକଟରେ ପ୍ରସ୍ତାବ ଉପସ୍ଥାପନ ସମ୍ପର୍କରେ ସମସ୍ତେ ନିଜ ମତ ରଖିଥିଲେ। ଅନ୍ୟପକ୍ଷରେ ଓଡ଼ିଶା କ୍ରୀଡ଼ାର ଭିତ୍ତିଭୂମିକୁ ପ୍ରାଧାନ୍ୟ ଦିଆଯିବା ସହ କିପରି ତାହାର ଉନ୍ନତୀକରଣ କରାଯାଇପାରିବ ସେଥିପ୍ରତି ସରକାରଙ୍କ ଦୃଷ୍ଟିଆକର୍ଷଣ କରିବା ଉପରେ ସମ୍ପାଦକ ଗଗନେନ୍ଦୁ ଦାଶ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପଦେଷ୍ଟା ଶକ୍ତିରଞ୍ଜନ ମିଶ୍ର, ଉପସଭାପତି ସସ୍ମିତା ତ୍ରିପାଠୀ, ଅଞ୍ଜନ କୁମାର ଖୁଣ୍ଟିଆ, ସହ ସମ୍ପାଦକ ସରୋଜ କୁମାର ପଣ୍ଡା, ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରସାଦ ପରିଡ଼ା, ଜଗବନ୍ଧୁ ବେହେରା ପ୍ରମୁଖ ନିଜ ନିଜର ମତ ଉପସ୍ଥାପନ କରିଥିଲେ। କାର୍ଯ୍ୟକାରୀ କର୍ମକର୍ତ୍ତାଙ୍କ ମଧ୍ୟରେ ଆଶୁତୋଷ ଆଚାର୍ଯ୍ୟ, ଅବିନାଶ କର, ବୈରାଗୀ ବଳ, କିଶୋର ଲେଙ୍କା, ସମରପ୍ରୀତ୍ ପ୍ରଧାନ, ସମିମ୍ ଖାଁ, ସରିତା ନାୟକ, ସତ୍ୟରଞ୍ଜନ ସ୍ୱାଇଁ, ହେମନ୍ତ କୁମାର ନାଥ, କାଞ୍ଚନବାଳା ତିର୍କୀ, ମହେନ୍ଦ୍ର ଦଣ୍ଡସେନା, ମହେନ୍ଦ୍ର ପଣ୍ଡା, ପ୍ରମୋଦ କୁମାର ବେହେରା ପ୍ରମୁଖ ନିଜର ବକ୍ତବ୍ୟରେ ଅନୁଷ୍ଠାନର ସଭ୍ୟସଂଖ୍ୟା ବୃଦ୍ଧି ଓ ପଞ୍ଜୀକରଣକୁ ଗୁରୁତ୍ୱ ଦେବାସହ ସାମଗ୍ରିକ କ୍ରୀଡ଼ା ବିକାଶ ପାଇଁ ସରକାରଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିବାକୁ ପ୍ରସ୍ତାବ ଦେଇଥିଲେ। ଅମ୍ବିକା ପ୍ରସାଦ ରାୟ, ତାରିଣୀ ପ୍ରସାଦ ଦାସ ଓ ରଞ୍ଜନ କୁମାର ସୂତାର କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ପ୍ରଦୀପ କୁମାର ଦୋରା ଧନ୍ୟବାଦ ଅର୍ପଣ କରିଥିଲେ।

# ସେମିଫାଇନାଲରେ ଇଗଲ ସ୍ପୋର୍ଟିଂ

**ପୁରୁଣା ଭୁବନେଶ୍ୱର, ୨୩।୧୨(ଡି.ଏନ୍.ଏ.)**

ସ୍ଥାନୀୟ ବାଙ୍କୁଆଳ ଖେଳ ପଡ଼ିଆରେ ଚାଲିଥିବା ଜଗବନ୍ଧୁ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ଅନୁଷ୍ଠିତ ଶେଷ କ୍ୱାର୍ଟର ଫାଇନାଲ ମ୍ୟାଚରେ ନଁପୁଟକୁ ହରାଇ ମେଣ୍ଟାଶାଳର ଇଗଲ ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଗଲ ସ୍ପୋର୍ଟିଂ ନିର୍ଦ୍ଧାରିତ ୨୦ ଓଭରରେ

**ଜଗବନ୍ଧୁ ସ୍ମାରକୀ କ୍ରିକେଟ**

୯ ଉଇକେଟ ହରାଇ ୨୧୬ ରନ କରିଥିଲା। ୨୧୭ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ନଁପୁଟ ଦଳ ୧୯.୩ ଓଭରରେ ୧୭୯ ରନକରି ଅଲଆଉଟ ହୋଇ ଯାଇଥିଲା। ୬୫ ରନ ଏବଂ ୨ ଉଇକେଟ ନେଇଥିବା ବିଜୟୀ ଦଳର ସୁଶାନ୍ତ ସାହାଣୀଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ପ୍ରବୀଣ କୁମାର ସ୍ୱାଇଁ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ସତ୍ୟବ୍ରତ ନାୟକ ଓ ଜିତେନ୍ଦ୍ର ସ୍ୱାଇଁ ଅମ୍ପାୟାରିଂ କରିଥିଲେ। ଗୁରୁବାର ପ୍ରଥମ ସେମିଫାଇନାଲ ଭାଲିଆବାଡ଼ି କ୍ରିକେଟ ଟିମ୍ ଏବଂ ସିଦ୍ଧେଶ୍ୱର ସ୍ପୋର୍ଟିଂ ମଧ୍ୟରେ ଅନୁଷ୍ଠିତ ହେବ।


ସୁଶାନ୍ତ ସାହାଣୀଙ୍କୁ ଅତିଥି ମ୍ୟାନ ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରୁଛନ୍ତି।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ